O/42740
O/12740

Approved by the Board of Secondary Education, Orissa.

---

## ଆମ

# ଭାରତ ଶାସନ

for

H. S. C. Examination 1973.

H. S. S. C. Examination 1974.

ଲେଖକ

**ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ**, ଏମ୍. ଏ. (ପାଟନା)

ଡି. ଫିଲ. (ବର୍ଲିନ), ଏଲ୍. ଏଲ୍. ବି. (ଉତ୍କଳ),

ମୁଖ୍ୟ ଅଧ୍ୟାପକ ରାଜନୀତି ବିଜ୍ଞାନ, ଉତ୍କଳ ବିଶ୍ୱବିଦ୍ୟାଳୟ,

ଭୁବନେଶ୍ୱର

ନୂତନ ମୁଦ୍ରଣ

୧୯୭୦

ପ୍ରକାଶକ

ଶ୍ରୀ ଅନନ୍ତ ମିଶ୍ର

ଅଟଳ ଷ୍ଟୁଡେଣ୍ଟସ୍ ଷ୍ଟୋର

ବାଲୁବଜାର : କଟକ-୨

ଟ ୧. ୭୫ ମୂଲ୍ୟ—ଏକଟଙ୍କା ପଞ୍ଚସ୍ତରି ପଇସା

~~01/4240~~
01/2740

# SYLLABUS OF
# INDIAN ADMINISTRATION

## OF THE
## BOARD OF SECONDARY EDUCATION,
## ORISSA

1. Government of the Indian Union.
   (a) President and the Council of Ministers.
   (b) Parliament and its functions.
   (c) Union Subjects.
2. Government of Orissa.
   (a) Governor and Council of Ministers.
   (b) Legislature and its functions.
   (c) State Subjects.
3. Departments of Orissa Government.
4. District Administration.
5. The Judicial Administration.
6. Local Self-Government.
   (a) Municipalities. District Boards.
   (b) Their functions and organisation.
   (c) Sources of Income.
   (d) Village Administration.

ଠା 2740

# ପଦେ କଥା

ଗତ ତିନବର୍ଷ ତଳେ ପ୍ରବେଶିକା ପରୀକ୍ଷାର 'ନଗର-ବିଜ୍ଞାନ' ପାଠ୍ୟର ପ୍ରଥମାର୍ଦ୍ଧ "ପ୍ରବେଶିକା ନଗର ବିଜ୍ଞାନ" ପ୍ରକାଶ କରିଥିଲି; ଅପରାର୍ଦ୍ଧ "ଭାରତ ଶାସନ" ଲେଖି ମୁଦ୍ରଣାଳୟକୁ ପଠାଇବା-ବେଳେ ଭାରତରେ ଗୁରୁତର ଶାସନତାନ୍ତ୍ରିକ ପରିବର୍ତ୍ତନ ହୋଇ ନୂତନ ଶାସନ ବିଧାନ ଶୀଘ୍ର ପ୍ରବର୍ତ୍ତିତ ହେବା ସମ୍ଭାବନା ଉପଲବ୍ଧି କରି ପ୍ରକାଶନରୁ ବିରତ ହେଲି । ଏ ପୁସ୍ତକଟି ସେହି ଅପରାର୍ଦ୍ଧର ଅଭାବ ପୂରଣ କରିବା ଉଦ୍ଦେଶ୍ୟରେ ଲିଖିତ ।

ପ୍ରବେଶିକା, ଆଇ.ଏ. ଓ ବି. ଏ. ଶ୍ରେଣୀର ଛାତ୍ରମାନେ 'ଭାରତ ସଂବିଧାନ' ଅଧ୍ୟୟନ କରନ୍ତି । ବିଷୟବସ୍ତୁ ସମାନ ହେଲେ ହେଁ ଦୃଷ୍ଟିକୋଣ ଭିନ୍ନ ହେବା ସୁନିଶ୍ଚିତ, ତେଣୁ ବିଷୟବସ୍ତୁର ଅବତାରଣା ଓ ଆଲୋଚନା କଲାବେଳେ ମୁଁ ସବୁ ଶ୍ରେଣୀର ଛାତ୍ରମାନଙ୍କ ଆବଶ୍ୟକତା ପ୍ରତି ଲକ୍ଷ୍ୟ ରଖିଛି । କଲେଜର ଛାତ୍ରମାନେ ମଧ୍ୟ ଏତଦ୍ଦ୍ୱାରା ଉପକୃତ ହେବେ ବୋଲି ମୋର ଆଶା ।

ମୁଁ ଏମ୍. ଏ., ବି. ଏ. ଓ ଆଇ. ଏ. ଶ୍ରେଣୀରେ ଅଧ୍ୟାପନା କରି ସର୍ବଦା ଛାତ୍ରମାନଙ୍କ ଅଭାବ ଅଭିଯୋଗ ହୃଦୟଙ୍ଗମ କରିବା ସୁଯୋଗ ଲାଭ କରିପାରିଛି । ସେମାନେ ପ୍ରବେଶିକା ସ୍ତରରେ ମାତୃଭାଷା ଅଧ୍ୟୟନ କରି କଲେଜରେ ସମ୍ବିଧାନ ଆଲୋଚନା କଲାବେଳେ ଜଟିଳ ଆଇନଗତ ଭାଷା ବୁଝିପାରନ୍ତି ନାହିଁ, ତେଣୁ କଲେଜରେ ଅଧ୍ୟାପନା କଲାବେଳେ ମୋତେ ବରାବର ମାତୃଭାଷାର ସାହାଯ୍ୟ ନେବାକୁ ପଡ଼େ । ଏବେ ବିଭିନ୍ନ ଭାଷାଭିଜ୍ଞ ବ୍ୟକ୍ତିମାନଙ୍କୁ ନେଇ ସମ୍ବିଧାନର ଅନୁବାଦ କରିବା ଲାଗି

ଗଠିତ ସମିତି ଇଂରେଜୀ ଶବ୍ଦମାନଙ୍କର ଭାରତୀୟ ଭାଷାରେ ଯେଉଁ ତର୍ଜମା କରିଅଛନ୍ତି ଏବଂ ଯାହାକି ହିନ୍ଦୀ ଅନୁବାଦର ପରିଶିଷ୍ଟରେ ପ୍ରଦତ୍ତ ହୋଇଛି, ସେ ଶବ୍ଦମାନଙ୍କୁ ବ୍ୟବହାର କରିଥିଲେ ପୁସ୍ତକଟି ଇଂରେଜୀ ଭାଷାରେ ଲିଖିତ ପୁସ୍ତକମାନଙ୍କ ଅପେକ୍ଷା ଅଧିକତର ଅବୋଧ ହୋଇଥାନ୍ତା, ତେଣୁ ମୁଁ କେବଳ ନାମଗୁଡ଼ିକ ଭିନ୍ନ ଅନ୍ୟ ସମସ୍ତ କ୍ଷେତ୍ରରେ ପ୍ରଚଳିତ ଶବ୍ଦମାନଙ୍କୁ ବ୍ୟବହାର କରିଛି ।

ବନ୍ଧୁମାନେ ମୋର ଆଳସ୍ୟପରିପୂର୍ଣ୍ଣ ପ୍ରକୃତି ଉପରେ କଠୋର ବେତ୍ରାଘାତ କରି ନ ଥିଲେ—ମୁଁ ଆଜ ମୋର ପ୍ରତିଜ୍ଞା ପୂରଣ କରିପାରି ନ ଥାନ୍ତି କିମ୍ବା ମୋ ଛାତ୍ରବନ୍ଧୁମାନଙ୍କ ସେବା ଏ ପୁସ୍ତକ ଜରିଆରେ କରିପାରି ନ ଥାନ୍ତି, ତେଣୁ ମୁଁ ସେମାନଙ୍କ ନିକଟରେ ଋଣୀ । ମୋ "ନଗର-ବିଜ୍ଞାନ" ମାଧ୍ୟମିକ ଶିକ୍ଷା ସଂସଦ ଦ୍ୱାରା ବ୍ୟାବସାୟିକ ପ୍ରବେଶିକା ପରୀକ୍ଷାରେ ବାଧ୍ୟତାମୂଳକ ଓ ପ୍ରବେଶିକା ପରୀକ୍ଷାରେ ଇଚ୍ଛାଧୀନ ପାଠ୍ୟପୁସ୍ତକ ରୂପେ ମନୋନୀତ ହୋଇଥିବାରୁ ମୁଁ ପାଠ୍ୟ ସଂସଦସହ ସଂପୃକ୍ତ ବିଜ୍ଞବ୍ୟକ୍ତିଙ୍କ ନିକଟରେ ମଧ୍ୟ କୃତଜ୍ଞ ।

ଅକ୍ଷୟ ତୃତୀୟା
୨୦ । ୪ । ୫୦

ଶ୍ରୀରାମଚନ୍ଦ୍ର ଦାଶ

# କେତେଗୋଟି ଇଂରାଜୀ ଶବ୍ଦର ତର୍ଜମା

Union—ସଙ୍ଘ ବା କେନ୍ଦ୍ର
President—ରାଷ୍ଟ୍ରପତି
Attorney General—ମହାନ୍ୟାୟବାଦୀ
Supreme Court—ଉଚ୍ଚତମ ନ୍ୟାୟାଳୟ
High Court—ଉଚ୍ଚ ନ୍ୟାୟାଳୟ
House of the People—ଲୋକସଭା
Council of States—ରାଜ୍ୟସଭା
Vice-President—ଉପରାଷ୍ଟ୍ରପତି
Ordinance—ଅଧ୍ୟାଦେଶ
Chairman—ସଭାପତି
Speaker—ବାଚସ୍ପତି ବା ଅଧ୍ୟକ୍ଷ
Bill—ଚିଠା ବା ବିଧେୟକ
Advocate General—ମହାଧିବକ୍ତା
Legislature—ବିଧାନମଣ୍ଡଳ
Public Service Commission—ଲୋକ ସେବା ଆୟୋଗ (କମିସନ୍)
Executive—କାର୍ଯ୍ୟପାଳିକା
Judicial—ନ୍ୟାୟପାଳିକା
Corporation—ନିଗମ
Municipality—ନଗରପାଳିକା
Licence—ଅନୁଜ୍ଞାପ୍ତି

2740
17.2.75

ଅ/ 2740
17.2.75

# ସୂଚୀ


| ବିଷୟ | ପୃଷ୍ଠା |
| --- | --- |
| ପୂର୍ବାଭାସ | ୧ |
| ସଂଘ ଶାସନ : ରାଷ୍ଟ୍ରପତି | ୧୯ |
| ସଂଘ ମନ୍ତ୍ରିମଣ୍ଡଳ | ୨୮ |
| ଉପରାଷ୍ଟ୍ରପତି | ୩୪ |
| ପାର୍ଲିମେଣ୍ଟ | ୩୫ |
| ସଂଘ ସରକାରଙ୍କ କ୍ଷମତା | ୫୧ |
| ରାଜ୍ୟଶାସନ : ରାଜ୍ୟପାଳ | ୫୫ |
| ମନ୍ତ୍ରିମଣ୍ଡଳ | ୬୦ |
| ରାଜ୍ୟର ବିଧାନମଣ୍ଡଳ | ୬୪ |
| ରାଜ୍ୟସରକାରଙ୍କ କ୍ଷମତା | ୭୮ |
| ରାଜ୍ୟ ଶାସନବିଭାଗ | ୮୨ |
| ଜିଲ୍ଲା ଶାସନ | ୯୩ |
| ବିଚାର-ବିଭାଗ | ୧୦୦ |
| ସ୍ୱାୟତ୍ତ-ଶାସନ | ୧୧୦ |
| ପରିଶିଷ୍ଟ | ୧୨୬ |

୬୪୫୭୦ 2740
17.2.74

# ଆମ

# ଭାରତ ଶାସନ

## ପୂର୍ବାଭାସ

୧୭୬୫ ମସିହାରେ ଲର୍ଡ଼ କ୍ଲାଇଭ୍ ବଙ୍ଗ, ବିହାର ଓ ଓଡ଼ିଶାର ଦେଓ୍ୱାନୀ ହାତକୁ ନେବା ଦିନୁ ଭାରତରେ ଇଂରେଜ ଶାସନର ସୂତ୍ରପାତ ହେଲା । ଇଂରେଜମାନେ ପ୍ରଥମେ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ନାମକ ଗୋଟିଏ ବ୍ୟବସାୟୀ ଅନୁଷ୍ଠାନ ଗଢ଼ି ଏ ଦେଶକୁ ବାଣିଜ୍ୟ କରିବାକୁ ଆସିଥିଲେ । ଶାସନଭାର ହାତକୁ ନେବା ସେମାନଙ୍କ ଲକ୍ଷ୍ୟ ନ ଥିଲା । ସେତେବେଳେ ବଡ଼ ବଡ଼ ଜାହାଜ ତିଆରି ହୋଇ ନଥିଲା । ଗୁଳି, ବାରୁଦ, ବନ୍ଧୁକ ଓ ବୋମା ଇତ୍ୟାଦି ମାରାତ୍ମକ ଜିନିଷର ବ୍ୟବହାର ଲୋକେ ଜାଣି ନ ଥିଲେ; ତେଣୁ ୬୦୦୦ ମାଇଲ ଦୂରରେ ଥିବା ଭାରତ ଭଳି ବିସ୍ତୀର୍ଣ୍ଣ ଭୂଖଣ୍ଡକୁ ଶାସନ କରିବା ଆଶା ସେମାନେ କରନ୍ତେ ବା କିପରି ? ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ବାଣିଜ୍ୟ । ସେମାନେ ଚାହୁଁଥିଲେ, ଭାରତରୁ କଞ୍ଚାମାଲ ନେଇ ନିଜ ଯନ୍ତ୍ରପାତି ବଳରେ ଶିଳ୍ପଜାତ ଦ୍ରବ୍ୟ ତିଆରି କରି ଭାରତ ଲୋକମାନଙ୍କ ମଧ୍ୟରେ ବିକି ଲାଭବାନ୍ ହେବେ ।

ସେମାନଙ୍କ ସଙ୍ଗେ ପର୍ତ୍ତୁଗୀଜ ଓ ଫରାସୀମାନେ ବି ଏ ଦେଶକୁ ବାଣିଜ୍ୟ କରିବାକୁ ଆସିଲେ । ବମ୍ବେଇ ସହର ପ୍ରଥମେ ପର୍ତ୍ତୁଗୀଜ-ମାନଙ୍କ ବାଣିଜ୍ୟକେନ୍ଦ୍ର ଥିଲା । ପର୍ତ୍ତୁଗୀଜ ରାଜା ତାଙ୍କ ଝିଅକୁ ଇଂଲଣ୍ଡର ରାଜା ଦ୍ୱିତୀୟ ଚାର୍ଲସଙ୍କୁ ବିବାହ ଦେଇ ବମ୍ବେଇକୁ ଯୌତୁକ ଆକାରରେ ଦେଲେ । ଫରାସୀମାନେ ବର୍ତ୍ତମାନ ଆନ୍ଧ୍ର-ପ୍ରଦେଶ ବୋଲି କୁହାଯାଉଥିବା ଉତ୍ତର ସରକାରରେ ବାଣିଜ୍ୟ କରୁଥିଲେ । ସେମାନେ ଇଂରେଜମାନଙ୍କ ପ୍ରତିବନ୍ଧକ ହେବାରୁ ଇଂରେଜମାନେ ତାଙ୍କ ସଙ୍ଗେ ଲଢ଼େଇ କରି ତାଙ୍କୁ ପରାସ୍ତ କଲେ ଏବଂ ମାନ୍ଦ୍ରାଜରେ ଉପନିବେଶ ସ୍ଥାପନ କଲେ । ଏଣେ ବଙ୍ଗ ନବାବ ସିରାଜ ଉଦ୍ଦୌଲା ଇଂରେଜମାନଙ୍କ ସଙ୍ଗେ ଶତ୍ରୁତା କଲେ । ଜବ୍ ଚାର୍ଣ୍ଣକଙ୍କ ଜରିଆରେ କିଣା ହୋଇଥିବା କଲିକତାରେ ଇଂରେଜମାନଙ୍କୁ ବାଣିଜ୍ୟ କରିବା ସୁବିଧା ନ ଦେବାରୁ ପଲାସୀ ଯୁଦ୍ଧ ହେଲା ଓ ସିରାଜ ପରାଜିତ ହେଲେ । ବାଦଶାହ ସାହ ଆଲମ୍ ଇଂରେଜମାନଙ୍କ ବଶ୍ୟତା ସ୍ୱୀକାର କରି କ୍ଲାଇଭ୍‌ଙ୍କୁ ରାଜସ୍ୱ ଆଦାୟ ଭାର ଦେଲେ । ଫଳରେ ଭାରତର ବମ୍ବେଇ, ମାନ୍ଦ୍ରାଜ ଓ କଲିକତାରେ ପ୍ରଥମେ ଇଂରେଜ ଶାସନର ସୂତ୍ରପାତ ହେଲା ।

କ୍ରମେ କମ୍ପାନୀ ଶାସିତ ଅଞ୍ଚଳର ସୀମା ବଢ଼ିବାରୁ ଇଂଲଣ୍ଡର ପାର୍ଲିମେଣ୍ଟ ଏ ଗୁରୁଦାୟିତ୍ୱ କେବଳ ଇଷ୍ଟ ଇଣ୍ଡିଆ କମ୍ପାନୀ ହାତରେ ଛାଡ଼ି ନୀରବ ରହିପାରିଲେ ନାହିଁ । ୧୭୭୩ ଖ୍ରୀଷ୍ଟାବ୍ଦରେ ପାର୍ଲିମେଣ୍ଟ ନିୟନ୍ତ୍ରଣ ଆଇନ [ Regulating Act ] ପ୍ରଣୟନ କରି କମ୍ପାନୀର ଶାସନ ଦାୟିତ୍ୱ ସମୀକ୍ଷଣ କରିବା ଭାର ହାତକୁ ନେଲେ । କମ୍ପାନୀର ଚିରଦିନିଆ ସନନ୍ଦ ନାକଚ କରି ପ୍ରତି କୋଡ଼ିଏ ବର୍ଷରେ ଥରେ ତାଙ୍କ କାର୍ଯ୍ୟାବଳୀ ସମାଲୋଚନା କରି ସନନ୍ଦର

କାର୍ଯ୍ୟକାଳ ବଢ଼ାଇବାର ବନ୍ଦୋବସ୍ତ ହେଲା । ତେଣୁ ୧୭୯୩, ୧୮୧୩, ୧୮୩୩ ଓ ୧୮୫୩ ସାଲରେ ସନନ୍ଦ ପରୀକ୍ଷାବେଳେ ପାର୍ଲିମେଣ୍ଟ କ୍ରମାନ୍ୱୟ କମ୍ପାନୀର ବାଣିଜ୍ୟ ପରିସର ସଙ୍କୁଚିତ କରିବା ସଙ୍ଗେ ସଙ୍ଗେ ଶାସନ କାର୍ଯ୍ୟରେ ଅଧିକତର ହସ୍ତକ୍ଷେପ କଲେ ।

ଇତିମଧ୍ୟରେ ଇଂରେଜମାନେ କଳେ, ବଳେ, କୌଶଳେ ତାଙ୍କ ସାମ୍ରାଜ୍ୟ ବୃଦ୍ଧି କରିବାରେ ଲଗିଲେ । ପ୍ରବଞ୍ଚନା ଓ ଷଡ଼ଯନ୍ତ୍ର ଦ୍ୱାରା ଅଯୋଧ୍ୟା ଓ ରୋହିଲଖଣ୍ଡ ହସ୍ତଗତ ହେଲା । ଶିଖମାନଙ୍କଠାରୁ ପଞ୍ଜାବ ମିଳିଲା । ସେମାନେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡ଼ିଶା, ନାଗପୁର ଓ ବମ୍ବେଇର ଅନେକାଂଶ ହାତକୁ ନେଲେ । ଲର୍ଡ ଓ୍ୱେଲେସ୍‌ଲି, ଲର୍ଡ ହେଷ୍ଟିଂସ୍ ଓ ଡାଲହାଉସୀଙ୍କ ପରି କେତେଜଣ ବଡ଼ଲାଟ ତାଙ୍କ କୌଶଳ ଦ୍ୱାରା ଅନେକ ଦେଶୀୟ ରାଜାଙ୍କୁ ପ୍ରଲୋଭିତ କରି, କେତେକ କ୍ଷେତ୍ରରେ ସ୍ୱେଚ୍ଛାପ୍ରଣୋଦିତ ଭାବରେ ଏବଂ ଅନ୍ୟ କେତେକ କ୍ଷେତ୍ରରେ ଜବରଦସ୍ତି କରି ସନ୍ଧିସୂତ୍ରରେ ଆବଦ୍ଧ କରାଇଲେ । ଯେଉଁ ରାଜାମାନେ ଦେଶପ୍ରୀତି ହେତୁ ତାଙ୍କ ଅଧୀନତା ସ୍ୱୀକାର କଲେ ନାହିଁ, ସେମାନଙ୍କୁ ଗାଦିଚ୍ୟୁତ କରାହେଲା । ଅକ୍ଲେଶରେ ବଶ୍ୟତା ସ୍ୱୀକାର କରୁଥିବା ରାଜାମାନଙ୍କୁ ସନନ୍ଦ ଦେଇ ସେମାନଙ୍କୁ ପୁରୁଷାନୁକ୍ରମେ ନିଜ ରାଜ୍ୟର ଶାସନକର୍ତ୍ତା ବୋଲି ସ୍ୱୀକାର କରାହେଲା । ଅନ୍ୟ କେତେକ ଡରରେ ତାଙ୍କ ଶରଣ ପଶିଲେ । ଏହିଭଳି ନୀତି ଅବଲମ୍ବନ କରି ଇଂରେଜମାନେ ସମଗ୍ର ଭାରତକୁ ଅଧୀନସ୍ଥ କଲେ ।

ଏହିଭଳି ବିଶ୍ୱାସଘାତକତା ଓ ପ୍ରବଞ୍ଚନା ଅନେକଙ୍କୁ ଅସହ୍ୟ ବୋଧ ହେଲା । କମ୍ପାନୀର କର୍ମଚାରୀମାନେ ନିଜକୁ ଧନଶାଳୀ ଓ କମ୍ପାନୀକୁ ଲାଭବାନ୍ କରିବା ଉଦ୍ଦେଶ୍ୟରେ ନାନା ଅତ୍ୟାଚାର

କଲେ । ଲୋକମାନେ ଉତ୍ତେଜିତ ହେଲେ । ଫଳରେ ଇଂରେଜ-ମାନଙ୍କ ଅଧୀନରେ ଚାକିରି କରୁଥିବା ସୈନ୍ୟମାନେ ବାହାର ପ୍ରରୋଚନାରେ ବିଦ୍ରୋହୀ ହେଲେ । ଏହାକୁ ସିପାହୀ ବିଦ୍ରୋହ ବୋଲି କୁହାଗଲା । ଏ ବିଦ୍ରୋହ ହୋଇଥିଲା ୧୮୫୭ ମସିହାରେ । ଇଂରେଜମାନେ ଆଧୁନିକ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରି ବିଦ୍ରୋହ ଦମନ କଲେ ଏବଂ ଭାରତୀୟ ଜନତାର ଦେଶପ୍ରୀତି ଓ ଇଂରେଜମାନଙ୍କ ଅକ୍ତିଆରରୁ ମୁକ୍ତି ପାଇବା ଅଭିଳାଷ ତୀବ୍ର ଭାବରେ ଆଘାତ ପାଇଲା । ସେତେବେଳେ ଇଂଲଣ୍ଡର ପାର୍ଲିମେଣ୍ଟ ଭାରତ ଶାସନ ଭାର ଆଉ କମ୍ପାନୀ ହାତରେ ଛାଡ଼ିଦେଇ ନିଶ୍ଚିନ୍ତ ହେବାକୁ ଉଚିତ ମନେ କଲେ ନାହିଁ । କମ୍ପାନୀ ମଧ୍ୟ ଏଡ଼େ ବଡ଼ ଦେଶକୁ ଭଲ ଭାବରେ ଶାସନ କରିପାରନ୍ତା ନାହିଁ; ତେଣୁ ୧୮୫୮ ମସିହାରେ ଭାରତ ଶାସନ ପାର୍ଲିମେଣ୍ଟର ପ୍ରତ୍ୟକ୍ଷ କର୍ତ୍ତୃତ୍ୱକୁ ଆସିଲା । ଇଂଲଣ୍ଡର ରାଣୀ ଭିକ୍ଟୋରିଆ ଭାରତର ସାମ୍ରାଜ୍ଞୀ ହେଲେ ଏବଂ ଭାରତରେ ଥିବା ବଡ଼ଲାଟ୍ ରାଜପ୍ରତିନିଧି ହେଲେ । ମହାରାଣୀ ଭିକ୍ଟୋରିଆ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ଭାରତୀୟମାନଙ୍କୁ ଶାସନ କାର୍ଯ୍ୟରେ ସୁବିଧା ଦେଇ ସୁଶାସନ ଚଳାଇବେ ଏବଂ କମ୍ପାନୀ ଯେଉଁ ସବୁ ଚୁକ୍ତି କରିଥିଲେ, ତାହା ଅକ୍ଷରେ ଅକ୍ଷରେ ପାଳନ କରିବେ ବୋଲି ଭାରତବାସୀଙ୍କ ସମ୍ମୁଖରେ ଘୋଷଣା କଲେ । ଭାରତ ଶାସନ ତଦାରଖ କରିବା ଲାଗି ଇଂଲଣ୍ଡର ସରକାରରେ ଭାରତ ମନ୍ତ୍ରୀ ନାମକ ଜଣେ ମନ୍ତ୍ରୀ ରହିଲେ । ପାର୍ଲିମେଣ୍ଟ ତାଙ୍କ ଜରିଆରେ ଭାରତ ଶାସନ ବୁଝିବେ ବୋଲି ବ୍ୟବସ୍ଥା ହେଲା; ତେଣୁ ୧୮୫୮ ମସିହା ଭାରତୀୟ ଶାସନତାନ୍ତ୍ରିକ ଇତିହାସରେ ପ୍ରସିଦ୍ଧ ।

ଇଂଲଣ୍ଡରେ ଯେଉଁ ଶାସନ ଚାଲୁଥିଲା, ତାକୁ ଗଣତନ୍ତ୍ର ଶାସନ କୁହାଯାଏ । ସେଠା ଲୋକେ ଭୋଟ ଦେଇ ପାର୍ଲିମେଣ୍ଟ ଲାଗି

ପ୍ରତିନିଧି ନିର୍ବାଚନ କରନ୍ତି । ପାର୍ଲିମେଣ୍ଟର ସଂଖ୍ୟାଗରିଷ୍ଠ ଦଳ ମନ୍ତ୍ରିମଣ୍ଡଳ ଗଠନ କରି ସରକାରୀ ଦାୟିତ୍ୱ ସମ୍ଭାଳନ୍ତି । ତେଣୁ ଲୋକଙ୍କ ପ୍ରତିନିଧି ଲୋକଙ୍କ ମଙ୍ଗଳ ପାଇଁ ଶାସନ କାର୍ଯ୍ୟ ଚଳାନ୍ତି । ସେମାନେ କ୍ରମେ ସେହିଭଳି ଶାସନ ଏ ଦେଶରେ ଚଳାଇବାର ବ୍ୟବସ୍ଥା କଲେ । (୧୮୬୧, ୧୮୯୨, ୧୯୦୯, ୧୯୧୯ ଓ ୧୯୩୫ ସାଲମାନଙ୍କରେ ଭାରତ ଶାସନ ଆଇନ ପ୍ରଣୀତ ହୋଇ ଭାରତୀୟମାନଙ୍କୁ କ୍ରମାନ୍ୱୟ ଅଧିକତର ଶାସନକ୍ଷମତା ମିଳିଲା ) । କେତେ କ୍ଷମତା ମିଳିବ ଓ କେବେ ମିଳିବ, ତାହା ପାର୍ଲିମେଣ୍ଟ ସ୍ଥିର କରିବା ବ୍ୟବସ୍ଥା ଥିଲା । ସେମାନେ କ୍ରମେ ଆମକୁ ଗଣତନ୍ତ୍ର ଶିକ୍ଷା ଦେଇ ପୂରାପୂରି ଆମ ହାତରେ ଶାସନ କାର୍ଯ୍ୟ ଛାଡ଼ିଦେବେ ବୋଲି ୧୯୧୭ରେ ପ୍ରତିଶ୍ରୁତି ଦେଇଥିଲେ ।

ଇଂରେଜମାନେ ଆସିବା ପୂର୍ବରୁ ଆମ ଦେଶର ବାଦସାହ ଦିଲ୍ଲୀରେ ରହୁଥିଲେ ଏବଂ ବିଭିନ୍ନ ସୁବାରେ ସେ କର୍ମଚାରୀ ନିଯୁକ୍ତ କରୁଥିଲେ । ଠିକ୍ ସେହିପରି ଇଂରେଜମାନେ ସମଗ୍ର ଭାରତକୁ ଭିନ୍ନ ଭିନ୍ନ ପ୍ରଦେଶରେ ବିଭକ୍ତ କରି ଗୋଟିଏ ଗୋଟିଏ ସରକାର ଗଢ଼ିଲେ ଏବଂ ସମସ୍ତଙ୍କ ଉପରେ କେନ୍ଦ୍ର ସରକାର ଦିଲ୍ଲୀରେ ରହିଲେ । ୧୯୩୫ ମସିହା ଭାରତଶାସନ ଆଇନ ଅନୁସାରେ ଏ ଦେଶରେ ଏଗାରଟି ପ୍ରଦେଶ ସୃଷ୍ଟି ହେଲା । ପ୍ରତ୍ୟେକ ପ୍ରଦେଶରେ ଜଣେ ଜଣେ ଲାଟ ରହିଲେ । ତାଙ୍କୁ ଇଂଲଣ୍ଡର ରାଜା ମୁକରର କରୁଥିଲେ ଏବଂ ସେ ନିଜ ପ୍ରଦେଶରେ ରାଜପ୍ରତିନିଧି ଥିଲେ । ତାଙ୍କୁ ସାହାଯ୍ୟ କରିବା ଲାଗି ପ୍ରତି ପ୍ରଦେଶରେ ମନ୍ତ୍ରୀମଣ୍ଡଳ ଥିଲା । ଛ'ଟି ପ୍ରଦେଶରେ ଦୁଇଟି ଲେଖାଏଁ ଓ ପାଞ୍ଚଟି ପ୍ରଦେଶରେ ଗୋଟିଏ ଲେଖାଏଁ ବ୍ୟବସ୍ଥାପକ ପରିଷଦ ଥିଲା । ଉକ୍ତ ପରିଷଦ ସଭ୍ୟମାନଙ୍କୁ ଲୋକମାନେ ଭୋଟ

ଦେଇ ନିର୍ବାଚନ କରୁଥିଲେ । ସମସ୍ତଙ୍କର ଭୋଟ ଦେବା ଅଧିକାର ନ ଥିଲା । ଯେଉଁମାନେ ଶିକ୍ଷା, ସମ୍ପତ୍ତି ଓ କର ଦେବା ବିଷୟରେ ଅଧିକ ଯୋଗ୍ୟତା ଅର୍ଜିଥିଲେ, ସେହିମାନଙ୍କୁ ଭୋଟ ଅଧିକାର ମିଳିଥିଲା । ମୋଟରେ ଭାରତର ଲୋକମାନଙ୍କ ମଧ୍ୟରୁ ଶତକଡ଼ା ୧୪ ଜଣ ଭୋଟ ଅଧିକାର ପାଇଥିଲେ । ଯେଉଁ ଦଳର ସଭ୍ୟ ବ୍ୟବସ୍ଥାପକ ପରିଷଦରେ ଅର୍ଦ୍ଧାଧିକ ସ୍ଥାନ ଦଖଲ କଲେ, ସେହି ଦଳ ଶାସନ କାର୍ଯ୍ୟରେ ଲାଟଙ୍କୁ ସାହାଯ୍ୟ ଦେବା ଲାଗି ମନ୍ତ୍ରିମଣ୍ଡଳ ଗଠନ କରୁଥିଲେ । ଶାସନଭାର ସେମାନଙ୍କ ହାତରେ ରହିଲା ସତ; କିନ୍ତୁ କେତେକ ସ୍ଥାନରେ ଲାଟ ସେମାନଙ୍କୁ ନ ପଚାରି ବା ପଚାରିଲେ ବି ସେମାନଙ୍କ ମତକୁ ବିଚାର ନ କରି ଶାସନକାର୍ଯ୍ୟ ଚଳାଇପାରିବେ ବୋଲି ଶାସନ ଆଇନରେ ବ୍ୟବସ୍ଥା ଥିଲା । ତେଣୁ ସବୁ କ୍ଷମତା ଭାରତୀୟଙ୍କ ହାତକୁ ଆସି ନ ଥିଲା କହିଲେ ଚଳେ ।

ପ୍ରାଦେଶିକ ସରକାରମାନଙ୍କ ଉପରେ କେନ୍ଦ୍ର ସରକାର ଥିଲେ । କେନ୍ଦ୍ରର ମୁଖ୍ୟ କର୍ତ୍ତାଙ୍କୁ ବଡ଼ଲାଟ ଓ ରାଜପ୍ରତିନିଧି ବୋଲି କୁହାଯାଉଥିଲା । ତାଙ୍କୁ ଇଂରେଜ ସମ୍ରାଟ ନିଯୁକ୍ତ କରୁଥିଲେ । ବଡ଼ଲାଟ ଭାରତର ସର୍ବୋଚ୍ଚ କର୍ତ୍ତା ଥିଲେ । ଲାଟମାନେ ତାଙ୍କ ଅଧୀନସ୍ଥ ଥିଲେ । ତାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ଲାଗି ଗୋଟିଏ ଶାସନ ପରିଷଦ (Executive Council) ଥିଲା । ଏହି ପରିଷଦର ସଭ୍ୟମାନେ ପ୍ରାଦେଶିକ ମନ୍ତ୍ରୀମାନଙ୍କ ଭଳି ନିର୍ବାଚିତ ଲୋକପ୍ରତିନିଧି ନ ଥିଲେ । ସେମାନେ ଥିଲେ ବସ୍ତୁତଃ ସରକାରୀ କର୍ମଚାରୀ ଓ ତାଙ୍କୁ ଭାରତୀୟ ମନ୍ତ୍ରୀ ମୁକରର କରୁଥିଲେ । କେନ୍ଦ୍ରରେ ବି ଦୁଇଟି ବ୍ୟବସ୍ଥାପକ ପରିଷଦ ଥିଲା । ପ୍ରତ୍ୟେକ ପରିଷଦର ପ୍ରାୟ ଅର୍ଦ୍ଧାଧିକ ସଭ୍ୟ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିଲେ ।

ବ୍ୟବସ୍ଥାପକ ପରିଷଦ ଆଇନ ପ୍ରଣୟନ କରୁଥିଲେ ଏବଂ ସରକାରୀ କାର୍ଯ୍ୟର ସମାଲୋଚନା କରୁଥିଲେ; କିନ୍ତୁ ଶାସନ ପରିଷଦର ସଭ୍ୟମାନେ ନିର୍ବାଚିତ ସଭ୍ୟ ନ ଥିବାରୁ ସେମାନଙ୍କୁ ନିୟନ୍ତ୍ରଣ କରିବା ଅଧିକାର ବ୍ୟବସ୍ଥାପକ ପରିଷଦର ନ ଥିଲା; ତେଣୁ ସରକାର ଅକ୍ଳେଶରେ ବ୍ୟବସ୍ଥାସଭାକୁ ଉପେକ୍ଷା କରି ପାରୁଥିଲେ । ପ୍ରଦେଶରେ ଅଧିକ ପରିମାଣରେ ଶାସନ ଦାୟିତ୍ୱ ଲୋକମାନଙ୍କ ହାତକୁ ହସ୍ତାନ୍ତରିତ ହୋଇଥିଲା; କିନ୍ତୁ କେନ୍ଦ୍ରରେ ପାର୍ଲିମେଣ୍ଟର କର୍ତ୍ତୃତ୍ୱ ପୂର୍ବମାତ୍ରାରେ ଥିଲା ।

ଯେଉଁ ଦେଶୀୟ ରାଜାମାନଙ୍କୁ ଇଂରେଜମାନେ ସ୍ୱୀକାର କରିଥିଲେ, ସେମାନେ ନିଜ ନିଜ ଅଞ୍ଚଳ ଶାସନ କରିବା ଭାର ନେଲେ । କେନ୍ଦ୍ର ସରକାର ଏବଂ ରାଜପ୍ରତିନିଧି ତାଙ୍କ ଶାସନ ଉପରେ ଆଖି ରଖୁଥିଲେ ସତ; କିନ୍ତୁ ସେମାନେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ନ ଥିଲେ । ଏହି ଦେଶୀୟ ରାଜାମାନେ ନିଜ ଇଚ୍ଛାମତେ ଶାସନକାର୍ଯ୍ୟ ଚଳାଉଥିଲେ । କେତେକ ରାଜ୍ୟରେ ପ୍ରଦେଶମାନଙ୍କ ପରି ବ୍ୟବସ୍ଥାପକ ପରିଷଦ ଓ ମନ୍ତ୍ରିମଣ୍ଡଳ ଥିଲା, ଅନ୍ୟ ରାଜ୍ୟମାନଙ୍କରେ ରାଜାଙ୍କ ସ୍ୱେଚ୍ଛାଚାରୀ ଶାସନ ଚାଲୁଥିଲା । ଏହିଭଳି ୫୬୨ଟି ଦେଶୀୟ ରାଜ୍ୟ ଭାରତର ଭିନ୍ନ ଭିନ୍ନ ସ୍ଥାନରେ ଖେଳେଇ ହୋଇ ରହିଥିଲା ।

୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ସ୍ଥାପିତ ହେଲା । ଏହାର ସ୍ଥାପୟିତା ଥିଲେ ଦୁଇଜଣ ଇଂରେଜ । ତାଙ୍କ ନାମ, ଆଲାନ୍ ଅକ୍ଟାଭିଆନ ହ୍ୟୁମ ଓ ଉଇଲିୟମ ୱେଡ଼ରବର୍ଣ୍ଣ । କଂଗ୍ରେସ ପ୍ରଥମେ ଇଂରେଜମାନଙ୍କୁ ଆବେଦନ କରି ଶାସନ କ୍ଷେତ୍ରରେ ଅଧିକତର କ୍ଷମତା ହାସଲ କରିବା ଲକ୍ଷ୍ୟ ରଖିଥିଲା । ପ୍ରତିବର୍ଷ କଂଗ୍ରେସ ଅଧିବେଶନରେ ଏହିଭଳି ଅନେକ ଆବେଦନ

ପ୍ରସ୍ତାବିତ ହୋଇ ବଡ଼ଲାଟ ତଥା ପାର୍ଲିମେଣ୍ଟ ଆଗରେ ଉପସ୍ଥାପିତ ହୋଇଥିଲା । ଭାରତୀୟ ଅଧିବାସୀମାନଙ୍କ ମଧ୍ୟରୁ ହିନ୍ଦୁମାନେ ସଂଖ୍ୟା-ଗରିଷ୍ଠ । ସେମାନେ ମଧ୍ୟ ସର୍ବପ୍ରଥମେ ଇଂରେଜୀ ଶିକ୍ଷା, ସଂସ୍କୃତି ଓ ସଭ୍ୟତା ହାସଲ କରିବାରୁ ସଚେତନ ହୋଇ କଂଗ୍ରେସରେ ବିଶେଷ ଭାଗ ନେଲେ । ମୁସଲମାନମାନେ ସଂଖ୍ୟାନ୍ୟୂନ ସମ୍ପ୍ରଦାୟ । ସେମାନେ ବି ହିନ୍ଦୁଙ୍କଠାରୁ ଅପେକ୍ଷାକୃତ କମ୍ ଶିକ୍ଷିତ ଥିଲେ । ତେଣୁ ହିନ୍ଦୁମାନେ ଅଧିକ ସୁବିଧା ହାସଲ କରିନେବେ ବୋଲି ଆଶଙ୍କା କରି ମୁସଲମାନମାନେ ସାର୍ ସୟଦ୍ ଅହମ୍ମଦ ଓ ଆଗା ଖାଁଙ୍କ ନେତୃତ୍ୱରେ ୧୯୦୬ରେ ମୁସଲିମ୍ ଲିଗ୍ ବୋଲି ଗୋଟିଏ ଅନୁଷ୍ଠାନ ଗଢ଼ିଲେ । ବହୁବର୍ଷ କଂଗ୍ରେସ ଓ ଲିଗ୍ ହାତ ମିଳାଇ କାମ କରି ଭାରତ ଲାଗି ସୁବିଧା ଓ କ୍ଷମତା ଦାବୀ କରୁଥିଲେ । ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭିନ୍ନ ଭାବ ନ ଥିଲା । କେବଳ ମୁସଲମାନମାନଙ୍କ ନିଜ ଦାବୀ ସଂରକ୍ଷଣ କରିବା ଲାଗି ବ୍ୟବସ୍ଥାପକ ପରିଷଦମାନଙ୍କରେ ସ୍ୱତନ୍ତ୍ର ପ୍ରତିନିଧିତ୍ୱ ଦାବୀ କରୁଥିଲେ । ଇଂରେଜ ସରକାର ମଧ୍ୟ ତାଙ୍କ ମନ ରକ୍ଷା କରିବାକୁ ଉକ୍ତ ଦାବୀ ମଞ୍ଜୁର କଲେ । ଏଇଥିରେ କେବଳ କଂଗ୍ରେସ ଓ ଲିଗ୍ର ମତଭେଦ ହୋଇଥିଲା । ତେବେ ଏ ମତଭେଦ ଗୁରୁତର ଆକାର ଧାରଣ କରି ନ ଥିଲା ।

୧୯୨୦ରେ ଭାରତୀୟ ରାଜନୀତିରେ ବିପ୍ଳବାତ୍ମକ ପରିବର୍ତ୍ତନ ଆସି ପହଞ୍ଚିଲା । ମହାତ୍ମା ଗାନ୍ଧୀ କଂଗ୍ରେସର ନେତୃତ୍ୱ ନେଇ ଅସହଯୋଗ ଆନ୍ଦୋଳନର ସୂତ୍ରପାତ କଲେ । ସତ୍ୟ ଓ ଅହିଂସା ଥିଲା ତାଙ୍କର ଉପାୟ । ନିରସ୍ତ୍ର ଭାରତବାସୀ ରକ୍ତାକ୍ତ ବିଦ୍ରୋହ କରି ସଶସ୍ତ୍ର ଓ ସୁସଜ୍ଜିତ ଇଂରେଜମାନଙ୍କ ସମକକ୍ଷ ହୋଇପାରିବେ ନାହିଁ ବୋଲି ଜାଣି ସେ ଅହିଂସ ଆନ୍ଦୋଳନ ଚଳାଇଲେ ।

ସାମ୍ରାଜ୍ୟବାଦର ଉଚ୍ଛେଦ ଲାଗି ଏହା ହିଁ ଭାରତରେ ପ୍ରଥମ ପ୍ରତ୍ୟକ୍ଷ ସଂଗ୍ରାମ ଥିଲା । ଏତିକବେଳେ ଚରମପନ୍ଥୀ ନେତୃବୃନ୍ଦ ଓ ମୁସଲିମ୍ ଲିଗ୍ ପୃଥକ ହୋଇଗଲେ । କଂଗ୍ରେସ ଭାରତୀୟ ରାଜନୀତିକୁ ସମ୍ପୂର୍ଣ୍ଣଭାବେ ଅକ୍ତିଆର କଲା । କଂଗ୍ରେସର ଗୋଟିଏ ଗୋଷ୍ଠୀ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ନେତୃତ୍ୱରେ ସ୍ୱରାଜ ଦଳ ଗଢ଼ି ଶାସନତାନ୍ତ୍ରିକ କ୍ଷେତ୍ରରେ ପ୍ରବେଶ କଲେ ସତ; କିନ୍ତୁ କଂଗ୍ରେସ ଆନୁଷ୍ଠାନିକ ଭାବରେ ୧୯୩୭ ମସିହା ପର୍ଯ୍ୟନ୍ତ ଶାସନତାନ୍ତ୍ରିକ ପନ୍ଥା ଗ୍ରହଣ କରି ନ ଥିଲା । ୧୯୩୫ ମସିହା ଶାସନ ଆଇନ ପ୍ରବର୍ତ୍ତିତ ହେଲାବେଳେ କଂଗ୍ରେସ ନିର୍ବାଚନରେ ଭାଗ ନେଇ ଛ'ଟି ପ୍ରଦେଶରେ ସଂଖ୍ୟାଗରିଷ୍ଠ ଦଳ ହେଲା । ୧୯୩୭ ମସିହା ଅପ୍ରେଲ ପହିଲା ଦିନ ନୂତନ ଶାସନ ଆଇନ ପ୍ରଚଳିତ ହେଲା । ସଂଖ୍ୟାଗରିଷ୍ଠ ଦଳ ହିସାବରେ କଂଗ୍ରେସର ମନ୍ତ୍ରୀମଣ୍ଡଳ ଗଠନ କରିବା କଥା ଥିଲା । ଅନେକ କ୍ଷେତ୍ରରେ ମନ୍ତ୍ରିମଣ୍ଡଳକୁ ଉପେକ୍ଷା କରି ଶାସନ କାର୍ଯ୍ୟ ଚଳାଇ ନେବା କ୍ଷମତା ଲାଟସାହେବଙ୍କୁ ଦିଆ ହୋଇଥିଲା ବୋଲି କଂଗ୍ରେସ ପ୍ରଥମେ ମନ୍ତ୍ରିତ୍ୱ ଗ୍ରହଣ କରିବାକୁ ଅସ୍ୱୀକୃତ ହେଲା । ପରେ ସେ କାଳର ବଡ଼ଲାଟ ଲର୍ଡ଼ ଲିନ୍‌ଲିଥ୍‌ଗୋ କେତେକ ପ୍ରତିଶ୍ରୁତି ଦେବାରୁ କଂଗ୍ରେସ ୧୯୩୭ ଜୁନ୍ ମାସରେ ମନ୍ତ୍ରୀପଦ ଗ୍ରହଣ କଲା । ମୁସଲିମଲିଗ୍ ୧୯୩୭ ମସିହା ନିର୍ବାଚନବେଳେ ଗୋଟିଏ ସୁଦୃଢ଼ ଦଳରୂପେ ରାଜନୀତି କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ନ ଥିଲା । ନିର୍ବାଚନ ପରେ ଦଳଟି ସୁଦୃଢ଼ ହୋଇ ବଙ୍ଗ, ପଞ୍ଜାବ, ସିନ୍ଧୁ ଏବଂ ଅଳ୍ପ ସମୟ ପାଇଁ ଆସାମ ଓ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶର ମନ୍ତ୍ରିମଣ୍ଡଳକୁ ନିଜ ଦଳର ମନ୍ତ୍ରିମଣ୍ଡଳ ବୋଲି ଦାବି କଲା । ତତ୍କାଳୀନ ଭାରତୀୟ ରାଜନୀତିରେ କଂଗ୍ରେସ ଓ ଲିଗ୍ ଦୁଇଟି କ୍ଷମତାଶାଳୀ ରାଜନୈତିକ ଦଳ ଭାବରେ ଅବତୀର୍ଣ୍ଣ ହେଲେ ।

12740

ଦ୍ୱିତୀୟ ମହାସମର ଆରମ୍ଭ ହେଲା ୧୯୩୯ ମସିହା ସେପ୍‌ଟେମ୍ବର ମାସରେ । ଭାରତୀୟ ଜନମତକୁ ନ ପଚାରି ଭାରତକୁ ସଂଗ୍ରାମରେ ପୂରାଇ ଦିଆଗଲା ବୋଲି କଂଗ୍ରେସ ଇଂରେଜ ସରକାରଙ୍କୁ ଯୁଦ୍ଧନୀତି ଘୋଷଣା କରିବାକୁ ଆହ୍ୱାନ କଲା । ସରକାର କଂଗ୍ରେସର ଆହ୍ୱାନ ଗ୍ରହଣ ନ କରିବାରୁ କଂଗ୍ରେସ ମନ୍ତ୍ରିମଣ୍ଡଳଗୁଡ଼ିକ ସେହିବର୍ଷ ନଭେମ୍ବର ମାସରେ ଇସ୍ତଫା ଦାଖଲ କଲେ । ଭାରତରେ ଶାସନତାନ୍ତ୍ରିକ ଅଚଳ ଅବସ୍ଥା ସୃଷ୍ଟି ହେଲା । ଇଂରେଜ ସରକାର ଯୁଦ୍ଧ ଉଦ୍ୟମରେ ଭାରତର ସବୁ ଶ୍ରେଣୀ ଲୋକଙ୍କ ସହଯୋଗ ଲାଭ କରିବାକୁ ବ୍ୟାକୁଳ ହୋଇ କେନ୍ଦ୍ର-ସରକାରକୁ ପୁନର୍ଗଠନ କରି ବହୁସଂଖ୍ୟକ ଭାରତୀୟଙ୍କୁ ଶାସନ ପରିଷଦରେ ସ୍ଥାନ ଦେଲେ । କଂଗ୍ରେସ ସେତେବେଳେ ନାନାବିଧ ସ୍ୱାଧୀନତା-ଖର୍ବକାରୀ ଆଇନ ବିରୁଦ୍ଧରେ ପ୍ରତିବାଦ କରି ଅସହ-ଯୋଗ ଆନ୍ଦୋଳନ ଆରମ୍ଭ କଲା । ବହୁସଂଖ୍ୟକ କଂଗ୍ରେସ ନେତା ଜେଲ ବରଣ କଲେ । ଶାସନତାନ୍ତ୍ରିକ ଅଚଳ ଅବସ୍ଥା ବେଶିଦିନ ଚାଲୁ ରହିବା ସ୍ପୃହଣୀୟ ନୁହେଁ ବୋଲି ବିଚାର କରି ଇଂରେଜ ସରକାର ତାଙ୍କର ଜଣେ ମନ୍ତ୍ରୀ ସାର ଷ୍ଟାଫୋର୍ଡ଼ କ୍ରିପସ୍‌ଙ୍କୁ କେତେକ ପ୍ରସ୍ତାବ ଦେଇ ୧୯୪୨ ମସିହା ମାର୍ଚ୍ଚ ମାସରେ ଭାରତକୁ ପଠାଇଲେ । ଉକ୍ତ ପ୍ରସ୍ତାବରେ ଯୁଦ୍ଧୋତ୍ତର କାଳ ଲାଗି ସନ୍ତୋଷ-ଜନକ ବ୍ୟବସ୍ଥା ଥିଲେ ସୁଦ୍ଧା ତତ୍‌କ୍ଷଣାତ୍ କେନ୍ଦ୍ରରେ ଲୋକପ୍ରତିନିଧି ଶାସନ ପ୍ରତିଷ୍ଠା କରିବା ବ୍ୟବସ୍ଥା ନ ଥିବାରୁ ସବୁ ଶ୍ରେଣୀର ରାଜନୀତିକ ନେତୃବୃନ୍ଦ କ୍ରିପସ୍ ପ୍ରସ୍ତାବକୁ ଅଗ୍ରାହ୍ୟ କଲେ । ଚାରି-ଆଡେ ନୈରାଶ୍ୟର ବାତ୍ୟା ବହିଲା । କଂଗ୍ରେସ ସେହିବର୍ଷ ଅଗଷ୍ଟ ମାସରେ "ଭାରତ ଛାଡ଼" ଆନ୍ଦୋଳନ ଆରମ୍ଭ କଲା । ଦେଶର ଚାରିଆଡ଼େ ଭୟଙ୍କର ବିଦ୍ରୋହ ଦେଖାଗଲା । ହଜାର ହଜାର

ଲୋକ ଜେଲ ବରଣ କଲେ । ଇଂରେଜ ସରକାର ଦୋହଲିଗଲେ । ଯୁଦ୍ଧବେଳେ ଏହି ଗୁରୁତର ବିଦ୍ରୋହ ଦେଖି ମିତ୍ରଶକ୍ତିବୃନ୍ଦ ପ୍ରମାଦ ଗଣିଲେ । ତିନିବର୍ଷ ପର୍ଯ୍ୟନ୍ତ ଅବସ୍ଥାର ପରିବର୍ତ୍ତନ ହେଲା ନାହିଁ । ୧୯୪୫ରେ ଇଂଲଣ୍ଡରେ ନିର୍ବାଚନ ହେଲା । ଠିକ୍ ସେତିକବେଳେ ଇଂରେଜ ସରକାର ସେକାଳର ବଡ଼ଲାଟ ଲର୍ଡ଼ ଓ୍ୱାଭେଲଙ୍କୁ ଡକାଇ ନେଇ କେନ୍ଦ୍ର ସରକାର ପୁନର୍ଗଠନ କରିବା ଲାଗି ଗୋଟିଏ ଯୋଜନା କଲେ । ସେ ଯୋଜନା ଗ୍ରହଣୀୟ ହୋଇଥିଲେ ହେଁ ମୁସଲିମଲିଗ୍ ଶାସନ ପରିଷଦର ସବୁ ମୁସଲମାନ ସଭ୍ୟଙ୍କୁ ମନୋନୟନ କରିବାପାଇଁ ଦାବି କରିବାରୁ ଓ୍ୱାଭେଲ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ସେତିକବେଳେ ଇଂଲଣ୍ଡରେ ଶ୍ରମିକଦଳ ମନ୍ତ୍ରିମଣ୍ଡଳ ଗଠନ କଲେ । ସେମାନେ ରାଜନୀତିରେ ଅଗ୍ରଗାମୀ । ଭାରତ ପ୍ରତି ସେମାନେ ସହାନୁଭୂତିଶୀଳ । ତେଣୁ ୧୯୪୬ ମସିହା ଆରମ୍ଭରେ ଶ୍ରମିକ ମନ୍ତ୍ରୀମଣ୍ଡଳ ଲର୍ଡ଼ ପେଥିକ୍ ଲରେନ୍ସ, ସାର୍ ଷ୍ଟାଫୋର୍ଡ଼ କ୍ରିପସ୍ ଓ ଶ୍ରୀଯୁକ୍ତ (ପରେ ଲର୍ଡ଼) ଏ. ଭି. ଆଲେକ୍‌ଜାଣ୍ଡରଙ୍କୁ ଭାରତକୁ ପଠାଇଥିଲେ । ସେମାନେ ଛଅମାସ କାଳ ମସୁଧା କରି ପ୍ରସ୍ତାବ ଦେଲେ ଯେ, ଭାରତୀୟ ପ୍ରାଦେଶିକ ବ୍ୟବସ୍ଥାପକ ସଭାମାନେ ଆନୁପାତିକ ନିର୍ବାଚନ ପ୍ରଣାଳୀରେ ଗୋଟିଏ ଶାସନବିଧାୟକ ସଭା ଗଢ଼ିବେ ଏବଂ ବିଧାୟକ ସଭା ଭାରତ ଲାଗି ଗୋଟିଏ ଶାସନ ବିଧାନ ପ୍ରଣୟନ କରିବ । ଦେଶର ପ୍ରତି ଦଶଲକ୍ଷ ଲୋକଙ୍କ ପକ୍ଷରୁ ଜଣେ ଲେଖାଏଁ ପ୍ରତିନିଧି ଆସିବେ । ଏ ପ୍ରସ୍ତାବ କଂଗ୍ରେସ ଓ ଲିଗ୍ ଉଭୟ ଗ୍ରହଣ କଲେ । ଏଥିରେ ଥିଲା ଯେ, କେନ୍ଦ୍ର ସରକାର ତତ୍‌କ୍ଷଣାତ୍ ପୁନର୍ଗଠିତ ହେବ, ଉଭୟ ଦଳର ପ୍ରତିନିଧିବୃନ୍ଦ ଶାସନପରିଷଦ ଗଠନ କରିବେ ଏବଂ ଶାସନପରିଷଦର ଦୈନନ୍ଦିନ କାର୍ଯ୍ୟରେ ବଡ଼ଲାଟ ହସ୍ତକ୍ଷେପ କରିବେ

ନାହିଁ । ସମ୍ବିଧାନ ପ୍ରଣିତ ହୋଇ ପ୍ରବର୍ତ୍ତିତ ହେବା ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହିପରି ଭାବରେ ଚାଲିବ । ଏ ପ୍ରସ୍ତାବକୁ କଂଗ୍ରେସ ଓ ଲିଗ୍ ଉଭୟ ଗ୍ରହଣ କଲେ; କିନ୍ତୁ ପରେ ଲିଗ୍ ନିଜ ସ୍ୱୀକୃତି ପ୍ରତ୍ୟାହାର କଲା । ୧୯୪୬ ମସିହା ସେପ୍ଟେମ୍ବର ୨ ତାରିଖରେ ଶ୍ରୀଯୁକ୍ତ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ କେନ୍ଦ୍ରରେ ଅସ୍ଥାୟୀ ସରକାର ଗଢ଼ାହେଲା । ଲିଗ୍ ପକ୍ଷର ସଭ୍ୟମାନେ ମାସକ ପରେ ଉକ୍ତ ଅସ୍ଥାୟୀ ସରକାରରେ ଯୋଗଦାନ କଲେ । ଶାସନବିଧାୟକ ସଭା ଗଠିତ ହୋଇ ୧୯୪୬ ମସିହା ଡିସେମ୍ବର ୯ ତାରିଖଠାରୁ ଶାସନବିଧାନ ପ୍ରଣୟନ କାର୍ଯ୍ୟ ଆରମ୍ଭ କଲା ।

ଯୁଦ୍ଧକାଳ ମଧ୍ୟରେ ମୁସଲିମ୍ ଲିଗ୍ ପ୍ରତିକୂଳ ପନ୍ଥା ଅବଲମ୍ବନ କଲା । ୧୯୪୦ ମସିହାର ଲାହୋର ଅଧିବେଶନବେଳେ ଲିଗ୍ ମୁସଲମାନ ଅଧ୍ୟୁଷିତ ଅଞ୍ଚଳମାନଙ୍କୁ ନେଇ ପାକିସ୍ଥାନ ନାମକ ଗୋଟିଏ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ କରିବା ପ୍ରସ୍ତାବ ଗ୍ରହଣ କଲା । ଲିଗ୍ ନେତା ମହମ୍ମଦ ଅଲ୍ଲି ଜିନ୍ନା କହିବାକୁ ଲାଗିଲେ, 'ହିନ୍ଦୁ ଓ ମୁସଲମାନ ଦୁଇଟି ପୃଥକ ଜାତି; ତେଣୁ ଜାତିଗତ ଆତ୍ମନିୟନ୍ତ୍ରଣ ନୀତି ଅନୁସାରେ ପ୍ରତ୍ୟେକଙ୍କ ଲାଗି ସ୍ୱତନ୍ତ୍ର ରାଷ୍ଟ୍ର ଗଠିତ ହେବା ଉଚିତ । ୧୯୪୨ ଅଗଷ୍ଟ ବିପ୍ଳବ ପରେ କଂଗ୍ରେସର ଅନୁପସ୍ଥିତିର ସୁବିଧା ନେଇ ଲିଗ୍ ରାଜନୀତି ପ୍ରାଙ୍ଗଣକୁ ଅଧିକାର କରି ନିଜ ପଦବୀ ଦୃଢ଼ କରିନେଲା । କ୍ରିପସ୍ ପ୍ରସ୍ତାବ ଓ ଓ୍ୱାଭେଲ ପ୍ରସ୍ତାବ-ବେଳେ ଲିଗ୍ ମୁସଲମାନମାନଙ୍କର ଏକମାତ୍ର ପ୍ରତିନିଧିମୂଳକ ଅନୁଷ୍ଠାନ ବୋଲି ଦାବୀ କଲା । ୧୯୪୬ର ପ୍ରାଦେଶିକ ନିର୍ବାଚନ-ବେଳେ ପ୍ରାୟ ସବୁ ମୁସଲମାନ ପ୍ରତିନିଧି ଲିଗ୍ ପକ୍ଷରୁ ନିର୍ବାଚିତ ହେଲେ । ହିନ୍ଦୁ ପ୍ରତିନିଧିମାନେ ସେହିପରି ପ୍ରାୟ କଂଗ୍ରେସ ପକ୍ଷରୁ

ନିର୍ବାଚିତ ହେଲେ । ତେଣୁ ଭାରତରେ କେବଳ କଂଗ୍ରେସ ଓ ମୁସଲିମ୍‌ଲିଗ୍ ରାଜନୀତିକ ଦଳ ବୋଲି ବିବେଚିତ ହେଲେ । ଲିଗ୍ ଦଳ ପ୍ରଥମେ ଶାସନତାନ୍ତ୍ରିକ ଉପାୟରେ ପାକିସ୍ଥାନ ଦାବୀ ଉପସ୍ଥାପିତ କରୁଥିଲେ । ୧୯୪୬ ମସିହା ଅଗଷ୍ଟ ୧୬ ତାରିଖରେ ସେମାନେ 'ପ୍ରତ୍ୟକ୍ଷ ସଂଗ୍ରାମ' ଯୋଜନା ଗ୍ରହଣ କରି ବଙ୍ଗପ୍ରଦେଶରେ ହାଣକାଟ ଲଗାଇଦେଲେ । ଦେଶରେ ତା'ର ଗୁରୁତର ପ୍ରତିକ୍ରିୟା ସୃଷ୍ଟି ହେଲା । ଏଣେ ଶାସନ ପରିଷଦର ଲିଗ୍ ପକ୍ଷୀୟ ସଭ୍ୟବୃନ୍ଦ କଂଗ୍ରେସ ସଭ୍ୟମାନଙ୍କସଙ୍ଗେ ପୂର୍ଣ୍ଣପ୍ରାଣରେ ସହଯୋଗ କଲେ ନାହିଁ । ଏପରି କି ଶାସନବିଧାୟକ ସଭାରେ ଲିଗ୍ ସଭ୍ୟବୃନ୍ଦ ଯୋଗଦେଲେ ନାହିଁ । ଜଣା ପଡ଼ିଲା, କଂଗ୍ରେସ ଓ ମୁସ୍‌ଲିମ୍‌ଲିଗ୍ ସହଯୋଗ କରିବେ ନାହିଁ ଏବଂ ଉଭୟଙ୍କ ଅସହଯୋଗ ଚାଲୁଥିବା ପର୍ଯ୍ୟନ୍ତ ଭାରତରେ ସାମ୍ପ୍ରଦାୟିକ ଅଶାନ୍ତି ଲାଗିରହିଥିବ । ଏତିକିବେଳେ ସେକାଳର ବଡ଼ଲାଟ ଲର୍ଡ଼ ଓ୍ୱାଭେଲ୍ କଂଗ୍ରେସ ଓ ଲିଗ୍‌କୁ ଭିନ୍ନ ଭିନ୍ନ ଆଖିରେ ଦେଖୁଥିବା ଜଣା ପଡ଼ିବାରୁ ତାଙ୍କ ବିରୁଦ୍ଧରେ ଜନମତ ପ୍ରବଳ ହୋଇଉଠିଲା । ତେଣୁ ଇଂରେଜ ସରକାର ଏ ବଡ଼ମ୍ବନାରୁ ନିଷ୍କୃତି ପାଇବାଲାଗି ଲର୍ଡ଼ ମାଉଣ୍ଟବ୍ୟାଟେନ୍‌ଙ୍କୁ ଭାରତର ବଡ଼ଲାଟ କରି ପଠାଇଲେ । ସେ ଆସି କଂଗ୍ରେସ ଓ ଲିଗ୍‌ର ନେତୃବୃନ୍ଦଙ୍କ ସଙ୍ଗେ ପରାମର୍ଶ କରି ଇଂରେଜ ସରକାରଙ୍କୁ ଗୋଟିଏ ଶାସନ-ସଂସ୍କାର ପ୍ରସ୍ତାବ ଦେଲେ । ସେ ପ୍ରସ୍ତାବ ୧୯୪୭ ମସିହା ଜୁନମାସ ୩ ତାରିଖରେ ପ୍ରକାଶିତ ହେଲା । କଂଗ୍ରେସ ଓ ଲିଗ୍ ଉଭୟ ଏ ପ୍ରସ୍ତାବରେ ରାଜି ହେଲେ । ଏ ପ୍ରସ୍ତାବରେ ସେହିବର୍ଷ ଅଗଷ୍ଟ ୧୫ ତାରିଖଠାରୁ ଭାରତକୁ ଭାରତ ଓ ପାକିସ୍ଥାନ ନାମକ ଦୁଇଟି ରାଷ୍ଟ୍ରରେ ବିଭକ୍ତ କରିବା ବ୍ୟବସ୍ଥା ହେଲା । ସିନ୍ଧୁ, ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ, ପଶ୍ଚିମ ପଞ୍ଜାବ, ପୂର୍ବ-ବଙ୍ଗ ଓ ଆସାମର ସିଲହଟ୍

ଜିଲ୍ଲାକୁ ନେଇ ପାକିସ୍ଥାନ ଗଠିତ ହେଲା ଏବଂ ଅବଶିଷ୍ଟ ଅଞ୍ଚଳ ଭାରତର ଅନ୍ତର୍ଭୁକ୍ତ ହେଲା । ପାକିସ୍ଥାନରେ ଜଣେ ସ୍ୱତନ୍ତ୍ର ବଡ଼ଲାଟ ରହିଲେ ଏବଂ ପାକିସ୍ଥାନ ଲାଗି ଶାସନବିଧାନ ପ୍ରଣୟନ କରିବାପାଇଁ ଗୋଟିଏ ପୃଥକ୍ ବିଧାୟକ ସଭା ଗଠିତ ହେଲା । ପାକିସ୍ଥାନ ଓ ଭାରତ ମଧ୍ୟରେ ସୀମା ନିର୍ଦ୍ଧାରଣ କରିବା ଲାଗି ଗୋଟିଏ ସୀମା କମିଶନ ବସିଲା । ସେଥିରେ ରାଡ଼କ୍ଲିଫ୍ ନାମକ ଜଣେ ଇଂରେଜ ସଭାପତି ହେଲେ । ଦୁଇଜଣ ହିନ୍ଦୁ ଓ ଦୁଇଜଣ ମୁସଲମାନ ତାଙ୍କୁ ସୀମା ନିରୂପଣ କାର୍ଯ୍ୟରେ ସାହାଯ୍ୟ କରିବା ଲାଗି ନିଯୁକ୍ତ ହେଲେ । ଇଂଲଣ୍ଡ ପାର୍ଲିମେଣ୍ଟ ଭାରତୀୟ ସ୍ୱାଧୀନତା ଆଇନ ପ୍ରଣୟନ କରି ମାଉଣ୍ଟବ୍ୟାଟେନ୍‌ଙ୍କ ପ୍ରସ୍ତାବକୁ ଆଇନରେ ପରିଣତ କଲେ । ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଭାରତ ବିଭକ୍ତ ହେଲା ଓ ପାକିସ୍ଥାନ ଗଠିତ ହେଲା । ଉଭୟ ରାଷ୍ଟ୍ରକୁ ଔପନିବେଶିକ ସ୍ୱାଧୀନତା ମିଳିଲା । ସେମାନେ ଇଂରେଜ ରାଜ୍ୟଗୋଷ୍ଠୀର ସଭ୍ୟ ହେଲେ ହେଁ ଆଭ୍ୟନ୍ତରୀଣ ଓ ବାହ୍ୟିକ ଶାସନ ପରିସରରେ ସମ୍ପୂର୍ଣ୍ଣ ଭାବରେ ସ୍ୱାଧୀନ ହେଲେ । ଭାରତ ଔପନିବେଶିକ ସ୍ୱାଧୀନତା ପାଇଲା ସେହି ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ । ଆମର କେନ୍ଦ୍ର ଓ ପ୍ରାଦେଶିକ ସରକାର ପରିଚାଳନା କରିବା ଲାଗି ୧୯୪୭ର ଭାରତୀୟ ସ୍ୱାଧୀନତା ଆଇନ ଅନୁସାରେ ୧୯୩୫ ମସିହା ଶାସନ ଆଇନରେ ଆବଶ୍ୟକ ପରିବର୍ତ୍ତନ ବଡ଼ଲାଟ କରିଦେଲେ । ଭାରତରେ ୯ଟି ପ୍ରଦେଶ ରହିଲା, ଯଥା—ଆସାମ, ପଶ୍ଚିମବଙ୍ଗ, ବିହାର, ଯୁକ୍ତପ୍ରଦେଶ, ପୂର୍ବପଞ୍ଜାବ, ବମ୍ବେ, ମଧ୍ୟପ୍ରଦେଶ, ଓଡ଼ିଶା ଓ ମାନ୍ଦ୍ରାଜ । ଭାରତୀୟ ସ୍ୱାଧୀନତା ଆଇନ ଶାସନର ଆଇନାନୁମୋଦିତ ଭିତ୍ତି ହେଲା । କେନ୍ଦ୍ର ଓ ପ୍ରଦେଶମାନଙ୍କରେ ଲୋକ ପ୍ରତିନିଧିମୂଳକ

ମନ୍ତ୍ରିମଣ୍ଡଳ ଗଠିତ ହେଲା । ସେମାନଙ୍କ ହସ୍ତରେ ସର୍ବବିଧ କ୍ଷମତା ରହିଲା । ବଡ଼ଲାଟ ଓ ଲାଟମାନେ କେବଳ ଶାସନତାନ୍ତ୍ରିକ ପଦବୀ ମଣ୍ଡନ କଲେ । ଶାସନକାର୍ଯ୍ୟରେ ହସ୍ତକ୍ଷେପ କରିବା ଲାଗି ସେମାନଙ୍କର ଅଧିକାର ରହିଲା ନାହିଁ । ଇଂଲଣ୍ଡ ରାଜା ନାମକୁମାତ୍ର ଭାରତର ସମ୍ରାଟ୍ ହୋଇ ରହିଲେ । ଶାସନ କାର୍ଯ୍ୟରେ ପ୍ରଭାବ ପକାଇବା ଲାଗି କୌଣସି କ୍ଷମତା ତାଙ୍କୁ ପ୍ରଦତ୍ତ ହେଲା ନାହିଁ । ପ୍ରଦେଶମାନଙ୍କ ବ୍ୟତୀତ ଭାରତରେ ଥିବା ଦେଶୀୟ ରାଜ୍ୟମାନେ ଭାରତୀୟ ରାଷ୍ଟ୍ରସଂଘରେ ଯୋଗଦେଲେ । ସ୍ୱରାଷ୍ଟ୍ରସଚିବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଇଙ୍ଗିତରେ କ୍ଷୁଦ୍ର କ୍ଷୁଦ୍ର ଦେଶୀୟ ରାଜ୍ୟଗୁଡ଼ିକୁ ସମୀପବର୍ତ୍ତୀ ପ୍ରଦେଶମାନଙ୍କ ସଙ୍ଗେ ମିଶାଇ ଦିଆହେଲା କିମ୍ବା ସେମାନଙ୍କୁ ଏକତ୍ର କରି ପ୍ରଦେଶ ଭଳି ଗୋଟିଏ ଗୋଟିଏ ସଂଘ ଗଢ଼ା ହୋଇ ସେଥିରେ ଲୋକପ୍ରତିନିଧି ଶାସନ ପ୍ରବର୍ତ୍ତିତ ହେଲା । କେତେଗୋଟି ବଡ଼ ବଡ଼ ରାଜ୍ୟ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ଶାସନରେ ରହିଲେ । ଏଭଳି ପ୍ରତ୍ୟେକ ରାଜ୍ୟରେ ଜଣେ ଜଣେ ଚିଫ୍ କମିଶନର ରହିଲେ । ଇତିହାସରେ ପ୍ରଥମଥରପାଇଁ ସମଗ୍ର ଭାରତ ଏକ ଶାସନାଧୀନ ହେଲା । ଆମ ଓଡ଼ିଶାର ଗଡଜାତ ବା ଦେଶୀୟ ରାଜ୍ୟମାନଙ୍କୁ ଓଡ଼ିଶା ସହିତ ମିଶାଇ ଦିଆଗଲା ।

ଇତିମଧ୍ୟରେ ଶାସନବିଧାୟକ ସଭା ଭାରତ ଲାଗି ଶାସନ ବିଧାନ ପ୍ରଣୟନ କରିବା କାର୍ଯ୍ୟରେ ଆଗେଇ ଗଲେ । ପ୍ରଦେଶମାନଙ୍କ ଛଡ଼ା ଭାରତ ସଙ୍ଗେ ମିଶିଯାଇଥିବା ଦେଶୀୟ ରାଜ୍ୟର ସଭ୍ୟମାନେ ବି ବିଧାନ ପ୍ରଣୟନ କାମରେ ସହଯୋଗ କଲେ । ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସଂବିଧାନ ପ୍ରଣୟନ କାମ ସମାପ୍ତ ହେଲା ଏବଂ ୧୯୫୦ ମସିହା ଜାନୁୟାରୀ ୨୬ତାରିଖରେ

ଭାରତ ଗୋଟିଏ ସାଧାରଣତନ୍ତ୍ରରେ ପରିଣତ ହେଲା । ଭାରତ ପୂରାପୂରି ସ୍ୱାଧୀନ ହେଲା । ଭାରତର ସର୍ବୋଚ୍ଚ ଶାସନକର୍ତ୍ତା ହେଲେ ଜଣେ ନିର୍ବାଚିତ ରାଷ୍ଟ୍ରପତି । ଭାରତ ରାଜ୍ୟଗୋଷ୍ଠୀରେ ରହିଲା ସତ; କିନ୍ତୁ ଇଂଲଣ୍ଡ ରାଜାଙ୍କର ଭାରତ ସହିତ ସମସ୍ତ ସମ୍ପର୍କ ତୁଟିଗଲା । ଭାରତ ପୃଥିବୀର ଯେକୌଣସି ସ୍ୱାଧୀନ ରାଷ୍ଟ୍ର ସଙ୍ଗେ ସମାନ ହେଲା ।

ପ୍ରଚଳିତ ପ୍ରଜାତାନ୍ତ୍ରିକ ଶାସନ ବିଧାନରେ ଆମ ଦେଶର ନାମକରଣ ହେଲା, "ଇଣ୍ଡିଆ ଅର୍ଥାତ୍ ଭାରତ ।" ଚାରିପ୍ରକାର ଅଞ୍ଚଳକୁ ନେଇ ଭାରତ ରାଷ୍ଟ୍ର ଗଠିତ ହୋଇଥିଲା । ପ୍ରଥମଶ୍ରେଣୀ ଅଞ୍ଚଳକୁ "କ ଶ୍ରେଣୀ" ରାଜ୍ୟ ଆଖ୍ୟା ଦିଆହେଲା । ସେମାନଙ୍କର ସର୍ବୋଚ୍ଚ ଶାସନକର୍ତ୍ତା ହେଲେ ରାଜ୍ୟପାଳ, ଏହି ରାଜ୍ୟମାନଙ୍କ ନାମ ଥିଲା ଆସାମ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ପଞ୍ଜାବ, ବମ୍ବେ, ମଧ୍ୟପ୍ରଦେଶ, ଓଡ଼ିଶା ଓ ମାନ୍ଦ୍ରାଜ । ଦ୍ୱିତୀୟ ଶ୍ରେଣୀ ଅଞ୍ଚଳକୁ "ଖ ଶ୍ରେଣୀ" ରାଜ୍ୟ ଆଖ୍ୟା ଦିଆହେଲା, ସେମାନଙ୍କର ସର୍ବୋଚ୍ଚ ଶାସନକର୍ତ୍ତା ହେଲେ ରାଜପ୍ରମୁଖ । "ଖ ଶ୍ରେଣୀ" ରାଜ୍ୟ ଥିଲେ ହାଇଦ୍ରାବାଦ, ଜାମ୍ମୁ ଓ କାଶ୍ମୀର, ମଧ୍ୟଭାରତ, ମହୀଶୂର, ପାତିଆଲା ଓ ପୂର୍ବପଞ୍ଜାବ ରାଜ୍ୟସଂଘ, ରାଜସ୍ଥାନ, ସୌରାଷ୍ଟ୍ର, ତ୍ରିବାଙ୍କୁର-କୋଚିନ ଓ ବିନ୍ଧ୍ୟପ୍ରଦେଶ । ତୃତୀୟ ଶ୍ରେଣୀ ଅଞ୍ଚଳ "ଗ ଶ୍ରେଣୀ" ରାଜ୍ୟ ନାମରେ ଅଭିହିତ ହେଲେ । ସେମାନଙ୍କର ସର୍ବୋଚ୍ଚ ଶାସନ-କର୍ତ୍ତା ଥିଲେ ଚିଫ୍ କମିଶନର କିମ୍ବା ଲେଫ୍‌ଟେନାଣ୍ଟ । ଏମାନଙ୍କ ନାମ ଥିଲା ଆଜମୀର, ଭୋପାଳ, ବିଳାସପୁର, କୁଚବିହାର (ଏ ରାଜ୍ୟଟି ୧୯୫୦ ଜାନୁୟାରୀ ପହିଲା ଦିନ ପଶ୍ଚିମବଙ୍ଗ ସହିତ ସାମିଲ ହେଲା) କୁର୍ଗ, ଦିଲ୍ଲୀ, ହିମାଚଳ ପ୍ରଦେଶ, କଚ୍ଛ, ମଣିପୁର ଓ ତ୍ରିପୁରା । ଚତୁର୍ଥ ଶ୍ରେଣୀରେ କେବଳ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ

ରହିଲା । ଭାରତର ଆୟତନ ପ୍ରାୟ ୫୧ ଲକ୍ଷ ୮୦ ହଜାରବର୍ଗ କିଲୋ-ମିଟର ଏବଂ ଏହାର ଲୋକସଂଖ୍ୟା ୫୪କୋଟି । ଦେଶରେ ନିମ୍ନ-ଲିଖିତ ୧୪ଟି ଭାଷାକୁ ସ୍ୱୀକାର କରା ହୋଇଛି, ଯଥା—ଆସାମୀ, ବଙ୍ଗଳା, ଗୁଜୁରାଟୀ, ହିନ୍ଦୀ, କାନାଡ଼ୀ, କାଶ୍ମୀରୀ, ମାଲୟାଲମ୍, ମରାଠୀ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ତାମିଲ, ତେଲୁଗୁ ଓ ଉର୍ଦ୍ଦୁ । କବି ରବୀନ୍ଦ୍ରନାଥଙ୍କ ରଚିତ "ଜନଗଣମନ ଅଧିନାୟକ" ହୋଇଛି ଆମ ଜାତୀୟ ସଙ୍ଗୀତ । ଚକ୍ରଶୋଭିତ ତିରଙ୍ଗା ପତାକା ହେଲା ଆମର ଜାତୀୟ ପତାକା । ସାରନାଥର ଅଶୋକ ଚକ୍ର ଓ ସିଂହ ହେଲା ଜାତୀୟ ନିଶାଣ । ଭାରତର ପ୍ରଥମ ରାଷ୍ଟ୍ରପତି ହେଲେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ।

**ରାଜ୍ୟ ପୁନର୍ଗଠନ** —ଉଲ୍ଲିଖିତ ଚାରି ଶ୍ରେଣୀର ରାଜ୍ୟ ଭାରତୀୟ ରାଷ୍ଟ୍ରସଂଘର ଏକକ ରୂପେ ଥିଲେ । କୌଣସି ରାଷ୍ଟ୍ରସଂଘରେ କେନ୍ଦ୍ର ସରକାର ପ୍ରତ୍ୟେକ ରାଜ୍ୟସରକାରଙ୍କ ସହିତ ସମପରିମାଣରେ ସମ୍ପର୍କ ପ୍ରତିଷ୍ଠା କରି ନ ପାରିଲେ ଏବଂ ରାଜ୍ୟମାନଙ୍କ ଆୟତନ, ଲୋକସଂଖ୍ୟା ଓ ଆର୍ଥନୀତିକ ସମୃଦ୍ଧିରେ ବୈଷମ୍ୟ ଥିଲେ ରାଷ୍ଟ୍ରସଂଘର ଭିତ୍ତି ଦୁର୍ବଳ ହୋଇଯାଏ । ଭାରତ ସରକାର ଏହି ନୀତିର ସାରବତ୍ତା ବୁଝିଥିଲେ; କିନ୍ତୁ ତରବରରେ ସ୍ୱାଧୀନତା ଆସିଗଲା ଓ ପ୍ରଜାତନ୍ତ୍ର ଶାସନ ପ୍ରତିଷ୍ଠା ହେବା ପୂର୍ବରୁ ଗଡ଼ଜାତ ବା ଦେଶୀୟ ରାଜ୍ୟଗୁଡ଼ିକ ଭାରତ ସଙ୍ଗେ ମିଶିଗଲେ ବୋଲି ସମ୍ବିଧାନ ପ୍ରଣୀତ ହେବା ପୂର୍ବରୁ କୌଣସି ବୈଜ୍ଞାନିକ ଓ ସର୍ବଜନଆଦୃତ ନୀତି ଅନୁସୃତ ହୋଇ ରାଜ୍ୟ ପୁନର୍ଗଠନ ହୋଇପାରି ନ ଥିଲା । ଆଭ୍ୟନ୍ତରୀଣ ଶାସନ ସୁଦୃଢ଼ ହେବା ପରେ ଏହି ଦୁରୂହ କାର୍ଯ୍ୟ ସରକାର ହାତ ନେବେ ବୋଲି ସ୍ଥିର କରିଥିଲେ ।

ବହୁକାଳରୁ ଭାଷାଭିତ୍ତିରେ ପ୍ରଦେଶ ଗଠନ କରିବା ନୀତି କଂଗ୍ରେସ ଗ୍ରହଣ କରି ସାରିଥିଲା । ଗୋଟିଏ ଭାଷା କହୁଥିବା ଲୋକଙ୍କୁ ପ୍ରାୟ ଏକ ଶାସନରେ ରଖିବା ନୀତିକୁ ଏକଭାଷୀ ପ୍ରଦେଶ ଗଠନ ବୋଲି କୁହାଯାଏ । ଏହି ନୀତି ଅନୁସରଣ କରି ଇଂରେଜ ସରକାର ୧୯୩୬ରେ ଓଡ଼ିଶାକୁ ସ୍ୱତନ୍ତ୍ରପ୍ରଦେଶ କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ମରହଟ୍ଟା, କାନାଡ଼ୀ, ତାମିଲ, ତେଲୁଗୁ, ମାଲୟାଲମ୍, ଗୁଜରାଟୀ ଓ ପଞ୍ଜାବୀ ଭାଷା କହୁଥିବା ଲୋକେ ସ୍ୱତନ୍ତ୍ର ପ୍ରଦେଶ ଦାବୀ କଲେ, ଏପରି କି ପଶ୍ଚିମବଙ୍ଗ ଓ ଓଡ଼ିଶା ଲୋକେ ବିହାରରୁ ବଙ୍ଗାଳୀ ଓ ଓଡ଼ିଆ ବାସ କରୁଥିବା ଅଞ୍ଚଳ ଦାବୀ କଲେ । ଭାରତ ସରକାର ୧୯୫୩ ମସୀହା ଅକ୍ଟୋବର ପହିଲାରେ ତେଲୁଗୁମାନଙ୍କ ଦାବୀ ଗ୍ରହଣ କରି ସ୍ୱତନ୍ତ୍ର ଆନ୍ଧ୍ର ରାଜ୍ୟ ଗଠନ କଲେ । ସେହି ବର୍ଷ ଡିସେମ୍ବର ଶେଷ ସପ୍ତାହରେ ରାଜ୍ୟ ପୁନର୍ଗଠନ କମିଶନ ବସିଲା । ସେଥିରେ ସଭାପତି ହେଲେ ସେତେବେଳର ଓଡ଼ିଶା ଲାଟ ଶ୍ରୀଯୁକ୍ତ ଫଜଲ ଅଲ୍ଲି । ପଣ୍ଡିତ ହୃଦୟନାଥ କୁଞ୍ଜରୁ ଓ ସରଦାର କେ. ଏମ୍. ପାନିକର୍ ମଧ୍ୟ ଉକ୍ତ କମିଶନର ସଭ୍ୟ ଥିଲେ । କମିଶନ ରିପୋର୍ଟ ୧୯୫୫ ମସୀହା ଅକ୍ଟୋବର ମାସରେ ପ୍ରକାଶିତ ହେଲା ଏବଂ ତାଙ୍କ ସୁପାରିଶକୁ ସାମାନ୍ୟ ଅଦଳ ବଦଳ କରି ତଦନୁସାରେ ପାର୍ଲିମେଣ୍ଟ ରାଜ୍ୟ ପୁନର୍ଗଠନ ଆଇନ ୧୯୫୬ରେ ପ୍ରଣୟନ କରି ସମ୍ବିଧାନରେ ଆବଶ୍ୟକ ସଂଶୋଧନ କରିଦେଲେ । ୧୯୫୬ ମସୀହା ନଭେମ୍ବର ପହିଲା ଦିନ ଚଉଦଗୋଟି ନୂତନ ରାଜ୍ୟ ଗଠିତ ହେଲା । ତପ୍ରରେ ୧୯୬୦ ମଇମାସ ପହିଲା ଦିନ ବମ୍ବେ ରାଜ୍ୟ ଗୁଜୁରାଟ ଓ ମହାରାଷ୍ଟ୍ର ନାମକ ଦୁଇଟି ରାଜ୍ୟରେ ବିଭକ୍ତ ହେଲା । ୧୯୬୪ରେ ନାଗା ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ କରି ଦିଆଗଲା । ୧୯୬୬ ନଭେମ୍ବର ପହିଲା

ଦିନ ପଞ୍ଜାବ ରାଜ୍ୟ ପଞ୍ଜାବ ଓ ହରିଆନା ନାମକ ଦୁଇଗୋଟି ରାଜ୍ୟରେ ବିଭକ୍ତ ହୋଇଗଲା । ବର୍ତ୍ତମାନ ସମଗ୍ର ଭାରତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ, ଏହିପରି ଦୁଇଭାଗରେ ବିଭକ୍ତ । ସର୍ବମୋଟ ୧୭ ଗୋଟି ରାଜ୍ୟ ଓ ୧୦ ଗୋଟି କେନ୍ଦ୍ର ଶାସିତ ଅଞ୍ଚଳକୁ ନେଇ ଆଧୁନିକ ଭାରତୀୟ-ସଂଘ ଗଠିତ । ପଞ୍ଜାବ ରାଜ୍ୟକୁ ଭାଙ୍ଗି ଗୋଟିଏ ପଞ୍ଜାବୀ ଭାଷାଭାଷୀ ସ୍ୱତନ୍ତ୍ର ପଞ୍ଜାବୀ ସୁବା ଗଠନ କରିବା ପ୍ରସ୍ତାବ ଭାରତ ସରକାର ୧୯୬୬ ମାର୍ଚ୍ଚ ମାସରେ ଗ୍ରହଣ କରିଛନ୍ତି ।

ରାଜ୍ୟମାନଙ୍କର ନାମ—ଆନ୍ଧ୍ର, ଆସାମ, ବିହାର, ଗୁଜରାଟ, ମହାରାଷ୍ଟ୍ର, କେରଳ, କାଶ୍ମୀର, ମାନ୍ଦ୍ରାଜ, ମହୀଶୂର, ମଧ୍ୟପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ, ପଞ୍ଜାବ, ହରିଆନା, ରାଜସ୍ଥାନ, ଉତ୍ତର ପ୍ରଦେଶ ଓ ନାଗା ରାଜ୍ୟ ।

ନିମ୍ନଲିଖିତ ରାଜ୍ୟ କେନ୍ଦ୍ର ଶାସିତ ଅଞ୍ଚଳରୂପେ ଅଭିହିତ । ଯଥା ଦିଲ୍ଲୀ, ହିମାଚଳ ପ୍ରଦେଶ, ମଣିପୁର, ତ୍ରିପୁରା, ଆଣ୍ଡାମାନ-ନିକୋବର, ଲାକାଦିଭ ଓ ଅମିନ୍‌ଦିଭ-ମିନିକପ୍ ଦ୍ୱୀପପୁଞ୍ଜ, ଗୋଆ, ଚଣ୍ଡୀଗଡ଼, ଦାଦ୍ରା-ନଗର-ହାବେଲି ଓ ପଣ୍ଡିଚେରୀ । ଏତେଦିନେ ଭାରତୀୟ ରାଜ୍ୟମାନଙ୍କ ପୁନର୍ଗଠନ ବୈଜ୍ଞାନିକ ନୀତି ଉପରେ ପ୍ରତିଷ୍ଠିତ ହେଲା ବୋଲି ଭାରତ ସରକାରଙ୍କ ମତ ।

---

## ସଂଘ ଶାସନ

### ରାଷ୍ଟ୍ରପତି

ପ୍ରତ୍ୟେକ ଦେଶର ଶାସନତନ୍ତ୍ରରେ ତିନିଗୋଟି ଅଙ୍ଗ ଥାଏ, ଯଥା—ବିଧାୟକ, କାର୍ଯ୍ୟପାଳକ ଓ ନ୍ୟାୟପାଳକ । ବିଧାୟକ ଦାୟିତ୍ୱ ପାର୍ଲିମେଣ୍ଟ ହସ୍ତରେ ନ୍ୟସ୍ତ ଥାଏ । ଲୋକପ୍ରତିନିଧିମାନେ ପାର୍ଲିମେଣ୍ଟ ଗଠନ କରନ୍ତି । ଶାସନ ଦାୟିତ୍ୱ ଥାଏ ମନ୍ତ୍ରିମଣ୍ଡଳ ହାତରେ ।

ପାର୍ଲିମେଣ୍ଟର ସଂଖ୍ୟାଗରିଷ୍ଠ ଦଳ ସାଧାରଣତଃ ମନ୍ତ୍ରିମଣ୍ଡଳ ଗଠନ କରେ । ପ୍ରତ୍ୟେକ ରାଷ୍ଟ୍ରରେ ଜଣେ ସର୍ବୋଚ୍ଚ କର୍ତ୍ତା ଥାଆନ୍ତି । ତାଙ୍କୁ କେତେ ଦେଶରେ ରାଜା ବୋଲି କହନ୍ତି । ଅନ୍ୟ କେତେ ଦେଶରେ ରାଷ୍ଟ୍ରପତି ବୋଲି କହନ୍ତି । ତାଙ୍କ ନାମରେ ଶାସନ କାର୍ଯ୍ୟ ଚଳେ ସତ; କିନ୍ତୁ ଶାସନ କାର୍ଯ୍ୟ ଚଳାନ୍ତି ମନ୍ତ୍ରିମଣ୍ଡଳ । ନ୍ୟାୟ ପାଳନ ଦାୟିତ୍ୱ ବହନ କରନ୍ତି ନ୍ୟାୟାଳୟ ବା ଅଦାଲତମାନେ । ଆମ ଭାରତରେ ଏବଂ ପ୍ରତ୍ୟେକ ରାଜ୍ୟରେ ଏହିଭଳି ତିନିଗୋଟି ଅଙ୍ଗ ଅଛି । ଭାରତର ସର୍ବୋଚ୍ଚ ଶାସନକର୍ତ୍ତାଙ୍କୁ ରାଷ୍ଟ୍ରପତି ବା ପ୍ରେସିଡେଣ୍ଟ ବୋଲି କୁହାଯାଏ ।

**ରାଷ୍ଟ୍ରପତିଙ୍କ ପଦବୀ**—ଭାରତୀୟ ରାଷ୍ଟ୍ରପତି ନିର୍ବାଚିତ ହେବା ବ୍ୟବସ୍ଥା ରହିଛି । ସେ ଶାସନବିଭାଗର ମୁଖ୍ୟକର୍ତ୍ତା ଏବଂ ସୈନ୍ୟବିଭାଗର ସର୍ବଶ୍ରେଷ୍ଠ ପରିଚାଳକ । ତାଙ୍କର କାର୍ଯ୍ୟକାଳ ପାଞ୍ଚବର୍ଷ । ତତ୍ପୂର୍ବରୁ ସେ ଇସ୍ତଫା ଦାଖଲ କରିପାରନ୍ତି କିମ୍ବା କୌଣସି ଶାସନତାନ୍ତ୍ରିକ ଗର୍ହିତ କାର୍ଯ୍ୟ କଲେ, ପାର୍ଲିମେଣ୍ଟ ତାଙ୍କୁ ଅଭିଯୁକ୍ତ କରି କାର୍ଯ୍ୟଚ୍ୟୁତ କରିପାରନ୍ତି, ତା' ନ ହେଲେ ଅନ୍ୟ ଜଣେ ରାଷ୍ଟ୍ରପତି ନିର୍ବାଚିତ ହୋଇ କାର୍ଯ୍ୟଭାର ଗ୍ରହଣ କରିବା ପର୍ଯ୍ୟନ୍ତ ସେ ନିଜ ଦାୟିତ୍ୱ ତୁଲାନ୍ତି । ତାଙ୍କୁ ମାସିକ ଟ୧୦,୦୦୦ ବେତନ ମିଳେ । ସେ ଦିଲ୍ଲୀରେ ରାଷ୍ଟ୍ରପତିଭବନ ନାମକ ଗୋଟିଏ ସରକାରୀ ବାସଭବନରେ ରହନ୍ତି । ତାଙ୍କର ଗସ୍ତଖର୍ଚ୍ଚ ଓ ଅତିଥି ନିମନ୍ତ୍ରଣ ଇତ୍ୟାଦି ସମ୍ବନ୍ଧ ଖର୍ଚ୍ଚ ସରକାରୀ ଖଜଣାଖାନାରୁ ଯାଏ ।

**ରାଷ୍ଟ୍ରପତି ନିର୍ବାଚନ ପ୍ରଣାଳୀ**—ରାଷ୍ଟ୍ରପତି ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ । ପାର୍ଲିମେଣ୍ଟ ଓ ରାଜ୍ୟର ବିଧାନ ସଭାର ନିର୍ବାଚିତ ସଭ୍ୟମାନେ ରାଷ୍ଟ୍ରପତିଙ୍କୁ ନିର୍ବାଚନ କରନ୍ତି । ପ୍ରତ୍ୟେକ ରାଜ୍ୟର ଲୋକସଂଖ୍ୟାକୁ ନିଜ

ବିଧାନସଭାର ସଭ୍ୟ ସଂଖ୍ୟାରେ ଭାଗକଲେ ଭାଗଫଳ ଯାହା ହେବ, ସେଥିରୁ ପ୍ରତି ହଜାର ସଂଖ୍ୟା ଲାଗି ଗୋଟିଏ ଲେଖାଏ ଭୋଟ ଦେବାର ଅଧିକାର ସେହି ରାଜ୍ୟର ପ୍ରତି ବ୍ୟବସ୍ଥାପକଙ୍କୁ ମିଳିବ । ଉଦାହରଣସ୍ୱରୂପ—ଓଡ଼ିଶା ରାଜ୍ୟର ଲୋକସଂଖ୍ୟା ୧୭୫ ଲକ୍ଷ ଏବଂ ବ୍ୟବସ୍ଥାପକ ସଭ୍ୟଙ୍କ ସଂଖ୍ୟା ୧୪୦; ତେଣୁ ଲୋକସଂଖ୍ୟାକୁ ସଭ୍ୟସଂଖ୍ୟାରେ ଭାଗ କଲେ ଭାଗଫଳ ହେଲା ୧,୨୫,୦୦୦; ତେଣୁ ରାଷ୍ଟ୍ରପତି ନିର୍ବାଚନବେଳେ ଓଡ଼ିଶାର ପ୍ରତ୍ୟେକ ବ୍ୟବସ୍ଥାପକ ୧୨୫ଟି ଭୋଟ ଦେବେ । ସବୁ ରାଜ୍ୟର ବ୍ୟବସ୍ଥାପକ ସଭ୍ୟ ସର୍ବମୋଟ ଯେତିକି ଭୋଟ ଦେବେ, ସେ ସଂଖ୍ୟାକୁ ପାର୍ଲିମେଣ୍ଟର ଉଭୟ ପରିଷଦର ମୋଟ ସଭ୍ୟସଂଖ୍ୟାରେ ଭାଗକଲେ ଭାଗଫଳ ଯାହା ହେବ, ପ୍ରତ୍ୟେକ ପାର୍ଲିମେଣ୍ଟ ସଭ୍ୟ ରାଷ୍ଟ୍ରପତି ନିର୍ବାଚନରେ ସେତିକି ଭୋଟ ଦେବେ; ତେଣୁ ଭାରତୀୟ ରାଷ୍ଟ୍ରପତି ନିର୍ବାଚନରେ ଭାରତ ତଥା ରାଜ୍ୟର ଜନମତ ପ୍ରତିଫଳିତ ହେବା ସ୍ୱାଭାବିକ । ଭାରତୀୟ ସାଧାରଣତନ୍ତ୍ରର ପ୍ରଥମ ରାଷ୍ଟ୍ରପତି ୧୯୫୦ରେ କେବଳ ପାର୍ଲିମେଣ୍ଟ ଦ୍ୱାରାହିଁ ନିର୍ବାଚିତ ହୋଇଥିଲେ ।

ଯେ କୌଣସି ଭାରତୀୟ ୩୫ ବର୍ଷ ବୟସ୍କ ହୋଇଥିଲେ ଏବଂ ପାର୍ଲିମେଣ୍ଟର ଲୋକସଭାର ସଭ୍ୟ ହେବା ଯୋଗ୍ୟତା ଅର୍ଜନ କରିଥିଲେ, ରାଷ୍ଟ୍ରପତି ପଦପାଇଁ ପ୍ରାର୍ଥୀ ହୋଇପାରିବେ । ଜଣେ ରାଷ୍ଟ୍ରପତି ପଦପାଇଁ ଥରକୁ ଥର ପ୍ରାର୍ଥୀ ହେବାରେ କୌଣସି ପ୍ରତିବନ୍ଧକ ନାହିଁ ।

ରାଷ୍ଟ୍ରପତି ଶାସନତନ୍ତ୍ରର ବିରୁଦ୍ଧାଚରଣ କଲେ ପାର୍ଲିମେଣ୍ଟର ରାଜ୍ୟସଭା ବା ଲୋକସଭା ତାଙ୍କ ବିରୁଦ୍ଧରେ ଅଭିଯୋଗମୂଳକ ପ୍ରସ୍ତାବ କରିପାରିବେ । ଏ ପ୍ରସ୍ତାବଟିରେ ପରିଷଦ ସଭ୍ୟସଂଖ୍ୟାର ଅନ୍ତତଃ ଏକଚତୁର୍ଥାଂଶ ସଭ୍ୟ ସ୍ୱାକ୍ଷର କରିବେ ଏବଂ ପ୍ରସ୍ତାବ ଉକ୍ତ ପରିଷଦରେ

ଦ୍ୱିତୃତୀୟାଂଶ ସଭ୍ୟଙ୍କଦ୍ୱାରା ଗୃହୀତ ହେବ । ଯେ କୌଣସି ପରିଷଦ ପ୍ରସ୍ତାବ ଆଗତ କରି ପାରିବେ ଏବଂ ଉପଯୁକ୍ତ ପ୍ରଣାଳୀରେ ପ୍ରସ୍ତାବ ଗୃହୀତ ହେଲେ ଅପର ପରିଷଦ ପ୍ରସ୍ତାବରେ ଉଲ୍ଲେଖ ହୋଇଥିବା ଅଭିଯୋଗମାନ ତଦନ୍ତ କରିବେ ବା କରାଇବେ । ଏହି ତଦନ୍ତବେଳେ ରାଷ୍ଟ୍ରପତି ନିଜେ ବା ଜଣେ ପ୍ରତିନିଧିଙ୍କଦ୍ୱାରା ଅଭିଯୋଗର ଉତ୍ତର ଦେଇପାରିବେ । ତଦନ୍ତ ପରେ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଏବଂ ତଦନ୍ତ କରୁଥିବା ପରିଷଦ ନିଜ ସଭ୍ୟସଂଖ୍ୟାର ଅନ୍ୟୂନ ଦ୍ୱିତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ତାହା ଗ୍ରହଣ କରାଇଲେ, ରାଷ୍ଟ୍ରପତି ନିଜ କାର୍ଯ୍ୟରୁ ବହିଷ୍କୃତ ହେବେ ।

**ରାଷ୍ଟ୍ରପତିଙ୍କ କ୍ଷମତା**—ରାଷ୍ଟ୍ରପତିଙ୍କ କ୍ଷମତାକୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ଯଥା—କାର୍ଯ୍ୟପାଳିକା, ବିଧାୟିକା ଓ ନ୍ୟାୟପାଳିକା ।

(କ) **କାର୍ଯ୍ୟପାଳିକା କ୍ଷମତା**—ରାଷ୍ଟ୍ରପତି ଦେଶର ମୁଖ୍ୟ ଶାସକ । ତାଙ୍କ ନାମରେ ଦେଶର ଶାସନ ପରିଚାଳିତ ହୁଏ । ତାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ ଦେବାଲାଗି ସେ ଗୋଟିଏ ମନ୍ତ୍ରିମଣ୍ଡଳ ନିଯୁକ୍ତ କରନ୍ତି । ସେ ପ୍ରଧାନମନ୍ତ୍ରୀ ମନୋନୟନ କରନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ ସୁପାରିଶ ଅନୁସାରେ ଅନ୍ୟ ମନ୍ତ୍ରୀମାନେ ମନୋନୀତ ହୁଅନ୍ତି । ଶାସନର ପ୍ରତ୍ୟେକ ସ୍ତରରେ ମନ୍ତ୍ରିମଣ୍ଡଳ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦିଅନ୍ତି । ମନ୍ତ୍ରିପରିଷଦ ବୈଠକରେ ଯାହା ସବୁ ନିଷ୍ପତ୍ତି ହୁଏ, ପ୍ରଧାନମନ୍ତ୍ରୀ ସେ ସବୁ ସଙ୍ଗେ ସଙ୍ଗେ ରାଷ୍ଟ୍ରପତିଙ୍କୁ ଜଣାଇ ଦିଅନ୍ତି । ରାଷ୍ଟ୍ରପତି ଇଚ୍ଛାକଲେ ନିଜ ଇଚ୍ଛାରେ ଯେ କୌଣସି ପ୍ରସ୍ତାବ ମନ୍ତ୍ରିପରିଷଦର ବିଚାର ଲାଗି ପଠାଇପାରନ୍ତି । ଶାସନକାର୍ଯ୍ୟ ପରିଚାଳନା କରିବା ଲାଗି ନିର୍ଦ୍ଦିଷ୍ଟ ନିୟମାବଳୀ ପ୍ରଣୟନ ଦାୟିତ୍ୱ ତାଙ୍କ ହସ୍ତରେ ନ୍ୟସ୍ତ । ଏହା ବ୍ୟତୀତ ରାଷ୍ଟ୍ରପତିଙ୍କର ଅନେକ ଅସାଧାରଣ କ୍ଷମତା ଅଛି ।

ଦେଶରେ ଯୁଦ୍ଧ ଲାଗିଲେ, ବାହ୍ୟ ଶତ୍ରୁ ଆକ୍ରମଣ କଲେ ବା ଅନ୍ତର୍ବିପ୍ଳବ ହେଲେ ବା ହେବାର ଆଶଙ୍କା ଥିଲେ ସେ ଉକ୍ତ କ୍ଷମତା ପ୍ରୟୋଗ କରି ଜାତୀୟ ବିପଦ ଘୋଷଣା କରିପାରନ୍ତି; ଏହା ଦୁଇ-ମାସ ପର୍ଯ୍ୟନ୍ତ ଚାଲୁ ରହେ । ପାର୍ଲିମେଣ୍ଟ ଅନୁମୋଦନ କଲେ ଏହାର ପରମାୟୁ ଅନିର୍ଦ୍ଦିଷ୍ଟ । ୧୯୬୨ରେ ଚୀନ ଆକ୍ରମଣ ବେଳେ ରାଷ୍ଟ୍ରପତି ଏଭଳି ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରିଥିଲେ ଏବଂ ତାହା ୧୯୬୮ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । କୌଣସି ରାଜ୍ୟରେ ବୈଧାନିକ ଶାସନ ଚାଲୁ ରହିବା ଅସମ୍ଭବ ମନେହେଲେ କ୍ଷମତା ପ୍ରୟୋଗ କରିବା ପୂର୍ବରୁ ସେ ଜରୁରୀ ପରିସ୍ଥିତି ଉପୁଜିଲା ବୋଲି ଗୋଟିଏ ଘୋଷଣା ଜାରି କରିବେ ଏବଂ ତତ୍ପରେ ରାଜ୍ୟସରକାରଙ୍କ ସମସ୍ତ ଦାୟିତ୍ୱ କେନ୍ଦ୍ରସରକାର ଓ ପାର୍ଲିମେଣ୍ଟ ହାତକୁ ଚାଲିଆସିବ । ଏ ପରିସ୍ଥିତିରେ ରାଜ୍ୟ ସରକାର ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶାନୁସାରେ ପରିଚାଳିତ ହେବେ । କୌଣସି ରାଜ୍ୟର ଲାଟ ବା ରାଜ୍ୟପାଳ ନିଜ ରାଜ୍ୟଶାସନ ବିଧାନାନୁରୂପ ହୋଇ ପାରିବ ନାହିଁ ବୋଲି ସମ୍ବାଦ ଦେଲେ ରାଷ୍ଟ୍ରପତି ସେ ରାଜ୍ୟର ଶାସନ ଦାୟିତ୍ୱ ନିଜ ହାତକୁ ନେବେ । ଏ କ୍ଷମତା ଦୁଇମାସ ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ଇତିମଧ୍ୟରେ ପାର୍ଲିମେଣ୍ଟ ତାଙ୍କ କାର୍ଯ୍ୟକୁ ଅନୁମୋଦନ କରି ପ୍ରସ୍ତାବ ଗ୍ରହଣ କଲେ, ତାହା ପରକୁ ଛମାସ ପର୍ଯ୍ୟନ୍ତ କାଏମ ରହି ତିନିବର୍ଷ ପର୍ଯ୍ୟନ୍ତ ଚାଲିପାରିବ । ୧୯୬୧ରେ ରାଷ୍ଟ୍ରପତି ଏହି ପ୍ରଣାଳୀରେ ଓଡ଼ିଶାର ଶାସନଦାୟିତ୍ୱ ନିଜ ହାତକୁ ନେଇଥିଲେ । ଚାରିମାସ ପରେ ତାହା ପ୍ରତ୍ୟାହୃତ ହୋଇଥିଲା । ଦେଶରେ ଆର୍ଥିକ ଦୁଃସ୍ଥିତି ଉପସ୍ଥିତ ହେଲେ ବି ରାଷ୍ଟ୍ରପତି ତାଙ୍କ ଅସାଧାରଣ କ୍ଷମତା ପ୍ରୟୋଗ କରିପାରିବେ ।

ରାଷ୍ଟ୍ରପତି କ୍ଷମତାଭିଳାଷୀ ହୋଇଥିଲେ ସେ ଏହି ସାଧାରଣ କ୍ଷମତା ପ୍ରୟୋଗ କରି ଶାସନବିଧାନ ଅଚଳ କରିପାରିବେ; କିନ୍ତୁ ବିଧାନଗର୍ହିତ କାର୍ଯ୍ୟ କଲେ ପାର୍ଲିମେଣ୍ଟ ତାଙ୍କୁ ଅଭିଯୁକ୍ତ କରି କାର୍ଯ୍ୟଚ୍ୟୁତ କରିବା ବ୍ୟବସ୍ଥା ଥିବାରୁ ରାଷ୍ଟ୍ରପତି ଦୁଃସାହସିକ ହେବା ସମ୍ଭାବନା ଖୁବ୍ କମ୍। ରାଜ୍ୟର ରାଜ୍ୟପାଳଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରନ୍ତି ଏବଂ ସେମାନଙ୍କ ଜରିଆରେ ସେ ରାଜ୍ୟ ଶାସନ ଉପରେ ଦୃଷ୍ଟି ରଖନ୍ତି। ସେ ମଧ୍ୟ ସବୁ ଶ୍ରେଣୀର ସାମରିକ ଓ ବେସାମରିକ ଅଧିକାରୀଙ୍କୁ ନିଯୁକ୍ତ କରନ୍ତି।

(ଖ) **ବିଧାୟିକା କ୍ଷମତା**—ରାଷ୍ଟ୍ରପତି ପାର୍ଲିମେଣ୍ଟର ଅଂଶବିଶେଷ; ସେ ମଧ୍ୟ ଏହାର ସଦ୍ୱୋଚ୍ଚ କର୍ତ୍ତା। ସେ ରାଜ୍ୟ-ସଭା ପାଇଁ ୧୨ ଜଣ ସଭ୍ୟ ମନୋନୟନ କରନ୍ତି। ପାର୍ଲିମେଣ୍ଟ ଅଧିବେଶନ ଆହ୍ୱାନ କରିବା, ଅନିର୍ଦ୍ଦିଷ୍ଟକାଳପାଇଁ ପାର୍ଲିମେଣ୍ଟ ଅଧିବେଶନ ସ୍ଥଗିତ ରଖିବା ଏବଂ ଦରକାର ହେଲେ ଲୋକସଭାକୁ ଭାଙ୍ଗି ନୂଆ ନିର୍ବାଚନ ଲାଗି ହୁକୁମ ଦେବା କ୍ଷମତା ରାଷ୍ଟ୍ରପତିଙ୍କଠାରେ ନ୍ୟସ୍ତ। ପ୍ରତ୍ୟେକ ନୂତନ ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ପାର୍ଲିମେଣ୍ଟର ଉଭୟ ପରିଷଦର ମିଳିତ ବୈଠକରେ ଭାଷଣ ଦିଅନ୍ତି ଏବଂ ଉକ୍ତ ଭାଷଣରେ ସରକାରଙ୍କ କାର୍ଯ୍ୟାବଳୀ ଆଲୋଚନା କରି ଭବିଷ୍ୟତ୍ କର୍ମପନ୍ଥାର ସୂଚନା ଦିଅନ୍ତି। ଉକ୍ତ ଭାଷଣ ମନ୍ତ୍ରିମଣ୍ଡଳ ପ୍ରସ୍ତୁତ କରନ୍ତି, ରାଷ୍ଟ୍ରପତି କେବଳ ପଢ଼ିଦିଅନ୍ତି। ଏଥିରେ ମନ୍ତ୍ରିମଣ୍ଡଳର କାର୍ଯ୍ୟକଳାପର ସୂଚନା ଦିଆ ହୋଇଥିବାରୁ ତାହା ପାର୍ଲିମେଣ୍ଟରେ ଆଲୋଚିତ ହୁଏ। ପାର୍ଲିମେଣ୍ଟର କୌଣସି ସଭ୍ୟଙ୍କ ନିର୍ବାଚନ ନିର୍ଦ୍ଦିଷ୍ଟ ଦୋଷଯୁକ୍ତ ହୋଇଥିବା ସନ୍ଦେହ ହେଲେ, ତାହା ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱୀକୃତ ହୁଏ ଏବଂ

ସେ ସଭ୍ୟଙ୍କୁ ଦୋଷଯୁକ୍ତ ବୋଲି ଘୋଷଣା କଲେ, ତାଙ୍କ ସଭ୍ୟପଦ ଖାରଜ ହୋଇଯାଏ । ପ୍ରତ୍ୟେକ ଆଇନରଚିଠା ବା ବିଧେୟକ ପାର୍ଲିମେଣ୍ଟର ଉଭୟ ପରିଷଦରେ ସମାନଭାବରେ ଆଲୋଚିତ ହୋଇ ଗୃହୀତ ହେବା ବ୍ୟବସ୍ଥା ସମ୍ବିଧାନରେ ଅଛି । କୌଣସି ଚିଠା ବା ସଂଶୋଧନ ପ୍ରସ୍ତାବ ସମ୍ବନ୍ଧରେ ଲୋକସଭା ଓ ରାଜ୍ୟସଭା ମଧ୍ୟରେ ମତଦ୍ୱୈଧ ହେଲେ ଏବଂ ଯେ କୌଣସି ଗୋଟିଏ ପରିଷଦ ତାହା ଗ୍ରହଣ କରିବା ପରେ ଛଅମାସ ବିତିଯାଇଥିଲେ, ରାଷ୍ଟ୍ରପତି ଉଭୟ ପରିଷଦର ମିଳିତ ବୈଠକ ଆହ୍ୱାନ କରି ଉକ୍ତ ବିବାଦୀୟ ଚିଠା ବା ପ୍ରସ୍ତାବକୁ ଆଲୋଚିତ କରାଇ ନିଅନ୍ତି ଏବଂ ଏହା ମିଳିତ ବୈଠକରେ ସଂଖ୍ୟାଧିକ ଭୋଟରେ ଗୃହୀତ ହେଲେ ପ୍ରତ୍ୟେକ ପରିଷଦଦ୍ୱାରା ତାହା ସ୍ୱତନ୍ତ୍ରଭାବରେ ଗୃହୀତ ହେଲା ବୋଲି ଗ୍ରହଣ କରାଯାଏ । ୧୯୬୩ରେ ଯୌତୁକ ଆଇନ ସମ୍ପର୍କରେ ଏପରି ମିଳିତ ବୈଠକ ହୋଇଥିଲା । ଯେ କୌଣସି ବିଧେୟକ ପାର୍ଲିମେଣ୍ଟର ପ୍ରତ୍ୟେକ ପରିଷଦ ଦ୍ୱାରା ସମାନ ଆକାରରେ ଗୃହୀତ ହେଲେ ତାହା ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭକରି ଆଇନରେ ପରିଣତ ହୁଏ । ରାଷ୍ଟ୍ରପତିଙ୍କ ପାଖକୁ ପ୍ରେରିତ ଚିଠାକୁ ସେ ସ୍ୱୀକୃତି ଦିଅନ୍ତି ବା ଅଗ୍ରାହ୍ୟ କରନ୍ତି । ତା ନ ହେଲେ ସେ ନିର୍ଦ୍ଦିଷ୍ଟ ସଂଶୋଧନ ପ୍ରସ୍ତାବର ସୂଚନା ଦେଇ ଗୋଟିଏ ବାର୍ତ୍ତାସହ ଚିଠାକୁ ପାର୍ଲିମେଣ୍ଟକୁ ଫେରାଇ ଦିଅନ୍ତି । ଯଦି ପାର୍ଲିମେଣ୍ଟ ଫେରସ୍ତ ଆସିଥିବା ଚିଠାକୁ ସୂଚିତ ସଂଶୋଧନ ସହିତ ବା ସଂଶୋଧନ ବ୍ୟତୀତ ପୁନର୍ବାର ଗ୍ରହଣ କରନ୍ତି, ତେବେ ରାଷ୍ଟ୍ରପତି ଉକ୍ତ ଚିଠାକୁ ଗ୍ରହଣ କରିବାକୁ ବାଧ୍ୟ । ଏଭଳି ଚିଠାକୁ ସ୍ୱୀକୃତି ନ ଦେବା କ୍ଷମତା ରାଷ୍ଟ୍ରପତିଙ୍କର ନାହିଁ ।

ଆର୍ଥିକ ପରିସରରେ ରାଷ୍ଟ୍ରପତିଙ୍କର ପ୍ରଭୂତ କ୍ଷମତା ଅଛି । ଆର୍ଥିକ ବର୍ଷ ଅପ୍ରେଲ ପହିଲାଠାରୁ ଆରମ୍ଭ ହୁଏ । ତତ୍ପୂର୍ବରୁ

ଆଗାମୀ ସାଲର ବଜେଟ ବା ଆୟବ୍ୟୟ ଅଟକଳ ପାର୍ଲିମେଣ୍ଟ ସମ୍ମୁଖରେ ଉପସ୍ଥାପିତ କରାଇ ଗୃହୀତ କରାଇନେବା ଦାୟିତ୍ୱ ରାଷ୍ଟ୍ରପତିଙ୍କର । ଅର୍ଥମନ୍ତ୍ରୀ ଅବଶ୍ୟ ରାଷ୍ଟ୍ରପତିଙ୍କ ତରଫରୁ ବଜେଟ ଉପସ୍ଥାପିତ କରନ୍ତି । ବର୍ଷଶେଷ ସମୟକୁ ଅତିରିକ୍ତ ଆୟବ୍ୟୟ ହିସାବ ଠିକ୍ ମୂଳ ବଜେଟ ଭଳି ଉପସ୍ଥାପିତ ହୋଇ ଆଲୋଚିତ ହେବା ବ୍ୟବସ୍ଥା କରିବା ଲାଗି ରାଷ୍ଟ୍ରପତିଙ୍କୁ କ୍ଷମତା ଦିଆହୋଇଛି ।

ଜରୁରୀ ପରିସ୍ଥିତି ଉପୁଜିଲେ ଏବଂ ସେତେବେଳେ ପାର୍ଲିମେଣ୍ଟର ବୈଠକ ହେଉ ନ ଥିଲେ, ରାଷ୍ଟ୍ରପତି ନିଜ ଦାୟିତ୍ୱରେ ଅଧ୍ୟାଦେଶ ବା ଅର୍ଡିନାନ୍ସ ଜାରୀ କରିପାରନ୍ତି । ପାର୍ଲିମେଣ୍ଟର ଅଧିବେଶନ ଆରମ୍ଭ ହେବା ଦିନଠାରୁ ଛଅ ସପ୍ତାହ ପର୍ଯ୍ୟନ୍ତ ଉକ୍ତ ଜରୁରୀ ଆଇନ ବଳବତ୍ତର ରହିବ । ଏହି ଛଅ ସପ୍ତାହ ମଧ୍ୟରେ ପାର୍ଲିମେଣ୍ଟର ପ୍ରତ୍ୟେକ ପରିଷଦ ଉକ୍ତ ଜରୁରୀ ଆଇନକୁ ଅନୁମୋଦନ କରି ପ୍ରସ୍ତାବ ଗ୍ରହଣ କଲେ ତାହା ସାଧାରଣ ଆଇନରେ ପରିଣତ ହୁଏ ଏବଂ ପ୍ରତ୍ୟାହୃତ ନ ହେବା ପର୍ଯ୍ୟନ୍ତ ବଳବତ୍ତର ରହେ । ପାର୍ଲିମେଣ୍ଟର ବୈଠକ ସବୁଦିନ ଚାଲୁ ରହିବା ସମ୍ଭାବନା ନ ଥିବାରୁ ରାଷ୍ଟ୍ରପତିଙ୍କୁ ଉକ୍ତ କ୍ଷମତା ପ୍ରଦତ୍ତ ହୋଇଛି । ପ୍ରତ୍ୟେକ ଦେଶର ରାଷ୍ଟ୍ରପତିଙ୍କ ହାତରେ ଏଭଳି କ୍ଷମତା ଥାଏ । ଅଧ୍ୟାଦେଶ ଜାରୀ କରିବା ଲାଗି ମନ୍ତ୍ରିମଣ୍ଡଳର ପରାମର୍ଶ ଆବଶ୍ୟକ ।

(ଗ) **ନ୍ୟାୟପାଳିକା କ୍ଷମତା**—ରାଷ୍ଟ୍ରପତି ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ହୋଇଥିବାରୁ କେନ୍ଦ୍ରୀୟ ଆଇନଭଙ୍ଗ ଦୋଷରେ ଅଭିଯୁକ୍ତ ହୋଇ ଦଣ୍ଡ ପାଇଥିବା ଏବଂ ରାଜ୍ୟମାନଙ୍କରେ ପ୍ରାଣଦଣ୍ଡ ପାଇବା ଲାଗି ଆଦେଶ ପାଇଥିବା ଯେ କୌଣସି ବ୍ୟକ୍ତିକୁ କ୍ଷମା ଦେଇପାରିବେ । ସୁପ୍ରିମ କୋର୍ଟ ବା ଉଚ୍ଚତମ ନ୍ୟାୟାଳୟ

ଓ ରାଜ୍ୟର ହାଇକୋର୍ଟ ବା ଉଚ୍ଚ ନ୍ୟାୟାଳୟର ନିୟାମକ । ଉଭୟ ଅଦାଲତର ବିଚାରପତିମାନଙ୍କୁ ସେ ମୁକରର କରନ୍ତି । କେବଳ ସୁପ୍ରିମକୋର୍ଟର ଅଧସ୍ତନ ବିଚାରପତିମାନଙ୍କୁ ନିଯୁକ୍ତ କଲାବେଳେ ସେ ଅଦାଲତର ପ୍ରଧାନ ବିଚାରପତିଙ୍କ ସଙ୍ଗେ ଏବଂ ରାଜ୍ୟ ହାଇକୋର୍ଟର ଅଧସ୍ତନ ବିଚାରପତିମାନଙ୍କୁ ମୁକରର କଲାବେଳେ ଉକ୍ତ ରାଜ୍ୟର ରାଜ୍ୟପାଳ ଓ ପ୍ରଧାନ ବିଚାରପତିଙ୍କ ସଙ୍ଗେ ପରାମର୍ଶ କରନ୍ତି । କୌଣସି ବିଚାରପତିଙ୍କୁ କାର୍ଯ୍ୟରୁ ବହିଷ୍କୃତ କରିବାଲାଗି ପାର୍ଲିମେଣ୍ଟ ଠାରୁ ମିଳିତ ଆବେଦନ ପାଇଲେ ରାଷ୍ଟ୍ରପତି ତାଙ୍କୁ କାର୍ଯ୍ୟଚ୍ୟୁତ କରି ପାରିବେ । ସୁପ୍ରିମ କୋର୍ଟ ଲାଗି ଅସ୍ଥାୟୀ ବିଚାରପତି ବା ପେନ୍‌ସନ୍-ପ୍ରାପ୍ତ ବିଚାରପତିଙ୍କୁ ନିଯୁକ୍ତ କରିବା ଆବଶ୍ୟକ ହେଲେ, ସେଥିପାଇଁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଦରକାର ହେବ । ଉକ୍ତ ବ୍ୟବସ୍ଥା ରାଜ୍ୟର ହାଇକୋର୍ଟମାନଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ । ପୁନଶ୍ଚ ହାଇକୋର୍ଟର ବିଚାରପତିଙ୍କୁ ରାଜ୍ୟରୁ ରାଜ୍ୟାନ୍ତରକୁ ବଦଳି କରିବା କ୍ଷମତା ରାଷ୍ଟ୍ରପତିଙ୍କ ହସ୍ତରେ ନ୍ୟସ୍ତ ।

ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରର ସର୍ବୋଚ୍ଚ ଅଧିନାୟକ ଭାବରେ ପ୍ରଭୂତ କ୍ଷମତା ଅର୍ପିତ ହୋଇଛି । ବିଧାୟିକା, କାର୍ଯ୍ୟପାଳିକା ଓ ନ୍ୟାୟ-ପାଳିକା କ୍ଷମତା ବ୍ୟତୀତ ଅସାଧାରଣ କ୍ଷମତା ରାଷ୍ଟ୍ରପତିଙ୍କୁ ଅତୀବ କ୍ଷମତାଶାଳୀ କରିଛି । ଗଣତାନ୍ତ୍ରିକ ନୀତି ଅନୁସାରେ ସବୁବିଧ ଶାସନତାନ୍ତ୍ରିକ କର୍ତ୍ତବ୍ୟ ସମ୍ପାଦନରେ ମନ୍ତ୍ରିମଣ୍ଡଳ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବାର କଥା, ଆଲୋଚନାବେଳେ ବିଧାନର ପ୍ରଣେତା-ମାନେ ମଧ୍ୟ ଏହିଭଳି ଆଶା ପ୍ରକାଶ କରିଥିଲେ; କିନ୍ତୁ ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱ ଓ ବ୍ୟକ୍ତିଗତ ଅଭିମତ ବହୁପରିମାଣରେ ଉକ୍ତ ଗଣ-ତାନ୍ତ୍ରିକ ନୀତିକୁ ନିୟନ୍ତ୍ରିତ କରିବ । ସେ କ୍ଷମତାଲୋଲୁପୀ ହୋଇଥିଲେ

ଅନାୟାସରେ ମନ୍ତ୍ରିମଣ୍ଡଳକୁ ଉପେକ୍ଷା କରି ଚଳିପାରିବେ । ସେତେବେଳେ ବୈଧାନିକ ଶାସନ ଶାସକର ବ୍ୟକ୍ତିତ୍ୱ ଉପରେ ପୂର୍ଣ୍ଣଭାବରେ ନିର୍ଭର କରିବ । ପୃଥିବୀ ଇତିହାସରେ ଏହିପରି ଦୃଷ୍ଟାନ୍ତ ଦେଖାଯାଇଛି ।

## ସଂଘ ମନ୍ତ୍ରିମଣ୍ଡଳ

କେନ୍ଦ୍ରଶାସନ ପ୍ରକୃତରେ ମନ୍ତ୍ରିମଣ୍ଡଳ ହସ୍ତରେ ନ୍ୟସ୍ତ ରହିବ ବୋଲି ସଂବିଧାନରେ ବ୍ୟବସ୍ଥା ଅଛି । ରାଷ୍ଟ୍ରପତିଙ୍କ ନାମରେ ଶାସନ ପରିଚାଳିତ ହେଉଥିଲେହେଁ ମନ୍ତ୍ରୀମାନେ ହିଁ ପ୍ରତ୍ୟେକ କ୍ଷେତ୍ରରେ ଶାସନ ଦାୟିତ୍ୱ ବହନ କରନ୍ତି । ସେମାନଙ୍କ ମତାନୁଯାୟୀ ଶାସନ କାର୍ଯ୍ୟ ନିର୍ବାହିତ ହୁଏ । ରାଷ୍ଟ୍ରପତି ସେମାନଙ୍କ ସଙ୍ଗେ ପରାମର୍ଶ ନ କରି ବ୍ୟକ୍ତିଗତ ଦାୟିତ୍ୱରେ ଶାସନ କାର୍ଯ୍ୟ ଚଳାଇ ନେବା ଉଚିତ ହେବ ନାହିଁ । ସଂଘର ଦାୟିତ୍ୱସମ୍ପନ୍ନ ମନ୍ତ୍ରିମଣ୍ଡଳ ଶାସନ ଏହି ସଂବିଧାନରେ ପ୍ରଥମ ଥର ପାଇଁ ପ୍ରବର୍ତ୍ତିତ ହେଲା ।

**ମନ୍ତ୍ରିମଣ୍ଡଳର ନିଯୁକ୍ତି** – ସଂବିଧାନାନୁଯାୟୀ ରାଷ୍ଟ୍ରପତି ମନ୍ତ୍ରୀମାନଙ୍କୁ ନିଯୁକ୍ତ କରନ୍ତି । ପ୍ରଧାନମନ୍ତ୍ରୀଙ୍କୁ ସେ ନିଜ ଇଚ୍ଛାନୁସାରେ ମନୋନୟନ କରନ୍ତି । ଅନ୍ୟମାନଙ୍କ ନିଯୁକ୍ତି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ହୁଏ । ଏହାହିଁ ବୈଧାନିକ ବ୍ୟବସ୍ଥା । ଏତଦ୍‌ଭିନ୍ନ ଗଣତାନ୍ତ୍ରିକ ନୀତି ଅନୁଯାୟୀ ପାର୍ଲିମେଣ୍ଟର ଲୋକସଭାରେ ଥିବା ସଂଖ୍ୟାଗରିଷ୍ଠ ଦଳ ମନ୍ତ୍ରିମଣ୍ଡଳ ଗଠନ କରନ୍ତି । କୌଣସି ଗୋଟିଏ ଦଳ ଲୋକସଭାର ଅର୍ଦ୍ଧାଧିକ ସଭ୍ୟପଦ ଅଧିକାର କରି ନ ଥିଲେ ଗୋଟିଏ ମିଳିତ ଦଳ ଗଠିତ ହେବ କିମ୍ବା

ସଂଖ୍ୟାଧିକ ଦଳବିଶେଷର ଦଳପତିଙ୍କୁ ଅନ୍ୟଦଳଙ୍କ ସଙ୍ଗେ ମିଶି ମିଳିତ ଦଳଟିଏ ଗଠନ କରି ଅର୍ଦ୍ଧାଧିକ ସଭ୍ୟଙ୍କ ସମର୍ଥନ ନେବାକୁ ରାଷ୍ଟ୍ରପତି କହିବେ । ଜଣେ ଦଳପତି ଅର୍ଦ୍ଧାଧିକ ସଭ୍ୟଙ୍କ ସମର୍ଥନ ଯୋଗାଡ଼ ନ କରି ପ୍ରଧାନମନ୍ତ୍ରୀ ଭାବରେ ମନ୍ତ୍ରିମଣ୍ଡଳ ଗଢ଼ିଲେ; ତାଙ୍କ ମନ୍ତ୍ରିମଣ୍ଡଳ ଦୀର୍ଘକାଳସ୍ଥାୟୀ ହେବାର ସମ୍ଭାବନା ନାହିଁ; କାରଣ ତାହାହେଲେ ବିପକ୍ଷଦଳର ସଭ୍ୟମାନେ ଏକଯୁଟ ହୋଇ ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣି ମନ୍ତ୍ରିମଣ୍ଡଳ ଭିତରେ ଅଚଳ ଅବସ୍ଥା ସୃଷ୍ଟି କରାଇବେ । ମନ୍ତ୍ରିମଣ୍ଡଳ ନିଜ କାର୍ଯ୍ୟ-ଲାଗି ପାର୍ଲିମେଣ୍ଟ ପାଖରେ କୈଫିୟତ୍ ଦିଅନ୍ତି ଓ ଦାୟୀ ରହନ୍ତି । ସଂବିଧାନରେ ସେମାନଙ୍କ ମିଳିତ ଦାୟିତ୍ୱର ବ୍ୟବସ୍ଥା ଅଛି । କୌଣସି ମନ୍ତ୍ରୀଙ୍କର ବ୍ୟକ୍ତିଗତ ଦାୟିତ୍ୱ ବ୍ୟବସ୍ଥା ନାହିଁ; ତେଣୁ ମନ୍ତ୍ରିମଣ୍ଡଳର କାର୍ଯ୍ୟ ଅସନ୍ତୋଷଜନକ ହେଲେ ଲୋକସଭା ସେମାନଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରିପାରିବ ଏବଂ ଏ ପ୍ରସ୍ତାବ ଗୃହୀତ ହେବାମାତ୍ରକେ ମନ୍ତ୍ରିମଣ୍ଡଳ ଇସ୍ତଫା ଦେବେ । ଏହାହିଁ ଲୋକପ୍ରତିନିଧି ଶାସନର ମୂଳମନ୍ତ୍ର । ଦେଶର ଲୋକେ ପାର୍ଲିମେଣ୍ଟର ସଭ୍ୟମାନଙ୍କୁ ନିର୍ବାଚନ କରନ୍ତି । ଏହି ଲୋକପ୍ରତିନିଧିମାନଙ୍କ ମଧ୍ୟରୁ ମନ୍ତ୍ରୀମାନେ ମନୋନୀତ ହୁଅନ୍ତି । ଶାସନଗତ ସୁବିଧା ଦୃଷ୍ଟିରୁ ସଂଖ୍ୟାଗରିଷ୍ଠ ଦଳର ସଭ୍ୟମାନେ ମନ୍ତ୍ରିମଣ୍ଡଳ ଗଠନ କରନ୍ତି; କିନ୍ତୁ ମନ୍ତ୍ରିମଣ୍ଡଳ କେବଳ ନିଜ ଦଳର ନୁହେଁ, ସମଗ୍ର ଲୋକସଭାର ବିଶ୍ୱାସଭାଜନ ହେବା କଥା । ସେହିହେତୁ ଲୋକସଭାର ଆସ୍ଥା ଓ ଅନାସ୍ଥା ଉପରେ ମନ୍ତ୍ରିମଣ୍ଡଳର ସ୍ଥାୟିତ୍ୱ ନିର୍ଭର କରେ ଏବଂ ପାର୍ଲିମେଣ୍ଟର ସଭ୍ୟ ନ ଥିବା କୌଣସି ବ୍ୟକ୍ତି ଛଅମାସରୁ ଅଧିକ କାଳ ମନ୍ତ୍ରୀପଦ ମଣ୍ଡନ କରିପାରିବେ ନାହିଁ ।

**ମନ୍ତ୍ରିମଣ୍ଡଳ ଓ ରାଷ୍ଟ୍ରପତି**—ମନ୍ତ୍ରିମଣ୍ଡଳ ଯେତେ କ୍ଷମତା ଉପଭୋଗ କଲେ ବି ସଂବିଧାନାନୁଯାୟୀ ସେମାନେ ରାଷ୍ଟ୍ରପତିଙ୍କ ପରାମର୍ଶଦାତା । ରାଷ୍ଟ୍ରପତି ରାଷ୍ଟ୍ରୀୟ ଶାସନର ମୂର୍ତ୍ତିମନ୍ତ ପ୍ରତୀକ, ଶାସନ ତାଙ୍କର ନାମରେ ଚଳେ ।

ମନ୍ତ୍ରୀମାନେ ତାଙ୍କୁ ପରାମର୍ଶ ଦେଇ ତାଙ୍କ ନାମରେ ଶାସନ ଦାୟିତ୍ୱ ତୁଲାଇ ନଅନ୍ତି । ସେଥିପାଇଁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ଓ ତାଙ୍କ ପରାମର୍ଶ ଅନୁସାରେ ଅନ୍ୟାନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରନ୍ତି । ରାଷ୍ଟ୍ରପତିଙ୍କ ଇଚ୍ଛା ଉପରେ ମନ୍ତ୍ରୀଙ୍କ କାର୍ଯ୍ୟକାଳ ନିର୍ଭର କରେ । ରାଷ୍ଟ୍ରପତି ଇଚ୍ଛାକଲେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ଯେ କୌଣସି ମନ୍ତ୍ରୀଙ୍କୁ କାର୍ଯ୍ୟଚ୍ୟୁତ କରି ପାରିବେ । ରାଷ୍ଟ୍ରପତି ଲୋକସଭାକୁ ଭାଙ୍ଗି ନୂଆ ନିର୍ବାଚନ ଲାଗି ହୁକୁମ ଦେଲେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ବି ଶେଷ ହୋଇଯିବ ଏବଂ ନିର୍ବାଚନ ପରେ ନବଗଠିତ ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କ ଦଳ ସଂଖ୍ୟାଗରିଷ୍ଠ ନ ହୋଇପାରିଲେ ଗାଦିରେ ଥିବା ପ୍ରଧାନମନ୍ତ୍ରୀ ଇସ୍ତଫା ଦେବେ ଏବଂ ସଂଖ୍ୟାଗରିଷ୍ଠ ନୂତନ ଦଳର ଦଳପତି ମନ୍ତ୍ରିମଣ୍ଡଳ ଗଠନ କରିବେ । ଲୋକସଭା ଭାଙ୍ଗିବାବେଳେ ବି ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଲୋଡ଼ିପାରନ୍ତି; କିନ୍ତୁ ଏ ପରାମର୍ଶ ବାଧ୍ୟତାମୂଳକ ନୁହେଁ । ଅବଶ୍ୟ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକୁ ଉପେକ୍ଷା କଲେ ନାନାବିଧ ଶାସନତାନ୍ତ୍ରିକ ଜଟିଳତା ସୃଷ୍ଟି ହୋଇପାରେ; କିନ୍ତୁ କେହି ରାଷ୍ଟ୍ରପତିଙ୍କୁ ସଂବିଧାନ-ଗର୍ହିତ କାର୍ଯ୍ୟ କଲେ ବୋଲି ଅଭିଯୁକ୍ତ କରିପାରିବେ ନାହିଁ ।

ମନ୍ତ୍ରୀମାନେ ଶାସନଭାର ଗ୍ରହଣ କରିବା ପୂର୍ବରୁ ରାଷ୍ଟ୍ରପତିଙ୍କ ପାଖରେ ଶପଥ ଗ୍ରହଣ କରନ୍ତି ଯେ, ସେମାନେ ସଂବିଧାନାନୁଯାୟୀ

ଶାସନ ପରିଚାଳନା କରିବେ ଏବଂ ସରକାରୀ ଦପ୍ତରର କୌଣସି ଗୁପ୍ତ ସମ୍ବାଦ ବାହାରେ ପ୍ରକାଶ କରିବେ ନାହିଁ । ସେମାନେ କେଉଁ ପ୍ରଣାଳୀରେ ଶାସନ ଚଳାଇବେ, ସେ ବିଷୟରେ ନିୟମାବଳୀ ରାଷ୍ଟ୍ରପତି ପ୍ରଣୟନ କରିଛନ୍ତି । ମନ୍ତ୍ରିମଣ୍ଡଳ ବୈଠକରେ ପ୍ରଧାନମନ୍ତ୍ରୀ ସଭାପତି ହୁଅନ୍ତି ଏବଂ ସମସ୍ତ ନିଷ୍ପତ୍ତି ନିଜେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଜଣାଇ ଦିଅନ୍ତି । ରାଷ୍ଟ୍ରପତି ଅନ୍ୟ କୌଣସି ସମସ୍ୟା ସମ୍ବନ୍ଧରେ ଜାଣିବାକୁ ଚାହିଁଲେ ତାଙ୍କୁ ସର୍ବବିଧ ସମ୍ବାଦ ଯୋଗାଇ ଦେବା ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ । ରାଷ୍ଟ୍ରପତି ମଧ୍ୟ ଅନ୍ୟାନ୍ୟ ମନ୍ତ୍ରୀମାନଙ୍କୁ ସାକ୍ଷାତ କରିପାରିବେ ଏବଂ କୌଣସି ଜଣେ ମନ୍ତ୍ରୀଙ୍କ ନିଷ୍ପତ୍ତି ଗୁରୁତର ବିବେଚିତ ହେଲେ ପ୍ରଧାନମନ୍ତ୍ରୀଙ୍କ ଜରିଆରେ ରାଷ୍ଟ୍ରପତି ତାହାକୁ ମନ୍ତ୍ରିମଣ୍ଡଳ ବୈଠକରେ ଆଲୋଚିତ କରାଇ ପାରିବେ । ରାଷ୍ଟ୍ରପତି ମନେକଲେ ମନ୍ତ୍ରିମଣ୍ଡଳକୁ ଓ ମନ୍ତ୍ରୀମାନଙ୍କୁ ଉପେକ୍ଷା କରି ଶାସନକାର୍ଯ୍ୟ ଚଳାଇନେଇ ପାରିବେ । ଏତଦ୍ଦ୍ୱାରା ସେ ସମ୍ବିଧାନଗର୍ହିତ କାର୍ଯ୍ୟ କଲେ ବୋଲି ଅଭିଯୁକ୍ତ ହୋଇପାରନ୍ତି; ତା ନ ହେଲେ ତାଙ୍କ ବିରୁଦ୍ଧରେ ଅନ୍ୟ କୌଣସି ବ୍ୟବସ୍ଥା ଗ୍ରହଣ କରିବା ସହଜସାଧ୍ୟ ନୁହେଁ । ମନ୍ତ୍ରୀମାନେ କେବେହେଲେ ରାଷ୍ଟ୍ରପତିଙ୍କୁ ଉପେକ୍ଷା କରି ଚଳିପାରିବେ ନାହିଁ ।

**ମନ୍ତ୍ରିମଣ୍ଡଳ ଓ ପାର୍ଲିମେଣ୍ଟ**—ମନ୍ତ୍ରିମଣ୍ଡଳ ପାର୍ଲିମେଣ୍ଟର ମୁଖପାତ୍ର । ଉଭୟଙ୍କ ସମ୍ପର୍କ ଅତି ଘନିଷ୍ଠ । ଜଣେ ପାର୍ଲିମେଣ୍ଟର ସଭ୍ୟ ନ ହୋଇ ଛଅମାସରୁ ଅଧିକ କାଳ ମନ୍ତ୍ରୀ ହୋଇ ରହିପାରିବେ ନାହିଁ । ଛଅମାସ ମଧ୍ୟରେ ସେ ହୁଏତ ପାର୍ଲିମେଣ୍ଟର ସଭ୍ୟ ହେବେ ନଚେତ୍ ତାଙ୍କୁ ମନ୍ତ୍ରୀପଦରୁ ଇସ୍ତଫା

ଦେବାକୁ ପଡ଼ିବ । ମନ୍ତ୍ରିମଣ୍ଡଳ ନବ ନିର୍ବାଚିତ ଲୋକସଭାର ପ୍ରଥମ ବୈଠକରେ ଏବଂ ତତ୍ପରେ ପ୍ରତ୍ୟେକ ଅଧିବେଶନ ଆରମ୍ଭରେ ନିଜ କାର୍ଯ୍ୟନିର୍ଦ୍ଦେଶ ରାଷ୍ଟ୍ରପତିଙ୍କ ଅଭିଭାଷଣ ଜରିଆରେ ପାର୍ଲିମେଣ୍ଟ ଆଗରେ ଉପସ୍ଥାପିତ କରନ୍ତି । ପାର୍ଲିମେଣ୍ଟ ତାହା ଆଲୋଚନା କରି ରାଷ୍ଟ୍ରପତିଙ୍କୁ ତାଙ୍କ ଅଭିଭାଷଣ ଲାଗି ଧନ୍ୟବାଦ ଦେବା ନାମରେ ସଂଶୋଧନ ସହିତ ବା ସଂଶୋଧନ ବ୍ୟତୀତ ଗୋଟିଏ ପ୍ରସ୍ତାବ ଅନୁମୋଦନ କରନ୍ତି । ମନ୍ତ୍ରିମଣ୍ଡଳ ସାମୂହିକ ଭାବରେ ନିଜ କାର୍ଯ୍ୟ ଲାଗି ପାର୍ଲିମେଣ୍ଟ ପାଖରେ ଦାୟୀ । ସେମାନଙ୍କ କାର୍ଯ୍ୟକୁ ପାର୍ଲିମେଣ୍ଟ ଅନୁମୋଦନ ନ କଲେ ସେମାନେ ଇସ୍ତଫା ଦେବେ । ମନ୍ତ୍ରିମାନେ ପାର୍ଲିମେଣ୍ଟର ରାଜ୍ୟସଭା ଓ ଲୋକସଭା ଉଭୟ ପରିଷଦରେ ଉପସ୍ଥିତ ହୋଇ ଆଲୋଚନାରେ ଭାଗ ନିଅନ୍ତି ଓ ଆବଶ୍ୟକମତେ ସରକାରୀ ନୀତି ବ୍ୟାଖ୍ୟା କରନ୍ତି । ଅର୍ଥମନ୍ତ୍ରୀ ବାର୍ଷିକ ଆୟବ୍ୟୟ ହିସାବ ମନ୍ତ୍ରିମଣ୍ଡଳ ତରଫରୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ନେଇ ପାର୍ଲିମେଣ୍ଟରେ ଉପସ୍ଥାପିତ କରନ୍ତି ଏବଂ ବ୍ୟୟ ତାଲିକା କେବଳ ଲୋକସଭାଦ୍ୱାରା ଅନୁମୋଦିତ ହୁଏ । ପାର୍ଲିମେଣ୍ଟର ଅନୁମୋଦନ ନ ନେଇ ପଇସାଟିଏ ସୁଦ୍ଧା ବ୍ୟୟ କରିବା ଅଧିକାର ମନ୍ତ୍ରିମଣ୍ଡଳର ନାହିଁ ।

ପାର୍ଲିମେଣ୍ଟ ନିମ୍ନଲିଖିତ ପ୍ରଣାଳୀରେ ମନ୍ତ୍ରିମଣ୍ଡଳ ଉପରେ ନିଜ କର୍ତ୍ତୃତ୍ୱ ବଜାୟ ରଖି ପାରିବେ :—

(କ) ରାଷ୍ଟ୍ରପତିଙ୍କ ଅଭିଭାଷଣ ଲାଗି ତାଙ୍କୁ ଧନ୍ୟବାଦ ଦେବା ପ୍ରସ୍ତାବ ଆଲୋଚିତ ହେବାବେଳେ ମନ୍ତ୍ରିମଣ୍ଡଳର କାର୍ଯ୍ୟ ନିର୍ଦ୍ଦେଶ

ଆଲୋଚନା କରି ପାର୍ଲିମେଣ୍ଟ ତାହାକୁ ସଂଶୋଧନ କରିପାରିବେ ।

(ଖ) ପ୍ରତ୍ୟେକ ଦିନ ପାର୍ଲିମେଣ୍ଟ ବୈଠକ ଆରମ୍ଭ ହେବାବେଳେ ମନ୍ତ୍ରୀମାନଙ୍କୁ ବ୍ୟକ୍ତିଗତ ବା ସାମୂହିକ ଭାବରେ ତାଙ୍କ କାର୍ଯ୍ୟ ସମ୍ବନ୍ଧରେ ପ୍ରଶ୍ନ ପଚାରିପାରିବେ ।

(ଗ) କୌଣସି ପ୍ରଶ୍ନର ଉତ୍ତର ସନ୍ତୋଷଜନକ ମନେ ନ ହେଲେ ସେ ସମ୍ବନ୍ଧରେ ଆଲୋଚନା କରିପାରିବେ ।

(ଘ) ମନ୍ତ୍ରିମଣ୍ଡଳ ତରଫରୁ ବା ସେମାନେ ସମର୍ଥନ କରୁଥିବା କୌଣସି ବିଧେୟକ ବା ପ୍ରସ୍ତାବ ଆଲୋଚିତ ହେବାବେଳେ ସେମାନଙ୍କ ମତବିରୁଦ୍ଧ ସଂଶୋଧନ ପ୍ରସ୍ତାବ ଗ୍ରହଣ କରିପାରିବେ ।

(ଙ) ଆୟବ୍ୟୟ ହିସାବ ଆଗତ ହୋଇ ଗୃହୀତ ହେବାବେଳେ ତାହାକୁ ମନ୍ତ୍ରିମଣ୍ଡଳ ମତବିରୁଦ୍ଧ ପ୍ରଣାଳୀରେ ସଂଶୋଧନ କରାଇ ପାରିବେ ।

(ଚ) ଶେଷରେ ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରିପାରିବେ ।

ମନ୍ତ୍ରିମଣ୍ଡଳ ବିରୋଧ କରୁଥିବା ଯେ କୌଣସି ଗୋଟିଏ ପ୍ରସ୍ତାବ ବା ସଂଶୋଧନ ପ୍ରସ୍ତାବ ଅର୍ଦ୍ଧାଧିକ ଭୋଟରେ ଗୃହୀତ ହେଲେ ତାହା ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବରୂପେ ବିବେଚିତ ହେବ ଏବଂ ଉକ୍ତ ପ୍ରସ୍ତାବ ଗୃହୀତ ହେବାପରେ ଗଣତାନ୍ତ୍ରିକ ପନ୍ଥା ଅନୁସାରେ ମନ୍ତ୍ରିମଣ୍ଡଳ ଇସ୍ତଫା ଦେବେ । ସେମାନେ ଇସ୍ତଫା ଦେବା ବାଧ୍ୟତାମୂଳକ ନୁହେଁ । ତେବେ ମନ୍ତ୍ରିମଣ୍ଡଳ ଲୋକସଭାର ଅନାସ୍ଥାଭାଜନ ହୋଇ ଇସ୍ତଫା ନ ଦେଲେ ପାର୍ଲିମେଣ୍ଟ ତାଙ୍କର କୌଣସି ପ୍ରସ୍ତାବ ତା'ପରେ ଗ୍ରହଣ ନ କରି ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରି ପକାଇବେ ।

ସେ ଯାହା ହେଉନା କାହିଁକି, ମନ୍ତ୍ରୀମାନେ ଶାସନର ମୁଖ୍ୟ କର୍ଣ୍ଣଧାର । ଦଳଗତ ଶୃଙ୍ଖଳାର ସୁଦୃଢ଼ତା ମନ୍ତ୍ରିମଣ୍ଡଳକୁ ଦୃଢ଼ କରିଦେଇଛି ଏବଂ ପାର୍ଲିମେଣ୍ଟର ସଭ୍ୟଙ୍କ ସ୍ୱାଧୀନତାକୁ ଖର୍ବ କରି ପକାଇଛି; ତେଣୁ ପ୍ରତ୍ୟେକ ଗଣତାନ୍ତ୍ରିକ ଶାସନରେ ପାର୍ଲିମେଣ୍ଟ ମୁଖ୍ୟତଃ ମନ୍ତ୍ରିମଣ୍ଡଳର ସମର୍ଥକ ଭାବରେ କାର୍ଯ୍ୟ କରନ୍ତି ।

---

## ଉପରାଷ୍ଟ୍ରପତି

**ନିଯୁକ୍ତି**—ରାଷ୍ଟ୍ରପତିଙ୍କୁ ସାହାଯ୍ୟ କରିବା ନିମିତ୍ତ ଓ ତାଙ୍କ ଅବର୍ତ୍ତମାନରେ ରାଷ୍ଟ୍ରପତିଙ୍କ ଦାୟିତ୍ୱ ତୁଲାଇବା ନିମିତ୍ତ ଜଣେ ଉପରାଷ୍ଟ୍ରପତି ନିଯୁକ୍ତ ହେବା ବ୍ୟବସ୍ଥା ସମ୍ବିଧାନରେ ରହିଛି । ସେ କେନ୍ଦ୍ର ପାର୍ଲିମେଣ୍ଟର ଉଭୟ ପରିଷଦର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ସେ କୌଣସି ସମ୍ବିଧାନଗର୍ହିତ କାର୍ଯ୍ୟ କଲେ ରାଷ୍ଟ୍ରପତିଙ୍କ ଭଳି ତାଙ୍କୁ ବି ଅଭିଯୁକ୍ତ କରି କାର୍ଯ୍ୟଚ୍ୟୁତ କରାଯାଇ ପାରିବ ।

ସେ ପାର୍ଲିମେଣ୍ଟର ରାଜ୍ୟସଭାର ସଭାପତି କାର୍ଯ୍ୟ ତୁଲାନ୍ତି । ଯେତେବେଳେ ତାଙ୍କୁ ରାଷ୍ଟ୍ରପତି ଦାୟିତ୍ୱ ବହନ କରିବାକୁ ପଡ଼େ, ସେତେବେଳେ ସେ ରାଜ୍ୟସଭାରେ ସଭାପତିତ୍ୱ କରି ପାରିବେ ନାହିଁ । ରାଷ୍ଟ୍ରପତି ଇସ୍ତଫା ଦେଲେ, କାର୍ଯ୍ୟଚ୍ୟୁତ ହେଲେ ବା ମରିଗଲେ ସେ ମଧ୍ୟବର୍ତ୍ତୀ କାଳଲାଗି ରାଷ୍ଟ୍ରପତି ହେବେ ଏବଂ ନୂତନ ରାଷ୍ଟ୍ରପତି ନିର୍ବାଚନ କରିବା ବ୍ୟବସ୍ଥା ଛଅମାସ ମଧ୍ୟରେ କରି ନିର୍ବାଚିତ ରାଷ୍ଟ୍ରପତିଙ୍କୁ ଶାସନ କ୍ଷମତା ଅର୍ପଣ କରିବେ ।

ଉପରାଷ୍ଟ୍ରପତିଙ୍କ ନିଯୁକ୍ତି ଓ ତାଙ୍କ କାର୍ଯ୍ୟଭାର ଆମେରିକା ଯୁକ୍ତରାଷ୍ଟ୍ରର ବିଧାନାନୁରୂପ ହୋଇଥିଲେ ହେଁ ରାଷ୍ଟ୍ରପତିଙ୍କ ଶୂନ୍ୟସ୍ଥାନ ପୂରଣ କରିବା କ୍ଷମତା ତାଙ୍କୁ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳର ଅବଶିଷ୍ଟ ସମୟ ଲାଗି ଦିଆଯାଇ ନାହିଁ । ଆମ ଉପରାଷ୍ଟ୍ରପତି ଖୁବ୍ ବେଶି ଛଅ ମାସ ପାଇଁ ରାଷ୍ଟ୍ରପତି ହୋଇ ପାରିବେ; କିନ୍ତୁ ଆମେରିକା ରାଷ୍ଟ୍ରପତି ଚାରିବର୍ଷ ପାଇଁ ନିର୍ବାଚିତ ହୋଇ ପରେ ମାସକ ମଧ୍ୟରେ ନିଜ ପଦ ତ୍ୟାଗ କଲେ ମଧ୍ୟ ଉପରାଷ୍ଟ୍ରପତି ଅବଶିଷ୍ଟ ସମୟ ପାଇଁ ରାଷ୍ଟ୍ରପତି ହୋଇ ପାରିବେ । ପ୍ରକୃତରେ ସଭାପତି ଜନସନ ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇ ପରେ କେନେଡ଼ିଙ୍କ ହତ୍ୟା ପରେ ଦୁଇବର୍ଷ ଦୁଇମାସ ପର୍ଯ୍ୟନ୍ତ ରାଷ୍ଟ୍ରପତି ଭାବରେ ଶାସନ ଚଳାଇଥିଲେ । ଭାରତରେ ରାଷ୍ଟ୍ରପତି ଡକ୍ଟର ଜାକିର ହୋସେନଙ୍କ ମୃତ୍ୟୁ ଫଳରେ ଉପରାଷ୍ଟ୍ରପତି ଶ୍ରୀଯୁକ୍ତ ଭି. ଭି. ଗିରି ରାଷ୍ଟ୍ରପତିଙ୍କ ଦାୟିତ୍ୱ ବହନ କରିଥିଲେ ।

---

## ପାର୍ଲିମେଣ୍ଟ

ସ୍ୱାଧୀନ ରାଷ୍ଟ୍ରର ବ୍ୟବସ୍ଥାପକ ପରିଷଦକୁ ପାର୍ଲିମେଣ୍ଟ କୁହାଯାଏ । ଏହା ଇଂଲଣ୍ଡୀୟ ବ୍ୟବସ୍ଥାସଭା ନାମର ଅନୁକରଣ ମାତ୍ର । ଆମ ଭାରତୀୟ ସମ୍ବିଧାନରେ ସେହିପରି ଗୋଟିଏ ପାର୍ଲିମେଣ୍ଟର ବ୍ୟବସ୍ଥା ରହିଛି । ପାର୍ଲିମେଣ୍ଟ କହିଲେ ରାଷ୍ଟ୍ରପତି, ରାଜ୍ୟସଭା ଓ ଲୋକସଭାକୁ ବୁଝାଏ । ରାଷ୍ଟ୍ରର ମୁଖ୍ୟ ଶାସନକର୍ତ୍ତା ହିସାବରେ ରାଷ୍ଟ୍ରପତି ବ୍ୟବସ୍ଥାପକ ଅଙ୍ଗର ବି ମୁଖ୍ୟକର୍ତ୍ତା । ଭାରତ କେତେଗୋଟି ଆତ୍ମନିୟନ୍ତ୍ରଣଶୀଳ ରାଜ୍ୟର ସମଷ୍ଟି ହୋଇଥିବାରୁ ସେମାନଙ୍କ ସାମୂହିକ ମତର ପ୍ରତିନିଧିସ୍ୱରୂପ ରାଜ୍ୟସଭା ଗଠିତ ହୋଇଛି । ପ୍ରତିନିଧି ନିର୍ବାଚନ କରି ଦେଶ ଶାସନରେ ପ୍ରତ୍ୟକ୍ଷ ଭାଗନେବା

ଲାଗି ଲୋକସଭା ଜରିଆରେ ଭାରତୀୟ ଜନତାକୁ ସୁଯୋଗ ଦିଆଯାଇଛି । ଏହିହେତୁ ରାଷ୍ଟ୍ରପତିଙ୍କ ବ୍ୟତୀତ ଦୁଇଟି ବ୍ୟବସ୍ଥାପକ ପରିଷଦକୁ ନେଇ ପାର୍ଲିମେଣ୍ଟ ଗଠିତ ହୋଇଛି ।

**ପାର୍ଲିମେଣ୍ଟର ଗଠନ ପ୍ରଣାଳୀ : (କ) ରାଜ୍ୟସଭା —** ଏଥିରେ ୨୫୦ ଜଣରୁ ବେଶି ସଭ୍ୟ ରହିବେ ନାହିଁ । ତନ୍ମଧ୍ୟରୁ ୧୨ ଜଣ ସଭ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୁଅନ୍ତି ଏବଂ ମନୋନୟନ କଲାବେଳେ ରାଷ୍ଟ୍ରପତି କଳା, ବିଜ୍ଞାନ, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜ୍ଜନ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରତିନିଧିମାନଙ୍କୁ ବାଛନ୍ତି । ଅବଶିଷ୍ଟ ୨୩୮ ଜଣ ସଭ୍ୟ ଆନୁପାତିକ ନିର୍ବାଚନ ପ୍ରଣାଳୀରେ ରାଜ୍ୟର ବିଧାନସଭା ଦ୍ୱାରା ନିର୍ବାଚିତ ହୁଅନ୍ତି । ପ୍ରତ୍ୟେକ ରାଷ୍ଟ୍ରସଂଘରେ ଉପର ପରିଷଦର ସଭ୍ୟମାନେ ସହଯୋଗୀ ରାଜ୍ୟମାନଙ୍କର ସାମୂହିକ ପ୍ରତିନିଧି । ଆମ ରାଜ୍ୟସଭା ସଭ୍ୟବୃନ୍ଦ ସେହି ସାମୂହିକ ମତର ପ୍ରତିନିଧିତ୍ୱ କରିବା ଲାଗି ବ୍ୟବସ୍ଥା ଥିବାରୁ ରାଜ୍ୟର ସମୂହ ମତର ପ୍ରତୀକ ବିଧାନସଭାର ସେମାନଙ୍କୁ ନିର୍ବାଚନ କରେ । ଏହା ହେଲେ ପ୍ରତ୍ୟେକ ରାଜ୍ୟର ପ୍ରତିନିଧି ଉକ୍ତ ରାଜ୍ୟର ସ୍ୱାର୍ଥସମ୍ବଳିତ ସମସ୍ୟାମାନଙ୍କ ସମ୍ବନ୍ଧରେ ମିଳିତ ମତ ଜ୍ଞାପନ କରିପାରିବେ । ରାଜ୍ୟସଭା ଗୋଟିଏ ଚିରସ୍ଥାୟୀ ଅନୁଷ୍ଠାନ; କିନ୍ତୁ ପ୍ରତି ଦୁଇବର୍ଷରେ ଥରେ ଏକତୃତୀୟାଂଶ ସଭ୍ୟ ଅବସର ଗ୍ରହଣ କରନ୍ତି ଏବଂ ସେମାନଙ୍କ ସ୍ଥାନରେ ନୂତନ ପ୍ରତିନିଧି ନିର୍ବାଚିତ ହୁଅନ୍ତି; ପରିଣାମରେ ପ୍ରତି ଛଅ ବର୍ଷରେ ଥରେ ଉକ୍ତ ପରିଷଦର ନବକଳେବର ହୁଏ ବୋଲି କହିଲେ ଚଳେ । କେଉଁ ରାଜ୍ୟରୁ କେତେଜଣ ପ୍ରତିନିଧି ଆସିବେ, ତାହା ନିର୍ଦ୍ଦିଷ୍ଟ ଭାବରେ ସମ୍ବିଧାନର ଚତୁର୍ଥ

ଅନୁସୂଚୀରେ ଲିପିବଦ୍ଧ ହୋଇଛି । ଓଡ଼ିଶା ଉକ୍ତ ପରିଷଦକୁ ଦଶଜଣ ସଭ୍ୟ ପଠାଇଛି ।

(ଖ) **ଲୋକସଭା**—ଏଥିରେ ୫୦୦ ଜଣରୁ ଅଧିକ ସଭ୍ୟ ରହିବେ ନାହିଁ । ଏମାନଙ୍କ ବ୍ୟତୀତ ୨୫ ଜଣରୁ ଅନଧିକ ସଭ୍ୟ କେନ୍ଦ୍ରଶାସିତ ଅଞ୍ଚଳରୁ ନିର୍ବାଚିତ ହୁଅନ୍ତି । ସଭ୍ୟସଂଖ୍ୟା ଏଭଳି ଭାବରେ ସ୍ଥିର ହେବ ଯେ, ଲୋକସଭାରେ ଅନ୍ତତଃ ପାଞ୍ଚ ଲକ୍ଷ ଲୋକଙ୍କ ପାଇଁ ଜଣେ ଲେଖାଏଁ ସଭ୍ୟ ରହିବେ । ଭାରତର ପ୍ରତ୍ୟେକ ସାବାଳକ ବା ୨୧ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ପାର୍ଲିମେଣ୍ଟ ନିର୍ବାଚନରେ ଭୋଟ ଦିଅନ୍ତି ଏବଂ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପାର୍ଲିମେଣ୍ଟ ଦ୍ୱାରା ସ୍ୱୀକୃତ ହୋଇଛି । ଲୋକସଭାର ପରମାୟୁ ପାଞ୍ଚବର୍ଷ । ପାଞ୍ଚବର୍ଷରେ ଥରେ ନୂତନ ନିର୍ବାଚନ ହୁଏ, ଆବଶ୍ୟକ ହେଲେ ରାଷ୍ଟ୍ରପତି ପାର୍ଲିମେଣ୍ଟର କାର୍ଯ୍ୟକାଳ ପୂରିବା ଆଗରୁ ଲୋକସଭା ଭାଙ୍ଗି ନୂତନ ନିର୍ବାଚନ କରିବା ଲାଗି ହୁକୁମ ଦେଇପାରିବେ । ଅସାଧାରଣ ପରିସ୍ଥିତି ଉପୁଜିଲେ ପାର୍ଲିମେଣ୍ଟ ନିଜ ପରମାୟୁ ବଢ଼ାଇ ଦେଇ ପାରିବେ ।

ମନ୍ତ୍ରିମଣ୍ଡଳର ସଭ୍ୟବୃନ୍ଦ, ରାଜ୍ୟସଭା ଓ ଲୋକସଭା ମଧ୍ୟରୁ ଯେ କୌଣସି ଗୋଟିଏ ସଭାର ସଭ୍ୟ ହୋଇଥିଲେ ହେଁ ଅପର ପରିଷଦର ଆଲୋଚନାରେ ଭାଗ ନେଇପାରିବେ ।

**ପାର୍ଲିମେଣ୍ଟର କର୍ତ୍ତବ୍ୟ ଓ କ୍ଷମତା**—(କ) ରାଜ୍ୟସଭା ପ୍ରତ୍ୟେକ ରାଷ୍ଟ୍ରର ଉପର ବ୍ୟବସ୍ଥାପକ ପରିଷଦ ଭଳି ପ୍ରତ୍ୟେକ ଆଇନ ପ୍ରଣୀତ ହେଲାବେଳେ ଲୋକସଭା ସହିତ ଏକମତ ହେବା

ଉଚିତ; ଉଭୟ ପରିଷଦ ଏକମତ ନ ହେଲେ କୌଣସି ଆଇନ ପ୍ରଣୀତ ହୋଇପାରିବ ନାହିଁ। ଏହା ବୋଲି ଉଭୟ ପରିଷଦ କୌଣସି ବିଷୟରେ ଏକମତ ନ ହୋଇପାରିଲେ ପାର୍ଲିମେଣ୍ଟରେ ଅଚଳ ଅବସ୍ଥା ସୃଷ୍ଟି ହେବ ନାହିଁ। ସାଧାରଣ ଆଇନ ସମ୍ବନ୍ଧରେ ମତଭେଦ ଛଅମାସ କାଳ ସ୍ଥାୟୀ ହେଲେ ପାର୍ଲିମେଣ୍ଟର ଉଭୟ ପରିଷଦର ମିଳିତ ବୈଠକ ଡାକିବା କ୍ଷମତା ରାଷ୍ଟ୍ରପତିଙ୍କର ଅଛି। ଏହି ମିଳିତ ଅଧିବେଶନରେ ଉପସ୍ଥିତ ଥିବା ସଭ୍ୟମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ସଭ୍ୟ କୌଣସି ଆଇନ ବା ସଂଶୋଧନ ପ୍ରସ୍ତାବ ଗୃହୀତ ହେବା ସମ୍ବନ୍ଧରେ ଏକମତ ହେଲେ ତାହା ଉଭୟଙ୍କ ଦ୍ୱାରା ଗୃହୀତ ହେଲା ବୋଲି ଧରି ନିଆଯାଏ। କୌଣସି ଆୟବ୍ୟୟ ସମ୍ବନ୍ଧୀୟ ପ୍ରସ୍ତାବ ସମ୍ବନ୍ଧରେ ରାଜ୍ୟପରିଷଦ ଚଉଦ ଦିନରୁ ଅଧିକ ସମୟ ବିଳମ୍ବ କଲେ ତାହା ଆପେ ଆପେ ଆଇନରେ ପରିଣତ ହୁଏ। ସେ ସମ୍ବନ୍ଧରେ ପରେ କୌଣସି ପ୍ରଶ୍ନ ଉଠିପାରିବ ନାହିଁ, ତେଣୁ ରାଜ୍ୟସଭାର କୌଣସି ମୌଳିକ କ୍ଷମତା ନାହିଁ। ଆଇନ ପ୍ରଣୟନ ଓ ଆୟବ୍ୟୟ ହିସାବ ଗ୍ରହଣ ପ୍ରସ୍ତାବ ଆଲୋଚନା କରିବା ଏବଂ ଦରକାର ହେଲେ ତାହାକୁ ଯଥାକ୍ରମେ ଛଅମାସ ବା ଚଉଦ ଦିନ ପର୍ଯ୍ୟନ୍ତ ବିଳମ୍ବ କରାଇଦେବା କ୍ଷମତା ରାଜ୍ୟସଭାର ଅଛି। ରାଜ୍ୟସଭାର ଏପରି ସୀମାବଦ୍ଧ କ୍ଷମତା ରାଜନୀତିବିଜ୍ଞାନ-ସମ୍ମତ। କାରଣ ଇଂଲଣ୍ଡର ଲର୍ଡ ସଭାଠାରୁ ଆରମ୍ଭ କରି ପ୍ରତ୍ୟେକ ରାଷ୍ଟ୍ରରେ ଉପର ପରିଷଦର ସଂଶୋଧକ ଓ ବିଳମ୍ବକ କ୍ଷମତା ମାତ୍ର ଥାଏ।

ଏତଦ୍‌ଭିନ୍ନ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଲୋକସଭା କୌଣସି ମହାଭିଯୋଗ ପ୍ରସ୍ତାବ କଲେ, ସେ

ସମ୍ବନ୍ଧରେ ଅନୁସନ୍ଧାନ କରିବା କ୍ଷମତା ରାଜ୍ୟସଭାର ଅଛି । ଅଭିଯୋଗ ଅନୁସନ୍ଧାନ ହେବା ପରେ ଲୋକସଭାର ପ୍ରସ୍ତାବକୁ ଅନୁମୋଦନ କରି ରାଜ୍ୟସଭା ଗୋଟିଏ ପ୍ରସ୍ତାବ ଗ୍ରହଣ କଲେ, ପ୍ରସ୍ତାବ ଗୃହୀତ ହେବା ଦିବସରୁ ଅଭିଯୁକ୍ତ ବ୍ୟକ୍ତି କାର୍ଯ୍ୟଚ୍ୟୁତ ହେବେ । ଏ ପ୍ରସ୍ତାବ ଗୃହୀତ ହେବା ଲାଗି ଦ୍ୱିତୃତୀୟାଂଶ ସଭ୍ୟ ମତ ଦେବା ଆବଶ୍ୟକ । ସେହିପରି କୌଣସି ଅସାଧାରଣ ପରିସ୍ଥିତିହେତୁ ଗୋଟିଏ ରାଜ୍ୟର ବିଧାନସଭା ରାଜ୍ୟତାଲିକାରେ ଥିବା କୌଣସି ସମସ୍ୟା ସମ୍ବନ୍ଧରେ ପାର୍ଲିମେଣ୍ଟ ଆଇନ ପ୍ରଣୟନ କରୁ ବୋଲି ଦ୍ୱିତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ପ୍ରସ୍ତାବଟିଏ ଗ୍ରହଣ କଲେ ସମସ୍ୟାଟି ରାଜ୍ୟତାଲିକାରୁ ମିଳିତ ତାଲିକାକୁ ଚାଲି ଆସିବ । ଏପ୍ରକାର ପ୍ରସ୍ତାବ ଏକାବେଳକେ ବର୍ଷକ ଲାଗି ବଳବତ୍ତର ରହିବ । ସୁପ୍ରିମକୋର୍ଟ ବା ହାଇକୋର୍ଟର କୌଣସି ବିଚାରପତିଙ୍କୁ କାର୍ଯ୍ୟଚ୍ୟୁତ କରିବା ସମ୍ବନ୍ଧରେ ପ୍ରସ୍ତାବ ଗ୍ରହଣ କରିବା ଆବଶ୍ୟକ ହେଲେ ରାଜ୍ୟସଭା ଓ ଲୋକସଭା ଏକମତ ହେବା ବିଧେୟ ।

(ଖ) **ଲୋକସଭା**—ସମଗ୍ର ଜନତାର ପ୍ରତିନିଧିରୂପେ ଲୋକସଭାର କ୍ଷମତା ଅତ୍ୟଧିକ । ଲୋକସଭା ହିଁ ଗଣତାନ୍ତ୍ରିକ ଶାସନର ନିୟାମକ । ସାଧାରଣ ଆଇନକାନୁନ ପ୍ରଣୟନ ବା ସଂଶୋଧନ ଦାୟିତ୍ୱ ଲୋକସଭା ହସ୍ତରେ ନ୍ୟସ୍ତ । ଏ ଦାୟିତ୍ୱ ତୁଲାଇବାବେଳେ ରାଜ୍ୟସଭାର ସମ୍ମତି ବାଧ୍ୟତାମୂଳକ । ଆର୍ଥିକ ଆଇନକାନୁନ ପ୍ରଣୟନବେଳେ ଲୋକସଭାର ଗୁରୁତ୍ୱ ଉପଲବ୍ଧି ହୁଏ । କେବଳ ଲୋକସଭାରେହିଁ ଆୟବ୍ୟୟ ଅଟକଳ ସର୍ବପ୍ରଥମେ ଉପସ୍ଥାପିତ ହୁଏ । ଏହା କେବେହେଲେ ରାଜ୍ୟସଭାରେ ପ୍ରଥମେ

ଆଗତ ହୋଇପାରିବ ନାହିଁ । ବିଭାଗୀୟ ଖର୍ଚ୍ଚ ମଞ୍ଜୁର କରିବା କ୍ଷମତା କେବଳ ଲୋକସଭାର ଅଛି । ମନ୍ତ୍ରିମଣ୍ଡଳ ଲୋକସଭା ନିକଟରେ ଉତ୍ତର ଦାୟୀ । ଲୋକସଭା ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ କଲେ କିମ୍ବା ମନ୍ତ୍ରିମଣ୍ଡଳ ସମର୍ଥନ କରୁଥିବା କୌଣସି ଚିଠା, ସଂଶୋଧନ ପ୍ରସ୍ତାବ ବା ସାଧାରଣ ପ୍ରସ୍ତାବ ଲୋକସଭା ଦ୍ୱାରା ଅଗ୍ରାହ୍ୟ ହେଲେ, ମନ୍ତ୍ରିମଣ୍ଡଳ କାର୍ଯ୍ୟଚ୍ୟୁତ ହେବେ । ରାଜ୍ୟସଭାର ଅନାସ୍ଥାଭାଜନ ହେଲେ ମନ୍ତ୍ରିମଣ୍ଡଳ ଇସ୍ତଫା ଦେବେ ନାହିଁ । ସେହିହେତୁ ମନ୍ତ୍ରିମଣ୍ଡଳ ଲୋକସଭାରେ ବିଶେଷ ଭାବରେ ଦଳଗତ ଶୃଙ୍ଖଳା ଅବଲମ୍ବନ କରନ୍ତି ।

ରାଜ୍ୟସଭା ଭଳି ଲୋକସଭା ବି ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ବିରୁଦ୍ଧରେ ମହାଭିଯୋଗ ଆଣିପାରିବେ ଓ ଅଭିଯୋଗ ଅଣାହେଲେ ବିଚାର କରିପାରିବେ । କୌଣସି ବିଚାରପତିଙ୍କୁ କାର୍ଯ୍ୟଚ୍ୟୁତ କରିବାବେଳେ ଲୋକସଭାର ମତ ବି ଦରକାର । ଏତଦ୍‌ବ୍ୟତୀତ ଲୋକସଭା ଅନ୍ୟ ସମସ୍ତ ଶାସନଗତ ସମସ୍ୟା ସମ୍ବନ୍ଧରେ ଆଇନ-ପ୍ରଣୟନ କରିବାରେ ମୁଖ୍ୟ ଭାଗ ନିଏ ।

ଶାସନ ସମ୍ବନ୍ଧରେ କୌଣସି ସମ୍ବାଦ ଜାଣିବାକୁ ହେଲେ ମନ୍ତ୍ରୀମାନଙ୍କୁ ପ୍ରଶ୍ନ ପଚାରିବା ଅଧିକାର ରାଜ୍ୟସଭା ଓ ଲୋକସଭା ଉଭୟଙ୍କର ଅଛି । ଗଣତନ୍ତ୍ର ଶାସନରେ ପ୍ରତ୍ୟେକ ବିଷୟ ଜନମତ ସମ୍ମୁଖରେ ଉପସ୍ଥାପିତ ହେବା ଆବଶ୍ୟକ । ଏହି ପ୍ରଶ୍ନୋତ୍ତର ଦ୍ୱାରା ସରକାରୀ କାର୍ଯ୍ୟ ସର୍ବସାଧାରଣଙ୍କ ଦୃଷ୍ଟିକୁ ଆସିବା ସମ୍ଭବନା

ଥିବାରୁ ମନ୍ତ୍ରୀମାନେ ସାବଧାନ ହୋଇ ନିଜ କାର୍ଯ୍ୟ ତୁଲାଇବାକୁ ବାଧ୍ୟ ହୁଅନ୍ତି ।

ଉଲ୍ଲିଖିତ କ୍ଷମତା ପ୍ରତ୍ୟେକ ପରିଷଦ ସ୍ୱତନ୍ତ୍ରଭାବରେ ଉପଭୋଗ କରନ୍ତି; କିନ୍ତୁ ଭାରତର ଗଣତାନ୍ତ୍ରିକ ଶାସନରେ ପାର୍ଲିମେଣ୍ଟ ରାଷ୍ଟ୍ରର ସର୍ବୋଚ୍ଚ କ୍ଷମତାର କେନ୍ଦ୍ରସ୍ଥଳୀ ଭାବରେ ଯାବତୀୟ ଦାୟିତ୍ୱ ବହନ କରନ୍ତି । ଯେଉଁ କ୍ଷମତା ରାଜ୍ୟମାନଙ୍କୁ ପ୍ରଦତ୍ତ ହୋଇନାହିଁ ତାହା ପାର୍ଲିମେଣ୍ଟର ଅଧୀନ, ରାଜ୍ୟମାନଙ୍କୁ ପ୍ରଦତ୍ତ କ୍ଷମତା ଜରୁରୀ ପରିସ୍ଥିତିରେ କିମ୍ବା ଅନ୍ୟ ସମୟରେ ମଧ୍ୟ ରାଜ୍ୟସଭାଦ୍ୱାରା ପ୍ରସ୍ତାବଟିଏ ଗୃହୀତ ହେଲେ ପାର୍ଲିମେଣ୍ଟ ହାତକୁ ଯାଇପାରେ; ତେଣୁ ପାର୍ଲିମେଣ୍ଟର କ୍ଷମତା ଅତୁଳନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ପାର୍ଲିମେଣ୍ଟର କର୍ମକର୍ତ୍ତାବୃନ୍ଦ**—ଉପରାଷ୍ଟ୍ରପତି ରାଜ୍ୟସଭାରେ ସଭାପତିତ୍ୱ କରନ୍ତି । ତାଙ୍କୁ ତାଙ୍କ କାର୍ଯ୍ୟରେ ସହାୟତା କରିବା ଲାଗି ଏବଂ ତାଙ୍କ ଅନୁପସ୍ଥିତିରେ ସଭାପତିଙ୍କ ଦାୟିତ୍ୱ ତୁଲାଇବା ଲାଗି ଜଣେ ଉପସଭାପତି ରାଜ୍ୟସଭାଦ୍ୱାରା ନିର୍ବାଚିତ ହୁଅନ୍ତି; ସେମାନଙ୍କୁ ବେତନ ମିଳେ । ଉପସଭାପତି ଅଯୋଗ୍ୟ ବା ଅବୈଧାନିକତା ଦୋଷରେ ଦୋଷୀ ବିବେଚିତ ହେଲେ ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହୁଏ ଏବଂ ଉକ୍ତ ପ୍ରସ୍ତାବ ଆଲୋଚନାବେଳେ ଅଭିଯୁକ୍ତ ବ୍ୟକ୍ତି ସଭାପତି ହୋଇ ପାରିବେ ନାହିଁ, କିନ୍ତୁ ଆଲୋଚନାରେ ଭାଗ ନେଇ ପାରିବେ । ପ୍ରସ୍ତାବଟି ତତ୍କାଳୀନ ସଭ୍ୟମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ସଭ୍ୟଙ୍କ ଦ୍ୱାରା ସମର୍ଥିତ ହେଲେ ସେ କାର୍ଯ୍ୟଚ୍ୟୁତ ହେବେ । ପରିଷଦର ସଭ୍ୟପଦ

ହରାଇଲେ କିମ୍ବା ଇସ୍ତଫା ଦାଖଲ କଲେ ଉପସଭାପତି ତାଙ୍କ ପଦବୀ ହରାଇବେ ।

ଲୋକସଭାର ବାଚସ୍ପତି ବା ଅଧ୍ୟକ୍ଷ ଓ ଉପବାଚସ୍ପତି ବା ଉପାଧ୍ୟକ୍ଷ ସଭାଦ୍ୱାରା ନିର୍ବାଚିତ ହୁଅନ୍ତି । ତାଙ୍କୁ ବି ବେତନ ମିଳେ । ବାଚସ୍ପତି ଲୋକସଭାରେ ସଭାପତିତ୍ୱ କରନ୍ତି । ତାଙ୍କ ଅନୁପସ୍ଥିତିରେ ଉପବାଚସ୍ପତିଙ୍କ ଦ୍ୱାରା ଉକ୍ତ କର୍ତ୍ତବ୍ୟ ସମ୍ପାଦିତ ହୁଏ । ସେମାନଙ୍କ ବିରୁଦ୍ଧରେ ବି ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରିବ । ସେମାନେ ସଭାର ସଭ୍ୟପଦ ହରାଇଲେ କିମ୍ବା ଇସ୍ତଫା ଦେଲେ କାର୍ଯ୍ୟଚ୍ୟୁତ ହେବେ ।

ପ୍ରତ୍ୟେକ ପରିଷଦର ଦପ୍ତର କାମ ଚଳାଇବା ଲାଗି ଜଣେ ଜଣେ ସମ୍ପାଦକ ଓ ତାଙ୍କର ଅଧସ୍ତନ କର୍ମଚାରୀ ଅଛନ୍ତି । ଏମାନେ ସବୁ ବିଷୟରେ ନିଜ ନିଜ ପରିଷଦର ସଭାପତିଙ୍କ କର୍ତ୍ତୃତ୍ୱାଧୀନରେ କାର୍ଯ୍ୟ କରନ୍ତି ।

**ପାର୍ଲିମେଣ୍ଟର କାର୍ଯ୍ୟପ୍ରଣାଳୀ**—ରାଷ୍ଟ୍ରପତି ପାର୍ଲିମେଣ୍ଟର ପ୍ରତ୍ୟେକ ପରିଷଦର ଅଧିବେଶନ ଆହ୍ୱାନ କରନ୍ତି ଏବଂ ଅଧିବେଶନ ସମାପ୍ତ ହେଲେ ରାଷ୍ଟ୍ରପତିଙ୍କ ହୁକୁମରେ ତାହା ସ୍ଥଗିତ ରହେ । ଦୈନନ୍ଦିନ ବୈଠକ ପରିଷଦର ସଭାପତିଙ୍କ ଦ୍ୱାରା ମୁଲତବି ରହେ । ଅଧିବେଶନ ରାଷ୍ଟ୍ରପତି ବା ବାଚସ୍ପତି ଯାହାଙ୍କଦ୍ୱାରା ସ୍ଥଗିତ ହୋଇଥିବ, ତାଙ୍କ ଦ୍ୱାରାହିଁ ଆହୂତ ହେବ । ଲୋକସଭାର ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ପୂର୍ଣ୍ଣ ହେବା ପୂର୍ବରୁ ରାଷ୍ଟ୍ରପତି ତାକୁ ଭାଙ୍ଗି ପୁନର୍ବାର

ନିର୍ବାଚନ କରାଇ ପାରିବେ । ଏ ବିଷୟରେ ନିଷ୍ପତ୍ତି କରିବାବେଳେ ରାଷ୍ଟ୍ରପତି ଉଦୀୟମାନ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଲୋଡ଼ିବା ବ୍ୟବସ୍ଥା ଇଂଲଣ୍ଡରେ ଅଛି । ଆଶା କରାଯାଏ, ଭାରତରେ ବି ଉକ୍ତ ପ୍ରଥା ପ୍ରଚଳିତ ହେବ ।

ପ୍ରତ୍ୟେକ ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଉଭୟ ପରିଷଦର ମିଳିତ ବୈଠକରେ ଭାଷଣ ଦେଇ ସରକାର ଓ ପାର୍ଲିମେଣ୍ଟର କର୍ମସୂଚୀର ସୂଚନା ଦିଅନ୍ତି । ଏ ଭାଷଣ ବାସ୍ତବରେ ରାଷ୍ଟ୍ରପତିଙ୍କ ମାଧ୍ୟମରେ ମନ୍ତ୍ରିମଣ୍ଡଳଙ୍କ ନୀତିଘୋଷଣା; ତେଣୁ ଉକ୍ତ ଭାଷଣ ମନ୍ତ୍ରିମଣ୍ଡଳଙ୍କଦ୍ୱାରା ପ୍ରଣୀତ ଓ ଅନୁମୋଦିତ ହୁଏ । ତାଙ୍କ ଭାଷଣ ପରେ ଉଭୟ ପରିଷଦରେ ସ୍ୱତନ୍ତ୍ର ଭାବରେ ରାଷ୍ଟ୍ରପତିଙ୍କୁ ତାଙ୍କ ଭାଷଣ ଲାଗି ଧନ୍ୟବାଦ ଦେବାନିମିତ୍ତ ପ୍ରସ୍ତାବ ଆଗତ ହୁଏ । ଏହାର ଆଲୋଚନା ବେଳେ ପାର୍ଲିମେଣ୍ଟ ସରକାରୀ ନୀତିକୁ ସମାଲୋଚନା କରନ୍ତି । ଏହା ଗୃହୀତ ହେଲେ ସରକାରଙ୍କ ପ୍ରତି ପାର୍ଲିମେଣ୍ଟର ଆସ୍ଥା ଅଛି ବୋଲି ଜଣାପଡ଼ିବ, ଗୃହୀତ ନ ହୋଇ ପାରିଲେ ସରକାର ପାର୍ଲିମେଣ୍ଟର ଅନାସ୍ଥାଭାଜନ ହେଲେ ବୋଲି ବିବେଚିତ ହୋଇ ମନ୍ତ୍ରିମଣ୍ଡଳ ଇସ୍ତଫା ଦାଖଲ କରିବେ । ବିରୁଦ୍ଧଦଳ ଏଥିରେ ମଧ୍ୟ ସଂଶୋଧନ ପ୍ରସ୍ତାବ ଆଗତ କରି ସରକାରଙ୍କୁ ସମାଲୋଚନା କରିବା ସୁବିଧା ନେଇ ପାରିବେ । ଅଧିବେଶନ ଆରମ୍ଭରେ ଉକ୍ତ ଭାଷଣ ବ୍ୟତୀତ ରାଷ୍ଟ୍ରପତି ଅନ୍ୟ ଯେ କୌଣସି ସମୟରେ ପାର୍ଲିମେଣ୍ଟରେ ଭାଷଣ ଦେଇ ପାରିବେ ଓ ବାର୍ତ୍ତା ପଠାଇ ପାରିବେ ।

ପ୍ରତ୍ୟେକ ପରିଷଦର ବୈଠକ ଆରମ୍ଭ ହେବା ପୂର୍ବରୁ ନବନିର୍ବାଚିତ ସଭ୍ୟମାନେ ଶପଥ ଗ୍ରହଣ କରନ୍ତି । ଅନ୍ତତଃ ଏକ-ଦଶମାଂଶ ସଭ୍ୟ ଉପସ୍ଥିତ ନ ଥିଲେ କୌଣସି ପରିଷଦର ବୈଠକ ବିଧିବଦ୍ଧ ବୋଲି ବିବେଚିତ ହୁଏ ନାହିଁ । କୌଣସି ଦିନ ନିର୍ଦ୍ଦିଷ୍ଟ-ସଂଖ୍ୟକ ସଭ୍ୟ ଉପସ୍ଥିତ ନ ଥାଇ ପରିଷଦର ବୈଠକ ଆରମ୍ଭ ହେଲେ ସଭାପତି ନିର୍ଦ୍ଦିଷ୍ଟ ସଂଖ୍ୟକ ସଭ୍ୟ ଆସିବା ପର୍ଯ୍ୟନ୍ତ ବୈଠକ ମୁଲତବୀ ରଖି ଅପେକ୍ଷା କରନ୍ତି । ପ୍ରତ୍ୟେକ ଆଲୋଚନା ଶେଷରେ ଭୋଟ ନିଆ ହୋଇ ନିଷ୍ପତ୍ତି ହୁଏ ଏବଂ ଉପସ୍ଥିତ ସଭ୍ୟ-ମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ସଭ୍ୟଙ୍କ ମତ ଅନୁସାରେ ନିଷ୍ପତ୍ତି ଗ୍ରହଣ କରାଯାଏ । ପରିଷଦ ବୈଠକରେ ସଭାପତିତ୍ୱ କରୁଥିବା ବ୍ୟକ୍ତି ସାଧାରଣତଃ ଭୋଟ ଦିଅନ୍ତି ନାହିଁ । ଉଭୟ ପକ୍ଷରେ ସମାନସଂଖ୍ୟକ ଭୋଟ ହେଲେ ସେ ସର୍ବଶେଷରେ ନିର୍ଣ୍ଣାୟକ ଭୋଟ ଦେଇ ନିଷ୍ପତ୍ତି କରାଇ ଦେବେ ।

**ସାଧାରଣ ଆଇନପ୍ରଣୟନ ପ୍ରଣାଳୀ**—ପାର୍ଲିମେଣ୍ଟର ଯେ କୌଣସି ସଭ୍ୟ ଆଇନର ଚିଠା ବା ବିଧେୟକ ଆଲୋଚନା ପାଇଁ ଆଗତ କରିପାରିବେ । ଅଭିଜ୍ଞତାରୁ ଜଣାଯାଏ ଯେ, ଅଧିକାଂଶ ବିଧେୟକ ସରକାରଙ୍କ ଦ୍ୱାରା ଆଗତ ହୁଏ ଏବଂ ବେସରକାରୀ ସଭ୍ୟଙ୍କ ଦ୍ୱାରା ଆଗତ ବିଧେୟକମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାୟ ଗୃହୀତ ହୁଏ ନାହିଁ । ବେସରକାରୀ ସଭ୍ୟଙ୍କୁ ବିଧେୟକ ଆଗତ କରିବା ସୁବିଧା ଦେବା ଲାଗି କେତେଗୋଟି ଦିନ ନିରୂପିତ ଥାଏ । ଅବଶିଷ୍ଟ ଦିନ-ମାନଙ୍କରେ କେବଳ ସରକାରୀ ବିଧେୟକ ଆଲୋଚିତ ହୁଏ । ପାର୍ଲିମେଣ୍ଟର କର୍ମସୂଚୀ ପ୍ରାୟ ସରକାରଙ୍କ ଦ୍ୱାରା ନିର୍ଣ୍ଣୀତ ହେଉ-ଥିବାରୁ ସେମାନେ ନିଜ ସୁବିଧାଁ ଲାଗି ପାର୍ଲିମେଣ୍ଟର ଅଧିକାଂଶ ସମୟ ମାଡ଼ି ବସନ୍ତି ।

ରାଷ୍ଟ୍ରପତିଙ୍କ ସ୍ୱୀକୃତି ନ ମିଳିଲେ କୌଣସି ବିଧେୟକ ଆଇନରେ ପରିଣତ ହୋଇପାରିବ ନାହିଁ । ରାଷ୍ଟ୍ରପତିଙ୍କ ନିକଟକୁ ପ୍ରେରିତ ହେବାପୂର୍ବରୁ ବିଧେୟକଟି ଉଭୟ ପରିଷଦଦ୍ୱାରା ସମାନ ଆକାରରେ ଗୃହୀତ ହେବା ଉଚିତ । କୌଣସି ବିଧେୟକରେ ଉଭୟ ପରିଷଦ ଏକମତ ନ ହେଲେ ଏବଂ ଗୋଟିଏ ପରିଷଦଦ୍ୱାରା ଗୃହୀତ ହୋଇ ଅପର ପରିଷଦ ସମ୍ମୁଖରେ ଉପସ୍ଥାପିତ ହେବା ଦିନଠାରୁ ଛଅ ମାସ ବିତି ଯାଇଥିଲେ ରାଷ୍ଟ୍ରପତି ଉଭୟ ପରିଷଦର ମିଳିତ ବୈଠକ ଆହ୍ୱାନ କରି ବିବାଦୀୟ ଅଂଶ ଆଲୋଚନା କରାଇବେ । ଏହି ମିଳିତ ବୈଠକରେ ବିବାଦୀୟ ଅଂଶଟି ଉପସ୍ଥିତ ସଭ୍ୟମାନଙ୍କ ଦ୍ୱାରା ଅର୍ଦ୍ଧାଧିକ ସଭ୍ୟଙ୍କ ଭୋଟରେ ଗୃହୀତ ହେଲେ ତାହା ପ୍ରତ୍ୟେକ ପରିଷଦଦ୍ୱାରା ସ୍ୱତନ୍ତ୍ର ଭାବରେ ସମାନ ଆକାରରେ ଗୃହୀତ ହେଲା ବୋଲି ବିବେଚିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଗି ପ୍ରେରିତ ହେବ ।

ରାଷ୍ଟ୍ରପତି ବିଧେୟକକୁ ସ୍ୱୀକୃତି ଲାଗି ପାଇଲେ ନିଜେ ସ୍ୱୀକୃତି ଦେବେ କିମ୍ବା ଅସ୍ୱୀକୃତି ଜଣାଇବେ । ତା ନ ହେଲେ ସେ କୌଣସି ସଂଶୋଧନ କରାଇବା ଆବଶ୍ୟକତା ଉପଲବ୍ଧି କଲେ ଉକ୍ତ ସଂଶୋଧନ ପ୍ରସ୍ତାବର ସୂଚନା ଦେଇ ପାର୍ଲିମେଣ୍ଟକୁ ବାର୍ତ୍ତା ପ୍ରେରଣ କରିବେ । ପାର୍ଲିମେଣ୍ଟ ତାଙ୍କ ସଂଶୋଧନ ପ୍ରସ୍ତାବ ଗ୍ରହଣ କଲେ ବିଧେୟକ ସଂଶୋଧିତ ହୋଇ ତାଙ୍କ ସ୍ୱୀକୃତି ଲାଗି ପ୍ରେରିତ ହେବ । ଯଦି ତାଙ୍କ ସଂଶୋଧନ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଉଭୟ ପରିଷଦ ବିଧେୟକକୁ ପୁନର୍ବାର ଗ୍ରହଣ କରି ସ୍ୱୀକୃତି ଲାଗି ରାଷ୍ଟ୍ରପତିଙ୍କ ନିକଟକୁ ପଠାନ୍ତି, ସେ ସ୍ୱୀକୃତି ଦେବାକୁ ବାଧ୍ୟ ହେବେ ।

ଗୋଟିଏ ବିଧେୟକ ଆଲୋଚିତ ହେଲାବେଳେ ଗୋଟିଏ ବିଧିବଦ୍ଧ ପଦ୍ଧତି ଅନୁସୃତ ହୁଏ । ପ୍ରଥମେ ବିଧେୟକକୁ ଆଗତ କରୁଥିବା ମନ୍ତ୍ରୀ ବା ବ୍ୟକ୍ତି ବିଧେୟକର ନାମ ପଢ଼ି ସେ କାହିଁକି ତାହା ଆଗତ କରୁଛନ୍ତି, ସେ ଉଦ୍ଦେଶ୍ୟ ବର୍ଣ୍ଣନା କରି ଗୋଟିଏ କ୍ଷୁଦ୍ର ଭାଷଣ ଦିଅନ୍ତି । ଏ ଅବସ୍ଥାରେ ଅନ୍ୟ କେହି ଭାଷଣ ଦେଇପାରିବେ ନାହିଁ । ପରେ ତାହା ସରକାରୀ ଗେଜେଟ୍‌ରେ ପ୍ରକାଶିତ ହୁଏ । ପ୍ରକାଶ ପରେ ବିଧେୟକ ଉପରେ ସାଧାରଣ ଆଲୋଚନା ହୋଇ ତାହା ସଙ୍ଗେ ସଙ୍ଗେ ଗୃହୀତ ହେବ କି କୌଣସି କମିଟି ଦ୍ୱାରା ସମୀକ୍ଷଣ ହେବାଲାଗି ପ୍ରେରିତ ହେବ, ସ୍ଥିର ହୁଏ । ଏହିଠାରେ ପ୍ରଥମ ପଠନ ଶେଷ ହୁଏ ।

କମିଟିକୁ ନ ଯାଇ ଆଲୋଚିତ ହେବାର ଥିଲେ କିମ୍ବା କମିଟିକୁ ପ୍ରେରିତ ହୋଇ ତାଙ୍କ ଆଲୋଚନା ବିବରଣୀ ସହ ପାର୍ଲିମେଣ୍ଟରେ ଆଲୋଚନା ଲାଗି ପୁନର୍ବାର ଉପସ୍ଥାପିତ ହେଲେ ବିଧେୟକର ପ୍ରତ୍ୟେକ ଧାରା ଓ ଉପଧାରା ବିଶଦଭାବରେ ଆଲୋଚିତ ହୋଇ ଗୃହୀତ ହୁଏ । ଏହି ଅବସ୍ଥାରେ ସଭ୍ୟମାନେ ସଂଶୋଧନ ପ୍ରସ୍ତାବ ଆଗତ କରିପାରିବେ । ପ୍ରତ୍ୟେକ ଧାରା ଓ ଉପଧାରା ଅଧିକ ଭୋଟରେ ଗୃହୀତ ହେଲେ, ସମଗ୍ର ବିଧେୟକ ଉପରେ ଭୋଟ ନିଆଯାଏ ଏବଂ ଭୋଟ ପରେ ଦ୍ୱିତୀୟ ପଠନ ଶେଷ ହୁଏ । ଭୋଟରେ ସମଗ୍ର ବିଧେୟକଟି ଅଗ୍ରାହ୍ୟ ହେଲେ ଆଉ ତେଣିକି ଆଲୋଚନା ହେବ ନାହିଁ ।

ଯଦି ବିଧେୟକଟି ଗୃହୀତ ହୋଇଯାଏ, ତେବେ ତୃତୀୟ ପଠନ ଆରମ୍ଭ ହୁଏ । ଏ ଅବସ୍ଥାରେ ବିଧେୟକଟି ଆଇନରେ ପରିଣତ ହେଲେ କି କି ପରିଣତି ହେବ, ସେ ସମ୍ବନ୍ଧରେ ସଭ୍ୟମାନେ

ଭାଷଣ ଦେଇ ପାରିବେ । ଆଲୋଚନା କରିବାକୁ ଇଚ୍ଛୁକ ସଭ୍ୟମାନେ ଭାଷଣ ଦେଇ ସାରିଲେ ବିଧେୟକ ଉପରେ ଭୋଟ ନିଆଯାଏ ଏବଂ ଅର୍ଦ୍ଧାଧିକ ସଭ୍ୟ ସପକ୍ଷରେ ମତଦେଲେ ତାହା ପୂରାପୂରି ଗୃହୀତ ହେଲା ବୋଲି ବିବେଚିତ ହୁଏ ।

ତତ୍ପରେ ବିଧେୟକଟି ଅପର ପରିଷଦଦ୍ୱାରା ଆଲୋଚିତ ହେବା ଲାଗି ପ୍ରେରିତ ହେବ । ସେ ପରିଷଦରେ ମଧ୍ୟ ଉଲ୍ଲିଖିତ ପ୍ରଣାଳୀରେ ଆଲୋଚନା ହେବ । ଆଲୋଚନା ପରେ ବିନା ସଂଶୋଧନରେ ବିଧେୟକଟି ଗୃହୀତ ହୋଇପାରେ । କୌଣସି ସଂଶୋଧନ ପ୍ରସ୍ତାବ ଗୃହୀତ ହେଲେ ତାହା ଆଲୋଚନା ଆରମ୍ଭ କରିଥିବା ପରିଷଦକୁ ଅନୁମୋଦିତ ହେବାଲାଗି ପ୍ରେରିତ ହେବ । ଉଭୟ ପରିଷଦରେ ସମାନ ଆକାରରେ ଗୃହୀତ ହେବାପରେ ବିଧେୟକଟି ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବାଲାଗି ଯିବ । ସଂଶୋଧନ ପ୍ରସ୍ତାବରେ ଉଭୟ ପରିଷଦ ଏକମତ ନ ହେଲେ ଉଭୟ ପରିଷଦର ମିଳିତ ବୈଠକ ହେବାଲାଗି ବ୍ୟବସ୍ଥା ହେବ । ରାଷ୍ଟ୍ରପତିଙ୍କ ସ୍ୱୀକୃତି ମିଳିବା ପରେ ତାହା ସରକାରୀ ଗେଜେଟରେ ପ୍ରକାଶିତ ହୋଇ ଆଇନରେ ପରିଣତ ହୁଏ ।

**ଆର୍ଥିକ ଆଇନ ପ୍ରଣୟନ ପ୍ରଣାଳୀ**—ଆର୍ଥିକ ଆଇନ ପ୍ରଣୟନ ପ୍ରଣାଳୀ ସାଧାରଣ ପ୍ରଣାଳୀଠାରୁ କେତେକାଂଶରେ ଭିନ୍ନ । ସାଧାରଣ ଆଇନ ପ୍ରଥମେ ଯେ କୌଣସି ପରିଷଦରେ ଆଗତ ହୋଇ ପାରେ; କିନ୍ତୁ ଆର୍ଥିକ ଆଇନ ପ୍ରଥମେ ରାଜ୍ୟସଭାରେ ଆଗତ ହୋଇ ପାରିବ ନାହିଁ । ତାହା କେବଳ ଲୋକସଭାରେ ପ୍ରଥମେ ଉପସ୍ଥାପିତ ହେବ । ରାଷ୍ଟ୍ରପତିଙ୍କ ଅନୁମତି ନେଇ ଏଭଳି ବିଧେୟକ ଆଗତ କରାହୁଏ । ଲୋକସଭା ଆର୍ଥିକ ବିଧେୟକଟିଏ

ଆଲୋଚନା କରି ଗ୍ରହଣ କଲେ ତାହା ରାଜ୍ୟସଭାକୁ ପ୍ରେରିତ ହେବ । ସେମାନେ କୌଣସି ସଂଶୋଧନ ପ୍ରସ୍ତାବ ଗ୍ରହଣ କରିପାରିବେ ନାହିଁ । ଯଦି ରାଜ୍ୟସଭା କୌଣସି ସଂଶୋଧନ ପ୍ରସ୍ତାବ ଗ୍ରହଣ କରନ୍ତି; ତାହାହେଲେ ଲୋକସଭା ଉକ୍ତ ପ୍ରସ୍ତାବ ଗ୍ରହଣ କରିବାକୁ ଅସ୍ୱୀକୃତ ହେଲେ ତାହା ତତ୍‌କ୍ଷଣାତ୍ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଗି ପ୍ରେରିତ ହେବ । ଚଉଦ ଦିନ ମଧ୍ୟରେ ରାଜ୍ୟସଭା ପ୍ରେରିତ ଆର୍ଥିକ ବିଧେୟକକୁ ଆଲୋଚନା କରି ଗ୍ରହଣ ନ କଲେ ତାହା ରାଜ୍ୟସଭା ଦ୍ୱାରା ଗୃହୀତ ହୋଇଛି ବୋଲି ଧରି ନିଆହେବ । କେଉଁଟି ଆର୍ଥିକ ବିଧେୟକ, ତାହା ବାଚସ୍ପତିଙ୍କ ଦ୍ୱାରା ନିର୍ଣ୍ଣୀତ ହେବ ଏବଂ ତାଙ୍କ ନିଷ୍ପତ୍ତି ବିଷୟରେ କୌଣସି ଆଲୋଚନା ହୋଇପାରିବ ନାହିଁ ।

ଭାରତର ଆର୍ଥିକ ବର୍ଷ ଅପ୍ରେଲ ପହିଲାରୁ ଆରମ୍ଭ ହୁଏ । ପ୍ରତିବର୍ଷ ଫେବୃଆରୀ ମାସର ଶେଷଦିନ ଅର୍ଥମନ୍ତ୍ରୀ ଆଗାମୀ ବର୍ଷର ବଜେଟ୍ ବା ଆୟବ୍ୟୟ ଅଟକଳ ଆଗତ କରନ୍ତି । ଉକ୍ତ ହିସାବ ଉପରେ ସାଧାରଣ ଆଲୋଚନା ହୁଏ । ଏହି ଆଲୋଚନା ବେଳେ ସରକାରଙ୍କ ସମାଲୋଚନା ହୁଏ । ସାଧାରଣ ଆଲୋଚନାପରେ ପ୍ରତ୍ୟେକ ବିଭାଗର ଖର୍ଚ୍ଚ ପାଇଁ ବିଭାଗୀୟ ମନ୍ତ୍ରୀ ନିଜ ଦାବୀ ଆଗତ କରନ୍ତି । ଏହି ଦାବୀଗୁଡ଼ିକ ଆଲୋଚନା ହେବାବେଳେ ସଭ୍ୟମାନେ ତାକୁ କମାଇବାଲାଗି ସଂଶୋଧନ ପ୍ରସ୍ତାବ ଆଣି ସରକାରଙ୍କ ବିଭାଗୀୟ କାର୍ଯ୍ୟକୁ ସମାଲୋଚନା କରିପାରିବେ । ଦାବୀରେ ପ୍ରସ୍ତାବିତ ଖର୍ଚ୍ଚର ପରିମାଣ ବଢ଼ାଇବା ଲାଗି ପ୍ରସ୍ତାବ କରିବା ଅଧିକାର ସଭ୍ୟମାନଙ୍କର ନାହିଁ । ପ୍ରତ୍ୟେକ ଦାବୀ ଆଲୋଚିତ ହୋଇ ସ୍ୱତନ୍ତ୍ର ଭାବରେ ଗୃହୀତ ହେବା ପରେ ଦାବୀଗୁଡ଼ିକ

ସମ୍ମିଳିତ ଭାବରେ ବିନିଯୋଗ ବିଧେୟକ ( Appropriation Bill) ଆକାରରେ ଉପସ୍ଥାପିତ ହୁଏ । ରାଜ୍ୟସଭାରେ ବ୍ୟୟ ଦାବୀ ଉପସ୍ଥାପିତ ହୁଏ ନାହିଁ; କେବଳ ବିନିଯୋଗ ବିଧେୟକ ଆଲୋଚନା ହୁଏ । ଖର୍ଚ୍ଚ ଦାବୀ ଗ୍ରହଣ ପରେ କର ବସାଇବା ବ୍ୟବସ୍ଥା କରି ଆର୍ଥିକ ବିଧେୟକ (Finance Bill) ଆଗତ ହୁଏ ଏବଂ ତାହା ବି ଉଭୟ ପରିଷଦ ଦ୍ୱାରା ଗୃହୀତ ହେବା ବ୍ୟବସ୍ଥା ସମ୍ବିଧାନରେ ଅଛି ।

ନିମ୍ନଲିଖିତ ଖର୍ଚ୍ଚଗୁଡ଼ିକ ବ୍ୟୟଦାବୀ ଆକାରରେ ଆଗତ ହେବ ନାହିଁ । ଯଥା :—ରାଷ୍ଟ୍ରପତିଙ୍କ ଦରମା ଓ ଭତ୍ତା, ଉପରାଷ୍ଟ୍ରପତି, ଉପସଭାପତି, ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଓ ଭତ୍ତା, ଋଣସମ୍ବନ୍ଧୀୟ ଯାବତୀୟ ଖର୍ଚ୍ଚ, ବିଚାରପତିମାନଙ୍କ ଦରମା, ପେନ୍‌ସନ୍ ଓ ଭତ୍ତା, ପ୍ରଧାନ ସମୀକ୍ଷକଙ୍କ ଦରମା ଓ ଭତ୍ତା, ଅଦାଲତ ହୁକୁମ କାର୍ଯ୍ୟକାରୀ କରିବା ଖର୍ଚ୍ଚ ଏବଂ ସମ୍ବିଧାନରେ ବା ପାର୍ଲିମେଣ୍ଟ ଦ୍ୱାରା ପ୍ରଣୀତ ଆଇନରେ ଲିପିବଦ୍ଧ ଅନ୍ୟାନ୍ୟ ଖର୍ଚ୍ଚ ।

ଯେଉଁ ଖର୍ଚ୍ଚ ମଞ୍ଜୁର ହୁଏ, ତାହା ବର୍ଷକ ଲାଗି ଅକୁଳାଣ ହେଲେ ରାଷ୍ଟ୍ରପତି ଗୋଟିଏ ଅତିରିକ୍ତ ଆୟବ୍ୟୟ ହିସାବ କରିବା ବ୍ୟବସ୍ଥା କରନ୍ତି ଏବଂ ତାହା ଉଲ୍ଲିଖିତ ପ୍ରଣାଳୀରେ ଆଲୋଚିତ ହୋଇ ଗୃହୀତ ହୁଏ । ବିନିଯୋଗ ଆଇନରେ ପାର୍ଲିମେଣ୍ଟ ଦ୍ୱାରା ଗୃହୀତ ଓ ବିନା ଆଲୋଚନାରେ ଗ୍ରାହ୍ୟ ଖର୍ଚ୍ଚ ତାଲିକା ପୃଥକ୍‌ଭାବରେ ଲିପିବଦ୍ଧ ହୋଇ ରାଷ୍ଟ୍ରପତିଙ୍କ ଦସ୍ତଖତ ଦ୍ୱାରା ପ୍ରମାଣିତ ହୁଏ ।

**ପାର୍ଲିମେଣ୍ଟ ସଭ୍ୟମାନଙ୍କ ଯୋଗ୍ୟତା ଓ ଅଧିକାର**—କୌଣସି ବ୍ୟକ୍ତିକୁ ୩୦ ବର୍ଷ ଓ ୨୫ ବର୍ଷ ହୋଇ ନ

ଥିଲେ ସେ ଯଥାକ୍ରମେ ରାଜ୍ୟସଭା ଓ ଲୋକସଭାର ସଭ୍ୟ ହୋଇ ପାରିବେ ନାହିଁ । ଏତଦ୍‌ଭିନ୍ନ ଅନ୍ୟ ଯୋଗ୍ୟତା ଖଞ୍ଜିବା ଅଧିକାର ପାର୍ଲିମେଣ୍ଟର ଅଛି । କୌଣସି ବ୍ୟକ୍ତି ଏକାବେଳକେ ରାଜ୍ୟସଭା ଓ ଲୋକସଭା ଉଭୟର ସଭ୍ୟ ହୋଇପାରିବେ ନାହିଁ; ହେଲେ ଗୋଟିଏ ପରିଷଦର ସଭ୍ୟପଦରୁ ଇସ୍ତଫା ଦେବାକୁ ବାଧ୍ୟ ହେବେ । କୌଣସି ସଭ୍ୟ ଇସ୍ତଫା ଦାଖଲ କଲେ, କ୍ରମାନ୍ୱୟ ୬୦ ଦିନ ପରିଷଦରେ ଅନୁପସ୍ଥିତ ହେଲେ କିମ୍ବା ବେତନଭୋଗୀ ସରକାରୀ କର୍ମଚାରୀ, ବିକୃତ ମସ୍ତିଷ୍କ, ଦିବାଳିଆ ହୋଇଥିଲେ କିମ୍ବା ଭାରତୀୟ ନାଗରିକତା ପରିତ୍ୟାଗ କଲେ ତେଣିକି ତାଙ୍କ ସଭ୍ୟପଦ ଖାଲି ପଡ଼ିବ । ପାର୍ଲିମେଣ୍ଟର ସଭ୍ୟମାନେ ଭାଷଣଦେବା ସ୍ୱାଧୀନତା ଉପଭୋଗ କରନ୍ତି; ସଭ୍ୟପଦ ସମ୍ବନ୍ଧୀୟ କୌଣସି କାର୍ଯ୍ୟ ଲାଗି ତାଙ୍କ ନାମରେ ଅଦାଲତରେ ମକଦ୍ଦମା ହୋଇପାରିବ ନାହିଁ । ସେମାନଙ୍କୁ ମଧ୍ୟ ମାସିକ ଦରମା, ଦୈନିକ ଭତ୍ତା ଓ ଗସ୍ତଖର୍ଚ୍ଚ ଦିଆଯାଏ ।

ପାର୍ଲିମେଣ୍ଟରେ ସଭ୍ୟମାନେ ଇଂରାଜୀ, ହିନ୍ଦି ବା ସଭାପତିଙ୍କ ଅନୁମତି ନେଇ ନିଜ ମାତୃଭାଷାରେ ଭାଷଣ ଦେଇ ପାରିବେ । ପାର୍ଲିମେଣ୍ଟ କାର୍ଯ୍ୟ ବିବରଣୀ ସମ୍ପର୍କରେ ଅଦାଲତମାନଙ୍କରେ କୌଣସି ବିଚାର ହୋଇପାରିବ ନାହିଁ ।

# ସଂଘ ସରକାରଙ୍କ କ୍ଷମତା

## କ୍ଷମତା ବଣ୍ଟନ

ଯେ କୌଣସି ରାଷ୍ଟ୍ରସଂଘରେ କେନ୍ଦ୍ର ଓ ସହଯୋଗୀ ରାଜ୍ୟମାନଙ୍କ କ୍ଷମତା ପରସ୍ପର ବାଧ୍ୟବାଧକଭାବରେ ଲିପିବଦ୍ଧ ଥାଏ । ପ୍ରତ୍ୟେକ ସରକାର ନିରୂପିତ ପରିସର ମଧ୍ୟରେ କାର୍ଯ୍ୟାନୁଷ୍ଠାନ କରନ୍ତି । ପରିସର ବହିର୍ଭୂତ ହେଲେ ସର୍ବୋଚ୍ଚ ନ୍ୟାୟାଳୟରେ ମକଦ୍ଦମା ହୋଇ ତତ୍ସମ୍ପର୍କୀୟ ସମସ୍ତ କାର୍ଯ୍ୟ ବେଆଇନ୍ ଘୋଷିତ ହୋଇପାରିବ । ଆମ ଭାରତ ବି ଗୋଟିଏ ରାଷ୍ଟ୍ରସଙ୍ଘ; ତେଣୁ ସଂବିଧାନରେ ସଂଘ ବା କେନ୍ଦ୍ର ସରକାର ଓ ରାଜ୍ୟସରକାରଙ୍କ କ୍ଷମତା ପୃଥକ୍ଭାବେ ଲିପିବଦ୍ଧ ହୋଇଛି । ଏହା ସପ୍ତମ ଅନୁସୂଚୀରେ ପ୍ରଦତ୍ତ ହୋଇଛି ।

ଭାରତୀୟ ସଂବିଧାନରେ ତିନିଗୋଟି ତାଲିକା ପ୍ରଦତ୍ତ ହୋଇଛି । ପ୍ରଥମ ତାଲିକାରେ ପ୍ରଦତ୍ତ କ୍ଷମତା କେବଳ ପାର୍ଲିମେଣ୍ଟ ଉପଭୋଗ କରିବେ; ଏଥିରେ ରାଜ୍ୟ ବିଧାନମଣ୍ଡଳ ହସ୍ତକ୍ଷେପ କରି ପାରିବେ ନାହିଁ । ଦ୍ୱିତୀୟ ତାଲିକାରେ ପ୍ରଦତ୍ତ କ୍ଷମତାଗୁଡ଼ିକ ରାଜ୍ୟ ବିଧାନମଣ୍ଡଳଙ୍କର; ଏଥିରେ ପାର୍ଲିମେଣ୍ଟ ହସ୍ତକ୍ଷେପ କରିବା ନିଷିଦ୍ଧ । ଏତଦ୍ଭିନ୍ନ ତୃତୀୟ ତାଲିକାରେ ଲିଖିତ କ୍ଷମତାଗୁଡ଼ିକରେ ପାର୍ଲିମେଣ୍ଟ ଓ ରାଜ୍ୟ ବିଧାନମଣ୍ଡଳଙ୍କର ଯୁଗ୍ମ କର୍ତ୍ତୃତ୍ୱ ରହିଛି । ଏହାକୁ ମିଳିତ ତାଲିକା କୁହାଯାଏ, କାରଣ ଏଥିରେ ଉଭୟ ମିଳିତ ଭାବରେ କ୍ଷମତା ବିସ୍ତାର କରି ପାରିବେ । ଏଭଳି ମିଳିତ ତାଲିକା ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ା ଭଳି ରାଷ୍ଟ୍ରସଂଘମାନଙ୍କରେ ନାହିଁ । ଭାରତୀୟ ସଂବିଧାନରେ ଉକ୍ତ ବ୍ୟବସ୍ଥା

ଅଭିନବ । ଏ ବ୍ୟବସ୍ଥା ମଧ୍ୟ ପ୍ରଶଂସନୀୟ । କାରଣ କୌଣସି ରାଜ୍ୟ ନିଜ ଦାୟିତ୍ୱ ତୁଲାଇବାରେ ହେଳା କଲେ ବା ତୁଲାଇବାବେଳେ ପ୍ରତିବେଶୀ ରାଜ୍ୟ ସଙ୍ଗେ କଳି ତକରାଳ କଲେ କେନ୍ଦ୍ର ସରକାର ଅକ୍ଳେଶରେ ହସ୍ତକ୍ଷେପ କରି ପରିସ୍ଥିତି ସୁଧାରି ନେବେ । ସମଗ୍ର ଭାରତର ଶାନ୍ତିମୈତ୍ରୀ ଓ ସଂସ୍କୃତି ସମାନ ଥିବାରୁ ପ୍ରାଦେଶିକ କ୍ଷମତା ରକ୍ଷାକରିବା ଲାଗି କେନ୍ଦ୍ର ସରକାର ସହାୟତା କରିବେ ଏବଂ ଆବଶ୍ୟକ ହେଲେ ନିର୍ଦ୍ଦେଶ ବି ଦେବେ । ଏହି ହେତୁ କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଓ ମିଳିତ ତାଲିକା ନାମକ ତିନିଗୋଟି ତାଲିକା ସପ୍ତମ ଅନୁସୂଚୀରେ ପ୍ରଦତ୍ତ ହୋଇଛି ।

**ସଂଘର କ୍ଷମତା**—ଏହା ପ୍ରଥମ ବା ସଂଘତାଲିକାରେ ଲିପିବଦ୍ଧ ହୋଇଛି । ଏଥିରେ ୯୭ଟି ବିଷୟ ରହିଛି । ଲିଖିତ ବିଷୟମାନଙ୍କ ମଧ୍ୟରେ ସୈନ୍ୟବିଭାଗ, ଯାନବାହନ, ମୁଦ୍ରାନୀତି, ବୈଦେଶିକ ନୀତି, ଜାତିସଂଘ ଓ ଅନ୍ୟାନ୍ୟ ଆନ୍ତର୍ଜାତିକ ସଂଗଠନ ଓ ସମ୍ମିଳନୀରେ ଯୋଗଦାନ, ବୈଦେଶିକ ଶକ୍ତିମାନଙ୍କ ସଙ୍ଗେ ସନ୍ଧିସ୍ୱାକ୍ଷର, ଯୁଦ୍ଧ ଓ ସନ୍ଧି, ନାଗରିକତା, ରେଳ, ନୌଯାତ୍ରା, ବିମାନଯାତ୍ରା, ବୈଦେଶିକ ଓ ନୌବାଣିଜ୍ୟ, ବନ୍ଦରନିର୍ମାଣ ଓ ସଂରକ୍ଷଣ, ଡାକ, ତାର, ଟେଲିଫୋନ, ଜାତୀୟଋଣ, ରିଜର୍ଭବ୍ୟାଙ୍କ, ଆନ୍ତଃରାଜ୍ୟ ବାଣିଜ୍ୟ, ଅନ୍ୟାନ୍ୟ ବ୍ୟାଙ୍କ, ଜୀବନବୀମା, ଶିଳ୍ପ, ଖଣି ଶ୍ରମିକସମସ୍ୟା, ଗଞ୍ଜେଇ, ଲୁଣ ସରବରାହ ଓ ବଣ୍ଟନ, ଚଳଚ୍ଚିତ୍ର, ଶିଳ୍ପଗତ ବିବାଦ, ଜନଗଣନା, ବୈଜ୍ଞାନିକ ତଥ୍ୟାନୁସନ୍ଧାନ ଓ ଗବେଷଣା, ଉଚ୍ଚତମ ନ୍ୟାୟାଳୟ, ରାଜ୍ୟର ଉଚ୍ଚ ନ୍ୟାୟାଳୟ, ଆନ୍ତଃରାଜ୍ୟ ସମସ୍ୟା ନିୟନ୍ତ୍ରଣ ଇତ୍ୟାଦି ବିଷୟ ମୁଖ୍ୟ । ବନାରସର ହିନ୍ଦୁ, ଅଲିଗଡ଼ର ମୁସଲମାନ, ଦିଲ୍ଲୀ ଓ ଶାନ୍ତିନିକେତନ

ବିଶ୍ୱବିଦ୍ୟାଳୟ ଏବଂ ସର୍ବବିଧ ନିଖିଳ ଭାରତ ଅନୁଷ୍ଠାନ ମଧ୍ୟ ସଂଘ ପରିସର ଅନ୍ତର୍ଭୁକ୍ତ ।

ମିଳିତ ତାଲିକାରେ ୪୭ଟି ବିଷୟ ଅନ୍ତର୍ଭୁକ୍ତ ହୋଇଛି । ଏଥିମଧ୍ୟରୁ ଫୌଜଦାରୀ ଓ ଦେଓ୍ୱାନୀ ଆଇନ୍ ପ୍ରଣୟନ ଏବଂ ସଙ୍କଳନ, ବିବାହ ଓ ଛାଡ଼ପତ୍ର, ସର୍ବବିଧ ଚୁକ୍ତି, ସାକ୍ଷ୍ୟଗ୍ରହଣ-ସମ୍ବନ୍ଧୀୟ ବ୍ୟବସ୍ଥା, ଯୋଜନା, ଶ୍ରମିକ ସଙ୍ଗଠନ, ବୈଷୟିକ ବ୍ୟବସାୟ ଓ ଶିକ୍ଷା, ଜନ୍ମମୃତ୍ୟୁ ହିସାବ, ଦରନିୟନ୍ତ୍ରଣ, ବିଦ୍ୟୁତ୍ ଶକ୍ତି, ସମ୍ବାଦପତ୍ର, ପ୍ରତ୍ନତତ୍ତ୍ୱ ଇତ୍ୟାଦି ବିଷୟ ଉଲ୍ଲେଖଯୋଗ୍ୟ ।

ରାଜ୍ୟ ଓ ମିଳିତ ତାଲିକାରେ ଅନ୍ତର୍ଭୁକ୍ତ ନ ଥିବା ଯେକୌଣସି ନୂତନ ବିଷୟ ପାର୍ଲିମେଣ୍ଟର କ୍ଷମତାଧୀନ ବୋଲି ବିବେଚିତ ହେବ ।

କେନ୍ଦ୍ର ସରକାରଙ୍କୁ ପ୍ରଦତ୍ତ କ୍ଷମତାବଳୀ ପ୍ରୟୋଗ କରିବା-ବେଳେ ସରକାରଙ୍କୁ ନାନାବିଧ ବ୍ୟୟଭାର ବହନ କରିବାକୁ ପଡ଼ିବ । ତେଣୁ ତାଙ୍କୁ ନିମ୍ନଲିଖିତ କର ବସାଇବା କ୍ଷମତା ଦିଆହୋଇଛି, ଯଥା—

ଆୟକର, ନୌବାଣିଜ୍ୟ କର, ଗଞ୍ଜାଇ, ଅଫିମ ଓ ମଦ ବ୍ୟତୀତ ଅନ୍ୟ ସବୁ ବିଷୟରେ ଅବକାରୀ କର, ନିଗମ କର, ମୂଳଧନ ଉପରେ କର, ମୃତ୍ୟୁଶୁଳ୍କ, ହସ୍ତାନ୍ତର କର, ରେଳ, ସମୁଦ୍ର ଓ ଆକାଶରେ ଯାତାୟାତ କରୁଥିବା ଯାତ୍ରୀକର, ନ୍ୟାୟାଳୟ ଭିନ୍ନ ଅନ୍ୟ ସର୍ବବିଧ ମୁଦ୍ରାଙ୍କ ଶୁଳ୍କ ଏବଂ ସମ୍ବାଦପତ୍ର ବିକି ଖରିଦ ଓ ତନ୍ମଧ୍ୟ ଲିଖିତ ବିଜ୍ଞାପନ ଉପରେ ବସୁଥିବା କର ।

କେନ୍ଦ୍ର ସରକାର ଯେତେ କ୍ଷମତାଶାଳୀ ହେଲେ ବି ସେ ସଂଘ ଓ ମିଳିତ ତାଲିକାରେ ଲିପିବଦ୍ଧ ବିଷୟ ଭିନ୍ନ ଅନ୍ୟ କୌଣସି ବିଷୟରେ କ୍ଷମତା ପ୍ରୟୋଗ କରିପାରିବେ ନାହିଁ । ଯଦି କରନ୍ତି ଏବଂ ସେ ବିଷୟ ଯଦି ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ ହୋଇଥାଏ, ତାହାହେଲେ ଯେ କୌଣସି ରାଜ୍ୟ ତାଙ୍କ ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟରେ ମକଦ୍ଦମା ଆଗତ କରିପାରିବେ । କେବଳ ଏହି ବ୍ୟବସ୍ଥା ଯୋଗୁଁ ସହଯୋଗୀ ରାଜ୍ୟବୃନ୍ଦ ନିଜ ସ୍ୱାତନ୍ତ୍ର୍ୟ ବଜାୟ ରଖି ନିଜ ନିର୍ଦ୍ଦିଷ୍ଟ ପରିସରରେ ସ୍ୱାଧୀନ ଭାବରେ ଆଗେଇ ହୋଇପାରନ୍ତି । ଏହା ହିଁ ରାଷ୍ଟ୍ରସଂଘର ମୂଳମନ୍ତ୍ର । ଏହା ମଧ୍ୟ ଭାରତୀୟ ସମ୍ବିଧାନରେ ଅନୁସୃତ ହୋଇଅଛି ।

କୌଣସି ଅସାଧାରଣ ପରିସ୍ଥିତି ଉପୁଜିଥିବା ହେତୁ ରାଷ୍ଟ୍ରପତି ଏତଦ୍‌ସମ୍ପର୍କୀୟ ଘୋଷଣା କଲେ ସମଗ୍ର ଭାରତ ଲାଗି ପାର୍ଲିମେଣ୍ଟ ସମ୍ବନ୍ଧୀୟ ଆଇନ୍ ପ୍ରଣୟନ କରିପାରିବେ ଏବଂ ରାଷ୍ଟ୍ରପତି ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇ ପାରିବେ । ସଂବିଧାନାନୁଯାୟୀ ଶାସନକାର୍ଯ୍ୟ ଚଳି ନ ପାରୁଥିବା ହେତୁ କୌଣସି ରାଜ୍ୟର ଶାସନକ୍ଷମତା ରାଷ୍ଟ୍ରପତି ନିଜ ହାତକୁ ନେଲେ ସମ୍ବନ୍ଧୀୟ କ୍ଷମତା କେନ୍ଦ୍ର ସରକାର ଉପଭୋଗ କରିବେ; ତେଣୁ ଯେଉଁ ବିଷୟ ବୈଧାନିକ ଭାବରେ ଓ କ୍ଷଣସ୍ଥାୟୀ ଭାବରେ କେନ୍ଦ୍ର ସରକାରଙ୍କ ହସ୍ତରେ ହେବ, ସେ ସମ୍ପର୍କରେ ଆଇନ ପ୍ରଣୟନ କରିବା କ୍ଷମତା ପାର୍ଲିମେଣ୍ଟ ଏବଂ ଶାସନ ଚଳାଇବା କ୍ଷମତା କେନ୍ଦ୍ର ସରକାର ଉପଭୋଗ କରିବେ ।

# ରାଜ୍ୟ ଶାସନ

ଭାରତୀୟ ସଂବିଧାନରେ ପ୍ରଥମ ତିନିପ୍ରକାର ରାଜ୍ୟର ନାମ ଉଲ୍ଲେଖ ରହିଥିଲା । ସେମାନଙ୍କୁ ଯଥାକ୍ରମେ କ, ଖ ଓ ଗ ଶ୍ରେଣୀର ରାଜ୍ୟ କୁହାଯାଉଥିଲା । 'କ' ଶ୍ରେଣୀସ୍ଥ ରାଜ୍ୟସଂଖ୍ୟା ଥିଲା ଦଶଟି; ସେମାନଙ୍କର ସର୍ବୋଚ୍ଚ ଶାସନକର୍ତ୍ତାଙ୍କୁ ରାଜ୍ୟପାଳ କୁହାଯାଏ । 'ଖ' ଶ୍ରେଣୀରେ ଆଠଟି ରାଜ୍ୟର ନାମ ଲିପିବଦ୍ଧ ହୋଇଥିଲା । ସେମାନଙ୍କ ସର୍ବୋଚ୍ଚକର୍ତ୍ତା ରାଜପ୍ରମୁଖ ନାମରେ ଅଭିହିତ ହୋଇଥିଲେ । 'ଗ' ଶ୍ରେଣୀରେ ଥିବା ୧୦ଗୋଟି ରାଜ୍ୟର ମୁଖ୍ୟଶାସକଙ୍କୁ ଚିଫ୍‌କମିଶନର ବା ଅଧସ୍ତନ ଲାଟ କୁହାଯାଉଥିଲା । ସେମାନଙ୍କ ବ୍ୟତୀତ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ 'ଘ' ଶ୍ରେଣୀ ଅନ୍ତର୍ଭୁକ୍ତ ଥିଲା । ଏହାର ଶାସନ ପ୍ରଣାଳୀ ପ୍ରାୟ ଅଧିକ ଚିଫ୍‌କମିଶନର ଶାସିତ ରାଜ୍ୟମାନଙ୍କ ଭଳି । ଓଡ଼ିଶା 'କ' ଶ୍ରେଣୀସ୍ଥ ରାଜ୍ୟମାନଙ୍କ ମଧ୍ୟରୁ ଗୋଟିଏ ଥିଲା । ୧୯୫୬ର ରାଜ୍ୟ ପୁନର୍ଗଠନ ଆଇନ ଅନୁଯାୟୀ ସମ୍ବିଧାନ ସଂଶୋଧିତ ହେବାପରେ ସମଗ୍ର ଭାରତବର୍ଷକୁ ଏବେ ସତର ଗୋଟି ରାଜ୍ୟ ଓ ଦଶ ଗୋଟି କେନ୍ଦ୍ରଶାସିତଅଞ୍ଚଳରେ ବିଭକ୍ତ କରାଯାଇଛି ।

## ରାଜ୍ୟପାଳ

ରାଜ୍ୟମାନଙ୍କ ସର୍ବୋଚ୍ଚ ଶାସକଙ୍କୁ ରାଜ୍ୟପାଳ କୁହାଯାଏ । ସେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ସେ ସାଧାରଣତଃ ପାଞ୍ଚବର୍ଷ ପର୍ଯ୍ୟନ୍ତ ନିଜ ଆସନରେ ରହନ୍ତି । କାର୍ଯ୍ୟକାଳ ପୂରିବା ପୂର୍ବରୁ ସେ ଇସ୍ତଫା ଦାଖଲ କରିପାରନ୍ତି । କୌଣସି ବ୍ୟକ୍ତି ଭାରତୀୟ ନାଗରିକ ଓ ୩୫ ବର୍ଷ ବୟସ୍କ ହୋଇ ନ ଥିଲେ ରାଜ୍ୟପାଳ ପଦରେ ନିଯୁକ୍ତ ହୋଇପାରିବେ ନାହିଁ । ତାଙ୍କୁ ମାସିକ ଟ୫୫୦୦୲ ବେତନ ମିଳେ

ଏବଂ ତାଙ୍କ ବସବାସ ଲାଗି ଗୋଟିଏ ସୁସଜ୍ଜିତ ସରକାରୀ ଗୃହ ଦିଆହୁଏ । ନିଯୁକ୍ତି ପରେ ସେ ସଂବିଧାନ ପ୍ରତି ଅନୁରକ୍ତି ପ୍ରକାଶ କରି ଶପଥ ଗ୍ରହଣ କରନ୍ତି । ଓଡ଼ିଶାର ଡକ୍ଟର ହରେକୃଷ୍ଣ ମହତାବ ଦୁଇବର୍ଷ କାଳ ବମ୍ବେର ରାଜ୍ୟପାଳ ଥିଲେ ଏବଂ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ମଧ୍ୟ ଉତ୍ତର ପ୍ରଦେଶର ରାଜ୍ୟପାଳ ଥିଲେ । ଏବେ ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନଗୋ ବିହାରର ରାଜ୍ୟପାଳ ଅଛନ୍ତି ।

ରାଜ୍ୟପାଳ ଜଣେ ଶାସନତାନ୍ତ୍ରିକ ଶାସକ । ରାଜ୍ୟଶାସନ ତାଙ୍କ ନାମରେ ଚଳେ ସତ; କିନ୍ତୁ ପ୍ରତ୍ୟେକ ବିଷୟରେ ସେ ମନ୍ତ୍ରିପରିଷଦଙ୍କ ମନ୍ତ୍ରଣାନୁଯାୟୀ କାର୍ଯ୍ୟ କରନ୍ତି । ସ୍ୱେଚ୍ଛାକୃତ ଭାବରେ ଓ ନିଜ ମତାନୁଯାୟୀ କୌଣସି କାର୍ଯ୍ୟ କରିବା ଅଧିକାର ତାଙ୍କର ନାହିଁ ।

**ରାଜ୍ୟପାଳଙ୍କ କ୍ଷମତା : (କ) ଶାସନଗତ କ୍ଷମତା —** ରାଜ୍ୟର ମୁଖ୍ୟକର୍ତ୍ତା ହିସାବରେ ଶାସନ ତାଙ୍କ ନାମରେ ପରିଚାଳିତ ହୁଏ ଓ ଶାସନପରିଚାଳନା ସମ୍ବନ୍ଧୀୟ ଆଇନ୍ କାନୁନ୍ ସେ ନିଜେ ତିଆରି କରନ୍ତି । ତାଙ୍କୁ ଶାସନକାର୍ଯ୍ୟରେ ମନ୍ତ୍ରଣା ଦେବା ଲାଗି ଗୋଟିଏ ମନ୍ତ୍ରିପରିଷଦ ଥାଏ । ରାଜ୍ୟପାଳ ନିଜେ ମୁଖ୍ୟମନ୍ତ୍ରୀଙ୍କୁ ମନୋନୟନ କରି ନିଯୁକ୍ତ କରନ୍ତି ଏବଂ ଅନ୍ୟାନ୍ୟ ସହଯୋଗୀ ମନ୍ତ୍ରିବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ ଅନୁସାରେ ନିଯୁକ୍ତ ହୁଅନ୍ତି ।

ଗଣତାନ୍ତ୍ରିକ ପ୍ରଥା ଅନୁସାରେ ବିଧାନସଭାର ସଂଖ୍ୟାଗରିଷ୍ଠ-ଦଳ ମନ୍ତ୍ରିମଣ୍ଡଳ ଗଠନ କରିବା କଥା । ସେହି ଦଳର ଦଳପତି ମୁଖ୍ୟମନ୍ତ୍ରୀ ହୁଅନ୍ତି ଏବଂ ଅନ୍ୟାନ୍ୟ ମନ୍ତ୍ରୀମାନେ ସେହି ଦଳରୁ ମନୋନୀତ ହୁଅନ୍ତି । କୌଣସି ଦଳ ସଂଖ୍ୟାଗରିଷ୍ଠ ନ ହୋଇପାରିଲେ ରାଜ୍ୟପାଳ ନିଜ ବୁଦ୍ଧିବଳରେ ମୁଖ୍ୟମନ୍ତ୍ରୀ ମନୋନୟନ କରିବେ ।

ଆବଶ୍ୟକ ହେଲେ ସେ କୌଣସିଗୋଟି ଦଳକୁ ମିଳିତ ଦଳଟିଏ ଗଠନ କରିବାକୁ କହି ସେହି ଦଳର ଦଳପତିଙ୍କୁ ମୁଖ୍ୟମନ୍ତ୍ରୀରୂପେ ବାଛିବେ । ମୁଖ୍ୟମନ୍ତ୍ରୀ ସୁପାରିଶ କରିବା ବ୍ୟବସ୍ଥା ଥିବାରୁ ସହଯୋଗୀ ମନ୍ତ୍ରୀ ବାଛିବା ଦାୟିତ୍ୱ ସେତେ କଷ୍ଟକର ନୁହେଁ ।

ଶାସନ କାର୍ଯ୍ୟର ସମସ୍ତ ଦାୟିତ୍ୱ ରାଜ୍ୟପାଳଙ୍କ ହାତରେ ଥିବାରୁ ମୁଖ୍ୟମନ୍ତ୍ରୀ ମନ୍ତ୍ରିପରିଷଦ ବୈଠକର ସମସ୍ତ ନିଷ୍ପତ୍ତି ତାଙ୍କୁ ଜଣାଇବେ । ଶାସନ ସଂକ୍ରାନ୍ତରେ ଅନ୍ୟ କୌଣସି କଥା ସେ ଜାଣିବାକୁ ଚାହିଁଲେ ମୁଖ୍ୟମନ୍ତ୍ରୀ ଆବଶ୍ୟକ କାଗଜପତ୍ର ଯୋଗାଇ ଦେବେ ଏବଂ ଯେ କୌଣସି ମନ୍ତ୍ରୀଙ୍କର ନିଷ୍ପତ୍ତି ମନ୍ତ୍ରିପରିଷଦଦ୍ୱାରା ଆଲୋଚନା କରାଇବାକୁ ଚାହିଁଲେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ତାହା କରାଇ ପାରିବେ ।

ଆଇନଗତ ସମସ୍ୟାମାନଙ୍କ ସମ୍ବନ୍ଧରେ ପରାମର୍ଶ ଦେବାଲାଗି ରାଜ୍ୟପାଳ ଜଣେ ମହାଧିବକ୍ତା ନିଯୁକ୍ତ କରନ୍ତି ।

ରାଜ୍ୟର ଶାସନକାର୍ଯ୍ୟ ସମ୍ବିଧାନାନୁମୋଦିତ ପ୍ରଣାଳୀରେ ପରିଚାଳିତ ହୋଇପାରିବ ନାହିଁ ବୋଲି ରାଜ୍ୟପାଳ ବିବେଚନା କଲେ ସେ ତଦନୁସାରେ ରାଷ୍ଟ୍ରପତିଙ୍କୁ ସମ୍ବାଦ ଯୋଗାଇବେ ଏବଂ ଉକ୍ତ ସମ୍ବାଦ ପାଇବା ପରେ ରାଷ୍ଟ୍ରପତି ଉକ୍ତ ରାଜ୍ୟର ଶାସନଭାର ନିଜ ହାତକୁ ନେଇପାରିବେ । ଥରକୁ ଥର ପାର୍ଲିମେଣ୍ଟର ଅନୁମୋଦନ ନେଇ ରାଷ୍ଟ୍ରପତି ନ୍ନମାନ୍ଧ୍ୟୁ ତିନିବର୍ଷକାଳ ଏହି ବ୍ୟକ୍ତିଗତ ଶାସନ ଚାଲୁ ରଖିପାରିବେ ।

(ଖ) **ବ୍ୟବସ୍ଥାପକ କ୍ଷମତା**—ରାଜ୍ୟର ମୁଖ୍ୟ ଶାସନକର୍ତ୍ତା ହିସାବରେ ରାଜ୍ୟପାଳ ବ୍ୟବସ୍ଥାପକ ଅଙ୍ଗର ଅଂଶବିଶେଷ ।

ସେ ବିଧାନ ପରିଷଦର ଏକଷଷ୍ଠାଂଶ ସଭ୍ୟଙ୍କୁ ମନୋନୟନ କରନ୍ତି ଏବଂ ମନୋନୟନ କଲାବେଳେ କଳା, ବିଜ୍ଞାନ, ସାହିତ୍ୟ, ସମାଜସେବା ଓ ସମବାୟ ଆନ୍ଦୋଳନରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସଭ୍ୟ ବାଛନ୍ତି ।

ରାଜ୍ୟପାଳ ବିଧାନମଣ୍ଡଳର ଅଧିବେଶନ ଆହ୍ୱାନ ଓ ସ୍ଥଗିତ କରନ୍ତି । ଦରକାର ହେଲେ ବିଧାନସଭା ଭଙ୍ଗି ନୂତନ ନିର୍ବାଚନ କରାଇବା ଲାଗି ହୁକୁମ ଦେବା କ୍ଷମତା ତାଙ୍କର ଅଛି । ପ୍ରତ୍ୟେକ ଅଧିବେଶନ ଆରମ୍ଭରେ ସେ ବିଧାନସଭାରେ ଏବଂ ଦୁଇଟି ପରିଷଦ ଥିଲେ ସଭା ଓ ପରିଷଦର ମିଳିତ ବୈଠକରେ ଭାଷଣ ଦିଅନ୍ତି । ଉକ୍ତ ଭାଷଣ ମନ୍ତ୍ରିପରିଷଦଦ୍ୱାରା ପ୍ରଣୀତ ହୁଏ ଏବଂ ଏଥିରେ ସରକାରୀ କାର୍ଯ୍ୟକଳାପର ସୂଚନା ଥାଏ ।

ପ୍ରତ୍ୟେକ ବିଧେୟକ ବିଧାନସଭାରେ ଆଲୋଚିତ ହୋଇ ଗୃହୀତ ହୋଇ ରାଜ୍ୟପାଳଙ୍କ ସ୍ୱୀକୃତି ପାଇବା ପରେ ଆଇନରେ ପରିଣତ ହୁଏ । ସ୍ୱୀକୃତି ଦେବା ଲାଗି କୌଣସି ବିଧେୟକ ପାଇଲେ ସେ ସ୍ୱୀକୃତି ଦେବେ କିମ୍ବା ସ୍ୱୀକୃତି ଦେବେ ନାହିଁ । କେତେକ କ୍ଷେତ୍ରରେ ସେ ବିଧେୟକଟିକୁ ରାଷ୍ଟ୍ରପତିଙ୍କ ବିଚାର ଲାଗି ପଠାଇ ପାରିବେ । ତା' ନ ହେଲେ ପ୍ରେରିତ ବିଧେୟକରେ ସେ କୌଣସି ସଂଶୋଧନ କରାଇବା ଆବଶ୍ୟକ ଅନୁଭବ କଲେ ନିର୍ଦ୍ଦିଷ୍ଟ ସଂଶୋଧନ ପ୍ରସ୍ତାବଗୁଡ଼ିକ ଉଲ୍ଲେଖ କରି ଗୋଟିଏ ବାର୍ତ୍ତାସହ ବିଧେୟକଟିକୁ ବିଧାନସଭାକୁ ଫେରାଇ ଦେବେ । ଫେରସ୍ତ ଆସିବା ପରେ ବିଧାନସଭା ଉକ୍ତ ସଂଶୋଧନ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରି ପାରନ୍ତି, ଗ୍ରହଣ ନ କରି ପୁନର୍ବାର ବିଧେୟକଟିକୁ ବିନା ସଂଶୋଧନରେ ଗ୍ରହଣ କଲେ ତାହା ପୁନର୍ବାର ରାଜ୍ୟପାଳଙ୍କ ସ୍ୱୀକୃତି

ଲାଗି ପ୍ରେରିତ ହେବ ଏବଂ ଏଥର ସେ ସ୍ୱୀକୃତି ଦେବାକୁ ବାଧ୍ୟ ହେବେ । ରାଜ୍ୟର ଉଚ୍ଚ ନ୍ୟାୟାଳୟର ପଦବୀ କ୍ଷୁଣ୍ଣ କରୁଥିବା ଯେ କୌଣସି ବିଧେୟକ ରାଷ୍ଟ୍ରପତିଙ୍କ ବିଚାର ଲାଗି ପ୍ରେରିତ ହେବ । ତାଙ୍କ ନିକଟକୁ ପ୍ରେରିତ ବିଧେୟକଉପରେ ସ୍ୱୀକୃତି, ଅସ୍ୱୀକୃତି ବା ବାର୍ତ୍ତା ରାଷ୍ଟ୍ରପତି ରାଜ୍ୟପାଳଙ୍କ ଜରିଆରେ ପ୍ରେରଣ କରିବେ ।

ଦେଶର ଆୟବ୍ୟୟ ଦାୟିତ୍ୱ ମୁଖ୍ୟତଃ ରାଜ୍ୟପାଳଙ୍କର, ତେଣୁ ସେ ଆର୍ଥିକ ବର୍ଷ ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ବିଧାନସଭାରେ ଆଗାମୀ ବର୍ଷର ଆୟବ୍ୟୟ ଅଟକଳ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆଗତ କରାଇ ଗୃହୀତ କରାଇନେବେ । କୌଣସି ବ୍ୟୟ ଦାବୀ ରାଜ୍ୟପାଳଙ୍କ ସୁପାରିଶ ବିନା ଆଗତ ହୋଇ ପାରିବ ନାହିଁ । ବର୍ଷ ଶେଷରେ ବିଧାନସଭାଦ୍ୱାରା ଅନୁମୋଦିତ ବ୍ୟୟ ଅକୁଳାଣ ମନେ ହେଲେ ରାଜ୍ୟପାଳ ଗୋଟିଏ ଅତିରିକ୍ତ ଆୟବ୍ୟୟ ହିସାବ ଆଗତ କରି ଗ୍ରହଣ କରାଇନେବେ । ଆୟବ୍ୟୟ ଅଟକଳ ଗ୍ରହଣ ପରେ ବିନିଯୋଗ ବିଧେୟକ ରାଜ୍ୟପାଳଙ୍କ ଦସ୍ତଖତରେ ପ୍ରମାଣିତ ହେବ ।

କେତେବେଳେ ବିଧାନସଭାର ଅଧିବେଶନ ସ୍ଥଗିତ ହୋଇଥିଲେ ଏବଂ କୌଣସି ଅସାଧାରଣ ପରିସ୍ଥିତି ଉପୁଜିଥିବା ହେତୁ ଜରୁରୀ ଆଇନ ପ୍ରଣୟନ କରିବାର ଆବଶ୍ୟକତା ଅନୁଭୂତ ହେଲେ, ରାଜ୍ୟପାଳ ମନ୍ତ୍ରୀପରିଷଦର ପରାମର୍ଶ ନେଇ ଅଧ୍ୟାଦେଶ ଜାରି କରିପାରିବେ । ଏ ପ୍ରକାର ଅଧ୍ୟାଦେଶ ବିଧାନସଭା ବୈଠକ ଆରମ୍ଭ ହେବା ଦିନଠାରୁ ଛଅ ସପ୍ତାହ ପର୍ଯ୍ୟନ୍ତ ଚାଲୁ ରହିବ । ଇତିମଧ୍ୟରେ ରାଜ୍ୟପାଳ ଉକ୍ତ ଆଦେଶକୁ ପ୍ରତ୍ୟାହାର କରି ନେଇ ପାରିବେ କିମ୍ବା ବିଧାନମଣ୍ଡଳ ଏହାକୁ ଅନୁମୋଦନ କରି ପ୍ରସ୍ତାବ

ଗ୍ରହଣକଲେ ତାହା ବିଧିବଦ୍ଧ ବ୍ୟବସ୍ଥାପିତ ଆଇନ ଭଳି ଅନିର୍ଦ୍ଦିଷ୍ଟ କାଳପାଇଁ ବଳବତ୍ତର ରହିବ । ଅନୁମୋଦିତ ପ୍ରଣାଳୀରେ ଆଇନ ପ୍ରଣୟନବେଳେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଗି ପ୍ରେରିତ ହେଉଥିବା କୌଣସି ବିଷୟରେ ଅଧ୍ୟାଦେଶ ଜାରି କରିବା ପୂର୍ବରୁ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ସ୍ୱୀକୃତି ନେବାକୁ ବାଧ୍ୟ ହେବେ ।

(ଗ) **ନ୍ୟାୟିକ କ୍ଷମତା**— ରାଜ୍ୟ ଆଇନ୍ ଭଙ୍ଗ କରିଥିବା ଅପରାଧରେ ଦଣ୍ଡିତ ଯେ କୌଣସି ବ୍ୟକ୍ତିଙ୍କୁ ରାଜ୍ୟପାଳ କ୍ଷମା ଦେଇ ପାରିବେ । ଉଚ୍ଚ ନ୍ୟାୟାଳୟର ଅଧସ୍ତନ କର୍ମଚାରୀ ନିଯୁକ୍ତି ସମ୍ପର୍କରେ ଆଇନ ପ୍ରଣୀତ ହେବାବେଳେ ରାଜ୍ୟପାଳଙ୍କ ସ୍ୱୀକୃତି ନିଆ ହେବା ବ୍ୟବସ୍ଥା ସମ୍ବିଧାନରେ ଅଛି ।

୦୧୨୭୫୦
17.2.75

## ମନ୍ତ୍ରିମଣ୍ଡଳ

**ଗଠନ ପ୍ରଣାଳୀ**—କେନ୍ଦ୍ରଭଳି ରାଜ୍ୟମାନଙ୍କରେ ମଧ୍ୟ ମନ୍ତ୍ରିମଣ୍ଡଳ ଗଣତାନ୍ତ୍ରିକ ନୀତି ଅନୁସାରେ ଗଠିତ ହେବାର କଥା । ବିଧାନ ସଭାରେ ସଂଖ୍ୟାଗରିଷ୍ଠ ଦଳର ଦଳପତି ମୁଖ୍ୟମନ୍ତ୍ରୀ ହୁଅନ୍ତି, ତାଙ୍କୁ ରାଜ୍ୟପାଳ ନିଯୁକ୍ତ କରନ୍ତି । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ସହଯୋଗୀ ମନ୍ତ୍ରୀମାନେ ନିଯୁକ୍ତ ହୁଅନ୍ତି । ମନ୍ତ୍ରୀମାନଙ୍କ କାର୍ଯ୍ୟକାଳ ସମ୍ବିଧାନାନୁସାରେ ରାଜ୍ୟପାଳଙ୍କ ଇଚ୍ଛା ଉପରେ ନିର୍ଭର କରେ; କିନ୍ତୁ ରାଜ୍ୟପାଳ କେବେହେଲେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ନ ନେଇ କୌଣସି ମନ୍ତ୍ରୀଙ୍କୁ କାର୍ଯ୍ୟଚ୍ୟୁତ କରିବା ଦୃଷ୍ଟାନ୍ତ ମିଳନାହିଁ ।

ପ୍ରତ୍ୟେକ ମନ୍ତ୍ରୀ ବ୍ୟବସ୍ଥାପକ ପରିଷଦ ବା ବିଧାନସଭାର ସଭ୍ୟ ହୋଇଥିବା ବାଧ୍ୟତାମୂଳକ; ତେବେ ବି ଯେ କୌଣସି ବ୍ୟକ୍ତି ବ୍ୟବସ୍ଥାପକ ନ ହୋଇଥିଲେ ବି ଛଅ ମାସ ପର୍ଯ୍ୟନ୍ତ ମନ୍ତ୍ରୀ ହୋଇ ପାରିବେ ଏବଂ ଇତିମଧ୍ୟରେ ସଭ୍ୟପଦ ଲାଭ କରି ନ ପାରିଲେ ମନ୍ତ୍ରୀପଦ ହରାଇବେ । ମନ୍ତ୍ରୀମାନଙ୍କୁ ବିଧାନମଣ୍ଡଳର ନିଷ୍ପତ୍ତି ଅନୁସାରେ ବେତନ ଓ ଭତ୍ତା ମିଳେ । ବିହାର, ମଧ୍ୟପ୍ରଦେଶ ଓ ଓଡ଼ିଶାରେ ବହୁସଂଖ୍ୟକ ଆଦିବାସୀ ଥିବାରୁ ସେମାନଙ୍କ ଉନ୍ନତି କରିବା ଲାଗି ଉକ୍ତ ରାଜ୍ୟମାନଙ୍କରେ ଜଣେ ଜଣେ ସ୍ୱତନ୍ତ୍ର ଆଦିବାସୀ ବିଭାଗ ମନ୍ତ୍ରୀ ରହିବା ବ୍ୟବସ୍ଥା ସମ୍ବିଧାନରେ ଅଛି ।

**ମନ୍ତ୍ରିମଣ୍ଡଳ ଓ ରାଜ୍ୟପାଳ**—ରାଜ୍ୟର ଶାସନ ରାଜ୍ୟପାଳଙ୍କ ନାମରେ ପରିଚାଳିତ ହେଲେ ହେଁ ଶାସନ ଦାୟିତ୍ୱ ମୁଖ୍ୟତଃ ମନ୍ତ୍ରିମଣ୍ଡଳ ହସ୍ତରେ ନ୍ୟସ୍ତ । ବୈଧାନିକ ବ୍ୟବସ୍ଥାନୁସାରେ ମନ୍ତ୍ରୀମାନେ ମନ୍ତ୍ରଣା ଦେବେ, ରାଜ୍ୟପାଳ ଶାସନ ଚଳାଇବେ, କିନ୍ତୁ ଗଣତାନ୍ତ୍ରିକ ପନ୍ଥାନୁସାରେ ବୈଧାନିକ ରାଜ୍ୟପାଳ ସହଜରେ ମନ୍ତ୍ରିମଣ୍ଡଳର ନିର୍ଦ୍ଦେଶ ଲଙ୍ଘନ କରିପାରିବେ ନାହିଁ । ଯଦି କୌଣସି ରାଜ୍ୟପାଳ ସେମାନଙ୍କ ମନ୍ତ୍ରଣା ଅବମାନନା କରନ୍ତି, ତେବେ ମନ୍ତ୍ରୀମାନେ ଇସ୍ତଫା ଦେଇ ଏଭଳି ଶାସନତାନ୍ତ୍ରିକ ଅଚଳ ଅବସ୍ଥା ସୃଷ୍ଟି କରିବେ ଯେ, ସେହି ରାଜ୍ୟପାଳ ଭବିଷ୍ୟତରେ ଓ ଅନ୍ୟ କୌଣସି ରାଜ୍ୟପାଳ ତା'ପରେ ଏଭଳି କରିବାକୁ ସାହସ କରିବେ ନାହିଁ । ରାଜ୍ୟପାଳ ମନ୍ତ୍ରିମଣ୍ଡଳର ପ୍ରତ୍ୟେକ ସଭ୍ୟଙ୍କୁ ନିଯୁକ୍ତ କରନ୍ତି, ଶପଥ ଦିଅନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ନେଇ ଶାସନବିଭାଗ ବଣ୍ଟନ କରନ୍ତି । ଦରକାର ହେଲେ ବି ସେ ସେମାନଙ୍କୁ ବରଖାସ୍ତ କରି-

ପାରିବେ । ତେବେ ସୁଦ୍ଧା ରାଜ୍ୟପାଳ ନିଜ ଇଚ୍ଛା ଅନୁସାରେ ଶାସନ କରିବା ବିଷୟରେ ସମ୍ବିଧାନରେ ବ୍ୟବସ୍ଥା ନାହିଁ । ସବୁ କଥାରେ ସେ ହୁଏତ ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀପରିଷଦର ପରାମର୍ଶ ଅନୁସାରେ ଆଚଯାତ ହୁଅନ୍ତି । ଆଇନ ଦୃଷ୍ଟିରେ ରାଜ୍ୟପାଳ ଓ ମନ୍ତ୍ରିମଣ୍ଡଳ ରାଜ୍ୟ ଶାସନର ଯଥାକ୍ରମେ ମୁଖ୍ୟ ଓ ଗୌଣ ଅଂଶୀଦାର ହେଲେ ହେଁ ବାସ୍ତବ କ୍ଷେତ୍ରରେ ସେମାନଙ୍କ ସମ୍ପର୍କ ଏକାବେଳକେ ବିପରୀତ ।

**ମନ୍ତ୍ରି ମଣ୍ଡଳ ଓ ବିଧାନ ସଭା**—କେତେଗୋଟି ରାଜ୍ୟରେ ଦୁଇଗୋଟି ଓ ଅପର କେତେକ ରାଜ୍ୟରେ ଗୋଟିଏ ବ୍ୟବସ୍ଥାପକ ପରିଷଦ ରହିବାର ବ୍ୟବସ୍ଥା ଅଛି; କିନ୍ତୁ ମନ୍ତ୍ରିମଣ୍ଡଳ ବିଧାନସଭା ନିକଟରେ ଦାୟୀ । ସେହି ସଭାର ସଂଖ୍ୟାଗରିଷ୍ଠ ଦଳ ମନ୍ତ୍ରିମଣ୍ଡଳ ଗଠନ କରନ୍ତି । ମନ୍ତ୍ରୀମାନେ ଯେ କୌଣସି ପରିଷଦର ସଭ୍ୟ ହୋଇ ପାରନ୍ତି ।

ଗଣତାନ୍ତ୍ରିକ ନୀତି ଅନୁସାରେ ଶାସନ ଜନମତ ଅନୁସାରେ ପରିଚାଳିତ ହେବା କଥା । ବିଧାନସଭା ଜନମତର ପ୍ରତୀକ, ମନ୍ତ୍ରିମଣ୍ଡଳର କାର୍ଯ୍ୟକଳାପ ସମୀକ୍ଷଣ କରି କୈଫିୟତ ତଲବ କରିବା କ୍ଷମତା ବିଧାନସଭାର ଅଛି । ବିଧାନସଭାର ସଭ୍ୟମାନେ ପ୍ରତିଦିନ ଶାସନ ପରିଚାଳନା ସମ୍ବନ୍ଧରେ ସମ୍ବାଦ ଜାଣିବାଲାଗି ପ୍ରଶ୍ନ ପଚାରିଲେ ମନ୍ତ୍ରୀମାନେ ଉତ୍ତର ଦିଅନ୍ତି । ମନ୍ତ୍ରିମଣ୍ଡଳ ସମର୍ଥନ କରୁଥିବା ଯେ କୌଣସି ପ୍ରସ୍ତାବକୁ ସେମାନଙ୍କ ମତ ବିରୁଦ୍ଧରେ ସଂଶୋଧନ କରି ବା ଅଗ୍ରାହ୍ୟ କରି ବ୍ୟବସ୍ଥାପକ ସଭ୍ୟମାନେ ଅଶ୍ରଦ୍ଧା ପ୍ରଦର୍ଶନ କରିପାରନ୍ତି, ଆୟବ୍ୟୟ ଅଟକଳ ମଞ୍ଜୁର ହେଲାବେଳେ ବ୍ୟବସ୍ଥାପକବୃନ୍ଦ ସରକାର ଆଗତ କରିଥିବା ବ୍ୟୟ ତାଲିକା ସଂକୁଚିତ କରି ବା

ଅଗ୍ରାହ୍ୟ କରି ମନ୍ତ୍ରିମଣ୍ଡଳ ପ୍ରତି ବିରକ୍ତି ଦେଖାଇ ପାରନ୍ତି । ବଜେଟ ଆଲୋଚନା ବେଳେ କିମ୍ବା ମନ୍ତ୍ରିମଣ୍ଡଳର ମତ ଜ୍ଞାପନ କରୁଥିବା ରାଜ୍ୟପାଳଙ୍କ ଅଧିବେଶନ ଆରମ୍ଭ ବେଳର ଭାଷଣ ଲାଗି ଧନ୍ୟବାଦ ଦେବାବେଳେ, ସଭ୍ୟବୃନ୍ଦ ସରକାରୀ କାର୍ଯ୍ୟକଳାପକୁ ସମାଲୋଚନା କରିପାରନ୍ତି । ଏସବୁ ଜାଣିଶୁଣି ମନ୍ତ୍ରୀମାନେ ସାବଧାନ ନ ହେଲେ ବିଧାନସଭା ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ସାମୂହିକ ଭାବରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରିପାରନ୍ତି । ଉଲ୍ଲିଖିତ ଯେ କୌଣସି ପରିସ୍ଥିତିରେ ସରକାର ପରାଜିତ ହେଲେ ମନ୍ତ୍ରିମଣ୍ଡଳ ଇସ୍ତଫା ଦାଖଲ କରିବା ଗଣତାନ୍ତ୍ରିକ ନୀତି । ବିଧାନମଣ୍ଡଳ ଏ ଗୁରୁଦାୟିତ୍ୱ ସାବଧାନତା ସହକାରେ ତୁଲାଇ ପାରିଲେ ମନ୍ତ୍ରିମଣ୍ଡଳ ବେପରୁଆ ନୀତିରେ ଶାସନକାର୍ଯ୍ୟ ପରିଚାଳନା କରିବାକୁ ସାହସ କରିବେ ନାହିଁ ।

ମନ୍ତ୍ରିମଣ୍ଡଳ ବିଧାନମଣ୍ଡଳର ଜିମ୍ମାମନ । ମୁଖ୍ୟମନ୍ତ୍ରୀ ନିଜେ ସଭ୍ୟ ଥିବା ବ୍ୟବସ୍ଥାପକ ପରିଷଦର ନେତା । ସେମାନଙ୍କ ଦ୍ୱାରା ବ୍ୟବସ୍ଥାପକ ପରିଷଦଦ୍ୱୟର କାର୍ଯ୍ୟସୂଚୀ ପ୍ରସ୍ତୁତ ହୁଏ । ବିଧାନ-ମଣ୍ଡଳର ଅଧିକାଂଶ ସମୟ ସରକାରୀ କାର୍ଯ୍ୟରେ ବ୍ୟୟିତ ହୁଏ, ସରକାର ଆଗତ କରୁଥିବା ବିଧେୟକ ଓ ପ୍ରସ୍ତାବମାନଙ୍କ ମଧ୍ୟରୁ ଅଧିକାଂଶ ମଧ୍ୟ ଗୃହୀତ ହୁଏ । ବେସରକାରୀ ସଭ୍ୟଙ୍କ କ୍ଷମତା ଅତ୍ୟନ୍ତ ସୀମାବଦ୍ଧ । ବିଶେଷତଃ ଦଳଗତ ଶୃଙ୍ଖଳାର ଦୃଢ଼ତା ହେତୁ ଓ ବିଧାନସଭା ଭାଙ୍ଗି ନୂଆ ନିର୍ବାଚନ କରାଇବା ଲାଗି ମନ୍ତ୍ରଣା ଦେବା କ୍ଷମତା ମନ୍ତ୍ରିମଣ୍ଡଳର ଥିବାରୁ ସାଧାରଣ ସଭ୍ୟ ନିଜ ସଭ୍ୟପଦ ହରାଇବା ଭୟରେ ସରକାରଙ୍କ ବିରୁଦ୍ଧାଚରଣ କରିବାକୁ ସାହସ କରନ୍ତି ନାହିଁ । ଏହି ଅଭିନବ ପରିସ୍ଥିତି ମନ୍ତ୍ରିମଣ୍ଡଳ ହସ୍ତରେ ସର୍ବବିଧ କ୍ଷମତାକୁ କେନ୍ଦ୍ରୀଭୂତ କରି ରଖିଛି ।

ସଙ୍ଘ ଓ ରାଜ୍ୟର ଶାସନ ଗଣତାନ୍ତ୍ରିକ ନୀତି ଅନୁସାରେ ପରିଚାଳିତ ହେବାର ବ୍ୟବସ୍ଥା ଥିବାରୁ ଉଭୟ ସରକାରରେ ମନ୍ତ୍ରିମଣ୍ଡଳଙ୍କ ସ୍ଥାନ ପ୍ରାୟ ସମାନ । ସଙ୍ଘ ଓ ରାଜ୍ୟ ଶାସନ ସମ୍ବନ୍ଧରେ ଯାହା କିଛି କୁହାଯାଇଛି, ତାହା ସମ୍ବିଧାନସମ୍ମତ । ଦେଶ ଶାସନ କେବଳ ଆଇନକାନୁନ୍ ଅନୁସାରେ ଚଳେନାହିଁ । ଯେଉଁମାନେ ଶାସନଭାର ହାତକୁ ନିଅନ୍ତି ଏବଂ ଅନ୍ୟ ଯେଉଁମାନେ ବ୍ୟବସ୍ଥାପକ ସଭ୍ୟପଦ ମଣ୍ଡନ କରନ୍ତି, ସେମାନଙ୍କ ବ୍ୟକ୍ତିତ୍ୱ, ଚରିତ୍ରବଳ ଓ ଶାସନଗତ ଅଭିଜ୍ଞତା ଉପରେ ସରକାରଙ୍କ ପ୍ରକୃତି ନିର୍ଭର କରେ ।

## ରାଜ୍ୟର ବିଧାନମଣ୍ଡଳ

ପ୍ରତ୍ୟେକ ରାଜ୍ୟରେ ସମ୍ବିଧାନର ବ୍ୟବସ୍ଥାନୁଯାୟୀ ଗୋଟିଏ ବିଧାନମଣ୍ଡଳ ରହିବ । ଅନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ତାମିଲନାଡ଼ୁ, ମହାରାଷ୍ଟ୍ର, ମହୀଶୂର, ପଞ୍ଜାବ, କାଶ୍ମୀର ଓ ଉତ୍ତରପ୍ରଦେଶ ରାଜ୍ୟମାନଙ୍କରେ ଦୁଇଟି ଲେଖାଏଁ ବ୍ୟବସ୍ଥାପକ ପରିଷଦ ଅଛି । ଆସାମ, ଗୁଜୁରାଟ, କେରଳ, ହରିଆନା, ମଧ୍ୟପ୍ରଦେଶ, ଓଡ଼ିଶା ଓ ରାଜସ୍ଥାନରେ ଗୋଟିଏ ଲେଖାଏଁ ପରିଷଦ ଅଛି । ସୁପାରିଶ ସହ ବିଧାନ ପରିଷଦକୁ ଉଠାଇ ଦେବାଲାଗି ୧୯୬୦ରେ ବିହାର, ପଞ୍ଜାବ ଓ ଉତ୍ତର ପ୍ରଦେଶର ବିଧାନସଭାମାନେ ପ୍ରସ୍ତାବ ଗ୍ରହଣ କରି ପାର୍ଲିମେଣ୍ଟକୁ ପଠାଇଛନ୍ତି । ନିମ୍ନ ପରିଷଦକୁ ଆସେମ୍ବ୍ଲି ବା ବିଧାନସଭା କୁହାଯାଏ । ଉପର ପରିଷଦକୁ କାଉନସିଲ ବା ବିଧାନ ପରିଷଦ କୁହାଯାଏ ।

**ବିଧାନମଣ୍ଡଳ ଗଠନପ୍ରଣାଳୀ**—ସମ୍ବିଧାନାନୁଯାୟୀ ପ୍ରଥମେ ଦଶଗୋଟି ରାଜ୍ୟରେ ଦ୍ୱିପରିଷଦବିଶିଷ୍ଟ ଏବଂ ଅପର ସାତଗୋଟି ରାଜ୍ୟରେ ଏକପରିଷଦୀ ବିଧାନମଣ୍ଡଳ ରହିବାର ବ୍ୟବସ୍ଥା ହୋଇ-ଥିଲେ ହେଁ ତାକୁ ପରିବର୍ତ୍ତନ କରିବା କ୍ଷମତା ପାର୍ଲିମେଣ୍ଟର ଅଛି । କୌଣସି ରାଜ୍ୟର ବିଧାନମଣ୍ଡଳ ଏକପରିଷଦୀ ହୋଇଥିଲେ ତହିଁରେ ଦ୍ୱିତୀୟ ପରିଷଦ ଯୋଗ କରିବାପାଇଁ ଏବଂ ଦ୍ୱିପରିଷଦୀ ଥିଲେ ତହିଁରୁ ଉପର ପରିଷଦକୁ ଉଠାଇଦେବା ପାଇଁ ସୁପାରିଶ କରି ଉକ୍ତ ରାଜ୍ୟର ବିଧାନମଣ୍ଡଳ ଦ୍ୱିତୃତୀୟାଂଶ ସଭ୍ୟମାନଙ୍କ ସମର୍ଥନ ସହ ଗୋଟିଏ ପ୍ରସ୍ତାବ ଗ୍ରହଣ କଲେ, ପାର୍ଲିମେଣ୍ଟ ତଦନୁସାରେ ସମ୍ବିଧାନକୁ ସଂଶୋଧନ କରିପାରିବେ । ଏହି ପ୍ରଣାଳୀରେ ପଶ୍ଚିମ ବଙ୍ଗରୁ ବିଧାନ ପରିଷଦ ଉଠି ଗଲାଣି ଏବଂ ପଞ୍ଜାବରେ ଉଠିଜିବା ଲାଗି ସିଦ୍ଧାନ୍ତ ହୋଇଛି । ବିହାର ଓ ଉତ୍ତର ପ୍ରଦେଶରୁ ପରିଷଦକୁ ଉଠାଇ ଦେବା ଲାଗି ସେଠାକାର ବିଧାନସଭା ପ୍ରସ୍ତାବ ଗ୍ରହଣ କରିଛି ଏବଂ ତାହା ପାର୍ଲିମେଣ୍ଟର ବିଚାରାଧୀନ ଅଛି ।

**ବିଧାନସଭା**—ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ବିଧାନସଭା ଅଛି । ତହିଁର ସଭ୍ୟ ସଂଖ୍ୟା ୫୦୦ରୁ ଅଧିକ ଓ ୬୦ରୁ କମ୍ ହେବ ନାହିଁ । ରାଜ୍ୟର ପ୍ରତ୍ୟେକ ୨୧ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଭୋଟ ଅଧିକାର ପାଇଛନ୍ତି । ସଭାର କାର୍ଯ୍ୟକାଳ ପାଞ୍ଚବର୍ଷ । ତେବେ କାର୍ଯ୍ୟକାଳ ପୂରିବା ଆଗରୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ନେଇ ସଭା ଭାଙ୍ଗି ନୂତନ ନିର୍ବାଚନ କରାଇ ପାରିବେ ଏବଂ କୌଣସି ଅସାଧାରଣ ପରିସ୍ଥିତିରେ ଆବଶ୍ୟକ ହେଲେ ଉକ୍ତ କାର୍ଯ୍ୟକାଳ ପାର୍ଲିମେଣ୍ଟ ମଧ୍ୟ ବଢ଼ାଇ ଦେଇ ପାରିବେ । ନିର୍ବାଚନମଣ୍ଡଳୀ ଓ ନିର୍ବାଚକ ସଂଖ୍ୟା ପାର୍ଲିମେଣ୍ଟ ଦ୍ୱାରା ସ୍ଥିରୀକୃତ ହୁଏ ।

64240

(ଖ) **ବିଧାନ ପରିଷଦ**—ପରିଷଦର ସଭ୍ୟସଂଖ୍ୟା ବିଧାନସଭା ସଭ୍ୟସଂଖ୍ୟାର ଏକତୃତୀୟାଂଶରୁ ଅଧିକ ଓ ୪୦ ଜଣରୁ କମ୍ ହୋଇପାରିବ ନାହିଁ । ସେମାନେ ନିମ୍ନଲିଖିତ ଧାରା ଅନୁସାରେ ନିର୍ବାଚିତ ବା ମନୋନୀତ ହେବେ ।

(କ) ମୋଟ ସଭ୍ୟସଂଖ୍ୟାର ପ୍ରାୟ ଏକତୃତୀୟାଂଶ ସ୍ୱାୟତ୍ତ ଶାସନାନୁଷ୍ଠାନମାନଙ୍କଦ୍ୱାରା ନିର୍ବାଚିତ ହେବେ ।

(ଖ) ପ୍ରାୟ ଏକଦ୍ୱାଦଶାଂଶ ତିନି ବର୍ଷରୁ ଅଧିକ କାଳ ବି.ଏ. ପାଶ କରିଥିବା କିମ୍ବା ସେହି ସ୍ତରର ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ବ୍ୟକ୍ତିମାନଙ୍କଦ୍ୱାରା ନିର୍ବାଚିତ ହେବେ ।

(ଗ) ପ୍ରାୟ ଏକଦ୍ୱାଦଶାଂଶ ମାଧ୍ୟମିକ ବିଦ୍ୟାଳୟ ବା ତଦୂର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନମାନଙ୍କରେ ତିନିବର୍ଷରୁ ଅଧିକକାଳ ଶିକ୍ଷକତା କରିଥିବା ଲୋକମାନଙ୍କଦ୍ୱାରା ନିର୍ବାଚିତ ହେବେ ।

(ଘ) ପ୍ରାୟ ଏକତୃତୀୟାଂଶ ସଭ୍ୟ ବିଧାନସଭାଦ୍ୱାରା ନିର୍ବାଚିତ ହେବେ । ଏହି ନିର୍ବାଚିତ ବ୍ୟକ୍ତିବୃନ୍ଦ ବିଧାନସଭାର ସଭ୍ୟ ହୋଇ ନ ଥିବେ ଏବଂ

(ଙ) ଅବଶିଷ୍ଟ ସଭ୍ୟ (ପ୍ରାୟ ଏକଷଷ୍ଠାଂଶ) ରାଜ୍ୟରେ କଳା, ବିଜ୍ଞାନ, ସାହିତ୍ୟ, ସମାଜସେବା ଓ ସମବାୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଲୋକମାନଙ୍କ ମଧ୍ୟରୁ ରାଜ୍ୟପାଳଙ୍କଦ୍ୱାରା ମନୋନୀତ ହେବେ ।

ବିଧାନ ପରିଷଦ ଗୋଟିଏ ଚିରସ୍ଥାୟୀ ଅନୁଷ୍ଠାନ ପରି ରହିବ, ଏହାର କାର୍ଯ୍ୟକାଳ ସୀମାବଦ୍ଧ ନୁହେଁ । ତେବେ ବି ପ୍ରତି ଦୁଇ ବର୍ଷରେ ଏକତୃତୀୟାଂଶ ସଭ୍ୟଙ୍କ କାର୍ଯ୍ୟକାଳ ପୂରିଯାଏ ।

ପ୍ରତ୍ୟେକ ନିର୍ବାଚିତ ସଭ୍ୟଙ୍କ କାର୍ଯ୍ୟକାଳ ଛଅବର୍ଷ, ତେଣୁ ପ୍ରତି ଛଅ ବର୍ଷରେ ପରିଷଦରେ ପ୍ରାୟ ସମସ୍ତେ ପୁନର୍ବାର ନିର୍ବାଚିତ ହୋଇଯାଉଥିବେ ।

ମନ୍ତ୍ରିମଣ୍ଡଳର ସଭ୍ୟବୃନ୍ଦ ପରିଷଦ ଓ ସଭା ମଧ୍ୟରୁ ଯେ କୌଣସି ଗୋଟିକର ସଭ୍ୟ ହୋଇଥିଲେ ହେଁ ଅପର ପରିଷଦର ଆଲୋଚନାରେ ଭାଗ ନେଇପାରିବେ, କିନ୍ତୁ ଭୋଟ ଦେଇ ପାରିବେ ନାହିଁ । ରାଜ୍ୟର ମହାଧିବକ୍ତା ଯେ ମଧ୍ୟ କୌଣସି ପରିଷଦର ଆଲୋଚନାରେ ଭାଗ ନେଇ ପାରିବେ ।

**ବିଧାନମଣ୍ଡଳର କାର୍ଯ୍ୟ ଓ କ୍ଷମତା**—ବିଧାନମଣ୍ଡଳର ମୁଖ୍ୟ କର୍ତ୍ତବ୍ୟ ଆଇନପ୍ରଣୟନ । ନୂତନ ଆଇନ ପ୍ରଣୟନ କରିବା ଓ ପ୍ରବର୍ତ୍ତିତ ଆଇନ ସଂଶୋଧନ କରିବା ଲାଗି ସଭା ଓ ପରିଷଦର ବୈଠକ ବସେ । ଦୈନନ୍ଦିନ ଶାସନ କାର୍ଯ୍ୟରେ ବ୍ୟାପୃତ ଥିବା ସରକାର ଆଇନର ବିଧେୟକ ଆଲୋଚନା ପାଇଁ ଆଗତ କରନ୍ତି, ଅନ୍ୟାନ୍ୟ ସଭ୍ୟ ମଧ୍ୟ ବିଧେୟକ ଆଗତ କରିପାରନ୍ତି, କିନ୍ତୁ ସାଧାରଣତଃ ସରକାରୀ ବିଧେୟକ ବହୁସଂଖ୍ୟାରେ ଗୃହୀତ ହୁଏ । ବିଧାନମଣ୍ଡଳ ଅଧିବେଶନ ସ୍ଥଗିତ ଥିଲେ ଅସାଧାରଣ ପରିସ୍ଥିତି ସମ୍ଭାଳି ନେବା ଲାଗି ଅଧ୍ୟାଦେଶ ଜାରି କରିବା ଲାଗି ରାଜ୍ୟପାଳଙ୍କର କ୍ଷମତା ଅଛି; କିନ୍ତୁ ତାହା ବିଧାନମଣ୍ଡଳଦ୍ୱାରା କାଳକ୍ରମେ ଅନୁମୋଦିତ ହେଲେ ଆଇନରେ ପରିଣତ ହେବ; ନଚେତ୍ ବିଧାନମଣ୍ଡଳର ଅଧିବେଶନ ଆରମ୍ଭ ହେବା ଦିନଠାରୁ ଛଅସପ୍ତାହ ମଧ୍ୟରେ ନାକଚ ହେବ । ବିଧାନମଣ୍ଡଳ ବ୍ୟତୀତ ଅନ୍ୟ କେହି ଆଇନ ପ୍ରଣୟନ କରିପାରିବେ ନାହିଁ ।

ସରକାରୀ ଆୟବ୍ୟୟ ଅଟକଳକୁ ମଧ୍ୟ ବିଧାନମଣ୍ଡଳ ଅନୁମୋଦନ କରନ୍ତି । ବଜେଟ ଆଲୋଚନାବେଳେ ପ୍ରତ୍ୟେକ ବିଭାଗର

ଖର୍ଚ୍ଚ ଦାବୀ ପୃଥକ୍ ଭାବରେ ଆଲୋଚିତ ହୋଇ ଗୃହୀତ ହୁଏ । ଉପସ୍ଥାପିତ ବ୍ୟୟ ତାଲିକାକୁ ସଂଶୋଧନ କରିବା ବା କମାଇ ଦେବା କ୍ଷମତା ବିଧାନମଣ୍ଡଳର ଅଛି । ବ୍ୟୟ ହିସାବ ଗୃହୀତ ହେବା ପରେ ଧନାହରଣ ଉପାୟ ବା କର ବସାଇବା କ୍ଷମତା ବିଧାନମଣ୍ଡଳ ନିରୂପଣ କରନ୍ତି । ବିଧାନମଣ୍ଡଳ ଅନୁମୋଦନ ନ କଲେ କୌଣସି ନୂତନ କର ବସିପାରିବ ନାହିଁ କି ବସିଥିବା କରହାର କମ୍ ବେଶି ହୋଇ ପାରିବ ନାହିଁ ।

ବିଧାନମଣ୍ଡଳ ଗଣତାନ୍ତ୍ରିକ ଶାସନର ହୃଦ୍‌ଯନ୍ତ୍ର ଭାବରେ କାର୍ଯ୍ୟ କରେ । ଜନମତର ପ୍ରତୀକ ହିସାବରେ ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରଣ କରିବା ଅଧିକାର ବିଧାନମଣ୍ଡଳ ଉପଭୋଗ କରେ । ପ୍ରତ୍ୟେକ ବୈଠକ ଆରମ୍ଭରେ ଶାସନଗତ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ବ୍ୟବସ୍ଥାପକ ସଭ୍ୟମାନେ ମନ୍ତ୍ରୀମାନଙ୍କ ଦୋଷଗୁଣ ପଦାରେ ପକାଇ ଦିଅନ୍ତି । ଅଧିବେଶନ ଆରମ୍ଭରେ ରାଜ୍ୟପାଳଙ୍କ ଭାଷଣ ଲାଗି ଧନ୍ୟବାଦମୂଳକ ପ୍ରସ୍ତାବ ଆଲୋଚିତ ହେବାବେଳେ ଏବଂ ଆୟବ୍ୟୟ ହିସାବ ବିଚାର ହେବାବେଳେ ସେମାନେ ସରକାରୀ ନୀତିକୁ ସମାଲୋଚନ କରନ୍ତି । କୌଣସି ଗୁରୁତର ପରିସ୍ଥିତି ଉପୁଜିଲେ ସାଧାରଣ ପ୍ରସ୍ତାବ ଓ ମୁଲତବୀ ପ୍ରସ୍ତାବ ଆଗତ କରି ସରକାରଙ୍କ ନିନ୍ଦାବାଦ କରିବା ଲାଗି ବିଧାନମଣ୍ଡଳକୁ ସୁଯୋଗ ମିଳେ । ତା'ନ ହେଲେ ସରକାରଙ୍କଦ୍ୱାରା ସମର୍ଥିତ ପ୍ରସ୍ତାବ, ତଥା ସଂଶୋଧନ ପ୍ରସ୍ତାବ ଓ ବ୍ୟୟଦାବୀ ଅଗ୍ରାହ୍ୟ କରି ନିଜ ବିରକ୍ତି ଜ୍ଞାପନ କରି ପାରନ୍ତି । କୌଣସି ସମାଲୋଚନା ଫଳରେ ସରକାର ସାବଧାନ ନ ହେଲେ ସେମାନେ ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରି ସେମାନଙ୍କୁ ପଦଚ୍ୟୁତ କରିପାରନ୍ତି । ତେଣୁ

ମନ୍ତ୍ରିମଣ୍ଡଳର କାର୍ଯ୍ୟାବଳୀ ସମାଲୋଚନା କରି ମନ୍ତ୍ରୀମାନଙ୍କୁ ବ୍ୟକ୍ତିଗତ ଓ ସାମୂହିକ ଭାବରେ ଦାୟିତ୍ୱଶୀଳ କରି ରଖିବା ବିଧାନମଣ୍ଡଳର କର୍ତ୍ତବ୍ୟ ।

ଦ୍ୱିପରିଷଦୀ ରାଜ୍ୟରୁ ବିଧାନ ପରିଷଦକୁ ଉଠାଇଦେବା ଆବଶ୍ୟକ ହେଲେ କିମ୍ବା ଏକପରିଷଦୀ ରାଜ୍ୟରେ ପରିଷଦ ସୃଷ୍ଟି କରିବାକୁ ହେଲେ ରାଜ୍ୟର ବିଧାନମଣ୍ଡଳ ସେ ସମ୍ପର୍କରେ ସର୍ବ-ପ୍ରଥମେ ପ୍ରସ୍ତାବ ଗ୍ରହଣ କରିବା ଦରକାର । ରାଜ୍ୟ ବିଧାନମଣ୍ଡଳର ପ୍ରସ୍ତାବ ପାର୍ଲିମେଣ୍ଟଦ୍ୱାରା ଗୃହୀତ ହେଲେ ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ କରାଯାଇ ପାରିବ ।

**ବିଧାନମଣ୍ଡଳର କାର୍ଯ୍ୟପ୍ରଣାଳୀ**—ରାଜ୍ୟପାଳ ବିଧାନ-ମଣ୍ଡଳର ଅଧିବେଶନ ଆହ୍ୱାନ କରନ୍ତି । ଅଧିବେଶନ ଆରମ୍ଭ ହେଲେ ସଭାର ବାଚସ୍ପତି ଓ ପରିଷଦର ସଭାପତି ଦୈନନ୍ଦିନ ବୈଠକ ମୁଲତବୀ ରଖନ୍ତି । କେତେଗୁଡ଼ିଏ ବୈଠକକୁ ମିଶାଇଲେ ତାହାକୁ ଅଧିବେଶନ କୁହାଯାଏ । ଅଧିବେଶନ ପରେ ବିଧାନ-ମଣ୍ଡଳର ବୈଠକ ସ୍ଥଗିତ କରିବା କ୍ଷମତା ରାଜ୍ୟପାଳଙ୍କଠାରେ ନ୍ୟସ୍ତ । ବିଧାନସଭା ପ୍ରତି ପାଞ୍ଚବର୍ଷରେ ଥରେ ନିର୍ବାଚିତ ହୁଏ । ଦରକାର ହେଲେ ରାଜ୍ୟପାଳ ନିର୍ଦ୍ଦିଷ୍ଟକାଳ ପୂରିବା ପୂର୍ବରୁ ସଭାକୁ ଭାଙ୍ଗି ନୂତନ ନିର୍ବାଚନ କରାଇ ପାରନ୍ତି । ନିର୍ବାଚନ ସରିବା ପରେ ନିର୍ବାଚିତ ସଭ୍ୟବୃନ୍ଦ, ରାଜ୍ୟପାଳ କିମ୍ବା ତାଙ୍କଦ୍ୱାରା ମନୋନୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ନିକଟରେ ରାଷ୍ଟ୍ର ଏବଂ ରାଷ୍ଟ୍ରୀୟ ସମ୍ବିଧାନ ପ୍ରତି ଅନୁରକ୍ତି ପ୍ରକାଶ କରି ଶପଥ ଗ୍ରହଣ କରନ୍ତି । ବ୍ୟବସ୍ଥାପକ ସଭ୍ୟମାନେ ସାଧାରଣତଃ ନିଜ ପରିଷଦର ସଭାପତିଙ୍କ ସମ୍ମୁଖରେ ଉକ୍ତ ଶପଥ ଗ୍ରହଣ କରନ୍ତି ।

ସଭା ଓ ପରିଷଦର ବୈଠକ ପ୍ରାୟ ଏକ ସମୟରେ ଆହୂତ ହୁଏ । ଅଧିବେଶନ ଆରମ୍ଭରେ ରାଜ୍ୟପାଳ ରାଜ୍ୟର ପରିସ୍ଥିତି ଏବଂ ରାଜ୍ୟ ସରକାରଙ୍କ ନୀତି ବର୍ଣ୍ଣନା କରି ଗୋଟିଏ ଭାଷଣ ଦିଅନ୍ତି । ଶାସନତାନ୍ତ୍ରିକ ରାଜ୍ୟପାଳ ହିସାବରେ ସେ ମନ୍ତ୍ରିମଣ୍ଡଳ ଦ୍ୱାରା ଉକ୍ତ ଭାଷଣ ପ୍ରଣୀତ କରାଇ ନିଅନ୍ତି । ଭାଷଣ ପରେ ତାଙ୍କୁ ତାଙ୍କ ଭାଷଣ ଲାଗି ଧନ୍ୟବାଦ ଦେବାକୁ ଗୋଟିଏ ପ୍ରସ୍ତାବ ଆଗତ ହୁଏ । ଏହି ପ୍ରସ୍ତାବ ଉପରେ ଆଲୋଚନା ହେବାବେଳେ ବିରୋଧୀଦଳଙ୍କୁ ସରକାରଙ୍କ ନୀତି ସମାଲୋଚନା କରିବା ପାଇଁ ଗୋଟିଏ ସୁଯୋଗ ମିଳେ । ସେମାନେ ସଂଶୋଧନ ପ୍ରସ୍ତାବ ଆଣି ସମାଲୋଚନା କରନ୍ତି ଏବଂ ଏହି ସଂଶୋଧନ ପ୍ରସ୍ତାବ ଗୃହୀତ ହୋଇଗଲେ ତାହା ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବରୂପେ ବିବେଚିତ ହୁଏ ।

**ସାଧାରଣ ଆଇନ ପ୍ରଣୟନ ପ୍ରଣାଳୀ**—ରାଜ୍ୟର ବ୍ୟବସ୍ଥାପକ କାର୍ଯ୍ୟପ୍ରଣାଳୀ ପାର୍ଲିମେଣ୍ଟର ପ୍ରଣାଳୀ ଅନୁରୂପ । ସଭା ଓ ପରିଷଦ ଉଭୟରେ ବହୁସଂଖ୍ୟାରେ ସରକାରଙ୍କ ଦ୍ୱାରା ସମର୍ଥିତ ବିଧେୟକ ଓ ପ୍ରସ୍ତାବ ଆଲୋଚିତ ହୁଏ । ସରକାରୀଦଳ ସଂଖ୍ୟାଗରିଷ୍ଠ ଥିବାରୁ ତାହାର ଦଳପତି ମୁଖ୍ୟମନ୍ତ୍ରୀ ସଭାର ନେତାରୂପେ କାମ କରନ୍ତି । ତାଙ୍କ ମତ ଅନୁସାରେ ବ୍ୟବସ୍ଥାପକ କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ ହୁଏ । ସେ ଉଚିତ ମନେକଲେ ବେଳେବେଳେ ବିରୁଦ୍ଧଦଳର ଦଳପତିଙ୍କ ସଙ୍ଗେ ପରାମର୍ଶ କରିପାରନ୍ତି; କିନ୍ତୁ ଏଭଳି ପରାମର୍ଶ ବାଧ୍ୟତାମୂଳକ ନୁହେ । କେବଳ କାର୍ଯ୍ୟନିର୍ଘଣ୍ଟ ନୁହେଁ, କେଉଁ କେଉଁ ସଭ୍ୟ ଆଲୋଚନାରେ ଭାଗ ନେବେ, ତାହା ମଧ୍ୟ ଆଗରୁ ସରକାରୀ ଓ ବିରୁଦ୍ଧ ଦଳର ଦଳପତିମାନେ ସ୍ଥିର କରନ୍ତି ।

ବିଧେୟକ ବା ପ୍ରସ୍ତାବ ଆଗତ କରିବା କ୍ଷମତା ଯେ କୌଣସି ସଭ୍ୟଙ୍କର ଅଛି । ମନ୍ତ୍ରୀମାନଙ୍କ ଦ୍ୱାରା ଆଗତ ବିଧେୟକ ବା ପ୍ରସ୍ତାବ ସରକାରୀ ବୋଲି ବିବେଚିତ ହୁଏ ଏବଂ ମନ୍ତ୍ରିମଣ୍ଡଳର ପରିମାୟୁ ଏହି ବିଧେୟକ ବା ପ୍ରସ୍ତାବ ଗ୍ରହଣ ହେବା ନ ହେବା ଉପରେ ନିର୍ଭର କରେ । ମନ୍ତ୍ରୀଙ୍କ ଭିନ୍ନ ସରକାରୀ ବା ବିରୁଦ୍ଧଦଳର ଯେ କୌଣସି ସଭ୍ୟ ପ୍ରସ୍ତାବ ବା ବିଧେୟକ ଆଗତ କରିପାରିବେ ସତ; କିନ୍ତୁ ଏଗୁଡ଼ିକ ବେସରକାରୀ ହୋଇଥିବାରୁ କେବଳ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ବିଚାର ହୋଇପାରିବ । ସାଧାରଣତଃ ଗୋଟିଏ ଅଧିବେଶନରେ ଦୁଇ ଚାରିଗୋଟି ଦିନ ବେସରକାରୀ କାର୍ଯ୍ୟ ଲାଗି ନିର୍ଦ୍ଦିଷ୍ଟ ଥାଏ, ତେବେ ବି ସରକାରଙ୍କର କୌଣସି ଜରୁରୀ କାର୍ଯ୍ୟ ଥିଲେ ଉକ୍ତ ଦିନମାନଙ୍କରେ ମଧ୍ୟ ସରକାରୀ ବିଧେୟକ ବା ପ୍ରସ୍ତାବ ଆଲୋଚିତ ହୋଇପାରେ; ତେଣୁ ମନ୍ତ୍ରୀ ନ ହୋଇଥିବା ସଭ୍ୟମାନଙ୍କ ବ୍ୟବସ୍ଥାପକ ଦାୟିତ୍ୱ ନିତାନ୍ତ ସୀମାବଦ୍ଧ । ସରକାରୀ ବିଧେୟକ ବା ପ୍ରସ୍ତାବର ପରିଣାମ ଉପରେ ମନ୍ତ୍ରିମଣ୍ଡଳର ସ୍ଥାୟିତ୍ୱ ନିର୍ଭର କରୁଥିବା ହେତୁ ଏବଂ ଦଳଗତ ଶୃଙ୍ଖଳାର କଠିନତା ହେତୁ ସରକାରଙ୍କଦ୍ୱାରା ଆଗତ ବ୍ୟବସ୍ଥାପକ କାର୍ଯ୍ୟ ବହୁସଂଖ୍ୟାରେ ଗୃହୀତ ହୁଏ ଏବଂ ବେସରକାରୀ ବିଧେୟକ ବା ପ୍ରସ୍ତାବ ହୁଏତ ପ୍ରତ୍ୟାହୃତ ବା ଅଗ୍ରାହ୍ୟ ହୁଏ ।

ପାର୍ଲିମେଣ୍ଟ ଭଳି ରାଜ୍ୟମାନଙ୍କରେ ବି ବିଧେୟକଟିଏ ଗୃହୀତ ହେବା ଲାଗି ଗୋଟିଏ ବିଧିବଦ୍ଧ ପ୍ରଣାଳୀ ଅନୁସୃତ ହୁଏ । ପ୍ରଥମେ ଆଗତକାରୀ ସଭ୍ୟ ନିଜ ବିଧେୟକଟିର ନାମ ପଢ଼ି ସେ ସମ୍ବନ୍ଧରେ ପଦେ ଦୁଇପଦ ଭାଷଣ ଦିଅନ୍ତି । ପ୍ରସ୍ତାବକଙ୍କ ଭାଷଣ ପରେ ଅନ୍ୟ ଜଣେ ସଭ୍ୟ ଆଗତ ବିଧେୟକ ବା ପ୍ରସ୍ତାବକୁ ବିରୋଧ କରିପାରନ୍ତି ।

ସରକାରୀ ଗେଜେଟରେ ବିଧେୟକଟି ପ୍ରକାଶିତ ହେବାପରେ ସାଧାରଣ ଆଲୋଚନା ହୋଇ ସ୍ଥିର ହୁଏ, ଏହା କୌଣସି କମିଟିକୁ ଯିବ କିମ୍ବା ଆଲୋଚନା ତତ୍‌କ୍ଷଣାତ୍ ହେବ । ଏହିଠାରେ ପ୍ରଥମ ପଠନ ଶେଷ ହୁଏ । ଏ ସ୍ତରରେ ଆଲୋଚକମାନେ ପ୍ରସ୍ତାବରେ ନିହିତ ନୀତି ବିଷୟରେ ଆଲୋଚନା କରନ୍ତି । ଆଲୋଚନା ଶେଷରେ ବିଧେୟକଟି ଗୁରୁତର ବା ଜଟିଳ ହୋଇଥିଲେ ଗୋଟିଏ ଯାଞ୍ଚ କମିଟିକୁ ଯାଏ । ଯାଞ୍ଚ କମିଟିରେ ପ୍ରତ୍ୟେକ ଧାରା ଓ ଉପ-ଧାରାର ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ ଆବଶ୍ୟକ ସଂଶୋଧନ ପ୍ରସ୍ତାବର ସୂଚନା ଦିଆଯାଏ । ଏ କମିଟିର ସର୍ବାପନ୍ତି ସଂଶୋଧନ ପ୍ରସ୍ତାବସମ୍ବଳିତ ଗୋଟିଏ ବିବରଣୀ ସହ ବିଧେୟକଟିକୁ ସଦନ ସମ୍ମୁଖରେ ଉପସ୍ଥାପିତ କରନ୍ତି । ତା'ପରେ ଦ୍ୱିତୀୟ ପଠନ ଆରମ୍ଭ ହୁଏ । ଏତିକିବେଳେ ପ୍ରତ୍ୟେକ ଧାରା ଓ ଉପଧାରା ସମ୍ୟକଭାବେ ଆଲୋଚିତ ହୋଇ ଗୃହୀତ ହୁଏ । ଯେ କୌଣସି ସଭ୍ୟ ଏହି ସ୍ତରରେ ସଂଶୋଧନ ପ୍ରସ୍ତାବ ଆଗତ କରିପାରନ୍ତି । ଦ୍ୱିତୀୟ ପଠନବେଳେ ପ୍ରତ୍ୟେକ ଧାରା ଓ ଉପଧାରା ଉପରେ ଭୋଟ ନିଆହୋଇ ଗୃହୀତ ହେଲବୋଲି ଜଣାଇ ଦିଆଯାଏ । ବିଧେୟକଟି ଜଟିଳ ଓ ଗୁରୁତ୍ୱ-ପୂର୍ଣ୍ଣ ନ ହୋଇଥିଲେ କିମ୍ବା ତାହା ଅତି ଶୀଘ୍ର ଗ୍ରହଣ କରିବାର ଆବଶ୍ୟକତା ଥିଲେ, ତାହା ଆଉ ଯାଞ୍ଚ କମିଟି ହାତକୁ ନ ଯାଇ ସିଧା ସିଧା ଆଲୋଚନା ଆରମ୍ଭ ହୋଇଯାଏ । ପ୍ରତ୍ୟେକ ଧାରା ଓ ଉପଧାରା ଗୃହୀତ ହେବାପରେ ସମସ୍ତ ବିଧେୟକଟି ଉପରେ ସଦନର ମତ ନିଆଯାଏ । ଏହିଠାରେ ଦ୍ୱିତୀୟ ପଠନ ଶେଷ ହୁଏ । ତା'ପରେ ତୃତୀୟ ପଠନ ଆରମ୍ଭ ହୁଏ । ଏ ସ୍ତରରେ ଆଲୋଚକମାନେ କେବଳ ବିଲ୍‌ର ପରିଣାମ ସମ୍ବନ୍ଧରେ ସାଧାରଣ ଭାବରେ ଆଲୋଚନା କରିପାରିବେ, ବିଶଦ ଆଲୋଚନା କରି

ପାରିବେ ନାହିଁ । ତୃତୀୟ ପଠନ ପରେ ପୁନର୍ବାର ଭୋଟ ନିଆ ହୋଇ ବିଧେୟକଟି ସମ୍ପୂର୍ଣ୍ଣଭାବରେ ଗୃହୀତ ହୁଏ ।

ସାଧାରଣ ଆଇନର ବିଧେୟକ ସଭା ଓ ପରିଷଦ ଯେ କୌଣସି ଗୋଟିକରେ ଆଗତ ହୋଇପାରେ । ଗୋଟିଏ ସଦନରେ ଆଲୋଚିତ ହୋଇ ଗୃହୀତ ହେବା ପରେ ତାହା ଅପର ସଦନକୁ ପ୍ରେରିତ ହୁଏ । ସେଠାରେ ଠିକ୍ ଉଲ୍ଲିଖିତ ପ୍ରଣାଳୀରେ ଆଲୋଚନା ଚାଲେ । ଉଭୟ ପରିଷଦ ପ୍ରତ୍ୟେକ ଧାରା ଓ ଉପଧାରାକୁ ସମାନ ଆକାରରେ ଗ୍ରହଣ କରିବା କଥା । ଯଦି ଉଭୟ ପରିଷଦ ମଧ୍ୟରେ ମତଭେଦ ହୁଏ ଏବଂ କୌଣସି ସଂଶୋଧନ ପ୍ରସ୍ତାବ ଗ୍ରହଣ କରିବା ଲାଗି ଉଭୟ ସଦନ ଏକମତ ନ ହୁଅନ୍ତି, ତେବେ ସଭା ବା ନିମ୍ନ ପରିଷଦରେ ଗୃହୀତ ହେବା ପରେ ତିନିମାସ ମଧ୍ୟରେ ଅପର ପରିଷଦ କୌଣସି ଆଲୋଚନା କରି ନ ଥିଲେ କିମ୍ବା ସଭା ସମ୍ମତ ନ ହେବା ଭଳି କୌଣସି ସଂଶୋଧନ ପ୍ରସ୍ତାବ ଗ୍ରହଣ କରିଥିଲେ, ସଭା ବିଧେୟକଟିକୁ ପୁନର୍ବାର ଉଲ୍ଲିଖିତ ପ୍ରଣାଳୀରେ ଗ୍ରହଣ କରିସାରି ଉପର ପରିଷଦକୁ ପଠାଇଦେବେ ଏବଂ ପଠାହେବାର ମାସକ ମଧ୍ୟରେ ପରିଷଦ ଏକମତ ନ ହୋଇ ପାରିଲେ ତାହା ପ୍ରତ୍ୟେକ ପରିଷଦଦ୍ୱାରା ପୃଥକଭାବରେ ଗୃହୀତ ହେଲା ବୋଲି ବିବେଚିତ ହୋଇ ରାଜ୍ୟପାଳଙ୍କ ସ୍ୱୀକୃତି ଲାଗି ପ୍ରେରିତ ହୁଏ । କେନ୍ଦ୍ର ଭଳି ରାଜ୍ୟମାନଙ୍କରେ ଉଭୟ ପରିଷଦର ମିଳିତ ବୈଠକ ହେବା ବ୍ୟବସ୍ଥା ନାହିଁ । ଯେଉଁ ରାଜ୍ୟମାନଙ୍କରେ କେବଳ ବିଧାନସଭା ଅଛି, ସେଠାରେ ବିଧେୟକ ସଭାଦ୍ୱାରା ଗୃହୀତ ହେବାମାତ୍ରକେ ରାଜ୍ୟପାଳଙ୍କ ନିକଟକୁ ପ୍ରେରିତ ହୁଏ ।

ରାଜ୍ୟପାଳଙ୍କ ନିକଟକୁ ବିଧେୟକଟି ସ୍ୱୀକୃତି ଲାଗି ପ୍ରେରିତ ହେଲେ ସେ ସ୍ୱୀକୃତି ଦେଇପାରନ୍ତି କିମ୍ବା ନ ଦେଇ ପାରନ୍ତି । ସେ

ଉଚିତ ବିବେଚନା କଲେ ବିଧେୟକଟିକୁ ରାଷ୍ଟ୍ରପତିଙ୍କ ନିକଟକୁ ତାଙ୍କ ବିଚାରଲାଗି ପଠାଇପାରନ୍ତି କିମ୍ବା ଆବଶ୍ୟକ ମନେ କରୁଥିବା ସଂଶୋଧନ ପ୍ରସ୍ତାବର ସୂଚନା ଦେଇ ଗୋଟିଏ ବାର୍ତ୍ତାସହ ବିଧେୟକଟିକୁ ସଭାକୁ ଫେରାଇ ଦେଇପାରନ୍ତି । ବିଧାନସଭା ରାଜ୍ୟପାଳଙ୍କ ସଙ୍ଗରେ ଏକମତ ନ ହୋଇ ପୁନର୍ବାର ବିଧେୟକଟିକୁ ଆଗଭଳି ଗ୍ରହଣ କଲେ ତାହା ପୁନର୍ବାର ରାଜ୍ୟପାଳଙ୍କ ନିକଟକୁ ପ୍ରେରିତ ହେବ ଏବଂ ଏଥରକ ସେ ସ୍ୱୀକୃତି ଦେବାକୁ ବାଧ୍ୟ ହେବେ ।

ରାଷ୍ଟ୍ରପତିଙ୍କ ବିଚାର ଲାଗି ବିଧେୟକଟିଏ ପ୍ରେରିତ ହୋଇଥିଲେ ସେ ହୁଏତ ସ୍ୱୀକୃତି ଦେବେ ବା ନ ଦେବେ କିମ୍ବା ଆବଶ୍ୟକ ସଂଶୋଧନ ପ୍ରସ୍ତାବର ସୂଚନା ଦେଇ ରାଜ୍ୟପାଳଙ୍କ ଜରିଆରେ ଗୋଟିଏ ବାର୍ତ୍ତା ପଠାଇବେ । ବିଧାନମଣ୍ଡଳ ଉକ୍ତ ବାର୍ତ୍ତାକୁ ବିଚାର କରି ବିଧେୟକଟିକୁ ଗ୍ରହଣ କଲେ ତାହା ପୁନର୍ବାର ରାଷ୍ଟ୍ରପତିଙ୍କ ବିଚାର ଲାଗି ପ୍ରେରିତ ହେବ । ଦ୍ୱିତୀୟବାର ପ୍ରେରିତ ହେଲେ ରାଷ୍ଟ୍ରପତି ରାଜ୍ୟପାଳଙ୍କ ପରି ସ୍ୱୀକୃତି ଦେବାକୁ ବାଧ୍ୟ ନୁହନ୍ତି ।

**ଆର୍ଥିକ ଆଇନ ପ୍ରଣୟନ ପ୍ରଣାଳୀ**—ଏହା ସାଧାରଣ ଆଇନ ପ୍ରଣୟନ ପ୍ରଣାଳୀଠାରୁ କେତେକାଂଶରେ ଭିନ୍ନ । ସାଧାରଣ ଆଇନ ବିଧେୟକଟିର ଆଲୋଚନା ସଭା ବା ପରିଷଦ ଯେ କୌଣସି ସଦନରେ ଆରମ୍ଭ ହୋଇପାରେ; କିନ୍ତୁ ଆର୍ଥିକ ଆଇନ କେବଳ ବିଧାନସଭାରେ ଆଗତ ହେବ, ପରିଷଦରେ ଆଗତ ହୋଇପାରିବ ନାହିଁ । ଆଲୋଚନା ପ୍ରଣାଳୀ ଭିନ୍ନ ହୋଇଥିବାରୁ କେଉଁଟା ଆର୍ଥିକ ବିଧେୟକ ତାହା ସଭାର ବାଚସ୍ପତିଙ୍କ ସୁପାରିଶ ଅନୁସାରେ ନିର୍ଣ୍ଣୀତ ହେବ ।

ପ୍ରଥମେ ଗୋଟିଏ ନିର୍ଦ୍ଦିଷ୍ଟ ଦିବସରେ ରାଜ୍ୟର ଅର୍ଥମନ୍ତ୍ରୀ ବିଗତ ବର୍ଷର ହିସାବ ଓ ଚଳିତ ବର୍ଷର ସଂଶୋଧିତ ହିସାବ ସହିତ ଆଗାମୀ ବର୍ଷର ଅଟକଳ ବା ପ୍ରାକ୍‌କଳନର ( Estimates ) ସୂଚନା ଦେବେ । ଏଥିପୂର୍ବରୁ ତାଙ୍କୁ ରାଜ୍ୟପାଳଙ୍କ ସ୍ୱୀକୃତି ନେବାକୁ ହେବ । ପ୍ରାକ୍‌କଳନର ହିସାବକୁ ବଜେଟ ବୋଲି କୁହାଯାଏ । ଏଥିରେ ରାଜ୍ୟର ଆୟ ଓ ବ୍ୟୟର ସୂଚନା ଥାଏ । ବଜେଟ ଭାଷଣ ପରେ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ବଜେଟ ଉପରେ ସାଧାରଣ ଆଲୋଚନା ଆରମ୍ଭ ହୁଏ । ଏଥିରେ ଯେ କୌଣସି ସଭ୍ୟ ଭାଗ ନେଇ ପାରିବେ । ଏହି ଆଲୋଚନା ବେଳେ କେବଳ ସରକାରୀ କାର୍ଯ୍ୟକଳାପ ସାଧାରଣ ଭାବରେ ଆଲୋଚିତ ହୋଇପାରିବ । ସାଧାରଣ ଆଲୋଚନା ଶେଷରେ ବିଭାଗୀୟ ମନ୍ତ୍ରୀମାନେ ନିଜ ବିଭାଗର ଖର୍ଚ୍ଚ ହିସାବ ମଞ୍ଜୁରି ଲାଗି ପ୍ରସ୍ତାବ ଆଗତ କରିପାରିବେ । ଏହି ପ୍ରସ୍ତାବ ଆଲୋଚନାବେଳେ ଯେ କୌଣସି ସଭ୍ୟ କାଟ ପ୍ରସ୍ତାବ ଆଣି ପ୍ରସ୍ତାବିତ ଖର୍ଚ୍ଚ ହିସାବକୁ କମାଇ ଦେବାଲାଗି ପ୍ରସ୍ତାବ ଆଗତ କରିବେ । ଖର୍ଚ୍ଚ ହିସାବକୁ ବଢ଼ାଇବା ଲାଗି ପ୍ରସ୍ତାବ କରିବା ଅଧିକାର ସଭ୍ୟମାନଙ୍କର ନାହିଁ । ଏହି କାଟପ୍ରସ୍ତାବ ଆଲୋଚନା-ବେଳେ ସଂପୃକ୍ତ ବିଭାଗର ଦୋଷ ଗୁଣ ସମ୍ବନ୍ଧରେ ଠିକଣଠି ଆଲୋଚନା ହୁଏ । କାଟ ପ୍ରସ୍ତାବ ମନ୍ତ୍ରିମଣ୍ଡଳ ପ୍ରତି ଅଶ୍ରଦ୍ଧା ଜ୍ଞାପନ କରିବା ଲାଗି ଗୋଟିଏ ଉପାୟ ଏବଂ ଏହା ଗୃହୀତ ହେଲେ ମନ୍ତ୍ରି-ମଣ୍ଡଳ ଇସ୍ତଫା ଦେବା କଥା । ଏଭଳି ଭାବରେ ପ୍ରତ୍ୟେକ ବିଭାଗର ଖର୍ଚ୍ଚ ହିସାବ ସଂପୃକ୍ତ ମନ୍ତ୍ରୀଙ୍କଦ୍ୱାରା ଆଗତ ହୋଇ ଆଲୋଚିତ ଓ ଗୃହୀତ ହୁଏ । ପୂର୍ବ ସମ୍ବିଧାନମାନଙ୍କରେ ବ୍ୟବସ୍ଥା ଥିଲା ଯେ; ବ୍ୟୟ ହିସାବ ନିଶ୍ଚୟ ଆଗାମୀ ଅପ୍ରେଲ ପହିଲା ପୂର୍ବରୁ ଗୃହୀତ ହେବ । ଏ ବ୍ୟବସ୍ଥା ଅନୁଯାୟୀ ସଭ୍ୟମାନଙ୍କୁ

ବଜେଟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଲାଗି ଯଥେଷ୍ଟ ସମୟ ମିଳୁ ନ ଥିଲା । ତେଣୁ ଏବେ ବ୍ୟବସ୍ଥା ହୋଇଛି ଯେ, ବ୍ୟୟ ହିସାବ ସମ୍ପୂର୍ଣ୍ଣଭାବରେ ଗୃହୀତ ହେବା ପୂର୍ବରୁ ବିଧାନସଭାର ସ୍ୱୀକୃତି ଆଶାରେ ଅପ୍ରେଲ ପହିଲାଠାରୁ ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ଖର୍ଚ୍ଚ ଚାଲିବ, ବ୍ୟୟ ହିସାବ ସଭାର ସମ୍ମତି ଅନୁସାରେ ଗୃହୀତ ହେବ । ଆହୁରି ମଧ୍ୟ କୌଣସି ଅସାଧାରଣ ପରିସ୍ଥିତି ବର୍ଷ ମଧ୍ୟରେ ଉପୁଜିବାର ସମ୍ଭାବନା ଥିଲେ, ସଂପୃକ୍ତ ମନ୍ତ୍ରୀ ନାମକୁ ମାତ୍ର ସାମାନ୍ୟ ପରିମାଣରେ ହିସାବ କରି ତାହା ସଭାଦ୍ୱାରା ଅନୁମୋଦିତ କରାଇ ନେଇ ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରିପାରିବେ; ପରେ ସମସ୍ତ ବ୍ୟୟର ପରିମାଣ ସଭାଦ୍ୱାରା ଅନୁମୋଦିତ ହେବ । ଉଲ୍ଲିଖିତ ବ୍ୟବସ୍ଥାଦ୍ୱୟ ସଭାର ନିୟନ୍ତ୍ରଣକୁ କଠୋର କରିବା ସଙ୍ଗେ ସଙ୍ଗେ ସରକାରଙ୍କୁ ନିଜ ମତ ଅନୁଯାୟୀ ନିର୍ଭୀକ ଭାବରେ ଗତି କରିବା ଲାଗି ସୁବିଧା ଦେଇଛି ।

ବିଭାଗୀୟ ଖର୍ଚ୍ଚ ହିସାବ ଗୃହୀତ ହୋଇସାରିଲେ ଗୃହୀତ ବ୍ୟୟ ପରିମାଣ ଏବଂ ବ୍ୟବସ୍ଥାସଭା ଆଲୋଚନାରୁ ବହିର୍ଭୂତ ଖର୍ଚ୍ଚ ପରିମାଣ ଏକତ୍ର ହୋଇ ଗୋଟିଏ ବିଧେୟକ ବ୍ୟବସ୍ଥାପକ ସଭା ସମ୍ମୁଖରେ ଉପସ୍ଥାପିତ ହୁଏ । ଏହାକୁ ବିନିଯୋଗ ବିଧେୟକ ବୋଲି କୁହାଯାଏ । ଏ ବିଧେୟକ ଆଲୋଚିତ ହେବାବେଳେ କୌଣସି ସଂଶୋଧନ ପ୍ରସ୍ତାବ ଆଗତ ହୋଇପାରିବ ନାହିଁ । ରାଜ୍ୟପାଳ, ବାଚସ୍ପତି, ଉପବାଚସ୍ପତି, ବିଧାନ ପରିଷଦର ସଭାପତି ଓ ଉପସଭାପତିଙ୍କ ଦରମା ଓ ଭତ୍ତା, ରାଜ୍ୟର ଋଣସମ୍ବନ୍ଧୀୟ ଖର୍ଚ୍ଚ; ଅଦାଲତର ରାୟ ଦିଆଯିବାହେଲା ଖର୍ଚ୍ଚ ଏବଂ ସଭାଦ୍ୱାରା ଆଲୋଚନା ନ ହୋଇ ପାରିବା ଭଳି ଅନ୍ୟାନ୍ୟ ଖର୍ଚ୍ଚ ଗୃହୀତ ହେବାଲାଗି ବିଧାନ

ସଭା ଆଗରେ ଉପସ୍ଥାପିତ ହୁଏ ନାହିଁ । ଉକ୍ତ ବିନିଯୋଗ ବିଧେୟକ ସାଧାରଣ ଆଇନପରି ଆଲୋଚିତ ହୋଇ ରାଜ୍ୟପାଳଙ୍କ ସ୍ୱୀକୃତି ସହ ଆଇନରେ ପରିଣତ ହୁଏ । ବିନିଯୋଗ ଆଇନ ପ୍ରଣୀତ ହେବା ପରେ କର ବସାଇବା ଲାଗି କମ୍ବା ପ୍ରଚଳିତ କର ସେହି ହାରରେ କମ୍ବା ବର୍ଦ୍ଧିତ ହାରରେ ଚାଲୁ ରଖିବା ଲାଗି ବ୍ୟବସ୍ଥା କରି ଗୋଟିଏ ଆର୍ଥିକ ଆଇନ ଗୃହୀତ ହୁଏ । ଆର୍ଥିକ ଆଇନ ଯେ କୌଣସି ଦିନ ଗୃହୀତ ହେଉନା କାହିଁକି ପ୍ରସ୍ତାବିତ କର ହାର ଅପ୍ରେଲ ପହିଲାଠାରୁ ଚାଲୁ ହେଲା ବୋଲି ଧରି ନିଆହୁଏ । ବିନିଯୋଗ ଆଇନ ଓ ଆର୍ଥିକ ଆଇନ ଗୃହୀତ ହେବା ପରେ ବାର୍ଷିକ ଆର୍ଥିକ ଆଇନ ପ୍ରଣୟନ ପ୍ରଣାଳୀ ପୂର୍ବାପୂର ଅନୁସୃତ ହେଲା ବୋଲି ଧରି ନିଆହୁଏ ।

ସଭାର ମଞ୍ଜୁରୀ ପ୍ରାପ୍ତ ବ୍ୟୟ ପରିମାଣ ଆଗାମୀ ବର୍ଷର ଖର୍ଚ୍ଚ ଲାଗି ଅକୁଲାଣ ହେଲେ ଏବଂ ଅଧିକ ବ୍ୟୟ କରିବା ଲାଗି ଆବଶ୍ୟକତା ପଡ଼ିଲେ ରାଜ୍ୟପାଳଙ୍କ ସ୍ୱୀକୃତି ଅନୁସାରେ ବର୍ଷ ଶେଷ ହେବା ପୂର୍ବରୁ ଗୋଟିଏ ଅତିରିକ୍ତ ବ୍ୟୟ ହିସାବ ଆଗତ ହୋଇ ଗୃହୀତ ହୁଏ । ନିର୍ବାଚିତ ପ୍ରତିନିଧିଙ୍କ ସ୍ୱୀକୃତି ବିନା ପଇସାଟିଏ ସୁଦ୍ଧା ସରକାର ଖର୍ଚ୍ଚ କରି ପାରିବେ ନାହିଁ ବୋଲି ଗଣତାନ୍ତ୍ରିକ ମୂଳନୀତି ଥିବାରୁ ସରକାରୀ ବ୍ୟୟ ପରିମାଣର କଡ଼ା-କଡ଼ି ବିଧାନ ସଭାଦ୍ୱାରା ଗୃହୀତ ହେବା ବିଧେୟ ।

**ବ୍ୟବସ୍ଥାପକମାନଙ୍କ ଯୋଗ୍ୟତା ଓ କ୍ଷମତା—** ଯେ କୌଣସି ବ୍ୟକ୍ତି ପଚିଶ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ହୋଇ-ଥିଲେ ଏବଂ ତାଙ୍କର ଭୋଟ ଦେବା ଅଧିକାର ଥିଲେ, ସେ ବ୍ୟବସ୍ଥାପକ ଭାବରେ ନିର୍ବାଚିତ ହୋଇପାରିବେ । ତାଙ୍କର ଅନ୍ୟ

କ କ ଯୋଗ୍ୟତା ଥିବା ଦରକାର, ତାହା ପାର୍ଲିମେଣ୍ଟ ଦ୍ୱାରା ପ୍ରଣୀତ ଲୋକପ୍ରତିନିଧାନ ଆଇନରେ ସ୍ଥିରୀକୃତ ହୋଇଛି । କୌଣସି ବ୍ୟକ୍ତି ସଙ୍ଘ ଓ ପରିଷଦ ଉଭୟର ସଭ୍ୟ ହୋଇପାରିବେ ନାହିଁ । ନିର୍ବାଚିତ ହେବାପରେ ସେ କୌଣସି ସରକାରୀ ଚାକିରୀ କଲେ କିମ୍ବା ୬୦ ଦିନରୁ ଅଧିକ କାଳ ଏକାଦିକ୍ରମେ ସଦନର ଅଧିବେଶନରୁ ଅନୁପସ୍ଥିତ ରହିଲେ କିମ୍ବା ବିକୃତମସ୍ତିଷ୍କ ବା ଦିଆଳିଆ ବୋଲି କ୍ଷମତା ସମ୍ପନ୍ନ ଅଦାଲତଦ୍ୱାରା ପ୍ରମାଣିତ ହେଲେ, ତାଙ୍କ ସଭ୍ୟପଦ ରହିତ ହେବ । ସଦନର ଅଧିବେଶନବେଳେ ସେ ଯେଉଁସବୁ ବିଷୟରେ ଆଲୋଚନା କରିବେ, ସେ ସମ୍ପର୍କରେ କୌଣସି ଅଭିଯୋଗ ଅଦାଲତରେ ହୋଇପାରିବ ନାହିଁ । ସେ ଇଂରାଜୀ, ହିନ୍ଦୀ ଓ ମାତୃଭାଷାରେ ଆଲୋଚନା କରି ପାରିବେ । ବ୍ୟବସ୍ଥାପକମାନଙ୍କୁ ଅନ୍ୟ କ କ କ୍ଷମତା ଦିଆଯିବ, ତାହାପରେ ପାର୍ଲିମେଣ୍ଟ ଆଇନରେ ଲିପିବଦ୍ଧ ହେବ । ତାଙ୍କୁ ନି ନିର୍ଦ୍ଦିଷ୍ଟ ପରିମାଣରେ ବେତନ ଓ ଭତ୍ତା ମିଳିବ ।

---

## ରାଜ୍ୟ ସରକାରଙ୍କ କ୍ଷମତା

**ରାଜ୍ୟ ତାଲିକା**—ରାଷ୍ଟ୍ରୀୟ ନିୟମାନୁସାରେ ସଂଘ ଓ ସହଯୋଗୀ ରାଜ୍ୟମାନଙ୍କ ଶାସନପରିସର ନିର୍ଦ୍ଦିଷ୍ଟଭାବରେ ସୂଚିତ ହୋଇଥାଏ । ସଂବିଧାନରେ ଭାରତକୁ ରାଷ୍ଟ୍ରସଂଘରେ ପରିଣତ କରାହୋଇଛି । ରାଜ୍ୟମାନଙ୍କ ଶାସନପରିସର ରାଜ୍ୟ ତାଲିକା ବା ଦ୍ୱିତୀୟ ତାଲିକାରେ ବିଶଦଭାବରେ ବର୍ଣ୍ଣିତ ହୋଇଛି । ତହିଁରେ ସୂଚିତ ବିଷୟମାନଙ୍କ ସମ୍ବନ୍ଧରେ ଆଇନ ପ୍ରଣୟନ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଶାସନ ବ୍ୟବସ୍ଥା କରିବା କ୍ଷମତା ରାଜ୍ୟ ସରକାରଙ୍କୁ

ପ୍ରଦତ୍ତ ହୋଇଛି । ରାଜ୍ୟତାଲିକା ଅନ୍ତର୍ଭୁକ୍ତ ସମସ୍ୟାମାନଙ୍କ ବିଷୟରେ ସଂଘର ପାର୍ଲିମେଣ୍ଟ ବା ସରକାର ହସ୍ତକ୍ଷେପ କରିପାରିବେ ନାହିଁ । କଲେ ବୈଧାନିକ ନିୟମ ଲଙ୍ଘନ ଦୋଷରେ ରାଷ୍ଟ୍ରୀୟ ଉଚ୍ଚତମ ନ୍ୟାୟାଳୟ ବା ସୁପ୍ରିମକୋର୍ଟରେ ଅଭିଯୁକ୍ତ ହେବେ ।

ପୁନଶ୍ଚ ତୃତୀୟ ତାଲିକା ବା ସମ୍ମିଳିତ ତାଲିକାରେ ଲିପିବଦ୍ଧ ସମସ୍ୟାମାନଙ୍କ ସମ୍ବନ୍ଧରେ ସଂଘ ଓ ରାଜ୍ୟ ଉଭୟ ସରକାରଙ୍କ କର୍ତ୍ତୃତ୍ୱ ଅଛି । ସେଥିଲାଗି ଉଭୟ ସରକାର ଆଇନ ପ୍ରଣୟନ କରି-ପାରିବେ ଏବଂ ଅନ୍ୟାନ୍ୟ ଯାବତୀୟ ଶାସନ ବ୍ୟବସ୍ଥା ଅବଲମ୍ବନ କରିପାରିବେ । ସେଥିରେ ସଂଘ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମତଭେଦ ହେଲେ ସଂଘ ସରକାରଙ୍କ ବ୍ୟବସ୍ଥା ବଳବତ୍ତର ରହିବ । ଯଦି ରାଜ୍ୟସରକାର ମିଳିତ ତାଲିକା ଅନ୍ତର୍ଭୁକ୍ତ କୌଣସି ଗୋଟିଏ ସମସ୍ୟା ସମ୍ବନ୍ଧରେ ଆଇନ ପ୍ରଣୟନ କରି ରାଷ୍ଟ୍ରପତିଙ୍କ ସ୍ୱୀକୃତି ନେଇଥିବେ, ତେବେ ଉକ୍ତ ଆଇନ କେବଳ ସେହି ରାଜ୍ୟରେ ବଳବତ୍ତର ରହିବ, କେନ୍ଦ୍ର ଆଇନ ଚାଲୁ ହୋଇପାରିବ ନାହିଁ । ଏତଦ୍‌ଭିନ୍ନ କେନ୍ଦ୍ର ସରକାର ଇଚ୍ଛାକଲେ ଯେ କୌଣସି କେନ୍ଦ୍ରୀୟ ସମସ୍ୟା ସମ୍ବନ୍ଧରେ ଶାସନଦାୟିତ୍ୱ ରାଜ୍ୟ ସରକାରଙ୍କୁ କିମ୍ବା ତାଙ୍କର କୌଣସି କର୍ମଚାରୀଙ୍କୁ ଅର୍ପଣ କରିପାରିବେ ।

ଦେଶରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ବା ବାହ୍ୟିକ ଆକ୍ରମଣ ଉପୁଜିବା ସମ୍ଭାବନା ଥିଲେ ଏବଂ ଏଭଳି ଘୋଷଣା କରି ରାଷ୍ଟ୍ରପତି ରାଜ୍ୟଶାସନ ନିଜ ହାତକୁ ନେଇଥିଲେ କିମ୍ବା ରାଜ୍ୟପାଳଙ୍କ ସୁପାରିଶ ଅନୁସାରେ ରାଷ୍ଟ୍ରପତି ରାଜ୍ୟଶାସନ ନିଜ ହାତକୁ ନେଇ-ଥିଲେ କିମ୍ବା ରାଜ୍ୟସଭା କୌଣସି ଗୋଟିଏ ରାଜ୍ୟର ଆଇନ-ପ୍ରଣୟନ ଦାୟିତ୍ୱ ପାର୍ଲିମେଣ୍ଟ ନେବା ଲାଗି ପ୍ରସ୍ତାବ ଗ୍ରହଣକଲେ

କେନ୍ଦ୍ର ପାର୍ଲିମେଣ୍ଟ ରାଜ୍ୟ ତାଲିକାଭୁକ୍ତ ସମସ୍ୟାମାନଙ୍କ ସମ୍ବନ୍ଧରେ ମଧ୍ୟ ଆଇନ ପ୍ରଣୟନ କରିପାରିବେ ଏବଂ ଶାସନସମ୍ବନ୍ଧୀୟ ଯାବତୀୟ ବ୍ୟବସ୍ଥା ଗ୍ରହଣ କରିପାରିବେ ।

ଉଲ୍ଲିଖିତ ବିବରଣୀରୁ ସ୍ପଷ୍ଟ ସୂଚିତ ହୁଏ ଯେ, ରାଷ୍ଟ୍ରସଂଘ ବ୍ୟବସ୍ଥାନୁଯାୟୀ ରାଜ୍ୟମାନଙ୍କୁ ନିର୍ଦ୍ଦିଷ୍ଟ କ୍ଷମତା ପ୍ରଦତ୍ତ ହୋଇଥିଲେ ହେଁ କେନ୍ଦ୍ରକୁ ଜାଣି ଶୁଣି ଦୃଢ଼ କରାଯାଇଛି । ତେଣୁ ଭାରତରେ ଐକିକ ରାଷ୍ଟ୍ର ଓ ରାଷ୍ଟ୍ରସଂଘ ଉଭୟ ବ୍ୟବସ୍ଥା ଏକାଧାରରେ ଅବଲମ୍ବିତ ହୋଇଅଛି । ବିଧାନ ପ୍ରଣୟନବେଳେ ଭାରତର ଅବସ୍ଥା ନିତାନ୍ତ ଉପଦ୍ରୁତ ଥିଲା ବୋଲି ଆଭ୍ୟନ୍ତରୀଣ ପରିସ୍ଥିତିର ପ୍ରତିକ୍ରିୟା ସଂବିଧାନ ଉପରେ ସ୍ପଷ୍ଟ ପଡ଼ିଥିବାର ଅନୁମିତ ହେଉଛି ।

**ରାଜ୍ୟ ସରକାରଙ୍କ କ୍ଷମତା**—ଏଥିରେ ୬୫ଟି ବିଷୟ ଲିପିବଦ୍ଧ ହୋଇଛି । ତନ୍ମଧ୍ୟରୁ ନିମ୍ନଲିଖିତ ସମସ୍ୟାମାନ ପ୍ରଧାନ—

ଆଭ୍ୟନ୍ତରୀଣ ଶୃଙ୍ଖଳା, ପୁଲିସ, ଅଦାଲତ, ଜେଲ୍, ସ୍ଥାନୀୟ-ଶାସନ, ସାଧାରଣ ସ୍ୱାସ୍ଥ୍ୟ ଓ ଚିକିତ୍ସା, ତୀର୍ଥ, ମଦ୍ୟ, ଆହତ ଓ ବେକାରଲୋକଙ୍କୁ ସାହାଯ୍ୟ, ଶ୍ମଶାନ, ଶିକ୍ଷା, ପୁସ୍ତକାଗାର, ରାସ୍ତା, ପୋଲ, ଘାଟ ଇତ୍ୟାଦିରେ ଯାତାୟାତ, କୃଷି, ପଶୁ, ପଶୁ ଅବରୋଧ, ଜଳ, ଭୂସମ୍ପତ୍ତି; ଜଙ୍ଗଲ, ବନ୍ୟପଶୁ, ମତ୍ସ୍ୟ, ଖଣି, ଶିଳ୍ପ, ଗ୍ୟାସ, ରାଜ୍ୟ ଅନ୍ତର୍ଭୁକ୍ତ ବ୍ୟବସାୟ; ବାଣିଜ୍ୟ, ଉତ୍ପାଦନ, ସରବରାହ ଓ ଯୋଗାଣ, ବଜାର, ତଉଲ, ମହାଜନୀ, ଧର୍ମଶାଳା, ନାଟ୍ୟଶାଳା, ଜୁଆ, ନିର୍ବାଚନ, ବିଭିନ୍ନ ଶାସନ କର୍ମଚାରୀଙ୍କ କ୍ଷମତା, ବେତନ ଓ ଭତ୍ତା, ପେନ୍‌ସନ, ଋଣ ଇତ୍ୟାଦି ।

ରାଜ୍ୟସରକାର ନିମ୍ନଲିଖିତ ଉପାୟରେ କର ବସାଇ ରାଜସ୍ୱ ଆଦାୟ କରିପାରିବେ, ଯଥା—

ଭୂରାଜସ୍ୱ, କୃଷିଜାତ ଆୟକର, ଭୂମିର ଉତ୍ତରାଧିକାରୀ କର, ଭୂମିର ମୃତ୍ୟୁ ଶୁଳ୍କ, ଭୂମି ଓ ଗୃହ ଉପରେ କର, ଖଣିର ମାଲିକସ୍ୱତ୍ୱ ସମ୍ବନ୍ଧୀୟ କର, ମଦ, ଅଫିମ, ଗଞ୍ଜାଇ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ଉପରେ କର, ରାଜ୍ୟ ମଧ୍ୟକୁ ଅଣା ହେଉଥିବା ଜିନିଷ ଉପରେ କର, ବିଦ୍ୟୁତ୍ ବ୍ୟବହାର ଓ ବିକ୍ରୟ ଉପରେ କର, ସମ୍ବାଦପତ୍ର ଭିନ୍ନ ଅନ୍ୟାନ୍ୟ ପଦାର୍ଥ ଉପରେ ବିକ୍ରିକର, ସମ୍ବାଦ-ପତ୍ରରେ ପ୍ରକାଶିତ ବିଜ୍ଞାପନ ଭିନ୍ନ ଅନ୍ୟାନ୍ୟ ବିଜ୍ଞାପନ ଉପରେ କର, ସ୍ଥଳପଥ ଓ ଜଳପଥରେ ନିଆଅଣା ହେଉଥିବା ପଦାର୍ଥ ଏବଂ ଯାତ୍ରୀମାନଙ୍କ ଉପରେ କର, ଯନ୍ତ୍ରଚାଳିତ ଯାନବାହନ ଭିନ୍ନ ଅନ୍ୟାନ୍ୟ ବାହନ ଉପରେ କର, ପ୍ରାଣୀ ଓ ନୌକାମାନଙ୍କ ଉପରେ କର ବ୍ୟାବସାୟିକ କର, ମୁଣ୍ଡକର, ବିଳାସ ଓ ଆମୋଦ ପ୍ରମୋଦ କର ଏବଂ ପ୍ରାଦେଶିକ ମୁଦ୍ରାଙ୍କ ଶୁଳ୍କ । ଏହା ବ୍ୟତୀତ ରାଜ୍ୟସରକାରଙ୍କ ଶାସନ ପରିସର ମଧ୍ୟରେ ଅନ୍ତର୍ଭୁକ୍ତ ଯେ କୌଣସି ବିଷୟରେ ଦେୟ ବା ମୂଲ୍ୟ ଧାର୍ଯ୍ୟ କରିବା କ୍ଷମତା ସରକାରଙ୍କର ଅଛି ।

ମିଳିତ ତାଲିକା ଅନ୍ତର୍ଭୁକ୍ତ ବିଷୟମାନଙ୍କ ସମ୍ବନ୍ଧରେ ରାଜ୍ୟସରକାର ଆଇନ ପ୍ରଣୟନ କରିପାରିବେ ଏବଂ ଶାସନଗତ ସର୍ବବିଧ ବ୍ୟବସ୍ଥା କରିପାରିବେ ବୋଲି ଆଗରୁ ବର୍ଣ୍ଣନା କରାହୋଇଛି ।

# ରାଜ୍ୟ ଶାସନ ବିଭାଗ

**ଶାସନ ବିଭାଗ ଅର୍ଥ**— ରାଜ୍ୟସରକାର କହିଲେ, ତାହା କୌଣସି ବ୍ୟକ୍ତିବିଶେଷଙ୍କୁ ବୁଝାଏ ନାହିଁ । ସରକାରଙ୍କ ଶାସନ-ପରିସର ଅନ୍ତର୍ଭୁକ୍ତ ଯେ କୌଣସି ସମସ୍ୟା ସମାଧାନରେ ନିଯୁକ୍ତ-ଥିବା ବ୍ୟକ୍ତିଙ୍କୁ ସରକାରୀ କଳ ଅନ୍ତର୍ଭୁକ୍ତ ବୋଲି ବିବେଚନା କରାଯାଏ । ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ଗ୍ରାମର ଚୌକିଦାର ପର୍ଯ୍ୟନ୍ତ ସରକାରୀ କଳ ଅନ୍ତର୍ଭୁକ୍ତ । ପ୍ରତ୍ୟେକ କର୍ମଚାରୀଙ୍କୁ ସବୁ ବିଷୟରେ ଦାୟିତ୍ୱ ଦେଲେ ସେ ତାହା ଉତ୍ତମରୂପେ ତୁଲାଇ ପାରିବେ ନାହିଁ ଏବଂ ପ୍ରତ୍ୟେକ କର୍ମଚାରୀଙ୍କୁ ସବୁ ବିଷୟରେ ଦାୟୀ କଲେ କାହାରି ନିର୍ଦ୍ଦିଷ୍ଟ ଦାୟିତ୍ୱ ରହିବ ନାହିଁ, ଫଳରେ ଶାସନ-ବିଭ୍ରାଟ ଉପୁଜିବ । ସେହିହେତୁ ରାଜ୍ୟଶାସନ ପରିସର ଅନ୍ତର୍ଭୁକ୍ତ ସମସ୍ୟାମାନଙ୍କୁ ବିଭିନ୍ନ ବିଭାଗରେ ଭାଗକରି ଦିଆଯାଏ । ଏକ ବା ଏକାଧିକ ବିଭାଗ ଜଣେ ଜଣେ ମନ୍ତ୍ରୀଙ୍କ ଜିମାରେ ଥାଏ । ସବୁ ମନ୍ତ୍ରୀମାନଙ୍କ ଦାୟିତ୍ୱରେ ଥିବା ବିଭାଗମାନଙ୍କୁ ମିଶାଇଦେଲେ ଉକ୍ତ ସମଷ୍ଟି ସମସ୍ତ ସରକାରୀ ଦାୟିତ୍ୱକୁ ବୁଝାଏ, ତେଣୁ ସାଧାରଣ ଭାଷାରେ କେବଳ ମନ୍ତ୍ରିମଣ୍ଡଳକୁ ସରକାର ଆଖ୍ୟା ଦିଆହୋଇଥାଏ ।

କେବଳ ଜଣେ ମନ୍ତ୍ରୀ ନିଜ ଦାୟିତ୍ୱରେ ଥିବା ବିଭାଗମାନଙ୍କୁ ଚଳାଇ ପାରିବେ ନାହିଁ । ତାଙ୍କ ହୁକୁମ ପାଳନ କରିବାପାଇଁ ଅଧସ୍ତନ କର୍ମଚାରୀବୃନ୍ଦ ନିଯୁକ୍ତ ହେବା ଉଚିତ । ମନ୍ତ୍ରୀମାନେ ଦଳବିଶେଷରେ ରାଜନୈତିକ ନେତା । ସେମାନଙ୍କର ରାଜନୀତି ସମ୍ବନ୍ଧରେ ଜ୍ଞାନ ଥାଇପାରେ; କିନ୍ତୁ ଶାସନ ସମ୍ବନ୍ଧରେ

ଆଶାନୁରୂପ ଜ୍ଞାନ ଥିବା ଆଶା କରାଯାଏ ନାହିଁ । ସେମାନେ ଜନମତର ପ୍ରତିନିଧି । ଶାସନ କଳକୁ ଜନମତର ଗତି ଅନୁସାରେ ପ୍ରଭାବିତ କରିବା ମନ୍ତ୍ରୀମାନଙ୍କର କର୍ତ୍ତବ୍ୟ । ସେମାନେ କେବଳ ଶାସନର ନୀତି ନିର୍ଣ୍ଣୟ କରିବେ, ଅଣିତର ପରମ୍ପରା ସ୍ୱଭାବରେ ତାଙ୍କ ନୀତିକୁ କାର୍ଯ୍ୟରେ ପରିଣତ କରିବା ଦାୟିତ୍ୱ ସରକାରୀ କର୍ମଚାରୀମାନଙ୍କର । ତେଣୁ ଏହି କର୍ମଚାରୀମାନଙ୍କର ନିରୂପିତ ଯୋଗ୍ୟତା ଥିବା ଦରକାର ଏବଂ ସେଇଥିଲାଗି କର୍ମଚାରୀମାନେ ଯୋଗ୍ୟତା ବିଚାରରେ ନିଯୁକ୍ତ ହୁଅନ୍ତି । ଗଣତାନ୍ତ୍ରିକ ନୀତି ଅନୁସାରେ ବିଧାନସଭାର ସଂଖ୍ୟାଗରିଷ୍ଠ ଦଳ ମନ୍ତ୍ରିମଣ୍ଡଳ ଗଠନ କରି ଶାସନ ଦାୟିତ୍ୱ ବହନ କରନ୍ତି । ଗୋଟିଏ ଦଳ ସର୍ବଦା ଶାସନ କଳ ଅଧିକାର କରିବା ସହଜ ନୁହେଁ । ଯେ କୌଣସି ଦଳ ମନ୍ତ୍ରିମଣ୍ଡଳ ଗଠନ କଲେ, ସେମାନଙ୍କ ଆନୁଗତ୍ୟ ସ୍ୱୀକାର କରିବା କର୍ମଚାରୀଙ୍କ କର୍ତ୍ତବ୍ୟ । ତେଣୁ ରାଜନୀତିକ ପରିପ୍ରେକ୍ଷୀର ଏବଂ ଦଳର ଅଭିବୃଦ୍ଧି ଲାଗି ସରକାରୀ କର୍ମଚାରୀମାନଙ୍କୁ ବ୍ୟବହାର କରିବା ଅସ୍ପୃହଣୀୟ । ମନ୍ତ୍ରୀମାନେ ଉଡ଼ନ୍ତା ଚଢ଼େଇ । ସେମାନଙ୍କ ଯିବା ଆସିବା ଲାଗିଥିବ; କିନ୍ତୁ ସରକାରୀ କର୍ମଚାରୀବୃନ୍ଦ ସ୍ଥାୟୀ । ସେମାନେ ଅଭିଜ୍ଞତାର ସମଷ୍ଟି । ସେହିହେତୁ ମନ୍ତ୍ରୀମାନେ ନୀତି ବ୍ୟାଖ୍ୟାନ କଲେ ପରମ୍ପରାଗତ ଦୋଷ ଦେଖାଇଦେବା କର୍ମଚାରୀମାନଙ୍କ କର୍ତ୍ତବ୍ୟ । ଏ ଦୋଷ ଜାଣି ସୁଦ୍ଧା ମନ୍ତ୍ରୀମାନେ ନିଜ ନୀତି ପରିବର୍ତ୍ତନ କରିବାକୁ ନ ଚାହିଁଲେ ବିନା ବାକ୍ୟବ୍ୟୟରେ ତାକୁ କାର୍ଯ୍ୟରେ ପରିଣତ କରିବା କର୍ମଚାରୀମାନଙ୍କ କର୍ତ୍ତବ୍ୟ । ଏହି ଅଭିଜ୍ଞତାର ସୁବିଧା ନେବା ଲାଗି କର୍ମଚାରୀମାନଙ୍କୁ ବିଭିନ୍ନ ବିଭାଗରେ ନିଯୁକ୍ତ କରାଯାଏ ।

**ସରକାରୀ ବିଭାଗର ରୂପରେଖ**—ପ୍ରତ୍ୟେକ ବିଭାଗରେ ଜଣେ ଜଣେ ସେକ୍ରେଟାରୀ ଥାନ୍ତି । ତାଙ୍କର ଦ୍ୱାରା ବିଭାଗୀୟ ସମସ୍ୟା ମନ୍ତ୍ରୀମାନଙ୍କ ଆଗରେ ବିଚାର ଲାଗି ଉପସ୍ଥାପିତ ହୁଏ । ପ୍ରତି ବିଭାଗର ସେକ୍ରେଟେରୀମାନେ ଯେଉଁଠାରେ ବସି କାଗଜପତ୍ର ବିଚାର କରନ୍ତି, ତାକୁ ସେକ୍ରେଟେରୀଏଟ କୁହାଯାଏ । ସେକ୍ରେଟେରୀଏଟରେ ବିଭାଗୀୟ ସେକ୍ରେଟେରୀଙ୍କ ଅଧୀନରେ ତାଙ୍କୁ ସାହାଯ୍ୟ କରିବା ଲାଗି ଏକାଧିକ ଅତିରିକ୍ତ ବା ଯୁଗ୍ମ ସେକ୍ରେଟେରୀ, ଡେପୁଟୀ ସେକ୍ରେଟେରୀ, ଅଣ୍ଡର ସେକ୍ରେଟେରୀ ଓ ଆସିଷ୍ଟାଣ୍ଟ ସେକ୍ରେଟେରୀ ଥାଆନ୍ତି । ଏମାନେ ଉଚ୍ଚପଦସ୍ଥ କର୍ମଚାରୀ ଏବଂ ସାଧାରଣ ଶାସକଶ୍ରେଣୀ ଅନ୍ତର୍ଭୁକ୍ତ । ହୁକୁମ ଦେବା ଏମାନଙ୍କ କାର୍ଯ୍ୟ । ସାଧାରଣତଃ ଆଇ. ସି. ଏସ., ଆଇ. ଏ. ଏସ୍. ଏବଂ ଡେପୁଟି କଲେକ୍ଟରମାନେ ବିଭିନ୍ନ ଶ୍ରେଣୀୟ ସେକ୍ରେଟେରୀ ପଦରେ ନିଯୁକ୍ତ ହୁଅନ୍ତି । ଚିଠିପତ୍ର ସଂଗ୍ରହ କରି ଏବଂ ସଜାଡ଼ି ସେକ୍ରେଟେରୀମାନଙ୍କ ପାଖରେ ଉପସ୍ଥାପିତ କରିବାଲାଗି ବହୁସଂଖ୍ୟକ କିରାଣୀ ସେକ୍ରେଟେରୀଏଟରେ କାମ କରନ୍ତି । ଏମାନଙ୍କୁ ସାଧାରଣତଃ ଦୁଇ ଶ୍ରେଣୀରେ ବିଭକ୍ତ କରା ହୋଇଥାଏ । ଯଥା ଉଚ୍ଚ ଓ ନୀଚ । ଏହି ଦୁଇ ଶ୍ରେଣୀର କିରାଣୀଙ୍କ ଛଡ଼ା ଟାଇପ କିରାଣୀ, କାଗଜ-ରକ୍ଷକ ଓ ପ୍ରେରକ ପ୍ରଭୃତି ନିମ୍ନ ଶ୍ରେଣୀର କିରାଣୀ ବି ଅପେକ୍ଷାକୃତ କମ୍ ଯୋଗ୍ୟତା ଥାଇ ନିଯୁକ୍ତ ହୁଅନ୍ତି । ଏ ସମସ୍ତଙ୍କୁ ମିଶାଇ ସେକ୍ରେଟେରୀଏଟ୍ ହୁଏ ଏବଂ ମନ୍ତ୍ରୀମାନେ କେବଳ ଏହି ସେକ୍ରେଟେରୀଏଟ୍ ସହିତ ସମ୍ପୃକ୍ତ । ସେକ୍ରେଟେରୀଏଟରେ ମୁଖ୍ୟକର୍ମଚାରୀଙ୍କୁ ଚିଫ୍ ସେକ୍ରେଟେରୀ ବା ମୁଖ୍ୟ ସଚିବ କୁହାଯାଏ । ସେ ବିଭାଗୀୟ ସେକ୍ରେଟେରୀମାନଙ୍କୁ ନିୟନ୍ତ୍ରଣ କରନ୍ତି ।

ଦୈନନ୍ଦିନ ଶାସନ ପରିଚାଳନା କରିବା ସେକ୍ରେଟେରୀଏଟ୍‌ର କାମ ନୁହେଁ; ସେମାନେ ମନ୍ତ୍ରୀମାନଙ୍କ ସହଯୋଗୀ ହିସାବରେ

କେବଳ ଶାସନନୀତି ନିର୍ଦ୍ଧାରଣ କରନ୍ତି । ଦୈନନ୍ଦିନ ଶାସନ ଲାଗି ରାଜ୍ୟର ବିଭିନ୍ନାଞ୍ଚଳରେ ବିଭିନ୍ନ ବିଭାଗୀୟ କର୍ମଚାରୀମାନେ ନିଯୁକ୍ତ ହୋଇଛନ୍ତି । ଏହି ବିଭାଗୀୟ କର୍ମଚାରୀମାନଙ୍କ ରକ୍ଷଣାବେକ୍ଷଣ ଓ କାର୍ଯ୍ୟ ସମୀକ୍ଷଣ ଲାଗି ପ୍ରତ୍ୟେକ ବିଭାଗରେ ଜଣେ ଜଣେ ମୁଖ୍ୟକର୍ତ୍ତା ଥା'ନ୍ତି । ବିଭାଗୀୟ ମୁଖ୍ୟକର୍ତ୍ତା ଉକ୍ତ ବିଭାଗର ସର୍ବୋଚ୍ଚ କର୍ମଚାରୀ । ମନ୍ତ୍ରୀମାନେ ସେମାନଙ୍କ ନୀତି ଏହି ମୁଖ୍ୟକର୍ତ୍ତାଙ୍କୁ ଜଣାଇ ଦିଅନ୍ତି ଏବଂ ସେ ତାଙ୍କ ଅଧସ୍ତନ କର୍ମଚାରୀମାନଙ୍କଦ୍ୱାରା ଉକ୍ତ ନୀତିକୁ କାର୍ଯ୍ୟରେ ପରିଣତ କରନ୍ତି । ରେଭିନ୍ୟୁକମିଶନର, ଶିକ୍ଷାବିଭାଗୀୟ ଡିରେକ୍ଟର, କୃଷିବିଭାଗୀୟ ଡିରେକ୍ଟର, ସମବାୟ ସମିତି ସମୂହର ରେଜିଷ୍ଟ୍ରାର ଇତ୍ୟାଦି ବିଭାଗୀୟ ମୁଖ୍ୟକର୍ତ୍ତା ।

**ରାଜ୍ୟର ଶାସନ-ବିଭାଗ**—ଆମ ଓଡ଼ିଶାରେ ଏବଂ ଅନ୍ୟାନ୍ୟ ରାଜ୍ୟମାନଙ୍କରେ ସାଧାରଣତଃ ନିମ୍ନଲିଖିତ ଶାସନ-ବିଭାଗ ଅଛି । ଯଥା—ଘରୋଇ ବିଭାଗ, ଅର୍ଥ-ବିଭାଗ, ରାଜସ୍ୱ-ବିଭାଗ, ଶିକ୍ଷାବିଭାଗ, ସାଧାରଣ ସ୍ୱାସ୍ଥ୍ୟ ବିଭାଗ ଓ ଚିକିତ୍ସା-ବିଭାଗ, ଆଇନ ବିଭାଗ, ବାଣିଜ୍ୟ ଓ ଶ୍ରମ-ବିଭାଗ, ପୂର୍ତ୍ତ-ବିଭାଗ, ବିକାଶ ବିଭାଗ, ପ୍ରଚାର ବିଭାଗ, ଯୋଜନା ବିଭାଗ ଇତ୍ୟାଦି । ଦ୍ୱିତୀୟ ବିଶ୍ୱଯୁଦ୍ଧବେଳରୁ ସରକାରଙ୍କର ଗୋଟିଏ ନୂଆ ବିଭାଗ ସୃଷ୍ଟିହୋଇଛି, ତାକୁ ଯୋଗାଣ-ବିଭାଗ କୁହାଯାଏ । ଏବେ ଯାନବାହନ-ବିଭାଗ ଗୋଟିଏ ନୂଆ ସୃଷ୍ଟି । ପୁଣି ରାଜନୈତିକ ଓ ଗୃହକର୍ମ ବିଭାଗ ନାମକ ଗୋଟିଏ ସ୍ୱତନ୍ତ୍ର ବିଭାଗ ଓଡ଼ିଶାରେ ସୃଷ୍ଟି ହୋଇଛି ଏବଂ ଯୋଜନା ବିଭାଗକୁ ଯୋଜନା ଓ ସମନ୍ୱୟ ବିଭାଗ କୁହାଯାଏ ।

(କ) **ଘରୋଇ-ବିଭାଗ**—ଶାସନ-ବିଭାଗମାନଙ୍କ ମଧ୍ୟରେ ଉକ୍ତ ବିଭାଗ ସର୍ବଶ୍ରେଷ୍ଠ । ରାଜ୍ୟରେ ଆଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା

ରକ୍ଷା କରିବା ଉକ୍ତ ବିଭାଗର କର୍ତ୍ତବ୍ୟ । ପୁଲିସ ଶାସନ ଘରୋଇ-ବିଭାଗ ଅନ୍ତର୍ଭୁକ୍ତ ।

ରାଜ୍ୟବାସୀମାନଙ୍କ ଜୀବନ ଓ ସମ୍ପତ୍ତି ଏହି ବିଭାଗର ଇଙ୍ଗିତରେ ପୁଲିସଙ୍କଦ୍ୱାରା ସଂରକ୍ଷିତ ହୁଏ । ପୁଲିସ ବିଭାଗୀୟ ସର୍ବୋଚ୍ଚ କର୍ତ୍ତାଙ୍କୁ ଇନ୍‌ସପେକ୍ଟର ଜେନେରାଲ କୁହାଯାଏ । ସି. ଆଇ. ଡ଼ି. ବା ଗୁଇନ୍ଦା ବିଭାଗ ମଧ୍ୟ ତାଙ୍କ ଅଧୀନରେ ଥାଏ ।

(ଖ) **ଅର୍ଥ-ବିଭାଗ**—ରାଜ୍ୟର ଆୟବ୍ୟୟ ବ୍ୟବସ୍ଥା ଓ ସମୀକ୍ଷଣ ଅର୍ଥ-ବିଭାଗ କରନ୍ତି । ଅର୍ଥ-ବିଭାଗର ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତ ହୋଇ ପ୍ରତ୍ୟେକ ଜିଲ୍ଲାର ଖଜଣାଖାନା କାର୍ଯ୍ୟ ନିର୍ବାହ କରନ୍ତି । ବିକ୍ରିକର, କୃଷିଜାତ ଆୟକର ଏବଂ ଅନ୍ୟାନ୍ୟ ବ୍ୟବସାୟିକ କର ଆଦାୟ କରିବା ଲାଗି ଉକ୍ତ ବିଭାଗ ଅଧୀନରେ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତ ହୋଇଛନ୍ତି । ବାଣିଜ୍ୟିକ କର ବିଭାଗର ସର୍ବୋଚ୍ଚକର୍ତ୍ତାଙ୍କୁ କମିଶନର କୁହାଯାଏ ।

(ଗ) **ରାଜସ୍ୱ-ବିଭାଗ**—ରାଜସ୍ୱ-ବିଭାଗର ମୁଖ୍ୟ କର୍ତ୍ତବ୍ୟ ଭୂସମ୍ପତ୍ତି ରକ୍ଷଣାବେକ୍ଷଣ । ବନ୍ଦୋବସ୍ତ, ରାଜସ୍ୱ ହାର ନିର୍ଦ୍ଧାରଣ ଏବଂ ଭୂସମ୍ପତ୍ତି ସମ୍ବନ୍ଧୀୟ ସବୁପ୍ରକାର ଦାୟିତ୍ୱ ଏହି ବିଭାଗ ବହନ କରନ୍ତି । ଅବକାରୀ ବିଭାଗ ମଧ୍ୟ ରାଜସ୍ୱ-ବିଭାଗ ଅନ୍ତର୍ଭୁକ୍ତ । ରାଜସ୍ୱ ବିଭାଗ ଅଧୀନରେ ତିନିଜଣ କମିଶନର ଅଛନ୍ତି । ସେମାନଙ୍କ ଉପରେ ରେଭିନ୍ୟୁ ବା ରାଜସ୍ୱବୋର୍ଡ଼ ରହିଛି । ରାଜସ୍ୱ ବିଭାଗର ସବୁପ୍ରକାର ଭୂସମ୍ପତ୍ତିଗତ ଦାୟିତ୍ୱ ରେଭିନ୍ୟୁ ବୋର୍ଡ଼ ଇଙ୍ଗିତରେ କଲେକ୍ଟର, ଏସ.ଡ଼ି.ଓ., ଡେପୁଟି କଲେକ୍ଟର ଓ ସବ୍‌ଡେପୁଟି କଲେକ୍ଟରଙ୍କ ଦ୍ୱାରା ପରିଚାଳିତ ହୁଏ । ଓଡ଼ିଶାରୁ ଜମିଦାରୀ ଉଚ୍ଛେଦ ହେବା ପରେ ଭୂରାଜସ୍ୱ ଆଦାୟ କରିବାର ଦାୟିତ୍ୱ ଉକ୍ତ ବିଭାଗ ବହନ କରିଛନ୍ତି । ୧୯୬୭ରୁ ଓଡ଼ିଶା ସରକାର ଭୂରାଜସ୍ୱ ଆଦାୟ

କରୁନାହାନ୍ତି । ଅବକାରୀ ବିଭାଗରେ ମାଦକଦ୍ରବ୍ୟ ବିକ୍ରିବିଷୟକ ସଂବଧ ବ୍ୟବସ୍ଥା ପ୍ରବର୍ତ୍ତିତ ହୁଏ । ପ୍ରତି ଜିଲାରେ ଉକ୍ତ ବିଭାଗର ସର୍ବୋଚ୍ଚ ଜିଲାକର୍ତ୍ତାଙ୍କୁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ କୁହାଯାଏ । ଜିଲା କଲେକ୍ଟରଙ୍କର ରାଜସ୍ୱବିଭାଗୀୟ ଦାୟିତ୍ୱ ଥିବାରୁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ତାଙ୍କ ଅଧସ୍ତନ କର୍ମଚାରୀ ହିସାବରେ କାର୍ଯ୍ୟ କରନ୍ତି । ନିଶା-ନିବାରଣ ଦାୟିତ୍ୱ ମଧ୍ୟ ଅବକାରୀ ବିଭାଗକୁ ଦିଆ ହୋଇଛି ।

(କ) **ଶିକ୍ଷା-ବିଭାଗ**—ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ଶିକ୍ଷା ସମ୍ବନ୍ଧୀୟ ନୀତି ନିର୍ଦ୍ଧାରଣ କରିବା ଶିକ୍ଷା ବିଭାଗର କର୍ତ୍ତବ୍ୟ । ପ୍ରାଥମିକ ଶିକ୍ଷା ଜିଲା ପରିଷଦ ଓ ମ୍ୟୁନିସିପାଲିଟି ଇତ୍ୟାଦି ସ୍ୱାୟତ୍ତଶାସନାନୁଷ୍ଠାନମାନଙ୍କ ମାର୍ଫତ ଛାଡ଼ି ଦିଆହୋଇଛି । ଦାୟିତ୍ୱ ତୁଳନାରେ ସେମାନଙ୍କ ଆୟ କମ ହୋଇଥିବାରୁ ସରକାର ସେମାନଙ୍କୁ ଅର୍ଥ ସାହାଯ୍ୟ ଦେଇ ନିଶ୍ଚିନ୍ତ ରହନ୍ତି । ମାଧ୍ୟମିକ ଓ ଉଚ୍ଚଶିକ୍ଷା ସରକାରୀ ଏବଂ ବେସରକାରୀ ଉଭୟଙ୍କ ପରି-ଚାଳନାରେ ପ୍ରଦତ୍ତ ହୁଏ । ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷାର ନିୟାମକ । ଏହା ଗୋଟିଏ ସ୍ୱାଧୀନ ଅନୁଷ୍ଠାନ । ସରକାରଙ୍କର ବିଶ୍ୱବିଦ୍ୟାଳୟ ଉପରେ ଖୁବ୍ ଗୌଣ କର୍ତ୍ତୃତ୍ୱ ଥାଏ । ଯାହାହେଉ, ରାଜ୍ୟର ଶିକ୍ଷା ବିସ୍ତାର ଏବଂ ଶିକ୍ଷାନୀତି କାର୍ଯ୍ୟରେ ପରିଣତ କରିବା ଦାୟିତ୍ୱ ଶିକ୍ଷା ବିଭାଗୀୟ ଡିରେକ୍ଟରଙ୍କ ଉପରେ ନ୍ୟସ୍ତ ଥାଏ । ତାଙ୍କ ଅଧୀନରେ ଇନ୍ସପେକ୍ଟର, ଇନ୍ସ୍ପେକ୍ଟ୍ରେସ୍ ଏବଂ ଜିଲା ଇନ୍ସ୍ପେକ୍ଟରମାନେ ଶିକ୍ଷା ବ୍ୟବସ୍ଥା ତଦାରଖ କରନ୍ତି । ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କୁ ସେମାନଙ୍କ ବ୍ୟୟର କିୟଦଂଶ ସାହାଯ୍ୟ ଆକାରରେ ଦିଅନ୍ତି । ଶିକ୍ଷାନୁଷ୍ଠାନମାନଙ୍କର ଗୃହ ନିର୍ମାଣ ଦାୟିତ୍ୱ ସରକାର କେତେକାଂଶରେ ବହନ କରନ୍ତି । ଓଡ଼ିଶାର ମାଧ୍ୟମିକ

ଓ ମୌଳିକ ଶିକ୍ଷା ଏବେ ମାଧ୍ୟମିକ ଶିକ୍ଷାବୋର୍ଡ ଓ ମୌଳିକ ଶିକ୍ଷା ବୋର୍ଡଙ୍କଦ୍ୱାରା ନିୟନ୍ତ୍ରିତ ହେଉଛି । ବିଦ୍ୟାଳୟ ଶିକ୍ଷାବିଭାଗୀୟ ଡିରେକ୍ଟର ଉଭୟ ବୋର୍ଡର ମୁଖ୍ୟ କର୍ତ୍ତା ।

(ଙ) **ସାଧାରଣ ସ୍ୱାସ୍ଥ୍ୟ, ଚିକିତ୍ସା ଓ ପରିବାର ନିୟୋଜନ ବିଭାଗ** —କୌଣସି ସଂକ୍ରାମକ ରୋଗର ପ୍ରାଦୁର୍ଭାବ ହେବା ଆଗରୁ ପ୍ରତିଷେଧକ ବ୍ୟବସ୍ଥା କରିବା ଲାଗି ସରକାରଙ୍କର ସାଧାରଣ ସ୍ୱାସ୍ଥ୍ୟବିଭାଗ ଅଛି । ଏହି ଦାୟିତ୍ୱ ସରକାର ପ୍ରତ୍ୟକ୍ଷ-ଭାବରେ ବହନ କରନ୍ତି ନାହିଁ । ଏହା ସ୍ୱାୟତ୍ତଶାସନାନୁଷ୍ଠାନମାନଙ୍କ ଜରିଆରେ ବ୍ୟବସ୍ଥିତ ହୁଏ । ନାନା ଚେଷ୍ଟା ସତ୍ତ୍ୱେ ରୋଗର ପ୍ରାଦୁର୍ଭାବ ନ କମିଲେ ସରକାର ରୋଗୀର ଚିକିତ୍ସା କରିବା ଲାଗି ହାସପାତାଲ ଓ ଡାକ୍ତରଖାନାମାନ ବସାଇଛନ୍ତି । ସାଧାରଣ ରୋଗୀକୁ ଔଷଧ ବିତରଣ କରିବା ଲାଗି ମଫସଲ ଗ୍ରାମମାନଙ୍କରେ ଦାତବ୍ୟ ଚିକିତ୍ସାଳୟମାନ ଥାଏ । ପରିଷଦ ଏଗୁଡ଼ିକର ପରିଚାଳନା କରନ୍ତି, ସରକାର ଆଂଶିକ ସାହାଯ୍ୟ ଦିଅନ୍ତି, ମାତ୍ର ପ୍ରତି ସହରରେ ଗୋଟିଏ ଗୋଟିଏ ହାସପାତାଲ ଥାଏ । ଉତ୍କଟ ରୋଗ-ଗ୍ରସ୍ତ ବ୍ୟକ୍ତିମାନେ ସରକାରୀ ବ୍ୟୟରେ ଏହି ହାସପାତାଲରେ ଚିକିତ୍ସିତ ହୁଅନ୍ତି । ସ୍ୱାସ୍ଥ୍ୟ ଓ ଚିକିତ୍ସା-ବିଭାଗର ମୁଖ୍ୟକର୍ତ୍ତାଙ୍କୁ ସ୍ୱାସ୍ଥ୍ୟ ଡିରେକ୍ଟର କୁହାଯାଏ । ଜେଲମାନଙ୍କ ତତ୍ତ୍ୱାବଧାନରେ ଏବଂ କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରେ ସାହାଯ୍ୟ କରିବା ଲାଗି ଜଣେ ଜେଲ ଇନ୍‌ସ୍ପେକ୍ଟର-ଜେନେରାଲ ଅଛନ୍ତି । ଜିଲ୍ଲା ଓ ସବ୍-ଡିଭିଜନରେ ଥିବା ଜେଲର ପରିଚାଳନା ଦାୟିତ୍ୱ ଜିଲ୍ଲାର ସିଭିଲ-ସର୍ଜନ ଓ ସବ୍‌ଡିଭିଜନର ସହକାରୀ ସର୍ଜନଙ୍କ ଉପରେ ନ୍ୟସ୍ତ ଥାଏ । ଏତଦ୍‌ଭିନ୍ନ ପ୍ରତି ଜିଲାରେ ଜଣେ ଜଣେ ହେଲଥ୍ ଅଫିସର କାମ କରନ୍ତି । ଏବେ ପରିବାର କଲ୍ୟାଣ ଯୋଜନାକୁ ଏହି ବିଭାଗ

କାର୍ଯ୍ୟକାରୀ କରୁଛି । ୧୯୭୦ରେ ଜିଲାର ସିଭିଲ ସର୍ଜନ ପଦ ଉଠିଯାଇଛି ଏବଂ ପ୍ରତ୍ୟେକ ଜିଲା ପାଇଁ ଜଣେ ଜଣେ ମୁଖ୍ୟ ଚିକିତ୍ସା ଅଧିକାରୀ ନିଯୁକ୍ତ ହୋଇଛନ୍ତି ।

(ଚ) **ଆଇନ-ବିଭାଗ**—ବିଚାର-ବିଭାଗର ମୁଖ୍ୟ ଦାୟିତ୍ୱ ହାଇକୋର୍ଟ ବହନ କରନ୍ତି; କିନ୍ତୁ ହାଇକୋର୍ଟ ରାଜ୍ୟସରକାରଙ୍କ ଅଧୀନସ୍ଥ ନୁହନ୍ତି । ଆଇନ-ବିଭାଗ ଆବଶ୍ୟକ ଆଇନ ପ୍ରସ୍ତୁତ କରିବାରେ ସହାୟତା କରେ ଏବଂ ହାଇକୋର୍ଟର ପରାମର୍ଶ ଅନୁସାରେ ଅଧସ୍ତନ ଅଦାଲତମାନଙ୍କ ଲାଗି ବିଚାରପତି ନିଯୁକ୍ତ କରେ । ବିଭାଗୀୟ ପରାମର୍ଶ ଦେବାଲାଗି ବିଭାଗୀୟ ସେକ୍ରେ-ଟେରୀଙ୍କ ବ୍ୟତୀତ ଜଣେ Legal Remembrancer ବା 'ଆଇନ-ସ୍ମାରକ' ଅଛନ୍ତି । ଅନ୍ୟାନ୍ୟ ବିଷୟରେ ସରକାରଙ୍କୁ ଆଇନଗତ ପରାମର୍ଶ ଦେବାଲାଗି ପ୍ରତି ରାଜ୍ୟରେ ଜଣେ ଜଣେ ଆଡଭୋକେଟ୍ ଜେନେରାଲ ବା ମହାଧିବକ୍ତା ଥାଆନ୍ତି ।

(ଛ) **ବାଣିଜ୍ୟ ଓ ଶ୍ରମ ବିଭାଗ**—ବାଣିଜ୍ୟ ବିଷୟକ ମୁଖ୍ୟ ଦାୟିତ୍ୱ ସଂଘ ବା କେନ୍ଦ୍ର ସରକାରଙ୍କର । ରାଜ୍ୟସରକାର କେବଳ ନିଜ ଅଞ୍ଚଳର ବାଣିଜ୍ୟ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅବଲମ୍ବନ କରନ୍ତି ଏବଂ ଆବଶ୍ୟକ ତଥ୍ୟ ଓ ସମ୍ବାଦ ସଂଗ୍ରହ କରି କେନ୍ଦ୍ର ସରକାରଙ୍କୁ ଜଣାଇ ଦିଅନ୍ତି । ଶ୍ରମିକ ସମସ୍ୟା ମିଳିତ ତାଲିକା ଅନ୍ତର୍ଭୁକ୍ତ । ଏ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କର ଯୁଗ୍ମ କର୍ତ୍ତୃତ୍ୱ ରହିଛି; ତେଣୁ ଶ୍ରମିକ ସମସ୍ୟା ସମ୍ବନ୍ଧରେ ରାଜ୍ୟ ବା କେନ୍ଦ୍ରସରକାରଙ୍କ ଦ୍ୱାରା ପ୍ରଣୀତ ଆଇନମାନଙ୍କୁ କାର୍ଯ୍ୟରେ ପରିଣତ କରିବା ଦାୟିତ୍ୱ ରାଜ୍ୟ ସରକାର ବହନ କରନ୍ତି ।ଏ ବିଭାଗର ଶ୍ରମିକ-ବିଭାଗୀୟ ମୁଖ୍ୟକର୍ତ୍ତାଙ୍କୁ ଶ୍ରମକମିଶନର କୁହାଯାଏ । ସରକାରୀ ମୁଦ୍ରଣାଳୟ ବାଣିଜ୍ୟ ବିଭାଗର ଅଧୀନରେ ଅଛି ।

(ଜ) **ପୂର୍ତ୍ତ-ବିଭାଗ** — ଆମ ଓଡ଼ିଶାରେ ଉକ୍ତ ବିଭାଗ ଚାରିଗୋଟି କ୍ଷୁଦ୍ର ବିଭାଗରେ ବିଭକ୍ତ ହୋଇଛି । ଯଥା — ସାଧାରଣ ସ୍ୱାସ୍ଥ୍ୟ ବିଷୟକ ପୂର୍ତ୍ତ-ବିଭାଗ, ଜଳସେଚନ ଓ ବିଦ୍ୟୁତ୍ ବିଭାଗ, ଗ୍ରାମ୍ୟ ଇଞ୍ଜିନିଅରିଂ ବିଭାଗ ଏବଂ ରାସ୍ତା ଓ କୋଠାବାଡ଼ି ବିଭାଗ । ଏତଦ୍‌ଭିନ୍ନ ରୁଡ଼ୁମା ଓ ହୀରାକୁଦରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତି ଅତ୍ୟନ୍ତ ଗୁରୁତର ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଅଛି ବୋଲି ଗୋଟିଏ ପୃଥକ୍ ବୈଦ୍ୟୁତିକ ବିଭାଗ ଅଛି । ପ୍ରତି ବିଭାଗର ମୁଖ୍ୟ-କର୍ତ୍ତାଙ୍କୁ ଚିଫ୍ ଇଞ୍ଜିନିୟର କୁହାଯାଏ । ପୂର୍ତ୍ତ ବିଭାଗର ମୁଖ୍ୟ କର୍ତ୍ତବ୍ୟ ଜଳସେଚନ ବ୍ୟବସ୍ଥା କରିବା ଏବଂ ସରକାରୀ କୋଠାବାଡ଼ି ଓ ରାସ୍ତା ଇତ୍ୟାଦି ନିର୍ମାଣ ଓ ସଂରକ୍ଷଣ କରିବା । ବିଦ୍ୟୁତ୍ ସରବରାହ ଏବଂ ବୈଦ୍ୟୁତିକ ଅନୁଷ୍ଠାନ ପରିଦର୍ଶନ ବୈଦ୍ୟୁତିକ ବିଭାଗଦ୍ୱାରା ହୁଏ । ନାଳପାଣି ମାଡ଼ୁଥିବା ଜମିରୁ ହାଲକର ଜଳସେଚନ-ବିଭାଗ ଆଦାୟ କରନ୍ତି । ଏହି ବିଭାଗର ଅଧସ୍ତନ କର୍ମଚାରୀମାନଙ୍କୁ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର, ସହକାରୀ ଇଞ୍ଜିନିୟର ଇତ୍ୟାଦି ନାମକରଣ କରାଯାଇଛି ।

(ଝ) **ବିକାଶମୂଳକ ବିଭାଗମାନ** — ଏହାର ବ୍ୟାପ୍ତି ସର୍ବାପେକ୍ଷା ଅଧିକ । ଶିଳ୍ପ, କୃଷି, ପଶୁଚିକିତ୍ସା, ସମବାୟ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ । ଶିଳ୍ପବିଭାଗ, କୃଷିବିଭାଗ ଓ ପଶୁ-ଚିକିତ୍ସା-ବିଭାଗର ମୁଖ୍ୟ କର୍ତ୍ତାଙ୍କୁ ବିଭାଗୀୟ ଡିରେକ୍ଟର କୁହାଯାଏ । ସମବାୟ ବିଭାଗର ମୁଖ୍ୟକର୍ତ୍ତା ରେଜିଷ୍ଟ୍ରାର ନାମରେ ଅଭିହିତ । ଏହି ବିକାଶବିଭାଗମାନ ରାଜ୍ୟର ସର୍ବବିଧ ବିକାଶ ଲାଗି ବ୍ୟବସ୍ଥା କରନ୍ତି । କୃଷିବିଭାଗ ନାନା ସ୍ଥାନରେ ଆଦର୍ଶ କୃଷିକ୍ଷେତ୍ର ତିଆରି କରି ଲୋକମାନଙ୍କୁ ଶିକ୍ଷା ଦିଏ, ଆବଶ୍ୟକ ଗବେଷଣା କରେ ଏବଂ ଚାଷୀମାନଙ୍କୁ ଉନ୍ନତ ଧରଣର ବିହନ,

ଗୃହପାଳିତ ପଶୁ ଓ ଯନ୍ତ୍ରପାତି ଯୋଗାଇଦିଏ । ଶିଳ୍ପ ବିଭାଗ ରାଜ୍ୟର ଶିଳ୍ପ ସମ୍ବନ୍ଧୀୟ ବିବରଣୀ ସଂଗ୍ରହ କରେ ଓ ଶିଳ୍ପାନୁଷ୍ଠାନମାନଙ୍କୁ ଅର୍ଥ ସାହାଯ୍ୟ ଦେବାଲାଗି ବନ୍ଦୋବସ୍ତ କରେ । ପଶୁଚିକିତ୍ସାବିଭାଗ ବିଭିନ୍ନାଞ୍ଚଳରେ ଡାକ୍ତରଖାନା ଖୋଲି ଭିନ୍ନ ଭିନ୍ନ ଗୃହପାଳିତ ପଶୁମାନଙ୍କର ଚିକିତ୍ସା ଲାଗି ଆୟୋଜନ କରେ । ସମବାୟ-ବିଭାଗ, କୃଷି ଉତ୍ପାଦନ ଓ ବଣ୍ଟନ ଇତ୍ୟାଦି ବିଷୟରେ ସମବାୟ ସମିତି ଗଠନ କରିବା ଲାଗି ଉଦ୍ୟମ କରେ ଏବଂ କୃଷୀମାନଙ୍କୁ ଅଳ୍ପ ସୁଧରେ ଋଣ ଦେବାଲାଗି ଆୟୋଜନ କରେ । ସମବାୟ-ବିଭାଗ ଅଦ୍ୟାପି ଲୋକମାନଙ୍କୁ ଶିକ୍ଷାଦେବା ନୀତି ଅନୁସରଣ କରୁଛି । ଗ୍ରାମଗୋଷ୍ଠୀ ଯୋଜନା ଓ ଜାତୀୟ ସଂପ୍ରସାରଣ କେନ୍ଦ୍ରମାନ ପ୍ରତିଷ୍ଠିତ ହେବା ଦିନୁ ଅହୁର ଗୋଟିଏ ବିକାଶମୂଳକ ବିଭାଗ ସୃଷ୍ଟି ହୋଇଛି । ଏହାର ମୁଖ୍ୟକର୍ତ୍ତାଙ୍କୁ ଡିରେକ୍ଟର କୁହାଯାଏ ।

(ଙ) **ଲୋକସମ୍ପର୍କ ବିଭାଗ**—ଗଣତାନ୍ତ୍ରିକ ସରକାର ନିଜର କାର୍ଯ୍ୟାବଳୀ ଜନତା ସମ୍ମୁଖରେ ଉପସ୍ଥାପିତ କରି ସର୍ବସାଧାରଣଙ୍କ ସହଯୋଗ ଓ ସମର୍ଥନ ଲୋଡ଼ନ୍ତି । ଏହିପରି ପ୍ରଚାର କାର୍ଯ୍ୟ ପ୍ରଚାର-ବିଭାଗ ଉପରେ ନ୍ୟସ୍ତ ଥାଏ । ଉକ୍ତ ବିଭାଗୀୟ ମୁଖ୍ୟକର୍ତ୍ତାଙ୍କୁ ଲୋକସମ୍ପର୍କ ଡିରେକ୍ଟର ବୋଲି କୁହାଯାଏ । ଏହିଠାରେ ମନେ ରଖିବାକୁ ହେବ ଯେ, ଗଣତାନ୍ତ୍ରିକ ସରକାର କୌଣସି ଦଳବିଶେଷଦ୍ୱାରା ଗଠିତ ହେଲେ ହେଁ, ଦଳଗତ ପ୍ରଚାର କରିବା ଉକ୍ତ ବିଭାଗର ଦାୟିତ୍ୱ ନୁହେଁ । ଏହା ଏବେ ଘରୋଇ-ବିଭାଗ ଅଧୀନରେ ଅଛି ।

(ଚ) **ଯୋଜନା ଓ ସମନ୍ୱୟ ବିଭାଗ**—ଯୁଦ୍ଧ ପରଠାରୁ ପ୍ରତ୍ୟେକ ରାଜ୍ୟ ନିର୍ଦ୍ଦିଷ୍ଟ ଯୋଜନାନୁସାରେ ରାଜ୍ୟକୁ ପୁନର୍ଗଠନ

ଓ ଉନ୍ନତ କରିବା ଲାଗି ଉଦ୍ୟମ ଚଳାଇଛନ୍ତି । ପ୍ରତ୍ୟେକ ବିଭାଗ ନିଜ ବିଭାଗୀୟ ଉନ୍ନତି ପାଇଁ ଯୋଜନା କରନ୍ତି; କିନ୍ତୁ ଯୋଜନା ବିଭାଗ ପଞ୍ଚବାର୍ଷିକ ଯୋଜନାକୁ କାର୍ଯ୍ୟରେ ପରିଣତ କରିବା ଦାୟିତ୍ୱ ଗ୍ରହଣ କରନ୍ତି । 'ନଦୀ ଉପତ୍ୟକା ବିକାଶ ବିଭାଗ' ଏହାର ଅନ୍ତର୍ଭୁକ୍ତ । ପଞ୍ଚବାର୍ଷିକ ଯୋଜନା ପ୍ରଚଳିତ ହେବାଦିନୁ ଉକ୍ତ ବିଭାଗର ଗୁରୁତ୍ୱ ବଢ଼ିଅଛି । ସବୁ ସରକାରଙ୍କୁ ଯୋଜନା ପ୍ରସ୍ତୁତ ଓ କାର୍ଯ୍ୟକାରୀ ବ୍ୟବସ୍ଥାରେ ସାହାଯ୍ୟ କରିବା ଏହି ବିଭାଗର ମୁଖ୍ୟ କର୍ତ୍ତବ୍ୟ । ସମଷ୍ଟି ଭଳି ବିଭାଗ ଏହାର ଗୋଟିଏ ଅଂଶରୂପେ ପରିଗଣିତ ହୁଏ ।

(ଠ) **ରାଜନୈତିକ ଓ କର୍ମଚାରୀ ବିଭାଗ**—ଖୋଦ ଚିଫ୍ ସେକ୍ରେଟେରୀ ଏହି ବିଭାଗ ଦାୟିତ୍ୱ ବହନ କରିଛନ୍ତି । ଉଚ୍ଚପଦସ୍ଥ ସରକାରୀ କର୍ମଚାରୀମାନଙ୍କ ନିଯୁକ୍ତି, ଦୁର୍ନୀତିନିବାରଣ, ରାଜଧାନୀ ନିର୍ମାଣ ଆଦି ଏହି ବିଭାଗ ଅଧୀନରେ ରହିଛି ।

(ଡ) **ଯୋଗାଣ-ବିଭାଗ**—ବିଶ୍ୱଯୁଦ୍ଧ ସମୟରୁ ରାଜ୍ୟରେ ଖାଦ୍ୟସାମଗ୍ରୀ ଓ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ନିଅଣ୍ଟ ପଡ଼ିବାରୁ ସେ ସମସ୍ତ ସରକାରୀ ସୂତ୍ରରେ ସଂଗ୍ରହ କରି ମୂଲ୍ୟ ନିର୍ଦ୍ଧାରଣ ଓ ବଣ୍ଟନ ଦାୟିତ୍ୱ ସରକାର ବହନ କରିଛନ୍ତି । ଏହା ଯୋଗାଣ-ବିଭାଗ ଚଳାଉଅଛନ୍ତି । ଏହାର ମୁଖ୍ୟକର୍ତ୍ତାଙ୍କୁ ଖାଦ୍ୟ ସରବରାହ ଡିରେକ୍ଟର କହନ୍ତି ।

(ଢ) **ପରିବହନ ବିଭାଗ**—ରାସ୍ତାରେ ଚଳୁଥିବା ମଟର ଇତ୍ୟାଦି ଯାନବାହନ ନିୟନ୍ତ୍ରଣ ସରକାର ନିଜହାତକୁ ନେଇଛନ୍ତି । ସବୁ ଜିଲାରେ ସରକାରୀ ଯାତ୍ରୀଗାଡ଼ି ଚାଲୁଛି, ଉକ୍ତ ଦାୟିତ୍ୱ ଯାନବାହନ ବିଭାଗ ବହନ କରିଅଛନ୍ତି । ଯାନ-ବାହନ ବିଭାଗର ମୁଖ୍ୟକର୍ତ୍ତାଙ୍କୁ ଯାନବାହନ କଣ୍ଟ୍ରୋଲର ବା ନିୟନ୍ତ୍ରକ କୁହାଯାଏ ।

ସରକାରୀ ବିଭାଗମାନ ଚିରସ୍ଥାୟୀ ନୁହେଁ । କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିରୁ ପୁରାତନ ବିଭାଗମାନଙ୍କୁ ଖଣ୍ଡ ବିଖଣ୍ଡିତ କରାଯାଏ; ନୂତନ ନୂତନ ବିଭାଗ ସୃଷ୍ଟିହୁଏ ଏବଂ ପୁରାତନ ବିଭାଗ ଲୁପ୍ତହୁଏ । ଗତ ଯୁଦ୍ଧକାଳରେ ବେସାମରିକ ରାଜ୍ୟରକ୍ଷା ବିଭାଗ ଥିଲା । ତା' ଏବେ ନାହିଁ । ଯୋଜନା ବିଭାଗ ନ ଥିଲା, ତା' ଏବେ ନୂଆ ସୃଷ୍ଟି ହୋଇଛି । ଆମ ଓଡ଼ିଶାରେ ଅନୁନ୍ନତ ଆଦିବାସୀଙ୍କ ସଂଖ୍ୟା ଖୁବ୍ ବେଶି ଥିବାରୁ ଏଠାରେ "ଗ୍ରାମମଙ୍ଗଳ" ନାମକ ଗୋଟିଏ ସ୍ୱତନ୍ତ୍ର ବିଭାଗ ସୃଷ୍ଟି ହୋଇଛି । ପଞ୍ଚାୟତରାଜ ପ୍ରତିଷ୍ଠା ଓ ଗୋଷ୍ଠୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ପଞ୍ଚାୟତ ରାଜ ଓ ଗୋଷ୍ଠୀ ଉନ୍ନୟନ ନାମକ ଗୋଟିଏ ନୂଆ ବିଭାଗ ସୃଷ୍ଟିହୋଇଛି ।

## ଜିଲ୍ଲା ଶାସନ

ଶାସନଗତ ସୁବିଧା ପାଇଁ ପ୍ରତ୍ୟେକ ରାଜ୍ୟକୁ କେତେଗୋଟି ଜିଲ୍ଲାରେ ବିଭକ୍ତ କରାହୋଇଛି । ସାଧାରଣତଃ ଗୋଟିଏ ଜିଲ୍ଲାର ଆୟତନ ଅନୁମାନ ତେରହଜାର ବର୍ଗକିଲୋମିଟର ଓ ଲୋକସଂଖ୍ୟା ପ୍ରାୟ ଦଶଲକ୍ଷ । ରାଜସ୍ୱ ଓ ଫୌଜଦାରୀ ବିଚାରବିଭାଗୀୟ ସଂଗଠନରୂପେ ଜିଲ୍ଲା ସୃଷ୍ଟି ହେବା ପୂର୍ବରୁ ସମଗ୍ର ଭାରତରେ ପ୍ରାୟ ୨୫୦ଟି ଜିଲ୍ଲା ଥିଲା । ଓଡ଼ିଶାରେ ୧୩ଟି ଜିଲ୍ଲା ଅଛି ।

## କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ୍

ଜିଲ୍ଲାର ମୁଖ୍ୟକର୍ତ୍ତାଙ୍କୁ କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ୍ କୁହାଯାଏ । ତାଙ୍କୁ ରାଜ୍ୟ ସରକାର ନିଯୁକ୍ତ କରନ୍ତି । ସେ ସାଧାରଣତଃ ଜଣେ ଆଇ.ଏ.ଏସ. କର୍ମଚାରୀ । ଜିଲ୍ଲାରେ ସେ ସରକାରଙ୍କର ମୂର୍ତ୍ତିମାନ ଅବତାର । ତାଙ୍କୁ ସାଧାରଣ ଲୋକେ ସରକାର ବୋଲି ମନେକରନ୍ତି । ସେ ପ୍ରକୃତରେ ସରକାର ଓ

ଜନସାଧାରଣଙ୍କ ମଧ୍ୟରେ ମାଧ୍ୟମ ରୂପେ କାମ କରନ୍ତି । ରାଜ୍ୟ ସରକାରଙ୍କୁ କିଛି ଜଣାଇବାକୁ ହେଲେ ଜନସାଧାରଣ ତାଙ୍କୁ ଜଣାଇ ଦେଇ ନୀରବ ରହନ୍ତି । ରାଜ୍ୟ ସରକାର ଜନସାଧାରଣଙ୍କୁ କିଛି ଜଣାଇବାକୁ ଚାହିଁଲେ କଲେକ୍ଟରଙ୍କ ଜରିଆରେ ଜଣାଇ ଦିଅନ୍ତି । ଏଭଳି ପ୍ରଧାନ ପଦ ଅଧିକାର କରିଥିବାରୁ କଲେକ୍ଟରଙ୍କ ପଦମର୍ଯ୍ୟାଦା ଅତ୍ୟନ୍ତ ବେଶି ।

**କଲେକ୍ଟରଙ୍କ କର୍ତ୍ତବ୍ୟ**—ଜିଲାର ମୁଖ୍ୟକର୍ତ୍ତା ଏକାଧାରରେ ଦୁଇଟି ପ୍ରଧାନ ପଦବୀ ମଣ୍ଡନ କରିଥାନ୍ତି । ଜିଲାର କଲେକ୍ଟର ହିସାବରେ ସେ ରାଜସ୍ୱ ବିଭାଗୀୟ ଦାୟିତ୍ୱ ବହନ କରନ୍ତି । ମାସକେ ଅନ୍ୟୂନ ୧୦ ଦିନ ମଫସଲରେ ଗସ୍ତକରି ଲୋକମାନଙ୍କ ଦାବିଦାଉଆ ଶୁଣିବା ତାଙ୍କର ମୁଖ୍ୟ କର୍ତ୍ତବ୍ୟ । ତାଙ୍କର ଅଧସ୍ତନ କର୍ମଚାରୀ ଡେପୁଟି ଓ ସବ୍‌ଡେପୁଟି କଲେକ୍ଟର-ମାନେ ମଫସଲରେ ଭ୍ରମଣ କରି ଖବର ଅନ୍ତର ସଂଗ୍ରହ କରନ୍ତି । ସେମାନେ କଲେକ୍ଟରଙ୍କ ଚକ୍ଷୁ ଓ କର୍ଣ୍ଣ । କଲେକ୍ଟର ନିଜେ ଯାହା ପାରନ୍ତି ଦେଖନ୍ତି ଓ ଶୁଣନ୍ତି; କିନ୍ତୁ ତାଙ୍କ ଜ୍ଞାନ ସେତିକିରେ ସୀମାବଦ୍ଧ ନୁହେଁ । ସେ ନିଜେ ଅଧସ୍ତନ କର୍ମଚାରୀମାନଙ୍କ ଜରି-ଆରେ ବି ଦେଖାଶୁଣା କରି ଜିଲାର ବିଭିନ୍ନାଞ୍ଚଳ ସମ୍ବନ୍ଧରେ ପ୍ରତ୍ୟକ୍ଷ ନ ହେଲେ ବି ପରୋକ୍ଷ ଜ୍ଞାନ ହାସଲ କରନ୍ତି । ଜମିଦାରୀ ଉଚ୍ଛେଦ ପରେ ତାଙ୍କ ଅଧସ୍ତନ କର୍ମଚାରୀମାନେ ରାଜସ୍ୱ ଆଦାୟ କରୁଛନ୍ତି । ବଢ଼ି, ମରୁଡ଼ି ଏବଂ ବହୁ ଜଳବୃଷ୍ଟି ଯୋଗୁଁ ଫସଲ ହାନି ଘଟିଲେ କଲେକ୍ଟରଙ୍କ ଜରିଆରେ ସରକାର ପ୍ରଜାମାନ ଆଂଶିକ ଭାବରେ ବା ପୂର୍ଣ୍ଣ ମାତ୍ରାରେ ଅର୍ଥ ସାହାଯ୍ୟ ଦିଅନ୍ତି ଏଣୁ କଲେକ୍ଟର ମଧ୍ୟ ପ୍ରଜାମାନଙ୍କ ସାହାଯ୍ୟ ଲାଗି ତକାବି ବଣ୍ଟନ କରନ୍ତି ।

କଲେକ୍ଟର ମଧ୍ୟ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବରେ କାର୍ଯ୍ୟ କରନ୍ତି । ଏ କ୍ଷେତ୍ରରେ ତାଙ୍କର ଦ୍ୱିବିଧ କର୍ତ୍ତବ୍ୟ ରହିଛି । ଜିଲ୍ଲା ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଏବଂ ଶାନ୍ତିଭଙ୍ଗ ଆଶଙ୍କା ଥିଲେ ପ୍ରତିରୋଧ ବ୍ୟବସ୍ଥା କରିବା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କର୍ତ୍ତବ୍ୟ । ଏହି ହେତୁ ଜିଲ୍ଲାର ପୁଲିସସାହେବ ଜିଲ୍ଲାମାଜିଷ୍ଟ୍ରେଟଙ୍କ ପ୍ରତ୍ୟକ୍ଷ ଅଧସ୍ତନ କର୍ମଚାରୀ । ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳ ସମ୍ବନ୍ଧରେ ମୌଖିକ ବା ଲିଖିତ ବିବରଣୀ ଜିଲ୍ଲାମାଜିଷ୍ଟ୍ରେଟଙ୍କୁ ନିୟମିତରୂପେ ଯୋଗାଇ-ଦେବା ପୋଲିସସାହେବଙ୍କ ମୁଖ୍ୟ କର୍ତ୍ତବ୍ୟ । ଜିଲ୍ଲା ରାଜଧାନୀରେ ଉପସ୍ଥିତ ଥିଲେ ସେ ପ୍ରତ୍ୟହ ଜିଲ୍ଲାମାଜିଷ୍ଟ୍ରେଟଙ୍କୁ ସାକ୍ଷାତ କରିବା କଥା । ଶାନ୍ତିଶୃଙ୍ଖଳା ବିଷୟକ ଆବଶ୍ୟକ ନୀତି ପ୍ରଣୟନ କରିବା କଲେକ୍ଟରଙ୍କ କର୍ତ୍ତବ୍ୟ, ତାକୁ କାର୍ଯ୍ୟରେ ପରିଣତ କରିବା ପୁଲିସ-ସାହେବଙ୍କ ଦାୟିତ୍ୱ । ପୁଲିସସାହେବ ଜଣେ କାର୍ଯ୍ୟକାରୀ କର୍ମଚାରୀ । ସେ ନିଜର ଅଧସ୍ତନ କର୍ମଚାରୀମାନଙ୍କ ଶୃଙ୍ଖଳା ଓ କାର୍ଯ୍ୟକଳାପ ବିଷୟରେ ଦାୟୀ । ଶାନ୍ତିଭଙ୍ଗର ଆଶଙ୍କା ଥିଲେ କି କି ବ୍ୟବସ୍ଥା ଅବଲମ୍ବନ କରାଯାଇ ପାରେ, ତାହା ଜିଲ୍ଲାମାଜିଷ୍ଟ୍ରେଟ ସୂଚାଇଦେଲେ ପୁଲିସ ସାହେବ ତଦନୁସାରେ ବ୍ୟବସ୍ଥା କରନ୍ତି ।

ଶାନ୍ତିଶୃଙ୍ଖଳା ଭଙ୍ଗ ହେଲେ ଦୋଷୀର ବିଚାର କରି ଦଣ୍ଡ ଦେବା ଦାୟିତ୍ୱ ଜିଲ୍ଲାମାଜିଷ୍ଟ୍ରେଟ ଓ ତାଙ୍କ ଅଧସ୍ତନ ମାଜିଷ୍ଟ୍ରେଟ-ମାନେ ବହନ କରନ୍ତି । ଫୌଜଦାରୀ ଅଦାଲତ କହିଲେ ଜିଲ୍ଲା-ମାଜିଷ୍ଟ୍ରେଟ, ଅତିରିକ୍ତ ଜିଲ୍ଲାମାଜିଷ୍ଟ୍ରେଟ, ସବ୍‌ଡିଭିଜନ ମାଜିଷ୍ଟ୍ରେଟ, ଡେପୁଟି ମାଜିଷ୍ଟ୍ରେଟ ଓ ସବ୍‌ଡେପୁଟି ମାଜିଷ୍ଟ୍ରେଟମାନଙ୍କ କଚେରୀକୁ ବୁଝାଏ । ଏମାନେ ପ୍ରତ୍ୟେକ ଜଣେ ଜଣେ ବିଚାରପତି ଏବଂ ଏହାଙ୍କ କଚେରୀକୁ ଫୌଜଦାରୀ ଅଦାଲତ କୁହାଯାଏ । ମାଜିଷ୍ଟ୍ରେଟମାନଙ୍କୁ କ୍ଷମତା ବିଚାରରେ ୧ମଶ୍ରେଣୀ, ୨ୟଶ୍ରେଣୀ, ୩ୟଶ୍ରେଣୀ ଏହିପରି

ଭିନ୍ନଭାଗରେ ବିଭକ୍ତକରାହୁଏ । ଜିଲ୍ଲାମାଜିଷ୍ଟ୍ରେଟ ସର୍ବୋଚ୍ଚ ଫୌଜଦାରି ଅଦାଲତ କହିଲେ ଚଳେ । କେତେକ ବିଷୟରେ ଅବଶ୍ୟ ତାଙ୍କ ଉପରେ ସେସନ୍ସ ଜଜ ଓ ହାଇକୋର୍ଟ ଇତ୍ୟାଦି ଅଛନ୍ତି; କିନ୍ତୁ ବିଚାର ଆରମ୍ଭ କରିବା ଲାଗି ତାଙ୍କଠାରୁ କେହି ବଡ଼ ଫୌଜଦାରି ହାକିମ ନାହାନ୍ତି । ଦୁଇବର୍ଷ ପର୍ଯ୍ୟନ୍ତ ଜେଲଦେବା ଏବଂ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରିବା କ୍ଷମତା ଜିଲ୍ଲାମାଜିଷ୍ଟ୍ରେଟ ଉପଭୋଗ କରନ୍ତି । ଜିଲ୍ଲାମାଜିଷ୍ଟ୍ରେଟଙ୍କର ପ୍ରତିରୋଧକ ଓ ନିରାକରଣ ବିଧି କ୍ଷମତା ଥିବାରୁ କୌଣସିଠାରେ ଶାନ୍ତିଭଙ୍ଗ ହେଲେ ତାଙ୍କର କିମ୍ବା ତାଙ୍କ ଅଧସ୍ତନ ଅନ୍ୟ କୌଣସି ମାଜିଷ୍ଟ୍ରେଟଙ୍କର ବିନାନୁମତିରେ ପୁଲିସ ଜନତା ଉପରେ ଗୁଳି ଚଳାଇ ପାରିବେ ନାହିଁ । ଜନତା ପକ୍ଷରୁ ଆକ୍ରମଣ ହୋଇ ନିଯୁକ୍ତ ପୋଲିସ କର୍ମଚାରୀଙ୍କ ଜୀବନ ବିପନ୍ନ ହେବାର ଆଶଙ୍କା ଉପୁଜିଲେ ସେମାନେ ଆତ୍ମରକ୍ଷା ଲାଗି କେବଳ ଗୁଳି ଚଳାଇ ପାରିବେ । ଏବେ ଓଡ଼ିଶାରେ ବିଚାର ଦାୟିତ୍ୱକୁ ପୃଥକ କରି ତାହାକୁ କେବଳ ବିଚାର ବିଭାଗୀୟ ମାଜିଷ୍ଟ୍ରେଟମାନଙ୍କ ହାତରେ ଦିଆଯାଇଛି । ଏହି ମାଜିଷ୍ଟ୍ରେଟମାନଙ୍କ ଶ୍ରେଣୀ ବିଭାଗ ପୂର୍ବପରି ରହିଛି । ପ୍ରତି ଜିଲ୍ଲାରେ ବିଚାର ବିଭାଗୀୟ ସର୍ବୋଚ୍ଚ କର୍ତ୍ତାଙ୍କୁ ଅତିରିକ୍ତ ଜିଲ୍ଲା-ମାଜିଷ୍ଟ୍ରେଟ (ବିଚାର ବିଭାଗ) କୁହାଯାଏ । ଯେଉଁ ମାଜିଷ୍ଟ୍ରେଟମାନେ ଦେଓ୍ୱାନି ଓ ଫୌଜଦାରି ଉଭୟ ମକଦ୍ଦମା ବିଚାର କରନ୍ତି, ସେମାନଙ୍କୁ ମୁନ୍ସିଫ୍ ମାଜିଷ୍ଟ୍ରେଟ କୁହାଯାଏ । ଏମାନେ ହାଇକୋର୍ଟଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ ଭାବରେ କାର୍ଯ୍ୟ କରନ୍ତି ।

ସାଧାରଣ ଶାସନ ପରିସରରେ ଜିଲ୍ଲାମାଜିଷ୍ଟ୍ରେଟଙ୍କ କ୍ଷମତା ଅପରିସୀମ ସତ; କିନ୍ତୁ ଏତଦ୍‌ବ୍ୟତୀତ ସରକାରଙ୍କ ମୁଖ୍ୟ ପ୍ରତିନିଧି ହିସାବରେ ତାଙ୍କର ଅନ୍ୟାନ୍ୟ ଅନେକ ଗୁରୁଦାୟିତ୍ୱ ରହିଛି ।

ଜିଲ୍ଲା ମଧ୍ୟରେ ଯେତେ ଯେତେ ଅନୁଷ୍ଠାନ ଅଛି, ସେ ସମସ୍ତ ପରିଦର୍ଶନ କରି ସେମାନଙ୍କର ଅଭାବ ଅସୁବିଧା ସମ୍ପୃକ୍ତ ବିଭାଗକୁ ଜଣାଇ ଦେବା କଲେକ୍ଟରଙ୍କ କର୍ତ୍ତବ୍ୟ । ପ୍ରତ୍ୟେକ ବିଭାଗର ଅଧସ୍ତନ କର୍ମଚାରୀମାନେ ଜିଲ୍ଲାରେ ଥାଆନ୍ତି ସତ; କିନ୍ତୁ ସମସ୍ତଙ୍କ କାର୍ଯ୍ୟ ପରୋକ୍ଷରେ ଜିଲ୍ଲାର ଆଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା ଉପରେ ପ୍ରତିକ୍ରିୟା ସୃଷ୍ଟି କରିବାର ସମ୍ଭାବନା ଥିବାରୁ ସେମାନେ କଲେକ୍ଟରଙ୍କୁ ନିଜ ବିଭାଗୀୟ କାର୍ଯ୍ୟକଳାପ ସମ୍ବନ୍ଧରେ ସାମୟିକ ବିବରଣୀ ଦିଅନ୍ତି । କଲେକ୍ଟର ମଧ୍ୟ ଅନେକ ନିଯୁକ୍ତି କ୍ଷମତା ଉପଭୋଗ କରନ୍ତି । ତାଙ୍କର ଅଧସ୍ତନ ନିମ୍ନଶ୍ରେଣୀର କର୍ମଚାରୀମାନଙ୍କୁ ସେ ମୁକରର କରନ୍ତି । ତାଙ୍କ ସୁପାରିଶ ଅନୁସାରେ ସରକାର ବିଭିନ୍ନ ଅନୁଷ୍ଠାନ ଲାଗି ପ୍ରତିନିଧି ମନୋନୟନ କରନ୍ତି । ଜିଲ୍ଲାମାଜିଷ୍ଟ୍ରେଟ ତାଙ୍କ ଅଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ କର୍ମଚାରୀଙ୍କ କାର୍ଯ୍ୟ-କଳାପ ପ୍ରତି ଦୃଷ୍ଟି ଦିଅନ୍ତି ଏବଂ ଆବଶ୍ୟକମତେ ଘରୋଇ ବିଭାଗକୁ ଗୁପ୍ତ ବିବରଣୀ ପ୍ରେରଣ କରନ୍ତି । ସରକାର ଜିଲ୍ଲା ସମ୍ବନ୍ଧରେ କିଛି ବିବରଣୀ ଜାଣିବାକୁ ଚାହିଁଲେ କଲେକ୍ଟର ତାହା ଯୋଗାଇ ଦିଅନ୍ତି । ଗସ୍ତ କରି ଜନସାଧାରଣଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିବା ବ୍ୟତୀତ କଲେକ୍ଟରଙ୍କୁ ଜିଲ୍ଲାର ପ୍ରତ୍ୟେକ ଅଧୀନସ୍ଥ ଦପ୍ତର ଓ ସ୍ୱାୟତ୍ତଶାସନ ଅନୁଷ୍ଠାନମାନଙ୍କୁ ବର୍ଷରେ ଅନ୍ତତଃ ଥରେ ପରିଦର୍ଶନ କରିବାକୁ ପଡ଼େ । ରେଜେଷ୍ଟ୍ରୀବିଭାଗ ଓ ଅବକାରୀବିଭାଗ ଲାଗି ସ୍ୱତନ୍ତ୍ର କର୍ମଚାରୀ ଥିଲେ ହେଁ ଜିଲ୍ଲାମାଜିଷ୍ଟ୍ରେଟ ଉକ୍ତ ବିଭାଗ ଦ୍ୱୟର ଜିଲ୍ଲା ମଧ୍ୟସ୍ଥିତ ମୁଖ୍ୟ କର୍ମଚାରୀ ।

ଆଜିକାଲି କଲେକ୍ଟରଙ୍କ ଦାୟିତ୍ୱ ଖୁବ୍ ବଢ଼ିଯାଇଛି । ଯୁଦ୍ଧକାଳ ମଧ୍ୟରେ ଅସାଧାରଣ ପରିସ୍ଥିତି ଉପୁଜିଥିଲା ବୋଲି ସେ

014250

କେବଳ ରାଜ୍ୟରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ ପର୍ଯ୍ୟାଲୋଚନା କରି ସମାଧାନ କରିବାରେ ବ୍ୟାପୃତ ଥିଲେ । ଆଭ୍ୟନ୍ତରୀଣ ଶାନ୍ତିରକ୍ଷା ଓ ବେସାମରିକ ରାଜ୍ୟରକ୍ଷା ତାଙ୍କର ମୁଖ୍ୟ ଦାୟିତ୍ୱ ଥିଲା । ଯୁଦ୍ଧ ପରେ ପରେ ରାଜ୍ୟସରକାର ସେବକ ମନୋବୃତ୍ତି ଅବଲମ୍ବନ କରିବାରୁ ଆଜିକାଲି ନାନାବିଧ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହେଉଛି । ପ୍ରତ୍ୟେକ ଯୋଜନାଲାଗି ଉପାଦେୟ ବିବରଣ ସଂଗ୍ରହ କରି ଯୋଗାଇଦେବା ତାଙ୍କ କାର୍ଯ୍ୟ । ଯୋଜନାଟିଏ କାର୍ଯ୍ୟକାରୀ ହେଲେ ତାକୁ କୃତକାର୍ଯ୍ୟ କରିବା ଦାୟିତ୍ୱ ମଧ୍ୟ ସେ ବହନ କରନ୍ତି । ଜିଲ୍ଲା ବିକାଶ ପରିଷଦ ତାଙ୍କୁ ଯୋଜନା କାର୍ଯ୍ୟରେ ପରାମର୍ଶ ଦିଏ । ଏହି ପରିଷଦର ବୈଠକ ମାସକେ ଅନ୍ତତଃ ଥରେ ଲେଖାଏଁ ହୁଏ ଏବଂ କେଉଁ ବିଭାଗରେ କି କି ବିକାଶମୂଳକ କାର୍ଯ୍ୟ ହେବା ଉଚିତ, ତାହା ଆଲୋଚିତ ହୋଇ ସରକାରଙ୍କୁ ଜଣାଇ ଦିଆଯାଏ । ନିଜ ଜିଲ୍ଲାର ଉନ୍ନତି ବା ଅବନତି ସମ୍ବନ୍ଧରେ ସରକାର କଲେକ୍ଟରଙ୍କ ଦାୟୀ ବୋଲି ଧରି ନିଅନ୍ତି । ତେଣୁ ତାଙ୍କ ସଙ୍ଗେ ପରାମର୍ଶ ନ କରି ଏବଂ ପରାମର୍ଶ କଲେ, ତାଙ୍କ ଅଭିମତକୁ ଉପେକ୍ଷା କରି ସରକାର ସହଜରେ କୌଣସି କାର୍ଯ୍ୟ କରନ୍ତି ନାହିଁ ।

କଲେକ୍ଟରଙ୍କୁ ଅନ୍ୟାନ୍ୟ କେତେକ ସାମାଜିକ ଦାୟିତ୍ୱ ତୁଲାଇବାକୁ ପଡ଼େ । ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାଲାଗି ନାନା ସ୍ଥାନରେ ଜନସାଧାରଣଙ୍କ ତରଫରୁ ସଭାସମିତି ହେଲେ କଲେକ୍ଟରଙ୍କୁ ସେଥିରେ ସଭାପତି ହେବାକୁ ପଡ଼େ । ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ପୁରସ୍କାର ବିତରଣ କରିବାକୁ ହୁଏ । ତାଙ୍କ

ପଲ୍ଲୀ ସମାଜସେବା ସମ୍ବନ୍ଧୀୟ ନାନା ଅନୁଷ୍ଠାନମାନଙ୍କରେ ଆଗୁଆର ହୋଇ ବାହାରନ୍ତି । ବେଳେ ବେଳେ କଲେକ୍ଟର ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରି ନିଜ ଜିଲ୍ଲା ସମ୍ବନ୍ଧୀୟ ସମ୍ବାଦ ଜନ-ସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଅନ୍ତି ।

## କଲେକ୍ଟରଙ୍କ ଅଧସ୍ତନ ସହକର୍ମିବୃନ୍ଦ

କଲେକ୍ଟର ନାନାବିଧ ଦାୟିତ୍ୱ ବହନ କରୁଥିବାରୁ ସାଧାରଣ ଶାସନକାର୍ଯ୍ୟରେ ମନୋନିବେଶ କରିବାଲାଗି ଯଥେଷ୍ଟ ସମୟ ପାଆନ୍ତି ନାହିଁ । ତେଣୁ ସାଧାରଣ ଶାସନ ପରିଚାଳନା ଉତ୍ତମରୂପେ କରାଇବା ଲାଗି ଏବଂ ବିକାଶମୂଳକ ସମସ୍ୟାପ୍ରତି ଅଧିକତର ମନୋଯୋଗୀ ହେବାପାଇଁ କଲେକ୍ଟରଙ୍କୁ ଯଥେଷ୍ଟ ସମୟ ଦେବା ଲାଗି ପ୍ରତ୍ୟେକ ଜିଲ୍ଲାରେ ଜଣେ ବା ଏକାଧିକ ଅତିରିକ୍ତ ଜିଲ୍ଲା-ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି । କଲେକ୍ଟରଙ୍କର ସାଧାରଣ ଶାସନଦାୟିତ୍ୱ ସେ ତୁଲାଇ ନିଅନ୍ତି । ସେ ମଧ୍ୟ ଅଧସ୍ତନ ମାଜିଷ୍ଟ୍ରେଟଙ୍କ ଫୌଜଦାରୀ ରାୟ ବିରୁଦ୍ଧରେ ଅପିଲ ବିଚାର କରନ୍ତି । ସରକାର ତାଙ୍କୁ ନାନାବିଧ କ୍ଷମତା ପ୍ରଦାନ କରିଥାନ୍ତି ।

ପ୍ରତି ଜିଲ୍ଲା ଏକାଧିକ ସବ୍‌ଡିଭିଜନରେ ବିଭକ୍ତ ହୋଇଥାଏ । ସବ୍‌ଡିଭିଜନର ମୁଖ୍ୟ କର୍ମଚାରୀଙ୍କୁ ସବ୍‌ଡିଭିଜନାଲ ଅଫିସର ଓ ବିଚାର ବିଭାଗୀୟ ମୁଖ୍ୟଙ୍କୁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ବୋଲି କୁହାଯାଏ । ଏସ.ଡ଼ି.ଓ.ଙ୍କୁ ସବ୍‌ଡିଭିଜନ ମଧ୍ୟରେ ରାଜସ୍ୱବିଭାଗୀୟ ଦାୟିତ୍ୱ ତୁଲାଇବାକୁ ହୁଏ । ଜିଲ୍ଲାରେ କଲେକ୍ଟରଙ୍କର ଯାହା ଦାୟିତ୍ୱ, ସବ୍‌ଡିଭିଜନରେ ଏସ. ଡ଼ି. ଓ.ଙ୍କର ଠିକ୍ ସେହି ଦାୟିତ୍ୱ । ସେ ଶାନ୍ତିଭଙ୍ଗ ସମ୍ବନ୍ଧରେ ପ୍ରତିରୋଧକ ବ୍ୟବସ୍ଥା ମଧ୍ୟ କରନ୍ତି । ଫୌଜଦାରୀ ମୋକଦ୍ଦମା ପ୍ରଥମେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ

ଅଦାଲତରେ ରୁଜୁ ହୁଏ । ସେ ନିଜେ କେତେଗୋଟି ପ୍ରଧାନ ପ୍ରଧାନ ମୋକଦ୍ଦମା ବିଚାର କରନ୍ତି ଏବଂ ଅନ୍ୟଗୁଡ଼ିକୁ ଅଧସ୍ତନ ମାଜିଷ୍ଟ୍ରେଟମାନଙ୍କୁ ବିଚାର କରିବା ଲାଗି ଦେଇଦିଅନ୍ତି । ଫୌଜଦାରୀ ମୋକଦ୍ଦମା ସମ୍ବନ୍ଧରେ ସେ ସବ୍‌ଡିଭିଜନର ମୁଖ୍ୟ ବିଚାରପତି । ଏମାନେ ସମସ୍ତେ ଉଚ୍ଚ ପାହ୍ୟାର କର୍ମଚାରୀ । ଏମାନଙ୍କୁ ସାହାଯ୍ୟ କରିବାଲାଗି ଆହୁରି ଅନେକ ଗୌଣ କର୍ମଚାରୀ ଅଛନ୍ତି ।

କଲେକ୍‌ଟର, ଏ.ଡ଼ି.ଏମ୍., ଏସ୍.ଡ଼ି.ଓ., ଏସ୍.ଡ଼ି.ଏମ୍., ଡେପୁଟି ଓ ସବ୍‌ଡେପୁଟିମାନେ ସାଧାରଣ ଶାସନ ବିଭାଗର କର୍ମଚାରୀ । ସେମାନଙ୍କ ବ୍ୟତୀତ ଅନ୍ୟାନ୍ୟ ବିଭାଗର ଜିଲ୍ଲା କର୍ମଚାରୀମାନେ ମଧ୍ୟ ପ୍ରତି ଜିଲ୍ଲାରେ ଥାନ୍ତି । ସେମାନଙ୍କ ମଧ୍ୟରୁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ, ଜିଲ୍ଲା ସବ୍‌ରେଜିଷ୍ଟ୍ରାର, ଜିଲ୍ଲାଜଜ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଫିସର, ଏକଜିକ୍ୟୁଟିଭ ଇଞ୍ଜିନିଅର, ଜିଲ୍ଲା ଉନ୍ନୟନ ଅଫିସର, ସମବାୟ ସହକାରୀ ରେଜିଷ୍ଟ୍ରାର, ଜିଲ୍ଲା ସ୍କୁଲ ଇନ୍‌ସ୍ପେକ୍ଟର ଇତ୍ୟାଦି ପ୍ରଧାନ । ସେମାନେ ନିଜ ନିଜ ବିଭାଗ ଅଧୀନରେ କାର୍ଯ୍ୟ କରନ୍ତି । ସେମାନେ କଲେକ୍ଟରଙ୍କର ପ୍ରତ୍ୟକ୍ଷ ଅଧସ୍ତନ କର୍ମଚାରୀ ନୁହନ୍ତି । ଜିଲ୍ଲା ରାଜ୍ୟ ଶାସନର କ୍ଷୁଦ୍ରତମ ଏକକ ହୋଇଥିବାରୁ ସରକାରଙ୍କର ପ୍ରତ୍ୟେକ ବିଭାଗ ଜିଲ୍ଲାର ଶାସନ ସମ୍ବନ୍ଧରେ ମନୋଯୋଗୀ ।

# ବିଚାର ବିଭାଗ

## ଆଇନର ଶାସନ

ଇଂଲଣ୍ଡ ଭଳି ଉନ୍ନତ ଦେଶମାନଙ୍କ ଅନୁକରଣରେ ଭାରତରେ ଆଇନର ରାଜତ୍ୱ ପ୍ରବର୍ତ୍ତିତ ହୋଇଛି । ଏହାର ଅର୍ଥ ଦ୍ୱିବିଧ । ପ୍ରଥମରେ ଆଇନ ଦୃଷ୍ଟିରେ ସମସ୍ତେ ସମାନ । ଧନୀ, ନିର୍ଦ୍ଧନ, ଉଚ୍ଚ ନୀଚ, ସରକାରୀ ବେସରକାରୀ ତାରତମ୍ୟ ଆଇନ ଅଦାଲତରେ ରହେ ନାହିଁ । ଯେ କୌଣସି ଲୋକ ଆଇନ ଭଙ୍ଗ କଲେ ସମପରିମାଣରେ ଦଣ୍ଡନୀୟ ହେବ । ଦ୍ୱିତୀୟରେ ଖୋଲା ବିଚାରରେ ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଅଭିଯୁକ୍ତ ବ୍ୟକ୍ତିକୁ ନିର୍ଦ୍ଦୋଷ ବୋଲି ବିଚାରିବାକୁ ହେବ; ତେଣୁ ବିଚାରାଧୀନ ବନ୍ଦୀ ବା ବ୍ୟକ୍ତିପ୍ରତି ମନ୍ଦ ବ୍ୟବହାର ପ୍ରଦର୍ଶିତ ହେବା ବିଧେୟ ନୁହେଁ । ଅଦାଲତରେ ବି ଗୁପ୍ତ ବିଚାର ହୋଇପାରିବ ନାହିଁ । ସର୍ବ ସମକ୍ଷରେ ବିଚାରପତିମାନେ ଉଭୟ ପକ୍ଷରୁ ଯୁକ୍ତି ଓ ଜବାବ ସୁଆଲ ଶୁଣି ଅଭିଯୁକ୍ତ ଆସାମୀର ହୃଦ୍‌ବୋଧ ହେବା ଭଳି ରାୟପତ୍ର ଶୁଣାଇ ଦିଅନ୍ତି ।

ଏତଦ୍‌ଭିନ୍ନ ଭାରତୀୟ ସମ୍ବିଧାନରେ ପ୍ରତ୍ୟେକ ନାଗରିକକୁ ନାନାବିଧ ମୌଳିକ ଅଧିକାର ପ୍ରଦତ୍ତ ହୋଇଛି । ତନ୍ମଧ୍ୟରୁ ଜାତି, ଧର୍ମ, ବଂଶ, ଲିଙ୍ଗ ଓ ଜନ୍ମସ୍ଥାନ ନିର୍ବିଶେଷରେ ସରକାରୀ ଚାକିରି ଲାଭ, ଅସ୍ପୃଶ୍ୟତା ନିବାରଣ, ଭାଷଣ, ମିଳନ, ସଂଗଠନ, ଅବାଧ ଯାତାୟାତ, ସମ୍ପତ୍ତି ଗ୍ରହଣ ଓ ବିସର୍ଜନ ଏବଂ ଜୀବିକା ଅର୍ଜନ କରିବା ସ୍ୱାଧୀନତା ଏବଂ ନିଜ ଧର୍ମ, ଭାଷା ଓ ସଂସ୍କୃତି ଅନୁସରଣ କରିବାଲାଗି ଅଧିକାର ପ୍ରଦତ୍ତ ହୋଇଛି । ସରକାର ବା ଅନ୍ୟ କେହି ଉଲ୍ଲିଖିତ ଅଧିକାର ସଙ୍କୋଚନ ବା ଖର୍ବ କରିବାକୁ ଚାହିଁଲେ

ପ୍ରତ୍ୟେକ ନାଗରିକ ନିର୍ଦ୍ଦିଷ୍ଟ ଅଦାଲତର ଆଶ୍ରୟ ଗ୍ରହଣ କରି-ପାରିବେ ଏବଂ କଲେ ଆଇନ ସମ୍ମୁଖରେ ସମବ୍ୟବହାର ପାଇବେ ବୋଲି ଲିପିବଦ୍ଧ ହୋଇ ରହିଛି ।

ଉକ୍ତ ବ୍ୟବସ୍ଥାଦ୍ୱୟ ଗଣତନ୍ତ୍ରର ମେରୁଦଣ୍ଡ । ଏହାକୁ କାର୍ଯ୍ୟରେ ପରିଣତ କରିବାଲାଗି ନାନାବିଧ ଓ ନାନାଶ୍ରେଣୀର ଅଦାଲତ ସୃଷ୍ଟି ହୋଇଛି । ସବୁ ଅଦାଲତକୁ ମିଶାଇ ବିଚାର ବିଭାଗ ବୋଲି କୁହାଯାଏ ।

ମୋକଦ୍ଦମା ଦୁଇପ୍ରକାର; ଯଥା—ଦେୱାନୀ ଓ ଫୌଜଦାରୀ । ସମ୍ପତ୍ତି ଓ ଅଧିକାର ବିଷୟକ ଚୁକ୍ତି ଭଗ୍ନ ହେଲେ ଦେୱାନୀ ମୋକଦ୍ଦମା ହୁଏ । ଆଇନ ଭଙ୍ଗ ହେଲେ ଫୌଜଦାରୀ ମୋକଦ୍ଦମା ଆଗତ ହୁଏ । ଦେୱାନୀ ମୋକଦ୍ଦମା ଜଣେ ବ୍ୟକ୍ତିବିଶେଷ ରୁଜୁ କରିପାରେ । ସରକାର ବି ଦେୱାନୀ ମୋକଦ୍ଦମାରେ ବାଦୀ ପ୍ରତିବାଦୀ ହୋଇ ପାରନ୍ତି । ଦେୱାନୀ ମୋକଦ୍ଦମା ବିଚାରରେ ଦାବୀ ସାବ୍ୟସ୍ତ ହୁଏ କିମ୍ବା କ୍ଷତିପୂରଣ ମଞ୍ଜୁର ହୁଏ । ପ୍ରତିବାଦୀକୁ କେବେହେଲେ ଦଣ୍ଡ ଦିଆଯାଏ ନାହିଁ । ଫୌଜଦାରୀ ମୋକଦ୍ଦମା ବ୍ୟକ୍ତିବିଶେଷ ଓ ସରକାର ଉଭୟ ରୁଜୁ କରିପାରିବେ । ନରହତ୍ୟା, ଗୃହଦାହ, ନାରୀଧର୍ଷଣ, ଚୋରି ଇତ୍ୟାଦି କେତେଗୁଡ଼ିଏ ଗୁରୁତର ଦୋଷ କଲେ ସରକାର ନିଜେ ପୋଲିସ ବିଭାଗଦ୍ୱାରା ଅଭିଯୁକ୍ତ ଆସାମୀ ବିରୁଦ୍ଧରେ ମକଦ୍ଦମା ରୁଜୁ କରନ୍ତି । କ୍ଷୁଦ୍ର କ୍ଷୁଦ୍ର ଦୋଷ ହେଲେ ବ୍ୟକ୍ତିବିଶେଷ ନିଜେ ଅଦାଲତର ଆଶ୍ରୟ ନେବେ । ଫୌଜଦାରୀ ମୋକଦ୍ଦମାରେ ସରକାର କେବେହେଲେ ପ୍ରତିବାଦୀ ହୋଇ ପାରିବେ ନାହିଁ । ଫୌଜଦାରୀ ବିଚାରରେ ଆସାମୀ ଖଲାସ ହୁଏ

କମ୍ବା ଦଣ୍ଡ ପାଏ । ଏହି ଦ୍ୱିବିଧ ବିଗ୍ରହର ଦାୟିତ୍ୱ ବହନ କରିବା ଲାଗି ଦୁଇ ଶ୍ରେଣୀର ଅଦାଲତ ସୃଷ୍ଟି ହୋଇଛି ।

## ଉଚ୍ଚତମ ନ୍ୟାୟାଳୟ ( Supreme Court )

ରାଷ୍ଟ୍ରସଂଘରେ ରାଷ୍ଟ୍ରୀୟ ନ୍ୟାୟାଳୟ ଗୋଟିଏ ଅପରିହାର୍ଯ୍ୟ ଅଙ୍ଗ । ସଙ୍ଗଠନ ଓ ସହଯୋଗୀ ରାଷ୍ଟ୍ରମାନଙ୍କ ମିଳନ ଏକପ୍ରକାର ଲିଖିତ ଚୁକ୍ତି ଉପରେ ପ୍ରତିଷ୍ଠିତ । ଏହା ହିଁ ସଂବିଧାନ ନାମରେ ଅଭିହିତ । ତେଣୁ ସଂଘ ଓ ସହଯୋଗୀ ରାଜ୍ୟମାନଙ୍କ ମଧ୍ୟରେ କମ୍ବା ଦୁଇ ବା ତତୋଽଧିକ ସହଯୋଗ ରାଜ୍ୟମାନଙ୍କ ମଧ୍ୟରେ କୌଣସି ବିଷୟରେ ବିବାଦ ଉପୁଜିଲେ, ତାକୁ ନିଷ୍ପତ୍ତି କରିବା ରାଷ୍ଟ୍ରୀୟ ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ କର୍ତ୍ତବ୍ୟ । ପୁନଶ୍ଚ ସଂବିଧାନରେ କୌଣସି ଧାରାର ବ୍ୟାଖ୍ୟା ସମ୍ବନ୍ଧରେ ବିଭିନ୍ନ ସରକାରଙ୍କ ଭିତରେ କମ୍ବା ଅନୁଷ୍ଠାନମାନଙ୍କ ମଧ୍ୟରେ ମତଭେଦ ହେଲେ, ତାହାର ପ୍ରକୃତ ବ୍ୟାଖ୍ୟା କରିବା ଦାୟିତ୍ୱ ବି ଉକ୍ତ ନ୍ୟାୟାଳୟ ବହନ କରନ୍ତି । ତେଣୁ ରାଷ୍ଟ୍ରୀୟ ନ୍ୟାୟାଳୟକୁ ସଂବିଧାନର ସଂରକ୍ଷକ ଆଖ୍ୟା ଦିଆ ହୋଇଥାଏ । ଭାରତୀୟ ଉଚ୍ଚତମ ନ୍ୟାୟାଳୟ ଆମର ରାଷ୍ଟ୍ରୀୟ ନ୍ୟାୟାଳୟ । ଏହାକୁ ସଂଘ ଓ ରାଜ୍ୟମାନଙ୍କ ମଧ୍ୟରେ ଏବଂ ରାଜ୍ୟ ଓ ରାଜ୍ୟ ମଧ୍ୟରେ ସୃଷ୍ଟି ହେଉଥିବା କଳହ ସମାଧାନ କରିବା ସଙ୍ଗେ ସଙ୍ଗେ ସଂବିଧାନ ସମ୍ବନ୍ଧୀୟ ବ୍ୟାଖ୍ୟା କରିବା ଦାୟିତ୍ୱ ପ୍ରଦତ୍ତ ହୋଇଛି । କେତେକ ନିର୍ଦ୍ଦିଷ୍ଟ ଦେୱାନୀ ଓ ଫୌଜଦାରୀ ମୋକଦ୍ଦମାରେ ଉକ୍ତ ନ୍ୟାୟାଳୟ ରାଜ୍ୟର ଉଚ୍ଚ ନ୍ୟାୟାଳୟର ରାୟ ବିରୁଦ୍ଧରେ ଅପିଲ ଶୁଣିପାରିବେ । ସଂବିଧାନରେ ଲିପିବଦ୍ଧ ହୋଇଥିବା ନାଗରିକ ଅଧିକାରର ବିରୁଦ୍ଧାଚରଣ ହେଲେ, ଯେ କୌଣସି ବ୍ୟକ୍ତି ଉଚ୍ଚତମ ନ୍ୟାୟାଳୟରେ ଅଭିଯୋଗ ପେଶ କରିପାରିବେ । ରାଷ୍ଟ୍ରପତି ଉଚିତ ମନେକଲେ ଯେ କୌଣସି

ଗୁରୁତର ସମସ୍ୟା ସମ୍ବନ୍ଧରେ ଉଚ୍ଚତମ ନ୍ୟାୟାଳୟର ମତ ନେଇ ପାରିବେ; ତେଣୁ ଉଚ୍ଚତମ ନ୍ୟାୟାଳୟ ଭାରତୀୟ ରାଷ୍ଟ୍ରର ସର୍ବୋଚ୍ଚ ନ୍ୟାୟପାଳକ ଅନୁଷ୍ଠାନ ।

ଉକ୍ତ ନ୍ୟାୟାଳୟର ବୈଠକ ଦିଲ୍ଲୀରେ ବସେ । ରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ବୁଲି ମୋକଦ୍ଦମାମାନ ଶୁଣିବା ଅଧିକାର ମଧ୍ୟ ସେମାନଙ୍କର ଅଛି । ଏହି ନ୍ୟାୟାଳୟରେ ଜଣେ ପ୍ରଧାନ ନ୍ୟାୟାଧୀଶ ଓ ତେରଜଣ ଅଧସ୍ତନ ନ୍ୟାୟାଧୀଶ ଅଛନ୍ତି । ପ୍ରଧାନ ନ୍ୟାୟାଧୀଶଙ୍କୁ ମାସିକ ପାଞ୍ଚ ହଜାର ଏବଂ ଅନ୍ୟ ନ୍ୟାୟାଧୀଶମାନଙ୍କୁ ମାସିକ ଚାରି ହଜାର ଟଙ୍କା ବେତନ ମିଳେ । କୌଣସି ବ୍ୟକ୍ତି ରାଜ୍ୟ ଉଚ୍ଚ-ନ୍ୟାୟାଳୟରେ ପାଞ୍ଚବର୍ଷ ନ୍ୟାୟାଧୀଶ ଭାବରେ କାର୍ଯ୍ୟ କରିଥିଲେ କିମ୍ବା ଭାରତରେ ସର୍ବମୋଟ ଦଶ ବର୍ଷ କାଳ ଅଧିବକ୍ତା ଭାବରେ ଜୀବିକା ନିର୍ବାହ କରିଥିଲେ, ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ପଦରେ ଅଭିଷିକ୍ତ ହୋଇପାରିବେ । ନ୍ୟାୟାଧୀଶ-ମାନେ ଇଚ୍ଛାକଲେ ଇସ୍ତଫା ଦେଇପାରିବେ ଏବଂ କୌଣସି ଗୁରୁତର ଦୋଷରେ ଅଭିଯୁକ୍ତ ହେଲେ କିମ୍ବା କାର୍ଯ୍ୟରେ ହେଳା ବା ଅସଦାଚରଣ କଲେ ପାର୍ଲିମେଣ୍ଟର ପ୍ରତ୍ୟେକ ପରିଷଦ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ପ୍ରସ୍ତାବ ଗ୍ରହଣ କରି ତାଙ୍କୁ କାର୍ଯ୍ୟରୁ ବରଖାସ୍ତ କରିବା ଲାଗି ରାଷ୍ଟ୍ରପତିଙ୍କୁ ସୁପାରିଶ କରିପାରିବେ । ଥରେ ନ୍ୟାୟାଧୀଶ ହେଲେ ଆଉ ଜୀବନସାରା ଅଧିବକ୍ତା ବା ଓକିଲ ଭାବେ ଜୀବିକା ଉପାର୍ଜନ କରିହେବ ନାହିଁ ।

ମୁକରର ହୋଇଥିବା ନ୍ୟାୟାଧୀଶମାନଙ୍କ ବ୍ୟତୀତ ଆବଶ୍ୟକ ହେଲେ ପ୍ରଧାନ ନ୍ୟାୟାଧୀଶ ରାଷ୍ଟ୍ରପତିଙ୍କ ସଙ୍ଗେ ପରାମର୍ଶ କରି ରାଜ୍ୟର ଉଚ୍ଚ ନ୍ୟାୟାଳୟମାନଙ୍କରୁ ଯେ କୌଣସି ନ୍ୟାୟାଧୀଶଙ୍କୁ କିମ୍ବା ନ୍ୟାୟାଧୀଶ ଭାବେ କାର୍ଯ୍ୟ କରି ଅବସର ନେଇଥିବା ଯେ

ନଂ ୩୫୪୪୦ ୧୦୫
ତା ୧୮.୨.୮୫

କୌଣସି ବ୍ୟକ୍ତିଙ୍କୁ ଅସ୍ଥାୟୀଭାବେ* ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ କାର୍ଯ୍ୟ କରିବା ଲାଗି ଆହ୍ୱାନ କରିପାରିବେ । ନ୍ୟାୟାଧୀଶମାନଙ୍କୁ ୬୫ ବର୍ଷ ବୟସ ହେଲେ ସେମାନେ କାର୍ଯ୍ୟରୁ ଅବସର ଗ୍ରହଣ କରିବେ ।

**ରାଜ୍ୟର ଉଚ୍ଚ ନ୍ୟାୟାଳୟ**—ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଗୋଟିଏ ଉଚ୍ଚ ନ୍ୟାୟାଳୟ ରଖିବାର ବ୍ୟବସ୍ଥା ହୋଇଛି । ସଂଘଶାସିତ ଅଞ୍ଚଳରେ ଉଚ୍ଚ ନ୍ୟାୟାଳୟ ରଖିବା ବ୍ୟବସ୍ଥା ଅଧିକ ବ୍ୟୟସାପେକ୍ଷ ହେବ ବୋଲି ସେଠାରେ ଗୋଟିଏ ନ୍ୟାୟପାଳିକା କମିଶନରଙ୍କ ନ୍ୟାୟାଳୟ ରଖିବା ବ୍ୟବସ୍ଥା ହୋଇଛି ।

ଉଚ୍ଚ ନ୍ୟାୟାଳୟ ରାଜ୍ୟର ଦେଓ୍ୱାନୀ ଓ ଫୌଜଦାରୀ ମକଦ୍ଦମା ସମ୍ବନ୍ଧୀୟ ଉଚ୍ଚତମ ଅଦାଲତ । ଅଧସ୍ତନ ବିଚାରପତି-ମାନଙ୍କ ରାୟ ବିରୁଦ୍ଧରେ ଉକ୍ତ ନ୍ୟାୟାଳୟରେ ଅପିଲ ହୁଏ । ଏଥିପାଇଁ ଅବଶ୍ୟ ବିଚାରପତିଙ୍କ ସୁପାରିଶ ବା ନ୍ୟାୟାଳୟର ଅନୁମତି ଦରକାର । ଏତଦ୍ ବ୍ୟତୀତ କୌଣସି ମୋକଦ୍ଦମା ବିଚାରବେଳେ ଗୁରୁତର ଆଇନଗତ ପ୍ରଶ୍ନ ଉଠିଲେ ଓ ବୈଧାନିକ ବ୍ୟାଖ୍ୟାର ଆବଶ୍ୟକତା ଥିଲେ ଉଚ୍ଚ ନ୍ୟାୟାଳୟ ଉକ୍ତ ମୋକଦ୍ଦମାକୁ ହୁଏତ ନିଜେ ବିଚାର କରିବା ଲାଗି ଆଣି ପାରିବେ କିମ୍ବା କେବଳ ଆଇନଗତ ପ୍ରଶ୍ନର ସମାଧାନ କରି ବିଚାର କରିବା ଲାଗି ପୁଣି ନିର୍ଦ୍ଦିଷ୍ଟ ନ୍ୟାୟାଧୀଶଙ୍କ ପାଖକୁ ପଠାଇ ଦେବେ । ଉଚ୍ଚ ନ୍ୟାୟାଳୟ ମଧ୍ୟ ମୌଳିକ ନାଗରିକ ଅଧିକାର ଲଂଘନ ବିଷୟକ ମୋକଦ୍ଦମା ବିଚାର କରିପାରିବେ । ଅଧସ୍ତନ ନ୍ୟାୟାଳୟର ରକ୍ଷଣାବେକ୍ଷଣ ଓ ତଦାରଖ ଦାୟିତ୍ୱ ଉଚ୍ଚ ନ୍ୟାୟାଳୟ ଉପରେ ନ୍ୟସ୍ତ ।

ଯେ କୌଣସି ବ୍ୟକ୍ତି ଦଶ ବର୍ଷକାଳ କୌଣସି ନ୍ୟାୟିକ ପଦବୀ ମଣ୍ଡନ କରିଥିଲେ କିମ୍ବା ଉଚ୍ଚ ନ୍ୟାୟାଳୟ ଅଧୀନରେ

ଅଧିବକ୍ତା ହିସାବରେ ଜୀବିକା ଉପାର୍ଜନ କରିଥିଲେ, ନ୍ୟାୟାଧୀଶ ନିଯୁକ୍ତ ହୋଇପାରିବେ । ନ୍ୟାୟାଧୀଶ ନିଜେ ଇସ୍ତଫା ଦେଇ ପାରିବେ କିମ୍ବା ଗୁରୁତର କାରଣ ହେତୁ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ପାର୍ଲିମେଣ୍ଟର ପ୍ରତ୍ୟେକ ପରିଷଦ ସୁପାରିଶ କଲେ ରାଷ୍ଟ୍ରପତିଙ୍କ ଦ୍ୱାରା କାର୍ଯ୍ୟଚ୍ୟୁତ ହୋଇପାରିବେ । ଥରେ ନ୍ୟାୟାଧୀଶ ହେଲେ ତେଣିକି ଉଚ୍ଚତମ ନ୍ୟାୟାଳୟ ଏବଂ ନିଜେ କାର୍ଯ୍ୟ କରି ନଥିବା ନ୍ୟାୟାଳୟ ଭିନ୍ନ ଅନ୍ୟ କୌଣସି ଅଦାଲତରେ ଓକିଲାତି କରିପାରିବେ ନାହିଁ । ଜଣେ ବ୍ୟକ୍ତି ୬୨ ବର୍ଷ ବୟସ ହେବା ପର୍ଯ୍ୟନ୍ତ ନ୍ୟାୟାଧୀଶଭାବରେ କାର୍ଯ୍ୟ କରିପାରିବେ । ନ୍ୟାୟାଧୀଶମାନେ ଉଚ୍ଚତମ ନ୍ୟାୟାଳୟ ଓ ରାଜ୍ୟର ଉଚ୍ଚ ନ୍ୟାୟାଳୟର ପ୍ରଧାନ ନ୍ୟାୟାଧୀଶ ଏବଂ ରାଜ୍ୟପାଳଙ୍କ ପରାମର୍ଶ ଅନୁସାରେ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହୁଅନ୍ତି । ଆବଶ୍ୟକ ପଡ଼ିଲେ ରାଷ୍ଟ୍ରପତି ନ୍ୟାୟାଧୀଶମାନଙ୍କୁ ବିଭିନ୍ନ ଉଚ୍ଚ ନ୍ୟାୟାଳୟମାନଙ୍କୁ ସ୍ଥାନାନ୍ତର କରିବେ ଏବଂ ନ୍ୟାୟାଧୀଶମାନେ ମଧ୍ୟ ଅସ୍ଥାୟୀ ଭାବରେ ଉଚ୍ଚତମ ନ୍ୟାୟାଳୟରେ କାମ କରିବା ଲାଗି ଆହୂତ ହୋଇପାରିବେ । ଉଚ୍ଚ ନ୍ୟାୟାଳୟର ପ୍ରଧାନ ନ୍ୟାୟାଧୀଶ ଓ ଅଧସ୍ତନ ନ୍ୟାୟାଧୀଶମାନଙ୍କୁ ଯଥାକ୍ରମେ ମାସିକ ଚାରି ହଜାର ଓ ସାଢ଼େ ତିନି ହଜାର ଟଙ୍କା ବେତନ ମିଳେ ।

ନ୍ୟାୟାଳୟମାନଙ୍କୁ ରାଜନୈତିକ ପ୍ରଭାବରୁ ଦୂରରେ ରଖିବା ଲାଗି ବ୍ୟବସ୍ଥା ହୋଇଛି ଯେ, ତାଙ୍କ ବେତନ ଓ ଭତ୍ତା ବିଧାନ ସଭାରେ ମଞ୍ଜୁର ହେବ ନାହିଁ କିମ୍ବା ନ୍ୟାୟାଧୀଶମାନଙ୍କ ଆଚରଣ ସମ୍ବନ୍ଧରେ ବ୍ୟବସ୍ଥାପକ ପରିଷଦମାନଙ୍କରେ ଆଲୋଚନା ହୋଇ ପାରିବ ନାହିଁ ।

**ଅଧସ୍ତନ ନ୍ୟାୟାଳୟ**—ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟମାନେ ସାଧାରଣତଃ ଅପିଲ ଶୁଣିବା ଅନୁଷ୍ଠାନ । ମୋକଦ୍ଦମା ଆରମ୍ଭ କରିବା ସମ୍ବନ୍ଧରେ ସେମାନଙ୍କର ପ୍ରାୟ କ୍ଷେତ୍ରାଧିକାର ନାହିଁ । ସାଧାରଣ ନାଗରିକ ନ୍ୟାୟବିଚାର ପାଇବାଲାଗି ବିଶେଷ ପରିମାଣରେ ସେମାନଙ୍କ ଉପରେ ନିର୍ଭର କରେ ନାହିଁ । ତାର ଦୈନନ୍ଦିନ ସମ୍ପର୍କ ବିଶେଷତଃ ଅଧସ୍ତନ ନ୍ୟାୟାଳୟମାନଙ୍କ ସହିତ; ତେଣୁ ରାଜ୍ୟମାନଙ୍କରେ ଭିନ୍ନ ଭିନ୍ନ ସ୍ତରର ନିମ୍ନ ନ୍ୟାୟାଳୟମାନ ପ୍ରତିଷ୍ଠିତ ହୋଇଛି ।

ଆଗରୁ କୁହାହୋଇଛି ଯେ ନ୍ୟାୟ ଦ୍ୱିବିଧ, ଯଥା:—ଦେଓ୍ୱାନୀ ଓ ଫୌଜଦାରୀ । ତଦନୁଯାୟୀ ଦୁଇ ଶ୍ରେଣୀର ଅଧସ୍ତନ ନ୍ୟାୟାଳୟ ସ୍ଥାପିତ ହୋଇଛି । ଜିଲ୍ଲା ନ୍ୟାୟାଧୀଶ, ସବ୍‌ଜଜ୍ ଓ ମୁନସଫ୍‌ମାନେ ଦେଓ୍ୱାନୀ ନ୍ୟାୟ ସହିତ ସମ୍ପୃକ୍ତ । ସଭା ନ୍ୟାୟାଧୀଶ ( Sessions Judge ), ସହକାରୀ ସଭା ନ୍ୟାୟାଧୀଶ, ପ୍ରଧାନ ପ୍ରେସିଡେନ୍‌ସୀ ମାଜିଷ୍ଟ୍ରେଟ, ଜିଲ୍ଲା ମାଜିଷ୍ଟ୍ରେଟ, ଏ.ଡ଼ି.ଏମ୍, ଏସ.ଡ଼ି.ଏମ. ଓ ମୁନ୍‌ସିଫ-ମାଜିଷ୍ଟ୍ରେଟମାନେ ଫୌଜଦାରୀ ନ୍ୟାୟ ସହିତ ଜଡ଼ିତ ।

ପ୍ରତ୍ୟେକ ଜିଲ୍ଲାରେ ଜଣେ ଜଣେ ଜିଲ୍ଲା ନ୍ୟାୟାଧୀଶ ଏବଂ ଏକାଧିକ ସବ୍‌ଜଜ୍ ଓ ମୁନ୍‌ସିଫ ଥାଆନ୍ତି । ମୁନ୍‌ସିଫମାନଙ୍କ କ୍ଷେତ୍ର ପରିସର ସୀମାବଦ୍ଧ, ସେମାନଙ୍କ ରାୟ ବିରୁଦ୍ଧରେ ଅପିଲ ଶୁଣିବା କ୍ଷମତା ସବ୍‌ଜଜ୍ ଓ ଜିଲ୍ଲାଜଜ୍‌ଙ୍କର ଅଛି; କିନ୍ତୁ ଜିଲ୍ଲାଜଜ୍ ଓ ସବ୍‌ଜଜ୍‌ଙ୍କ ରାୟ ବିରୁଦ୍ଧରେ କେବଳ ଉଚ୍ଚ ନ୍ୟାୟାଳୟରେ ଅପିଲ ହୋଇପାରିବ ।

ଫୌଜଦାରୀ ମୋକଦ୍ଦମା ସାଧାରଣତଃ ବିଭିନ୍ନ ଶ୍ରେଣୀର ମାଜିଷ୍ଟ୍ରେଟମାନେ ବିଚାର କରନ୍ତି । ସେମାନଙ୍କୁ ବିଚାରକ କ୍ଷମତା

ଅନୁସାରେ ତିନି ଶ୍ରେଣୀରେ ବିଭକ୍ତ କରାହୁଏ । ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଦୁଇ ବର୍ଷ କାରାଦଣ୍ଡ ଓ ଟ୧୦୦୦୲ ପର୍ଯ୍ୟନ୍ତ ଜରିମାନା ଦଣ୍ଡ ଦେଇ ପାରିବେ, ୨ୟ ଶ୍ରେଣୀ ମାଜିଷ୍ଟ୍ରେଟ ଛଅ ମାସ ଓ ଟ୨୦୦ ଏବଂ ୩ୟ ଶ୍ରେଣୀ ମାଜିଷ୍ଟ୍ରେଟ ମାସେ ଓ ଟ୫୦୲ ପର୍ଯ୍ୟନ୍ତ ଯଥାକ୍ରମେ ଜେଲ ଓ ଜରିମାନା ଦଣ୍ଡ ଦେଇପାରିବେ । ଅଭିଯୋଗର ଗୁରୁତ୍ୱ ବିଚାର କରି ଏସ. ଡି. ଏମ୍. ମାନେ ବିଭିନ୍ନ ମୋକଦ୍ଦମାକୁ ଉପଯୁକ୍ତ ମାଜିଷ୍ଟ୍ରେଟମାନଙ୍କ ନିକଟକୁ ପ୍ରେରଣ କରନ୍ତି । ନରହତ୍ୟା; ଗୃହଦାହ, ନାରୀଧର୍ଷଣ ଓ ସଶସ୍ତ୍ର ଡକାୟତି ଆଦି ଗୁରୁତର ଅପରାଧରେ ଅଭିଯୁକ୍ତ ଆସାମୀମାନଙ୍କ ବିଚାର କେବଳ ସଦର ନ୍ୟାୟାଧୀଶ ବା ତାଙ୍କ ସହକାରୀଙ୍କ ଅଦାଲତରେ ହୋଇପାରେ । ଏସ.ଡି.ଏମ୍. କିମ୍ବା ଅନ୍ୟ କେହି ଉପଯୁକ୍ତ କ୍ଷମତାପ୍ରାପ୍ତ ମାଜିଷ୍ଟ୍ରେଟ୍ ପ୍ରାଥମିକ ଶୁଣାଣି ଶେଷକରି ଦୃଢ଼ବୋଧ ହେବା ଭଳି କାରଣ ଦେଖିଲେ ମୋକଦ୍ଦମା ବିଚାର କରିବା ଲାଗି ସଦର ନ୍ୟାୟାଧୀଶଙ୍କ ଅଦାଲତକୁ ପ୍ରେରଣ କରନ୍ତି । ସଦର ନ୍ୟାୟାଧୀଶ ପ୍ରାଣଦଣ୍ଡ ଆଦେଶ ଦେଇ ପାରିବେ; କିନ୍ତୁ ତାଙ୍କ ରାୟ ଉଚ୍ଚ ନ୍ୟାୟାଳୟରେ ଅନୁମୋଦିତ ନ ହେଲେ ପ୍ରାଣଦଣ୍ଡ କାର୍ଯ୍ୟକାରୀ ହୋଇପାରିବ ନାହିଁ ।

ଜିଲ୍ଲା ନ୍ୟାୟାଧୀଶଙ୍କ ବ୍ୟତୀତ ଅନ୍ୟ ସହକାରୀ ବିଚାରପତିମାନେ ରାଜ୍ୟ ସରକାରଙ୍କଦ୍ୱାରା ଲୋକସେବା ଯୋଗ (Public Service Commission)ଙ୍କ ସୁପାରିଶ ଅନୁସାରେ ନିଯୁକ୍ତ ହୁଅନ୍ତି । ଜିଲ୍ଲା ନ୍ୟାୟାଧୀଶଙ୍କ ନିଯୁକ୍ତି ଲାଗି ଉଚ୍ଚ ନ୍ୟାୟାଳୟର ପରାମର୍ଶ ଓ ଅନୁମୋଦନ ଆବଶ୍ୟକ । ଯେ କେହି ଅଧସ୍ତନ ନ୍ୟାୟାଧୀଶ ଯୋଗ୍ୟତା ବିଚାରରେ ଜିଲ୍ଲା ନ୍ୟାୟାଧୀଶ ପଦକୁ ଉନ୍ନୀତ ହୋଇପାରିବେ । ବାହାରୁ କୌଣସି ଲୋକଙ୍କୁ ନିଯୁକ୍ତ

କରିବା ଆବଶ୍ୟକ ହେଲେ ସେ ଅନ୍ତତଃ ସାତ ବର୍ଷ କାଳ ଓକିଲାତି କରିଥିବା ଦରକାର ।

ଗାଁମାନଙ୍କରେ ଛୋଟ ଛୋଟ ଦେଓ୍ୱାନୀ ଓ ଫୌଜଦାରୀ ମୋକଦ୍ଦମା ବୁଝି ତୁଟାଇ ଦେବା ଲାଗି ଏବେ ଗ୍ରାମପଞ୍ଚାୟତ ଆଇନ ଅନୁସାରେ ବିଭିନ୍ନ ସ୍ଥାନରେ ଅଦାଲତ ପଞ୍ଚାୟତ ଗଠନ ହୋଇଛି । ଅଦାଲତ ପଞ୍ଚାୟତମାନେ ଏହି ଗୁରୁଦାୟିତ୍ୱ ଆଶାନୁରୂପ ତୁଲାଇ ପାରିଲେ ଗ୍ରାମବାସୀମାନେ ଅଯଥା ଖର୍ଚ୍ଚରୁ ରକ୍ଷା ପାଇବା ସୁନିଶ୍ଚିତ; କିନ୍ତୁ ଏମାନଙ୍କ ନିଯୁକ୍ତି ଗଣତାନ୍ତ୍ରିକ ନିର୍ବାଚନ ପ୍ରଣାଳୀରେ ହେଉଥିବାରୁ ଅନେକ ଅପେକ୍ଷାକୃତ କମ ଯୋଗ୍ୟତାସମ୍ପନ୍ନ କୌଶଳୀ ଲୋକେ ଉକ୍ତ ଦାୟିତ୍ୱପୂର୍ଣ୍ଣ ସ୍ଥାନ ମାଡ଼ିବସି ପଞ୍ଚାୟତ ବ୍ୟବସ୍ଥାକୁ ପଣ୍ଡ କରିଦେବା ଆଶଙ୍କା ରହିଛି ।

## କାର୍ଯ୍ୟପାଳିକା ଓ ନ୍ୟାୟପାଳିକା କ୍ଷମତାର ପୃଥକୀକରଣ —

ଫୌଜଦାରୀ ମୋକଦ୍ଦମା ବିଚାରରେ କାର୍ଯ୍ୟପାଳିକା ଓ ନ୍ୟାୟପାଳିକା କ୍ଷମତା ମିଳିତ ଭାବେ ରହିଥିଲା । ମାଜିଷ୍ଟ୍ରେଟମାନେ ଏକାଧାରରେ ଶାନ୍ତିରକ୍ଷା କରିବା ଦାୟିତ୍ୱ ଓ ଶାନ୍ତିଭଙ୍ଗ ହେଲେ ଅଭିଯୁକ୍ତ ଆସାମୀର ବିଚାର କରିବା ଦାୟିତ୍ୱ ବହନ କରୁଥିଲେ । ଉତ୍ତମରୂପେ ଶାନ୍ତିରକ୍ଷା ହୋଇପାରିଲେ ରାଜ୍ୟ ସରକାର ସନ୍ତୁଷ୍ଟ ହେବେ ଏବଂ ନିଜ ଚାକିରିରେ ଉନ୍ନତି ହେବ ବୋଲି ଆଶା କରି ମାଜିଷ୍ଟ୍ରେଟମାନେ ଶାନ୍ତିଭଙ୍ଗକାରୀମାନଙ୍କୁ ବିଚାର କରିବାବେଳେ ନିର୍ଭୀକ ଭାବରେ ରାୟ ଦେଇପାରନ୍ତି ନାହିଁ । ସେମାନେ ସର୍ବଦା ଜିଲ୍ଲା ମାଜିଷ୍ଟ୍ରେଟ ଓ ସବଡ଼ିଭିଜନ ମାଜିଷ୍ଟ୍ରେଟମାନଙ୍କ ଇଙ୍ଗିତ ଓ ରୁଚିକୁ ଅପେକ୍ଷା କରନ୍ତି । ପୁନଶ୍ଚ ସେମାନଙ୍କ ନିଯୁକ୍ତିବେଳେ ଆଇନଜ୍ଞାନ ବିଚାର କରା ହେଉ ନ ଥିବାରୁ ସେମାନଙ୍କ ବିଚାର

କେବଳ ସାଧାରଣଜ୍ଞାନ--ପ୍ରସୂତ; ଅନେକ ସମୟରେ ଏହି ବିଚାରପତିମାନଙ୍କର ଆଇନଜ୍ଞାନ—ନିତାନ୍ତ ସୀମାବଦ୍ଧ । ଏଥିପାଇଁ ଫୌଜଦାରୀ ବିଚାରଦାୟିତ୍ୱ ମାଜିଷ୍ଟ୍ରେଟମାନଙ୍କ ହାତରୁ କାଢ଼ିନେଇ ନିର୍ଦ୍ଦିଷ୍ଟ ନ୍ୟାୟାଧୀଶମାନଙ୍କୁ ଦେବାଲାଗି ବହୁଦିନୁ ଆନ୍ଦୋଳନ ଚାଲି ଆସୁଛି ଏବଂ ଏହା ସରକାରଙ୍କ ଦୀର୍ଘକାଳୀନ ନୀତି ହିସାବରେ ସମ୍ବିଧାନରେ ଲିପିବଦ୍ଧ ହୋଇଛି ।

---

## ସ୍ୱାୟତ୍ତ-ଶାସନ

**ସ୍ୱାୟତ୍ତ ଶାସନର ଅର୍ଥ ଓ ଉତ୍ପତ୍ତି**—ପ୍ରତ୍ୟେକ ରାଷ୍ଟ୍ରରେ କେନ୍ଦ୍ର ଓ ଆଞ୍ଚଳିକ ଶାସନାନୁଷ୍ଠାନ ଥାଏ । କେନ୍ଦ୍ର ସରକାର ସମଗ୍ର ରାଷ୍ଟ୍ରର ସୁଶାସନ ଲାଗି ଦାୟୀ ରହନ୍ତି । ଆଞ୍ଚଳିକ ଅନୁଷ୍ଠାନମାନେ ନିଜର କ୍ଷେତ୍ରାଧିକାର ମଧ୍ୟରେ ଉନ୍ନତ ବ୍ୟବସ୍ଥା କରିବାରେ ବ୍ୟସ୍ତ ହୁଅନ୍ତି । ରାଜ୍ୟରକ୍ଷା, ବୈଦେଶିକ ନୀତି, ବୈଦେଶିକ ବାଣିଜ୍ୟ, ମୁଦ୍ରାନୀତି, ଡାକ ଓ ତାର ବିଭାଗ ଏବଂ ଅନ୍ୟାନ୍ୟ ଯାନବାହନ ବ୍ୟବସ୍ଥା ସମଗ୍ର ରାଷ୍ଟ୍ରର ହିତକର ସମସ୍ୟା ହୋଇଥିବାରୁ ସେ ସବୁ କେନ୍ଦ୍ର ସରକାରଙ୍କ ଦ୍ୱାରା ସମାହିତ ହୁଏ । ଏତଦ୍‌ଭିନ୍ନ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଚିକିତ୍ସା, ପୂର୍ତ୍ତବିଭାଗ ଇତ୍ୟାଦି ଆଞ୍ଚଳିକ ଗୁରୁତର ସମସ୍ୟା ସେହି ଅଞ୍ଚଳ ସରକାରଙ୍କ ହସ୍ତରେ ନ୍ୟସ୍ତ ଥାଏ । ଆମ ଦେଶରେ କେନ୍ଦ୍ରକୁ ସଂଘ ସରକାର ଓ ଅଞ୍ଚଳକୁ ରାଜ୍ୟସରକାର କୁହାଯାଏ । ଏ ଦ୍ୱିବିଧ ସମସ୍ୟା ଭିନ୍ନ ଅନ୍ୟ କେତେଗୋଟି ସ୍ଥାନୀୟ ସମସ୍ୟା ଅଛି, ଯାହା ସଂଘ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ସୁଚାରୁରୂପେ ସମାହିତ ହୋଇପାରିବ ନାହିଁ । ଉଚ୍ଚତର ଶାସନାନୁଷ୍ଠାନମାନଙ୍କ ଦାୟିତ୍ୱ ଏତେ ବେଶି ଏବଂ ସେମାନେ ସ୍ଥାନୀୟ ସମସ୍ୟାରୁ ଏତେ

ଦୂରରେ ଥାନ୍ତି ଯେ, ସେମାନେ ସ୍ଥାନୀୟ ସମସ୍ୟା ଲାଗି ମସ୍ତିଷ୍କଚାଳନା କରିବାକୁ ହୁଏତ ସମୟ ପାଇବେ ନାହିଁ; ଯଦି ବା ସମୟ ପା'ନ୍ତି, ଉତ୍ତମରୂପେ ସମାଧାନ କରି ପାରିବେ ନାହିଁ; ତେଣୁ କେତେଗୁଡ଼ିଏ ସ୍ଥାନୀୟ ଶାସନାନୁଷ୍ଠାନ ସୃଷ୍ଟି କରିବାକୁ ପଡ଼େ । ଜନସାଧାରଣ ଏହି ଅନୁଷ୍ଠାନମାନଙ୍କୁ ନିଜ ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳନା କରନ୍ତି ବୋଲି ଏହାକୁ ସ୍ୱାୟତ୍ତଶାସନ କୁହାଯାଏ । ସ୍ୱାୟତ୍ତଶାସନାନୁଷ୍ଠାନମାନଙ୍କ ଉପରେ ସରକାରୀ କର୍ତ୍ତୃତ୍ୱ ପୂରାପୂରି ନାହିଁ କହିଲେ ଠିକ୍ ହେବ ନାହିଁ; ବରଂ ସରକାରୀ ନିୟନ୍ତ୍ରଣ ଅତି କ୍ଷୀଣ ।

ଭାରତବର୍ଷରେ ଆଦିମକାଳରୁ ଗ୍ରାମମାନଙ୍କରେ ଏକପ୍ରକାର ସ୍ଥାନୀୟ ଶାସନ ପ୍ରଚଳିତ ଥିଲା, କିନ୍ତୁ ଗ୍ରାମ୍ୟ ଅନୁଷ୍ଠାନ ଏତେ ଅସଙ୍ଗଠିତ ଓ ଦୁର୍ବଳ ଥିଲା ଯେ, ତାହା ଚିରସ୍ଥାୟୀ ହୋଇ ପାରିଲା ନାହିଁ । ଇଷ୍ଟଇଣ୍ଡିଆ କମ୍ପାନୀ ରାଜତ୍ୱ କରିବାର ଏକଶତ ବର୍ଷ ମଧ୍ୟରେ କଲିକତା, ବମ୍ବେ ଓ ମାନ୍ଦ୍ରାଜ ଭଳି ବଡ଼ ସହରମାନଙ୍କରେ ସ୍ୱାୟତ୍ତଶାସନାନୁଷ୍ଠାନ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ହେଁ ସେଗୁଡିକ ବହୁକାଳ ତିଷ୍ଠି ପାରିଲେ ନାହିଁ । ଆଧୁନିକ ଧରଣର ସ୍ୱାୟତ୍ତଶାସନ ପ୍ରକୃତରେ ଲର୍ଡ଼ ରିପନ୍‌ଙ୍କ ସମୟରୁ ଆରମ୍ଭ । ସେ ଜଣେ ପ୍ରଗତିବାଦୀ ଶାସକ ଥିଲେ; ତେଣୁ ଜନସାଧାରଣଙ୍କ ଶିକ୍ଷାଲାଗି ସହର ଓ ମଫସଲ ଅଞ୍ଚଳରେ ସୁପରିଚାଳିତ ଅନୁଷ୍ଠାନ ସୃଷ୍ଟି କରିବାକୁ ସେ ଯତ୍ନବାନ ହେଲେ । ତାଙ୍କ ଉଦ୍ୟମରେ ନାନା ଅନୁଷ୍ଠାନ ମୁଣ୍ଡ ଟେକିଲା । ଉକ୍ତ ଅନୁଷ୍ଠାନମାନଙ୍କରେ ବହୁସଂଖ୍ୟକ ମନୋନୀତ ଓ ଅଳ୍ପସଂଖ୍ୟକ ନିର୍ବାଚିତ ସଭ୍ୟ ଥିଲେ । ଜିଲା ମାଜିଷ୍ଟ୍ରେଟ୍ ସ୍ୱାୟତ୍ତଶାସନାନୁଷ୍ଠାନମାନଙ୍କର ସଭାପତି କାମ ଚଳାଉଥିଲେ । ଲର୍ଡ଼ ଚେମ୍‌ସଫୋର୍ଡ଼ ବଡ଼ଲାଟ

ଥିବାବେଳେ ଭାରତମନ୍ତ୍ରୀ ଶ୍ରୀଯୁକ୍ତ ମଣ୍ଟେଗୁ ସ୍ୱାୟତ୍ତଶାସନାନୁଷ୍ଠାନମାନଙ୍କରେ ସାଧାରଣ ଲୋକଙ୍କୁ ପ୍ରକୃଷ୍ଟ ରାଜନୈତିକ ଓ ଶାସନଗତ ଶିକ୍ଷା ଦେବା ଉଦ୍ଦେଶ୍ୟରେ ସେଗୁଡ଼ିକୁ ସମ୍ପୂର୍ଣ୍ଣରୂପେ ଆତ୍ମନିର୍ଭରଶୀଳ କରିବା ଲାଗି ମତ ଦେବାରୁ ତଦାନୀନ୍ତନ ବଡ଼ଲାଟଙ୍କ ସୁପାରିଶ ଅନୁସାରେ ୧୯୧୯ ମସିହା ଭାରତଶାସନ ଆଇନ ପ୍ରବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ସ୍ୱାୟତ୍ତଶାସନ ଅନୁଷ୍ଠାନମାନଙ୍କୁ ପୂର୍ବାପେକ୍ଷା ଜନସାଧାରଣଙ୍କ ପରିଚାଳନାରେ ଛାଡ଼ି ଦିଆଗଲା । ସେକାଳର ପ୍ରାଦେଶିକ ସରକାର ଆବଶ୍ୟକ ଆଇନ ପ୍ରଣୟନ କରି ସ୍ଥାନୀୟ ଶାସନ ନିୟନ୍ତ୍ରଣ କଲେ । ଏବେ ଉକ୍ତ ଅନୁଷ୍ଠାନଗୁଡ଼ିକ ପୂର୍ବାପେକ୍ଷା ଲୋକପ୍ରତିନିଧିମୂଳକ, ଏଥିରେ ସରକାରୀ ନିୟନ୍ତ୍ରଣ ଅତ୍ୟନ୍ତ କ୍ଷୀଣ ।

**ସ୍ୱାୟତ୍ତ ଶାସନାନୁଷ୍ଠାନ**—ସହର ଓ ମଫସଲ ଲାଗି ଭିନ୍ନ ଭିନ୍ନ ଅନୁଷ୍ଠାନ ସୃଷ୍ଟି ହୋଇଛି । ସହରୀ ଅନୁଷ୍ଠାନମାନଙ୍କୁ ନିଗମ ( Corporation), ନଗରପାଳିକା ( Municipality ) ଓ କଟକ (Cantonment) ଆଖ୍ୟା ଦିଆହୋଇଛି । ମଫସଲି ଅନୁଷ୍ଠାନମାନଙ୍କୁ ଜିଲ୍ଲାବୋର୍ଡ଼, ସ୍ଥାନୀୟ ବୋର୍ଡ, ଇଉନିୟନ ବୋର୍ଡ଼ ଓ ଗ୍ରାମପଞ୍ଚାୟତ ବୋଲି କୁହାଯାଉଥିଲା । ଏବେ ସେଗୁଡ଼ିକୁ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ କୁହାଯାଉଛି ।

## ନଗର-ପାଳିକା

ଭାରତରେ ୬୦୦ରୁ ଅଧିକ ନଗରପାଳିକା ଅଛି । କଲିକତା, ବମ୍ବେ, ମାନ୍ଦ୍ରାଜ ଭଳି ବଡ଼ ସହରର ନଗରପାଳିକାକୁ ନିଗମ କୁହାଯାଏ । ନିଗମମାନ ସାଧାରଣତଃ ନଗରପାଳିକାମାନଙ୍କଠାରୁ ଅପେକ୍ଷାକୃତ ଅଧିକ ସ୍ୱତନ୍ତ୍ର । ସରକାର

କେବଳ ସେମାନଙ୍କ କର୍ମଚାରୀ ନିଯୁକ୍ତି, ସନଦା (Contract) ବଣ୍ଟନ, ଋଣଗ୍ରହଣ ଓ ହିସାବସମୀକ୍ଷଣ ବିଷୟ ନିୟନ୍ତ୍ରଣ କରନ୍ତି । ଏତଦ୍ ଭିନ୍ନ ଅନ୍ୟ ସମସ୍ତ ବିଷୟରେ ସେମାନେ ଆତ୍ମନିର୍ଭରଶୀଳ । ନିଗମର ସଭାପତିଙ୍କୁ ମେୟର କୁହାଯାଏ । ଏହାଛଡ଼ା ଅନ୍ୟସବୁ ବିଷୟରେ ନିଗମ ଓ ନଗରପାଳିକା ପ୍ରାୟଶଃ ସମାନ । ପ୍ରତ୍ୟେକ ନିଗମ ବା ନଗରପାଳିକାର ଗୋଟିଏ ପରିଷଦ ଥାଏ । ଏହାର ସଭ୍ୟମାନେ ନଗରବାସୀଙ୍କଦ୍ୱାରା ନିର୍ବାଚିତ ହୁଅନ୍ତି । ଏକୋଇଶ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଯେ କୌଣସି ବ୍ୟକ୍ତି ନଗରପାଳିକା ନିର୍ବାଚନରେ ଭୋଟ ଦେଇପାରିବେ ଏବଂ ପ୍ରତିନିଧି ଭାବେ ନିର୍ବାଚିତ ହୋଇପାରିବେ । ନିର୍ବାଚିତ ପାରିଷଦବର୍ଗ ଏକତ୍ର ବସି ଜଣେ ସଭାପତି ଓ ଜଣେ ଉପସଭାପତି ନିର୍ବାଚନ କରନ୍ତି । ମନୋନୀତ ସଭ୍ୟମାନେ ଓଡ଼ିଶାରେ ଉକ୍ତ ସଭାପତି ନିର୍ବାଚନରେ ଭାଗ ନେଇ ପାରନ୍ତି ନାହିଁ ।

ନଗରପରିଷଦ ରାଜ୍ୟର ବିଧାନମଣ୍ଡଳ ଭଳି କାର୍ଯ୍ୟ କରନ୍ତି । ସେ ଆବଶ୍ୟକ ନିୟମାବଳୀ ପ୍ରଣୟନ କରନ୍ତି, ଆୟବ୍ୟୟ ଅନୁମୋଦନ କରନ୍ତି ଏବଂ କର୍ମଚାରୀ ନିଯୁକ୍ତ କରନ୍ତି । ଏତଦ୍ଭିନ୍ନ ବିଭାଗୀୟ ଦାୟିତ୍ୱ ବହନ କରିବା ଲାଗି ନଗର ସମିତିମାନ ମଧ୍ୟ ଗଠନ କରନ୍ତି । ଦୈନନ୍ଦିନ ପରିଚାଳନା ଭାର ସଭାପତି ଓ ଉପ-ସଭାପତିଙ୍କ ଉପରେ ନ୍ୟସ୍ତ ଥାଏ । ସେମାନେ ଉପଯୁକ୍ତ ସମିତି ସଙ୍ଗେ ପରାମର୍ଶ କରି ନାଗରିକ ପରିଚାଳନା ଦାୟିତ୍ୱ ତୁଲାଇ ନିଅନ୍ତି । ନିମ୍ନପଦସ୍ଥ କର୍ମଚାରୀମାନଙ୍କୁ ନିଯୁକ୍ତ କରିବା ଦାୟିତ୍ୱ ବି ସେମାନେ ବହନ କରନ୍ତି । ସବୁବିଧ କାର୍ଯ୍ୟଲାଗି ସେମାନେ ପରିଷଦ ପାଖରେ ଦାୟୀ ରହନ୍ତି ।

ନଗରପରିଷଦରେ ବହୁସଂଖ୍ୟକ ନିର୍ବାଚିତ ପ୍ରତିନିଧି ଥିଲେ ହେଁ ସଂଖ୍ୟାନ୍ୟୂନ ସଂପ୍ରଦାୟମାନଙ୍କୁ ପ୍ରତିନିଧିତ୍ୱ ଦେବାଲାଗି ଏବଂ ଅଭିଜ୍ଞ ଲୋକଙ୍କ ସହଯୋଗ ଲାଭ କରିବା ଲାଗି ପ୍ରାୟ ଏକ-ପଞ୍ଚମାଂଶ ସଭ୍ୟଙ୍କୁ ସରକାର ମନୋନୀତ କରନ୍ତି । ଆମ ଓଡ଼ିଶାରେ ସଂଖ୍ୟାନ୍ୟୂନ ସଂପ୍ରଦାୟମାନଙ୍କ ଲାଗି ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ନାହିଁ । ଆଜିକାଲି ବ୍ୟବସ୍ଥାପକ ନିର୍ବାଚନରେ ସାବାଳକ ଭୋଟ-ପ୍ରଥା ପ୍ରବର୍ତ୍ତିତ ହୋଇଥିବାରୁ ସ୍ଥାନୀୟ ଶାସନରେ ମଧ୍ୟ ଉକ୍ତ ନୀତି ଅନୁସୃତ ହୋଇଛି ।

**ନଗର ପାଳିକାମାନଙ୍କ କର୍ତ୍ତବ୍ୟ**—ନଗର ପାଳିକା-ମାନଙ୍କ କର୍ତ୍ତବ୍ୟ ଦ୍ୱିବିଧ, ଯଥା—ବାଧ୍ୟତାମୂଳକ ଓ ଇଚ୍ଛାଧୀନ । ବାଧ୍ୟତାମୂଳକ କର୍ତ୍ତବ୍ୟମାନଙ୍କ ମଧ୍ୟରେ ରାସ୍ତାଘାଟ ସଫେଇ, ରାସ୍ତାରେ ଆଲୋକ ଦେବା, ଟିକାପ୍ରଥା ଓ ସଂକ୍ରାମକ ରୋଗର ପ୍ରତିଷେଧକ ବ୍ୟବସ୍ଥା, ପ୍ରାଥମିକ ଶିକ୍ଷା, ଆବର୍ଜନା ନିଷ୍କାସନ, ପାନୀୟ ଜଳ ସରବରାହ ଏବଂ ରାସ୍ତା ତିଆରି ଓ ମରାମତି ସର୍ବ-ପ୍ରଧାନ । ଏସବୁ ବ୍ୟବସ୍ଥା ନ ହୋଇ ପାରିଲେ ନାଗରିକମାନଙ୍କ ଶାରୀରିକ ଓ ମାନସିକ ଅଭିବୃଦ୍ଧି ସାଧିତ ହୋଇପାରିବ ନାହିଁ । ଏତଦ୍‌ଭିନ୍ନ ଅର୍ଥ ଯଥେଷ୍ଟ ହେଲେ ପାର୍କ, ପଠନାଗାର, ଥିଏଟର ଓ ପୁସ୍ତକାଗାର ତିଆରି, ଟ୍ରାମ, ମଟର ଓ ଗ୍ୟାସ ସରବରାହ, ବଜାର ସ୍ଥାପନ ଇତ୍ୟାଦି ନାନାବିଧ ଇଚ୍ଛାଧୀନ କର୍ତ୍ତବ୍ୟ ସମ୍ପାଦନ କରାଯାଇପାରେ । କଲିକତା ଭଳି ବଡ ବଡ଼ ନିଗମ ଗ୍ୟାସ ଯୋଗାଉଛନ୍ତି ଏବଂ ବମ୍ବେ ଓ ଦିଲ୍ଲୀର ନିଗମ ସହରରେ ମଟର-ଚଳାଚଳ ଦାୟିତ୍ୱ ହାତକୁ ନେଇଛନ୍ତି । କଲିକତାର ଟ୍ରାମ କମ୍ପାନୀକୁ ନିଗମ ଚଳାଉଛନ୍ତି । ଅନେକ ସହରରେ

ନଗରପାଳିକା ନଗରରେ ସମିତିଗୃହ ସ୍ଥାପନ କରି ପରିଚାଳନା କରୁଛନ୍ତି ।

**ନଗରପାଳିକାମାନଙ୍କ ଆୟ**—ନାନାବିଧ କର ବସାଇବା କ୍ଷମତା ନଗରପାଳିକାମାନଙ୍କୁ ପ୍ରଦତ୍ତ ହୋଇଛି । ନିଜ କ୍ଷେତ୍ରାଧିକାର ମଧ୍ୟରେ ଥିବା ଘରବାଡ଼ି ଓ ଭୂସମ୍ପତ୍ତି ଉପରେ ବସିଥିବା କର ଉପରେ ଅଧିକାଂଶ ନଗରପାଳିକା ନିର୍ଭର କରନ୍ତି । ଏହାଛଡ଼ା ସେମାନେ ନଗରାଞ୍ଚଳକୁ ଅଣାହେଉଥିବା ପଣ୍ୟଦ୍ରବ୍ୟ ଉପରେ ଶୁଳ୍କ ଓ ପ୍ରାନ୍ତୀୟ କର ମଧ୍ୟ ବସାନ୍ତି । ୧୯୬୯ରୁ କଟକ ନଗରପାଳିକା ଅକ୍‌ଟ୍ରୟ ବା ପ୍ରାନ୍ତୀୟ କର ବସାଇଛନ୍ତି । ସହରର ବାସିନ୍ଦାମାନଙ୍କ ବ୍ୟାବସାୟିକ ଆୟ ଉପରେ କର ବସାଇବା କ୍ଷମତା ମଧ୍ୟ ସେମାନଙ୍କର ଅଛି । ନଗର ମଧ୍ୟରେ ଥିବା ଯାନ-ବାହନ ଓ ଗୃହପାଳିତ ପଶୁମାନଙ୍କ ଉପରେ ମଧ୍ୟ କର ବସା-ଯାଇପାରେ ।

କର ବ୍ୟତୀତ ନଗରପାଳିକାମାନେ ନାନା ସୂତ୍ରରୁ ଫିସ ଓ ଜରିମାନା ଆଦାୟ କରନ୍ତି । ନଗର ମଧ୍ୟରେ ବ୍ୟବସାୟ ବାଣିଜ୍ୟ କରିବାକୁ ହେଲେ, ଘୋଡ଼ାଗାଡ଼ି, ରିକ୍‌ସା ବା ସାଇକଲ ଚଳାଇବାକୁ ହେଲେ ଏବଂ ପଶୁଅବରୋଧ ସ୍ଥାପନ କରିବାକୁ ହେଲେ ନଗରପାଳିକାକୁ ଫିସ ଦେବାକୁ ହୁଏ । ନଗର-ପାଳିକାର ନିୟମ ଭଙ୍ଗ କରିବା ହେତୁ ଦଣ୍ଡିତ ହୋଇଥିବା ଲୋକଙ୍କଠାରୁ ଯେଉଁ ଜରିମାନା ଆଦାୟ ହୁଏ, ତାହା ମଧ୍ୟ ନଗରପାଳିକା ଆୟରେ ଅନ୍ତର୍ଭୁକ୍ତ ।

ପରିଶେଷରେ ରାଜ୍ୟ ସରକାର ମଧ୍ୟ ସେମାନଙ୍କୁ ଅର୍ଥ ସାହାଯ୍ୟ ଦିଅନ୍ତି । ସରକାରୀ ସାହାଯ୍ୟ ଦୁଇ ପ୍ରକାର ମିଳେ । ସରକାର କୌଣସି ନିର୍ଦ୍ଦିଷ୍ଟ ଯୋଜନା ଲାଗି ସାହାଯ୍ୟ ଦେଇପାରନ୍ତି । ଉକ୍ତ

ଅର୍ଥ କେବଳ ସେହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଲାଗି ବ୍ୟୟିତ ହୋଇ-ପାରେ । ସରକାରଙ୍କ ଅନୁମତି ନ ମିଳିଲେ ତାହା ଅନ୍ୟ ଉଦ୍ଦେଶ୍ୟରେ ନିୟୋଜିତ ହୋଇପାରିବ ନାହିଁ । ସରକାର କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଧାର୍ଯ୍ୟ ନ କରି ମଧ୍ୟ ଅର୍ଥ ସାହାଯ୍ୟ ଦିଅନ୍ତି । ଉକ୍ତ ସାହାଯ୍ୟ କି ଉଦ୍ଦେଶ୍ୟରେ ବ୍ୟୟିତ ହେବ, ତାହା ନଗର-ପରିଷଦ ନିର୍ଣ୍ଣୟ କରନ୍ତି ।

ଏହିଭଳି ତିନି ସୂତ୍ରରୁ ମିଳୁଥିବା ଆୟରେ ନଗରପାଳିକା ପରିଚାଳିତ ହୁଏ । ଆଜିକାଲି ଦରବୃଦ୍ଧି ହେତୁ ନଗରପାଳିକା-ମାନଙ୍କ ଖର୍ଚ୍ଚର ପରିମାଣ ଆଶାତୀତ ଭାବରେ ବୃଦ୍ଧି ପାଇଛି; ତେଣୁ ସେମାନେ ଅଧିକ ପରିମାଣରେ ସରକାରଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି ।

## ଜିଲ୍ଲାପରିଷଦ

**ଜିଲ୍ଲାପରିଷଦ**—ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ଜିଲ୍ଲାବୋର୍ଡ଼ ଥିଲା । ଏମାନଙ୍କ କ୍ଷେତ୍ରାଧିକାର ଜିଲ୍ଲାସ୍ଥିତ ନଗର-ମାନଙ୍କ ଭିନ୍ନ ଅନ୍ୟ ସମସ୍ତ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପ୍ତଥିଲା । ଓଡ଼ିଶାରେ ୧୯୫୪ ଜାନୁଆରି ପହିଲାଠାରୁ ଜିଲ୍ଲାବୋର୍ଡ଼ଗୁଡ଼ିକୁ ଉଠାଇ ଦେଇ ସେମାନଙ୍କ ସ୍ଥାନରେ ପ୍ରତି ଜିଲ୍ଲାରେ ୧୯୬୧ରୁ ଗୋଟିଏ ଗୋଟିଏ ଜିଲ୍ଲାପରିଷଦ ଗଠିତ ହୋଇଥିଲା । ୧୯୬୮ରୁ ଜିଲ୍ଲାପରିଷଦ ଉଠିଯାଇ ଜିଲ୍ଲା ଉନ୍ନୟନ ପରିଷଦ ଗଠିତ ହୋଇଛି ।

**ଗଠନ**—ଜିଲ୍ଲା ଉନ୍ନୟନ ପରିଷଦ ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ଗଠିତ ହୁଏ—ଜିଲ୍ଲା କଲେକ୍ଟର, ଜିଲ୍ଲାରେ ଥିବା ପ୍ରତି ସବ୍ ଡିଭିଜନ୍‌ର ଏସ୍. ଡି. ଓ., ଚିକିତ୍ସା, ଶିକ୍ଷା, ଜନସ୍ୱାସ୍ଥ୍ୟ, କୃଷି, ପଶୁଚିକିତ୍ସା, ଗ୍ରାମପଞ୍ଚାୟତ, ଜଙ୍ଗଲ, ଗ୍ରାମମଙ୍ଗଳ, ସମବାୟ

ଇତ୍ୟାଦି ବିଭିନ୍ନ ସରକାରୀ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାମଧ୍ୟରେ ଥିବା ସବୁ ପଞ୍ଚାୟତ ସମିତିର ସଭାପତି, ନଗର-ପାଳିକା ଓ ବିଜ୍ଞାପିତ ଅଞ୍ଚଳ ସମିତିର ସଭାପତି ଏବଂ ଆଞ୍ଚଳିକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି । ଏତଦ୍ ଭିନ୍ନ ବେସରକାରୀ ସଭ୍ୟମାନେ ଇଚ୍ଛିଲେ ଜଣେ ମହିଳାଙ୍କୁ ପରିଷଦର ସଭ୍ୟରୂପେ ନିର୍ବାଚନ କରିପାରିବେ । ସରକାରୀ ସଭ୍ୟମାନେ ପଦାଧିକାର ବଳରେ ସଭ୍ୟ ରହିବେ, କିନ୍ତୁ ବେସରକାରୀ ସଭ୍ୟମାନଙ୍କ କାର୍ଯ୍ୟକାଳ ସୀମିତ । ଜିଲ୍ଲାର ପାର୍ଲିମେଣ୍ଟ ଓ ବିଧାନସଭା ସଭ୍ୟମାନେ ପରିଷଦର ସହଯୋଗୀ ସଭ୍ୟରୂପେ ବିବେଚିତ ହୁଅନ୍ତି ।

ପରିଷଦର ବେସରକାରୀ ସଭ୍ୟମାନେ ପରିଷଦ ଅଧିବେଶନ ପାଇଁ ନିଜ ମଧ୍ୟରୁ ଜଣକୁ ସଭାପତି ନିର୍ବାଚନ କରନ୍ତି ।

**ଜିଲ୍ଲା ଉନ୍ନୟନ ପରିଷଦର କାର୍ଯ୍ୟ**—ଜିଲ୍ଲା ଉନ୍ନୟନ ପରିଷଦକୁ ନିମ୍ନଲିଖିତ ଦାୟିତ୍ୱ ଅର୍ପିତ ହୋଇଛି । ଜିଲ୍ଲାର ପଞ୍ଚବାର୍ଷିକ ଯୋଜନାକୁ ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ ମାଧ୍ୟମରେ ପରିଷଦ କାର୍ଯ୍ୟକାରୀ କରନ୍ତି, ସେ ସମ୍ପର୍କରେ ସରକାରଙ୍କୁ ପରାମର୍ଶ ଦିଅନ୍ତି, ଦରକାର ପଡ଼ିଲେ ଋଣ ସଂଗ୍ରହ କରନ୍ତି ଏବଂ ଅନ୍ୟ କେଉଁ ପ୍ରକାରେ ଜିଲ୍ଲାର ଉନ୍ନତି କରାଯାଇ-ପାରେ ସେ ସମ୍ବନ୍ଧରେ ଯୋଜନା କରି ସରକାରଙ୍କୁ ଦିଅନ୍ତି । ସ୍ୱାୟତ୍ତ ଶାସନ ବିଷୟରେ ପରିଷଦ ହିଁ ଜିଲ୍ଲାର ସର୍ବଶ୍ରେଷ୍ଠ ଅନୁଷ୍ଠାନ । ତେଣୁ ପ୍ରତ୍ୟେକ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ପରିଷଦର ନିର୍ଦ୍ଦେଶାନୁସାରେ କାମ କରିବା ଏବଂ ସବୁ ବିଷୟରେ ତଥ୍ୟ ଯୋଗାଇ ଦେବା ବ୍ୟବସ୍ଥା ହୋଇଛି ।

ଥରକୁ ଥର ପରିଷଦର ବୈଠକ ବସି ଜିଲାର ଉନ୍ନୟନ ସମସ୍ୟା ଆଲୋଚିତ ହୁଏ । ଜିଲା କଲେକ୍ଟର ଓ ଅନ୍ୟାନ୍ୟ ଜିଲା-ସ୍ତରୀୟ କର୍ମଚାରୀମାନେ ନିଜ ବିଭାଗର କାର୍ଯ୍ୟକଳାପ ସଂବନ୍ଧରେ ବିବରଣୀ ଦିଅନ୍ତି ।

**ପଞ୍ଚାୟତ ସମିତି**—ପ୍ରତି ଉନ୍ନୟନ ବ୍ଲକ ପାଇଁ ଗୋଟିଏ ଗୋଟିଏ ପଞ୍ଚାୟତ ସମିତି ଗଠିତ ହୋଇଛି । ସମଗ୍ର ଓଡ଼ିଶାରେ ୩୧୪ ଗୋଟି ପଞ୍ଚାୟତ ସମିତି ଅଛି ।

**ଗଠନ**—ପ୍ରତି ପଞ୍ଚାୟତ ସମିତିରେ ନିମ୍ନଲିଖିତ ବ୍ୟକ୍ତି-ମାନେ ସଭ୍ୟ ରହନ୍ତି । ଅନେକଗୁଡ଼ିଏ ଗ୍ରାମପଞ୍ଚାୟତ ଅଞ୍ଚଳକୁ ନେଇ ପଞ୍ଚାୟତ ସମିତି ଗଠିତ ହୋଇଥିବାରୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ପ୍ରତ୍ୟେକ ଗ୍ରାମପଞ୍ଚାୟତ ତରଫରୁ ଜଣେ ଜଣେ ନିର୍ବାଚିତ ସଭ୍ୟ ସମିତିର ସଭ୍ୟ ରହନ୍ତି । ସ୍ଥାନୀୟ ବି.ଡି.ଓ. ବା ବ୍ଲକ ଉନ୍ନୟନ ଅଫିସର, ସମିତି ଅଞ୍ଚଳରେ କାମ କରୁଥିବା ସରକାରଙ୍କ ଶିକ୍ଷା, ରାଜସ୍ୱ, କୃଷି, ସମବାୟ, ପଶୁ-ଚିକିତ୍ସା, ଗ୍ରାମପଞ୍ଚାୟତ, ଜଙ୍ଗଲ, ଚିକିତ୍ସା, ଜନସ୍ୱାସ୍ଥ୍ୟ, ନିର୍ମାଣ, ଗ୍ରାମମଙ୍ଗଳ ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ମଧ୍ୟ ସମିତିର ସଭ୍ୟ । ସମିତିର ସଭ୍ୟମାନଙ୍କ ମଧ୍ୟରେ କୌଣସି ମହିଳା କିମ୍ବା ହରିଜନ ଓ ଗିରିଜନ ନ ଥିଲେ ନିର୍ବାଚିତ ସଭ୍ୟମାନେ ଜଣେ ମହିଳା, ଜଣେ ହରିଜନ ଓ ଜଣେ ଗିରିଜନ ବା ଆଦିବାସୀ ସଭ୍ୟ ନିର୍ବାଚନ କରନ୍ତି । ସେମାନଙ୍କ ବ୍ୟତୀତ ସମିତି ଅଞ୍ଚଳ ମଧ୍ୟରେ ଥିବା ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳର ସମିତିର ସଭାପତି-ମାନେ ମଧ୍ୟ ସମିତିର ସଭ୍ୟରୂପେ ନିଆଯାଆନ୍ତି । ସ୍ଥାନୀୟ ଏମ. ଏଲ. ଏ. ଓ ଏମ.ପି.ମାନେ ସମିତିର ସହଯୋଗୀ ସଭ୍ୟରୂପେ ବିବେଚିତ ହୁଅନ୍ତି ।

ସମିତିର ନିର୍ବାଚିତ ସଭ୍ୟମାନେ ନିଜ ମଧ୍ୟରୁ ଜଣକୁ ସଭାପତି ଓ ଉପସଭାପତି ନିର୍ବାଚନ କରନ୍ତି ।

**କାର୍ଯ୍ୟ**—ସମିତି ନିଜ ଅଞ୍ଚଳ ମଧ୍ୟରେ ସର୍ବବିଧ ଉନ୍ନୟନ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରନ୍ତି । ବିଶେଷତଃ ପ୍ରାଥମିକ ଶିକ୍ଷା, ଆଦିବାସୀ ଉନ୍ନୟନ, ନ୍ୟାସ ଓ ଅନ୍ୟାନ୍ୟ ଦାତବ୍ୟ ଅନୁଷ୍ଠାନ ପରିଚାଳନା, ଟୀକାଦାନ ଓ ଜନ୍ମମୃତ୍ୟୁ ହିସାବ, ଋଣ-ଗ୍ରହଣ ଓ ଗ୍ରାମପଞ୍ଚାୟତମାନଙ୍କ କାର୍ଯ୍ୟର ସୁପରିଚାଳନା ଆଦି ପଞ୍ଚାୟତ ସମିତିର କାର୍ଯ୍ୟନିର୍ଘଣ୍ଟ ଅନ୍ତର୍ଭୁକ୍ତ ।

ସମିତିର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଲାଗି ଜଣେ ଜଣେ ବି.ଡ଼ି.ଓ.ଙ୍କୁ ପଞ୍ଚାୟତ ସମିତିର କାର୍ଯ୍ୟକାରୀ ଅଧିକାରୀ ରୂପେ ନିଯୁକ୍ତ କରାଯାଇଛି । ସେ ସମିତିର ସଭାପତିଙ୍କ ନିୟନ୍ତ୍ରଣ ଅଧୀନରେ କାମ କରନ୍ତି ।

**ଆୟ**—ପଞ୍ଚାୟତ ସମିତି ନିମ୍ନଲିଖିତ ସୂତ୍ରରୁ ନିଜ ଆୟ କରନ୍ତି, ଯଥା—(କ) ସରକାର ସମିତିକୁ ହସ୍ତାନ୍ତର କରିଥିବା ଯୋଜନାଗୁଡ଼ିକ ଲାଗି ବ୍ୟୟ ବରାଦ କରି ସମିତିକୁ ଦିଅନ୍ତି, (ଖ) ଗୋଷ୍ଠୀ ଉନ୍ନୟନ ଯୋଜନା ଅନୁସାରେ ସରକାରୀ ଅନୁଦାନ ମିଳେ, (ଗ) କୁଟୀର ଶିଳ୍ପର ଉନ୍ନତି ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ନିଖିଳ ଭାରତ ଅନୁଷ୍ଠାନମାନେ ସାହାଯ୍ୟ ଦିଅନ୍ତି, (ଘ) ସମିତି ଜନସାଧାରଣ ଓ ଅଧୀନସ୍ଥ ଗ୍ରାମ-ପଞ୍ଚାୟତମାନଙ୍କଠାରୁ ଦାନସୂତ୍ରରେ ଟଙ୍କା ପାଆନ୍ତି, (ଙ) ସରକାର ଆଦାୟ କରୁଥିବା ରାଜସ୍ୱ, କର ଓ ଫିସ୍‌ରୁ ମଧ୍ୟ ସମିତିକୁ ଭାଗ ମିଳେ, (ଚ) ସମିତି ନିଜେ ବି ରାଜସ୍ୱ, କର ଓ ଫିସ୍ ଆଦାୟ କରିପାରନ୍ତି, (ଛ) ଗ୍ରାମପଞ୍ଚାୟତମାନଙ୍କ ଉପରେ ଦେୟ ଧାର୍ଯ୍ୟ

କରିପାରନ୍ତି, (ଜ) ଦାନ, ନ୍ୟାସ ଓ ଅନ୍ୟାନ୍ୟ ଦାତବ୍ୟ ପାଣ୍ଠିରୁ ଉପାର୍ଜ୍ଜନ କରିପାରନ୍ତି ଏବଂ (ଝ) ଶେଷରେ ଯେ କୌଣସି ସୂତ୍ରରୁ ଗ୍ରାଣ୍ଟ ବା ଅନୁଦାନ ମିଳିପାରେ ।

ଆଦାୟ ହେଉଥିବା ସମୁଦାୟ ପାଣ୍ଠି ବି.ଡ଼ି.ଓଙ୍କ ଦାୟିତ୍ୱରେ ସରକାରୀ ଟ୍ରେଜେରୀରେ ଜମା ରହେ ଏବଂ ସେ ନିଜେ ସମିତିର ନିର୍ଦ୍ଧାରଣ ମତେ ଖର୍ଚ୍ଚ ବ୍ୟବସ୍ଥା କରନ୍ତି ।

## ଗ୍ରାମ ପଞ୍ଚାୟତ

**ଗ୍ରାମ ପଞ୍ଚାୟତ**—ଏକ ବା ଏକାଧିକ ଗ୍ରାମକୁ ମିଶାଇ ଗୋଟିଏ ଗୋଟିଏ ଗ୍ରାମ ପଞ୍ଚାୟତ ଗଠିତ ହୋଇଛି । ପ୍ରାୟ ୧୫୦୦ ଲୋକ ବାସ କରୁଥିବା ଗୋଟିଏ ଅଞ୍ଚଳ ପାଇଁ ଗୋଟିଏ ଗ୍ରାମ ପଞ୍ଚାୟତ ଗଠିତ ହୁଏ । ଏହିଭଳି ପ୍ରାୟ ୨୫୦୦ ଗ୍ରାମ ପଞ୍ଚାୟତ ଓଡ଼ିଶାରେ ଅଛି ।

**ଗଠନ**—ଗୋଟିଏ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଅଞ୍ଚଳ କେତେଗୋଟି ଓ୍ୱାର୍ଡରେ ବିଭକ୍ତ ହୁଏ । ପ୍ରତ୍ୟେକ ଓ୍ୱାର୍ଡରୁ ସାବାଳକ ଭୋଟ ପ୍ରଥା ଅନୁସାରେ ଜଣେ ଜଣେ ପଞ୍ଚ ନିର୍ବାଚିତ ହୁଅନ୍ତି । ନିର୍ବାଚିତ ପଞ୍ଚମାନଙ୍କୁ ଏକତ୍ର ଗ୍ରାମ ପଞ୍ଚାୟତ କୁହାଯାଏ । ଗ୍ରାମର ନିର୍ବାଚକମାନେ ପ୍ରତ୍ୟକ୍ଷ ଭୋଟଦେଇ ଜଣଙ୍କୁ ସଭାପତି ନିର୍ବାଚନ କରନ୍ତି । ତାଙ୍କୁ ସରପଞ୍ଚ କୁହାଯାଏ । ଗ୍ରାମ ପଞ୍ଚାୟତର ନିମ୍ନତମ ଅନୁଷ୍ଠାନକୁ ଗ୍ରାମ ସଭା ବା ପଲ୍ଲୀ ସଭା କୁହାଯାଏ । ଏହି ଅନୁଷ୍ଠାନ ନାମକୁମାତ୍ର ଅଛି, ନଚେତ୍ ଏହାର ବୈଠକ ଖୁବ୍ କ୍ୱଚିତ୍ ହୁଏ । ଗ୍ରାମପଞ୍ଚାୟତ ସମ୍ବନ୍ଧ ଦାୟିତ୍ୱ

ଭୁଲାଇ ନଅନ୍ତି । ପ୍ରତି ପଞ୍ଚାୟତରେ ରାଜସ୍ୱ ଆଦାୟ ଦାୟିତ୍ୱ ବହନ କରିବା ଲାଗି ଜଣେ ଜଣେ ନାଏବ ସରପଞ୍ଚ ମଧ୍ୟ ଅଛନ୍ତି । ପ୍ରତ୍ୟେକ ଅଞ୍ଚଳରେ ଗ୍ରାମର ସବୁ ପ୍ରକାର ଦେଓ୍ୱାନୀ ଓ ଫୌଜଦାରୀ ମୋକଦ୍ଦମା ବିଚାର କରିବା ଲାଗି ଗୋଟିଏ ଗୋଟିଏ ତିନିଜଣ ସଭ୍ୟବିଶିଷ୍ଟ ଅଦାଲତୀ ପଞ୍ଚାୟତ ରହିଛି । ପ୍ରଥମେ ଅଦାଲତୀ ପଞ୍ଚାୟତର ସଭ୍ୟମାନେ ସରକାରଙ୍କ ଦ୍ୱାରା ମନୋନୀତ ହେଉଥିଲେ; ଏଣିକି ସେମାନେ ନିର୍ବାଚିତ ହେବେ ।

**କାର୍ଯ୍ୟ**—ପଞ୍ଚାୟତି ରାଜ ଅନୁଷ୍ଠାନମାନଙ୍କ ମଧ୍ୟରେ ଗ୍ରାମ ପଞ୍ଚାୟତ ନିମ୍ନତମ ସ୍ତରରେ ଥିଲେ ମଧ୍ୟ ଏହାର ଗୁରୁତ୍ୱ ଅତ୍ୟଧିକ । ଗ୍ରାମ ଶାସନ ବିଷୟରେ ସବୁବିଧ ଦାୟିତ୍ୱ ଏହି ପଞ୍ଚାୟତଠାରେ ନ୍ୟସ୍ତ । ଗ୍ରାମ ପଞ୍ଚାୟତର କର୍ତ୍ତବ୍ୟକୁ ଦୁଇଭାଗରେ ବିଭକ୍ତ କରାଯାଇଛି, ଯଥା:—(କ) ବାଧ୍ୟତାମୂଳକ କାର୍ଯ୍ୟ ଓ (ଖ) ଇଚ୍ଛାଧୀନ କାର୍ଯ୍ୟ । ଗ୍ରାମ ପଞ୍ଚାୟତକୁ ଅଠର ଗୋଟି ବାଧ୍ୟତାମୂଳକ କାର୍ଯ୍ୟ ଓ ପଚାଶ ଗୋଟି ଇଚ୍ଛାଧୀନ କାର୍ଯ୍ୟ ଦିଆହୋଇଛି । ବାଧ୍ୟତାମୂଳକ କାର୍ଯ୍ୟସୂଚୀ ମଧ୍ୟରେ ଗ୍ରାମୀଣ ପୁଲିସ, ସ୍ୱାସ୍ଥ୍ୟରକ୍ଷା, ପ୍ରାଥମିକ ଶିକ୍ଷା, ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ, ଜଳଯୋଗାଣ, ଚକଡ଼ା ବ୍ୟବସ୍ଥା ଆଦି ପ୍ରଧାନ । ଗୋଟିଏ ଗ୍ରାମର ସନ୍ତୋଷଜନକ ଉନ୍ନତି ହୋଇଗଲେ ଗ୍ରାମ ପଞ୍ଚାୟତ କୃଷି, ଶିଳ୍ପ, ସମବାୟ, ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ଥାପନ ଓ ଅନ୍ୟାନ୍ୟ ଲୋକହିତକର ଦାୟିତ୍ୱ ହାତକୁ ନେଇ ପାରିବେ ।

**ଆୟ**—ଗ୍ରାମ ପଞ୍ଚାୟତ ମୁଖ୍ୟତଃ ସମ୍ପତ୍ତି କର ଓ ବୃତ୍ତିକରରୁ ନିଜ ଆୟ ସଂଗ୍ରହ କରନ୍ତି । ୧୯୬୮ରୁ ଓଡ଼ିଶା ସରକାର ପଞ୍ଚାୟତ କର ଉଠାଇ ଦେଇଛନ୍ତି । ଏହା ବ୍ୟତୀତ ସେମାନେ ରାସ୍ତାଘାଟ ଓ ତହିଁରେ ଚଳାଚଳ ହେଉଥିବା ସାଇକେଲ ଓ

ବଳଦଗାଡ଼ିରୁ ମାସୁଲ ଆଦାୟ କରିବେ, ପଣ୍ୟକର ବା ପ୍ରାନ୍ତୀୟ କର ଆଦାୟ କରିବେ ଏବଂ କୋଠାବାଡ଼ି, ଆଲୋକ, ସ୍ୱାସ୍ଥ୍ୟରକ୍ଷା ଓ ଜଳଯୋଗାଣ ବ୍ୟବସ୍ଥା ଆଦିରୁ ମଧ୍ୟ ଆୟ କରିପାରିବେ । ଏତଦ୍ ବ୍ୟତୀତ ଗ୍ରାମ ପଞ୍ଚାୟତକୁ ସରକାରୀ ସାହାଯ୍ୟ ମିଳେ, ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରିବା ଲାଗି ପଞ୍ଚାୟତ ସମିତିରୁ ଗ୍ରାଣ୍ଟ ଆସେ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଓ ଜନସାଧାରଣ ମଧ୍ୟ ଦାନ ଦେଇପାରନ୍ତି ।

**ପଞ୍ଚାୟତ ରାଜ**—ଜିଲ୍ଲା ଉନ୍ନୟନ ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତକୁ ପଞ୍ଚାୟତରାଜ ଅନୁଷ୍ଠାନ ବୋଲି କୁହାଯାଏ । ୧୯୫୭ ରେ ଶ୍ରୀଯୁକ୍ତ ବଳବନ୍ତ ରାୟ ମେହେଟାଙ୍କ ନେତୃତ୍ୱରେ ଗୋଟିଏ ପର୍ଯ୍ୟବେକ୍ଷକ ଦଳ ଗଠିତ ହୋଇଥିଲା । ସେମାନଙ୍କ ଦାୟିତ୍ୱ ଥିଲା, ପଞ୍ଚବାର୍ଷିକ ଯୋଜନାକୁ ସଫଳରୂପେ କାର୍ଯ୍ୟକାରୀ କରିବା ଓ ଯୋଜନା ପାଇଁ ଜନସମର୍ଥନ ପାଇବା ଲାଗି ପନ୍ଥା ନିର୍ଦ୍ଦେଶ କରିବା । ସେମାନେ ସୁପାରିଶ କଲେ ଯେ ଏହିପରି ନିମ୍ନସ୍ତରରେ ନିର୍ବାଚିତ ଆଞ୍ଚଳିକ ସଂସ୍ଥାମାନ ଗଠନ କଲେ ସେହିମାନଙ୍କ ଜରିଆରେ ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରିବାକୁ ସୁବିଧା ହେବ ଏବଂ ଲୋକମାନେ ଯୋଜନା କାର୍ଯ୍ୟରେ ଭାଗ ନେଉଛନ୍ତି ବୋଲି ଅନୁଭବ କରି ଏ କାର୍ଯ୍ୟରେ ବେଶି ସହଯୋଗ କରିବାକୁ ଉତ୍ସାହିତ ହେବେ । ଏହି ମେହେଟା ଦଳଙ୍କ ସୁପାରିଶ ଅନୁସାରେ ପଞ୍ଚାୟତରାଜ ପ୍ରବର୍ତ୍ତିତ ହୋଇଛି । ଆମ ଓଡ଼ିଶାରେ ୧୯୬୧ ଜାନୁଆରୀ ୨୬ ତାରିଖଠାରୁ ଏହି ପଞ୍ଚାୟତରାଜ ଯୋଜନା ସଂପୂର୍ଣ୍ଣରୂପେ କାର୍ଯ୍ୟକାରୀ ହୋଇଛି । ବର୍ତ୍ତମାନ ସୁଦ୍ଧା ଭାରତର ସବୁ ରାଜ୍ୟ ଏହି ଯୋଜନାକୁ କାର୍ଯ୍ୟକାରୀ କରି ସାରିଲେଣି । ଏତଦ୍ଦ୍ୱାରା ଗ୍ରାମାଞ୍ଚଳର ଲୋକେ ଗଣତନ୍ତ୍ର

ଶାସନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଲାଗି ସୁବିଧା ପାଉଛନ୍ତି ।

**ସ୍ୱାୟତ୍ତ ଶାସନାନୁଷ୍ଠାନ ଓ ସରକାର**—ଭିନ୍ନ ଭିନ୍ନ ରାଜ୍ୟର ସ୍ୱାୟତ୍ତଶାସନ ଆଇନାନୁସାରେ ନଗରପାଳିକା, ପଞ୍ଚାୟତ ପ୍ରଭୃତି ଅନୁଷ୍ଠାନମାନଙ୍କୁ ସ୍ୱତନ୍ତ୍ରତା ଓ ଆତ୍ମନିୟନ୍ତ୍ରଣ ଅଧିକାର ପ୍ରଦତ୍ତ ହୋଇଛି । ସେମାନେ ନିଜ କ୍ଷେତ୍ରାଧିକାର ମଧ୍ୟରେ ନିର୍ବିଘ୍ନରେ ଆତଯାତ ହେବେ । ଜନସାଧାରଣ ଗଣତାନ୍ତ୍ରିକ ପ୍ରଣାଳୀରେ ଅନୁଷ୍ଠାନଗୁଡ଼ିକର ସଭ୍ୟମାନଙ୍କୁ ନିର୍ବାଚନ କରିବେ । ଯେତେବେଳ ପର୍ଯ୍ୟନ୍ତ ସେମାନେ ସୀମା ବାହାରକୁ ନ ଆସି ନିଜ କର୍ତ୍ତବ୍ୟ ସୁଚାରୁରୂପେ ସାଧନ କରିବେ, ସେତେବେଳ ପର୍ଯ୍ୟନ୍ତ ସରକାର ସେମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ, କିନ୍ତୁ ସରକାର ପ୍ରଭୂତ ପରିମାଣରେ ଅର୍ଥ ସାହାଯ୍ୟ ଦେଉଥିବାରୁ ଉକ୍ତ ସ୍ୱାୟତ୍ତ ଶାସନାନୁଷ୍ଠାନମାନଙ୍କ ଆୟବ୍ୟୟ ହିସାବ ସରକାରୀ କର୍ମଚାରୀଙ୍କ ଦ୍ୱାରା ପରୀକ୍ଷିତ ହୁଏ । କୌଣସି ଆଇନବର୍ହିତ ପ୍ରଣାଳୀରେ ଅପବ୍ୟୟ ହୋଇଥିଲେ ସଂପୃକ୍ତ ବ୍ୟକ୍ତିମାନଙ୍କଠାରୁ ଉକ୍ତ ଅପବ୍ୟୟର ପରିମାଣ ଆଦାୟ କରିବା ବ୍ୟବସ୍ଥା ଅଛି । ଏତଦ୍‌ବ୍ୟତୀତ କୌଣସି ଅନୁଷ୍ଠାନ ସନ୍ତୋଷଜନକ ଭାବେ ପରିଚାଳିତ ନ ହେଲେ, ସୁପରିଚାଳନା ଅଭାବରୁ ଜନମତ ବିଦ୍ରୋହୀ ହେଲେ କିମ୍ବା ଭାରପ୍ରାପ୍ତ ବ୍ୟକ୍ତିବୃନ୍ଦ ନିଜ କର୍ତ୍ତବ୍ୟ ସମ୍ପାଦନରେ ହେଳା କଲେ, ସରକାର ସେମାନଙ୍କୁ ତାଗିଦ୍ କରି ଦେଇ ପାରିବେ ଏବଂ ତାଗିଦ୍ ଫଳରେ ପରିସ୍ଥିତି ନ ସୁଧୁରିଲେ ଅନୁଷ୍ଠାନକୁ ଭାଙ୍ଗି ନିଜ ପରିଚାଳନାଧୀନ କରି ପାରିବେ । ଉକ୍ତ କ୍ଷମତା ମୁହୁର୍ମୁହୁ ବ୍ୟବହୃତ ହେବାଲାଗି ଖଞ୍ଜା ହୋଇ ନଥିଲା । କେତେକ ଦୋଷାରୋପ କରନ୍ତି ଯେ,ରାଜ୍ୟସରକାର ଅନୁଷ୍ଠାନର କୁପରିଚାଳନା

ବାହାନା କରି ରାଜନୈତିକ କାରଣ ହେତୁ ସ୍ୱାୟତ୍ତଶାସନ ଅନୁଷ୍ଠାନଗୁଡ଼ିକୁ ହାତକୁ ନେଇଯାଉଛନ୍ତି ଏବଂ ନିର୍ବାଚନବେଳ ଉପସ୍ଥିତ ହେଲେହେଁ ନାନା କାରଣ ଦେଖାଇ ନିର୍ବାଚନ କରାଉ ନାହାନ୍ତି । ରାଜ୍ୟସରକାରଙ୍କର ଏତାଦୃଶ ମନୋବୃତ୍ତି ସ୍ୱାୟତ୍ତ-ଶାସନର ମୂଳଦୁଆରେ କୁଠାରାଘାତ କରୁଛି, କାରଣ ଜନସାଧାରଣଙ୍କୁ ସୀମାବଦ୍ଧ ପରିସରରେ ରାଜନୈତିକ ଶିକ୍ଷା ଦେବାଲାଗି ଏବଂ କେତେକଙ୍କୁ ଶାସନକ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିବାକୁ ସୁବିଧା ଦେବାଲାଗି ଉକ୍ତ ଅନୁଷ୍ଠାନଗୁଡ଼ିକ ସୃଷ୍ଟି ହୋଇଥିଲା, ତେଣୁ ସରକାର ଭାବି ଚିନ୍ତି ନିଜ କ୍ଷମତା ବ୍ୟବହାର କରିବା ବିଧେୟ ।

## ଆଜିକାଲି ସ୍ୱାୟତ୍ତଶାସନ ଅନୁଷ୍ଠାନ ମୁମୂର୍ଷୁ କାହିଁକି ?

ଏଥିପାଇଁ ନାନାବିଧ କାରଣ ଦେଖିବାକୁ ମିଳେ । ପ୍ରଥମେ ଆମ ଲୋକମାନଙ୍କ ରାଜନୈତିକ ଚେତନା ଓ ଉନ୍ନତ ଧରଣର ନାଗରିକ ଜ୍ଞାନ ଜାଗ୍ରତ ହୋଇନାହିଁ । ସେମାନେ ନିଜ କ୍ଷମତାର ମହତ୍ତ୍ୱ ହୃଦୟଙ୍ଗମ କରିପାରୁନାହାନ୍ତି । ନିର୍ବାଚିତ ପାରିଷଦବର୍ଗ ଓ ସଭାପତିମାନେ ନିଜ ପଦବୀକୁ ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ବେଶି ପରିମାଣରେ ବ୍ୟବହାର କରି ଅନୁଷ୍ଠାନର ଅଭିବୃଦ୍ଧି ପ୍ରତି ଅବ-ହେଳା ପ୍ରଦର୍ଶନ କରୁଅଛନ୍ତି । ସ୍ୱାୟତ୍ତଶାସନର ଉତ୍କର୍ଷ ଲାଗି ବଳିଷ୍ଠ ଜନମତ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ନିଃସ୍ୱାର୍ଥପର ଦେଶ-ପ୍ରୀତି ଦରକାର । ଦ୍ୱିତୀୟରେ ଅନୁଷ୍ଠାନଗୁଡ଼ିକ ଅର୍ଥାଭାବରୁ ଦୁର୍ବଳ ହୋଇପଡ଼ୁଛନ୍ତି । ଏକେତ ସେମାନଙ୍କ ଆୟପନ୍ଥା ସୀମାବଦ୍ଧ, ଅପର ପକ୍ଷରେ ସେମାନେ କରଦାତାମାନଙ୍କ ନିକଟରେ ପ୍ରିୟ ହେବା ଲାଳସାରେ କର ବସାଇବାକୁ ଓ ବସିଥିବା କର ନିୟମିତ ଭାବରେ ଆଦାୟ କରିବାକୁ ପଶ୍ଚାତ୍‌ପଦ ହେଉଛନ୍ତି । ସରକାରୀ

ସାହାଯ୍ୟ ଆବଶ୍ୟକ ମତେ ମିଳୁ ନାହିଁ କିମ୍ବା ମିଳିବା ସହଜସାଧ୍ୟ ନୁହେଁ । ସେମାନଙ୍କ ଦାୟିତ୍ୱ ତୁଳନାରେ ଆୟ ନିତାନ୍ତ କମ । ତେଣୁ ସେମାନେ ଜନସାଧାରଣଙ୍କ ଆସ୍ଥାଭାଜନ ହେବାଭଳି ଦାୟିତ୍ୱ ତୁଲାଇ ପାରୁନାହାନ୍ତି । ତୃତୀୟରେ ପାରିଷଦବର୍ଗ ନିଜ ସୀମା ବାହାରକୁ ଯାଇ ସ୍ୱାର୍ଥସିଦ୍ଧି ଉଦ୍ଦେଶ୍ୟରେ ଦୈନନ୍ଦିନ ପରି-ଚାଳନାରେ ବାଧା ଉପୁଜାଉଛନ୍ତି । ପରିଣାମରେ ଭାରପ୍ରାପ୍ତ କର୍ମଚାରୀମାନଙ୍କ କାର୍ଯ୍ୟକାରିତା କ୍ଷୁର୍ଣ୍ଣ ହେଉଅଛି ଏବଂ କୌଣସି କାର୍ଯ୍ୟଲାଗି ଏକକ ଦାୟିତ୍ୱ ନେବାକୁ ଆଗଭର ହୋଇ ବାହାରୁ ନାହାନ୍ତି । ଚତୁର୍ଥରେ କର୍ମଚାରୀମାନଙ୍କ ନିଯୁକ୍ତିରେ ନାନା ଦୋଷ-ତ୍ରୁଟି ରହିଯାଉଛି । ପଞ୍ଚମରେ ବାହ୍ୟିକ ରାଜନୈତିକ ଦ୍ୱନ୍ଦ୍ୱ ସ୍ଥାନୀୟ ଶାସନରେ ପ୍ରବେଶ କରି ବୃଥା ଗଣ୍ଡଗୋଳ ସୃଷ୍ଟି କରାଉଛି ଏବଂ ନିର୍ବାଚିତ ପ୍ରତିନିଧିମାନେ ସ୍ଥାନୀୟ ଉନ୍ନତି ଲାଗି ମନୋଯୋଗୀ ହେବା ପରିବର୍ତ୍ତେ ନିଜ ଦଳଗତ ଦୁରଭିସନ୍ଧି ସିଦ୍ଧ କରିବା ଲାଗି ବ୍ୟସ୍ତ ହେଉଛନ୍ତି । ପରିଶେଷରେ ସରକାର ଗୁରୁତର କାରଣ ନଥାଇ କେବେ କେବେ ସ୍ୱାୟତ୍ତଶାସନ ଅନୁଷ୍ଠାନଗୁଡ଼ିକୁ ଭାଙ୍ଗି ଦେଉଥିବାରୁ ପରିଚାଳନା କ୍ଷେତ୍ରରେ ଆନ୍ତରିକତା ଆତ୍ମପ୍ରକାଶ କରୁନାହିଁ ।

ତେଣୁ ଭାରତରେ ପ୍ରକୃତ ଗଣତାନ୍ତ୍ରିକ ଶାସନ ପ୍ରଚଳନ କରିବାକୁ ହେଲେ ଲୋକମାନଙ୍କୁ ରାଜନୈତିକ ଶିକ୍ଷା ଦେବା ଲାଗି ଏବଂ ସେମାନଙ୍କ ହୃଦୟରେ ଉତ୍କୃଷ୍ଟ ଧରଣର ଦେଶପ୍ରୀତି ଓ ନାଗରିକତା ଜନ୍ମାଇବା ଲାଗି ସ୍ୱାୟତ୍ତଶାସନାନୁଷ୍ଠାନମାନଙ୍କୁ ସୁଦୃଢ଼ କରିବା ଆବଶ୍ୟକ ।

———

94250
17.2.73

# ପରିଶିଷ୍ଟ

ପାର୍ଲିମେଣ୍ଟର ଲୋକସଭା ଓ ରାଜ୍ୟସଭାରେ ନିମ୍ନଲିଖିତ ମତେ ସଭ୍ୟ ଅଛନ୍ତି ।

| ରାଜ୍ୟମାନଙ୍କ ନାମ | ଲୋକସଭା | ରାଜ୍ୟସଭା |
|---|---|---|
| ଆନ୍ଧ୍ର | ୪୧ | ୧୮ |
| ଆସାମ | ୧୪ | ୭ |
| ବିହାର | ୫୩ | ୨୨ |
| ଗୁଜୁରାଟ | ୨୪ | ୧୧ |
| ହରିଆନା | ୯ | ୫ |
| କେରଳ | ୧୯ | ୯ |
| ମଧ୍ୟପ୍ରଦେଶ | ୩୭ | ୧୬ |
| ନାଗାଲାଣ୍ଡ | ୧ | ୧ |
| ତାମିଲନାଡ଼ୁ | ୩୯ | ୧୮ |
| ମହୀଶୂର | ୨୭ | ୧୨ |
| ମହାରାଷ୍ଟ୍ର | ୪୫ | ୧୯ |
| ଓଡ଼ିଶା | ୨୦ | ୧୦ |
| ପଞ୍ଜାବ | ୧୩ | ୧୬ |
| ରାଜସ୍ଥାନ | ୨୩ | ୧୦ |
| ଉତ୍ତର ପ୍ରଦେଶ | ୮୫ | ୩୪ |
| ପଶ୍ଚିମବଙ୍ଗ | ୪୦ | ୧୬ |
| କାଶ୍ମୀର | ୬ | ୪ |

## କେନ୍ଦ୍ର ଶାସିତ ଅଞ୍ଚଳ—

| ରାଜ୍ୟମାନଙ୍କ ନାମ | ଲୋକସଭା | ରାଜ୍ୟସଭା |
| --- | --- | --- |
| ଦିଲ୍ଲୀ | ୭ | ୩ |
| ହିମାଚଳ ପ୍ରଦେଶ | ୬ | ୩ |
| ମଣିପୁର | ୨ | ୧ |
| ଗୋଆ ଇତ୍ୟାଦି | ୨ | — |
| ନେଫା | ୧ | — |
| ତ୍ରିପୁରା | ୨ | ୧ |
| ଆଣ୍ଡାମାନ | ୧ | — |
| ଲାକାଡ଼ିଭ ଇତ୍ୟାଦି | ୧ | — |
| ପଣ୍ଡିଚେରୀ | ୧ | ୧ |
| ଚଣ୍ଡୀଗଡ଼ | ୧ | — |
| ଦାଦ୍ରା ଓ ନଗରହାବେଲୀ | ୧ | — |
| | ମୋଟ ୫୨୧ | ୨୨୮ |
| ମନୋନୀତ | ୨ | ୧୨ |
| | ୫୨୩ | ୨୪୦ |

ରାଜ୍ୟମାନଙ୍କ ବିଧାନ ମଣ୍ଡଳରେ ନିମ୍ନଲିଖିତମତେ ସଭ୍ୟ ରହିବେ—

| ରାଜ୍ୟ | ବିଧାନ ସଭା | ବିଧାନ ପରିଷଦ |
| --- | --- | --- |
| ଆନ୍ଧ୍ରପ୍ରଦେଶ | ୨୮୮ | ୯୦ |
| ଆସାମ | ୧୨୬ | — |
| ବିହାର | ୩୧୮ | ୯୬ (ଉଠିଯିବ) |

| | | |
|---|---|---|
| ଗୁଜୁରାଟ | ୧୬୮ | — |
| ହରିଆନା | ୮୧ | — |
| କେରଳ | ୧୩୪ | — |
| ପଶ୍ଚିମବଙ୍ଗ | ୨୮୪ | ୨୫ (ଉଠିଗଲା) |
| କାଶ୍ମୀର | ୨୫ | ୩୬ |
| ଉତ୍ତର ପ୍ରଦେଶ | ୪୨୭ | ୧୦୮ (ଉଠିଯିବ) |
| ମଧ୍ୟପ୍ରଦେଶ | ୨୯୬ | ୯୦ |
| ତାମିଲନାଡୁ | ୨୩୫ | ୬୩ |
| ମହୀଶୂର | ୨୧୭ | ୬୩ |
| ମହାରାଷ୍ଟ୍ର | ୨୭୦ | ୨୮ |
| ଓଡ଼ିଶା | ୧୪୦ | — |
| ପଞ୍ଜାବ | ୧୦୪ | ୪୦ (ଉଠିଗଲା) |
| ରାଜସ୍ଥାନ | ୧୮୪ | — |
| ନାଗାଲାଣ୍ଡ | ୪୬ | — |

ନଂ ...12740
ତା ...17.2.74

ମୁଦ୍ରାକର—ଶ୍ରୀ ବଜୟକୁମାର ଦାଶ, ଗୀତାଞ୍ଜଳି ପ୍ରେସ, କଟକ-୯